ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

# ଅପହୃତ ରାଜା

[ The Lost King ବହିର ସାରାନୁବାଦ ]

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

# ଅପହୃତ ରାଜା

[ ଫ୍ରାନ୍‌ସ ଇତିହାସର ଏକ ରୋମାଞ୍ଚକର ଅଧ୍ୟାୟ ]

[ ରାଫେଲ ସାବାଟିନିଙ୍କ **The Lost King**
ବହିର ଓଡ଼ିଆ ରୂପାନ୍ତର ]

ଅନୁବାଦ :
**ବଂଶୀଧର ଦାସ**

**କିଶୋର ସାହିତ୍ୟ ମନ୍ଦିର**
'ଶ୍ରୀନିବାସ', ସୂତାହାଟ, କଟକ-୧
ପ୍ରାପ୍ତିସ୍ଥାନ : **ଗ୍ରନ୍ଥମନ୍ଦିର,** କଟକ-୨

*Digitized by srujanika@gmail.com*

ପ୍ରକାଶକ : **କିଶୋର ସାହିତ୍ୟ ମନ୍ଦିର**
'ଶ୍ରୀନିବାସ', ସୂତାହାଟ, କଟକ-୭୫୩ ୦୦୧
ପ୍ରାପ୍ତିସ୍ଥାନ **ଗ୍ରନ୍ଥମନ୍ଦିର,** ବିନୋଦବିହାରୀ, କଟକ-୨
ଯୋଗାଯୋଗ ୯୭୭୬୩୩୨୨୦୯

ମୁଦ୍ରଣ : ଅପ୍ରତିମା ଅଫ୍‌ସେଟ୍ ପ୍ରିଣ୍ଟସ୍
ସୂତାହାଟ, କଟକ-୧, ଫୋନ୍ : ୦୬୭୧-୨୨୦୪୧୪୮

ପ୍ରଥମ ମୁଦ୍ରଣ : ଡିସେମ୍ବର, ୧୯୮୭
ନୂତନ ମୁଦ୍ରଣ : ୨୦୦୮, ୨୦୧୬

ମୂଲ୍ୟ ଟ. ୫୦/-

*Digitized by srujanika@gmail.com*

# ଅପହୃତ ରାଜା

## ଏକ : ପରିବର୍ତ୍ତନର ଝଡ଼

ପରିବର୍ତ୍ତନର ଝଡ଼ ! ସବୁ ଓଲଟପାଲଟ ହୋଇଯାଏ ସେହି ଝଡ଼ରେ । ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକିର । ଫକିର ହେଲେ ତ ରକ୍ଷା । ଆଜିର ରାଜା ଯଦି କାଲିର କଏଦୀ ହୋଇଯାଏ ? – ପୁଣି ଆଜିର କଏଦୀ ଯଦି କାଲିର ବିଚାରପତି ହୋଇ ବସେ ?? ତେବେ କଥା ସରିଲା ।

୧୭୮୯ରେ ଫରାସୀ ବିପ୍ଲବରେ ଯେଉଁ ପରିବର୍ତ୍ତନର ଝଡ଼ ବୋହିଗଲା, ସେ ଝଡ଼ ତାହାହିଁ କରିଦେଲା । ବିପ୍ଳବୀମାନେ ରାଜୁଡ଼ା ଅମଳର ବାଷ୍ଟାଇଲ୍ ଦୁର୍ଗ ଭାଙ୍ଗି ଚୂର୍‌ମାର କରିଦେଲେ ! ଦୁର୍ଗ ତ ନୁହେଁ, ସେଇଟା ଥିଲା ରାଜତନ୍ତ୍ରର ଏକ ବିରାଟ ଜେଲଖାନା । ଫଳରେ କଏଦୀମାନେ ହୋଇଗଲେ ମୁକ୍ତ । ବିପ୍ଳବୀଙ୍କ ସହିତ ମିଶି ସେମାନେ ହୋଇଗଲେ ରାଷ୍ଟ୍ରନେତା । ଗଢ଼ିଲେ କମିଟି ଅଫ୍ ପବ୍ଲିକ୍ ସେଫ୍‌ଟି– ଜନ ନିରାପତ୍ତା ସମିତି; ଗଢ଼ିଲେ ସାଧାରଣତନ୍ତ୍ର । ତା'ପରେ ଚାଲିଲା ରାଜତନ୍ତ୍ରର ମୂଳୋତ୍ପାଟନ । ରାଜାରାଜୁଡ଼ାଙ୍କୁ କରିଦିଆଗଲା କଏଦୀ; କିନ୍ତୁ ବାଷ୍ଟାଇଲ୍ ତ ଭାଙ୍ଗି ନିଶ୍ଚିହ୍ନ ! ଏ ନୂଆ କଏଦୀଙ୍କୁ ରଖାଯିବ କେଉଁଠି ? ନୂଆ ରାଷ୍ଟ୍ରନେତାମାନେ ନୂଆ ଜେଲ୍‌ଖାନା ଖୋଜିଲେ । ଖୋଜୁ ଖୋଜୁ ଆଖି ଯାଇ ପଡ଼ିଗଲା ଏକ ବିରାଟ ମଠ ଉପରେ– ରାଜଧାନୀ ପ୍ୟାରିର କେନ୍ଦ୍ରସ୍ଥଳରେ ଥିବା ଏକ ବିରାଟ 'ଟେମ୍ପଲ୍' ଉପରେ ।

ବିପ୍ଳବର ଧକ୍କା ଖାଇ ସ୍ୱୟଂ ଭଗବାନ୍ ତ ପ୍ୟାରି ଛାଡ଼ି ପଳାଇଥିଲେ । ମଠରେ ମହନ୍ତ ବା ରହିଥାନ୍ତେ କିପରି ? ସେମାନେ ମଠ ଛାଡ଼ି ପଳାଇ ଯାଇଥିଲେ ସୁଦୂର ମଫସଲକୁ, ଯେଉଁଠି ଧର୍ମର ସମ୍ମାନ ଟିକିଏ ନିଖିଏ ରହିଯାଇଥିଲା । ଫଳରେ ସେ ମଠରେ ବା ଟେମ୍ପଲ ଖାଲିପଡ଼ିଥିଲା । ଏପାଖରେ ପାଚରିଟିଏ, ସେପାଖରେ ଫକିରଟିଏ, ଏଇଠି କବାଟଟିଏ, ସେଇଠି କାନ୍ଥଟିଏ – ଏପରି ସବୁ ଗଢ଼ିଦେଇ ପୁରୁଣା ଟେମ୍ପଲ୍‌କୁ ବଦଳାଇ ଦିଆଗଲା ନୂଆ ଜେଲ୍‌ଖାନାରେ । ତା'ର ନୂଆ ନାଆଁ ହୋଇଗଲା ଟେମ୍ପଲ୍ ଜେଲଖାନା । ଉପାସନା ମନ୍ଦିର ହୋଇଗଲା କାରାଗାର । ସେହି କାରାଗାରରେ କଏଦୀ ହୋଇ ରହିଲେ ରାଜା ଓ ରାଜଭକ୍ତ ଦଳ । କଏଦୀ ହେଲେ ରାଜା ଷୋଡ଼ଶ ଲୁଇ, ରାଣୀ

Digitized by srujanika@gmail.com

ମେରୀ ଆଁତୋୟାନେତ୍, ରାଜକୁମାର ଲୁଇ ଚାର୍ଲସ୍, ରାଜକୁମାରୀ ମେରୀ ଥେରେସ୍ ଓ ରାଜପରିବାରର ଅନ୍ୟମାନେ ଏବଂ ଅତୀତର କଏଦୀମାନେ ଅର୍ଥାତ୍ ଆଜିର ରାଷ୍ଟ୍ରନେତାମାନେ ଅତୀତର ରାଜା ରାଜନ୍ୟ ବର୍ଗଙ୍କର – ଆଜିର କଏଦୀମାନଙ୍କର ବିଚାରପତି ହୋଇଗଲେ ।

ଭାଗ୍ୟର କି ବିଡ଼ମ୍ବନା ସତେ !

ଫରାସୀ ବିପ୍ଳବ ଉଚ୍ଛେଦ କରିଥିଲା ବହୁ ପୁରୁଣା ପ୍ରଥା, ପ୍ରତିଷ୍ଠା କରିଥିଲା ନାନା ନୂତନ ବିଧାନ । ସେ ଭିତରୁ ଗୋଟିଏ ବିଧାନ ହେଲା, ବିନା ବିଚାରରେ କାହାକୁ ଦଣ୍ଡ ଦିଆଯାଇପାରିବନାହିଁ । ବିଚାରପାଇଁ ଦରକାର ସାକ୍ଷ୍ୟ ପ୍ରମାଣ । ନୂଆ କଏଦୀମାନଙ୍କର ବିଚାର ଚାଲିଲା । ୧୭୮୯ ରୁ ୧୭୯୩ । ଦୀର୍ଘ ଚାରି ବର୍ଷର ବିଚାର ଭିତରେ କେତେ ଯେ ଲାଞ୍ଛନା ସହିବାକୁ ପଡ଼ିଲା ଷୋଡ଼ଶ ଲୁଇଙ୍କୁ ତା'ର କଳନା ନାହିଁ । ଯାହାହେଉ ସବୁ ଦୁଃଖ, ସବୁ ଗ୍ଲାନିର ଅବସାନ ଘଟାଇ ତାଙ୍କୁ ମିଳିଗଲା ମୃତ୍ୟୁଦଣ୍ଡ । ଗିଲୋଟିନ୍‌ର ପନିକି ଧାରରେ ରାଜାଙ୍କର ମୁଣ୍ଡ ଗଣ୍ଡିଠାରୁ ଭିନ୍ନ ହୋଇଗଲା । ନ ହୁଅନ୍ତା ବା କିପରି ? ସେ ଯେ ବହୁ ପ୍ରଜାବିରୋଧି କାର୍ଯ୍ୟ କରିଥିଲେ, ତା'ର ପ୍ରମାଣ ରହିଥିଲା ଅଜସ୍ର, ସାକ୍ଷୀ ରହିଥିଲେ ଅନେକ ।

କିନ୍ତୁ ବିପ୍ଳବୀମାନେ ସେତିକିରେ ସନ୍ତୁଷ୍ଟ ହୋଇପାରିଲେ ନାହିଁ । ରାଜା ମଲେ ସତ, ହେଲେ ରାଣୀ ତ ଅଛନ୍ତି ! ତାଙ୍କୁ ବି ଖତମ କରିବାକୁ ପଡ଼ିବ । ବିପ୍ଳବୀମାନେ ସେଥିପାଇଁ ଓର ଉଣ୍ଡି ବସିଥାନ୍ତି । ସେମାନଙ୍କ ଭିତରେ ନେତାଗିରି ଆରମ୍ଭ କରିଥାନ୍ତି ରୋବସ୍‌ପିଅର୍– ଇତିହାସର କୁଖ୍ୟାତ ନରପିଶାଚ ରୋବସ୍‌ପିୟର୍ । ରାଣୀଙ୍କୁ ଗିଲୋଟିନ୍‌ରେ ଚଢ଼ାଇବାକୁ ହିଁ ପଡ଼ିବ; ଏଇଟା ଥିଲା ତାଙ୍କର ବଡ଼ ଜିଦ୍ ।

କିନ୍ତୁ ରାଣୀ ! ପ୍ରଶାସନରେ ବା ତାଙ୍କର କି ହାତ ଥିଲା ? କେଉଁ ଦୋଷରେ ତାଙ୍କୁ ପ୍ରାଣଦଣ୍ଡ ଦିଆଯିବ ? ପ୍ରାରମ୍ଭିକ ବିଚାର ପରେ ଜନ ନିରାପତ୍ତା ସମିତି ମତ ଦେଇଥାନ୍ତି ଯେ ରାଣୀଙ୍କୁ ଏତେବଡ଼ ଦଣ୍ଡ ଦେବାର ଉପାୟ ନାହିଁ ।

''ଉପାୟ ନାହିଁ !!''– ରୋବସ୍‌ପିଅର୍ କୁଟିଳଭାବରେ ହସିଦେଇ କହି ଦେଇଥିଲେ, ''ଉପାୟ କରିବାକୁ ପଡ଼ିବ । ଇଚ୍ଛାଥିଲେ ଉପାୟ ବଳେ ବଳେ ଆସେ ।''

ସେହିଦିନଠାରୁ ସେ ଉପାୟ ବାହାର କରିବାକୁ ଲାଗିଯାଇଥିଲେ । ଟେମ୍ପଲ୍‌ର ଜେଲର୍ ଶମେତ୍‌କୁ ନିର୍ଦ୍ଦେଶ ଦେଇ ସେ କାମ ଆରମ୍ଭ କରିଦେଇଥିଲେ । ରାଣୀ, ରାଜଭଗିନୀ, ରାଜକୁମାରୀ ଓ ରାଜକୁମାର ଲୁଇ ଚାର୍ଲସ୍– ଏମାନଙ୍କୁ ଗୋଟିଏ ତିନିତାଲା ଘରର ଉପର ମହଲାରେ ବନ୍ଦୀକରି ରଖାଯାଇଥିଲା । ବିଚରା ଲୁଇ ଚାର୍ଲସ୍ ! ଡାକ ନାଆଁ ଡଫିନ୍ । ଚାରିବର୍ଷ ବୟସରୁ ତା'ର ଜେଲ୍-ଜୀବନ ଆରମ୍ଭ ହୋଇଯାଇଥିଲା । କିନ୍ତୁ ମାଆ ଭଉଣୀଙ୍କ ପାଖରେ ଆଉ ଚାରିଟା ବର୍ଷ କଟିଛି କି ନାହିଁ, ରୋବସ୍‌ପିଅର୍‌ଙ୍କର ଦୃଷ୍ଟି ତା ଉପରେ ପଡ଼ିଗଲା । ତାଙ୍କରି ନିର୍ଦ୍ଦେଶରେ ଡଫିନ୍‌କୁ ଅଲଗା କରିଦିଆଗଲା ତା'ର

Digitized by srujanika@gmail.com

ମାଆ ଓ ଭଉଣୀ ପାଖରୁ । ଅନ୍ୟମାନଙ୍କ ଠାରୁ ଅଲଗା କରି ତାକୁ ରଖିଦିଆଗଲା ସେହି ଘରର ଦୋତାଲାରେ । ତାକୁ ଦେଖାଶୁଣା କରିବା ଭାର ଦେଇଦିଆଗଲା ସାଇମନ୍ ଓ ତା'ର ସ୍ତ୍ରୀ ହାତରେ । ସେ ସ୍ୱାମୀ-ସ୍ତ୍ରୀ ଉଭୟେ ଥିଲେ ତଥାକଥିତ ବିପ୍ଳବୀ । ଏତେ ବଡ଼ ଦାୟିତ୍ୱପୂର୍ଣ୍ଣ କାମ; ବିପ୍ଳବୀଙ୍କୁ ନଦିଆଯିବ ତ ଦିଆଯିବ କାହାକୁ ? ଶମେତ୍ ମାଧ୍ୟମରେ ସେମାନଙ୍କ ପାଖକୁ ଆସିଲା ନିର୍ଦ୍ଦେଶ, ଆସିଲା ରୋବସ୍‌ପିଅର୍‌ଙ୍କ ହୁକୁମନାମା– କଳେ-ବଳେ-କୌଶଳେ ଡଫିନ୍‌କୁ ତା ମାଆଙ୍କ ବିରୁଦ୍ଧରେ ସାକ୍ଷ୍ୟଦେବାପାଇଁ ପ୍ରସ୍ତୁତ କରିବାକୁ ପଡ଼ିବ । କି ସାକ୍ଷ୍ୟ ? ସେ ବିଷୟ ସାଇମନ୍‌କୁ ବୁଝାଇ ଦିଆଗଲା । ହୁକୁମ ପାଳି ଚାଲିଲା ସାଇମନ; ତା ସ୍ତ୍ରୀ ହେଲା ତା'ର ସହାୟିକା ।

ଆଠ ନଅ ବର୍ଷର ପୁଅ ଡଫିନ୍ । ସ୍ନେହପାଗଳ ବୟସ । ନିଜ ଲୋକଙ୍କୁ ତ ପାଖରେ ପାଇଲାନାହିଁ । ଯେ ଆଦର କଲା, ସେ ତା'ର ହୋଇଗଲା । ସାଇମନ୍ ଓ ତା'ର ସ୍ତ୍ରୀ ଧୀରେ ଧୀରେ ତାକୁ ଆପଣା ଖାପଚାରେ ପକାଇଦେଲେ । ସେହି ପିଲାଟିଦିନରୁ ସାଇମନ୍ ତାକୁ ଶିଖାଇଦେଲା ମଦପିଆ । ବାଳ-ସୁଲଭ ଅଜ୍ଞତାରେ ସେ ପିଇଚାଲିଲା କଡ଼ା ବ୍ରାଣ୍ଡି । ବ୍ରାଣ୍ଡି ନିଶା ଭାଙ୍ଗିଆସିବା ବେଳକୁ ମୁଣ୍ଡ ହୋଇଯାଇଥାଏ ଦୁର୍ବଳ । ଠିକ୍ କ'ଣ, ଭୁଲ କ'ଣ ଚିନ୍ତା କରିବାର ଶକ୍ତି ହୋଇଯାଇଥାଏ ନିଷ୍ପ୍ରଭ । ସେହି ମଉକାରେ ସାଇମନ୍ ରାଣୀଙ୍କ ବିଷୟରେ ନାନା ମିଛ କହି, ତାଙ୍କ ଚରିତ୍ରରେ ନାନା କଳଙ୍କ ବୋଳି ଡଫିନ୍‌କୁ ଶୁଣାଇଲା ଗପ । କିଛି ଦିନ ଏପରି ଶୁଣୁ ଶୁଣୁ ସରଳ ବାଳକକୁ ସେ ସବୁ ସତପରି ଲାଗିଲା । ସେଗୁଡ଼ାକ କ୍ରମେ ତା'ର ମୁଖସ୍ଥ ହୋଇଗଲା । ଏଥର ସାଇମନ୍ ନାନା କଦର୍ଯ୍ୟ ଉଦାହରଣ ଦେଖାଇ ଡଫିନ୍‌କୁ ପଚାରିବସିଲା, "ତୁମ ମାଆ ଏସବୁ କରୁଥିବାର ତୁମେ ଦେଖିନା ?" ଅବୋଧ ବାଳକ ସାଇମନ୍ ପାଳିଧରିବା ଆରମ୍ଭ କରିଦେଲା– "ହଁ, ହଁ; ଠିକ୍ ଏଇଆ ତ !"

ସ୍ୱାମୀକୁ ସ୍ତ୍ରୀ ବଳେ । ସାଇମନ୍‌ର ସ୍ତ୍ରୀ ଲାଗିଯାଇଥିଲା ତା' କାମରେ । ଡଫିନ୍ ପାଖରେ ସେ ମାଆର ଅଭିନୟ କରେ । ମାଆ-ଭଉଣୀଠାରୁ ବିଚ୍ଛିନ୍ନ ବାଳକ ଆସି ତା'ରି ବୁକୁଭିତରେ ଆଶ୍ରୟ ଖୋଜେ । ସରଳ ବାଳକକୁ ଛାତିଉପରେ ଚିପିଧରି ଚତୁରା ନାରୀ ମଧୁର ବଚନ ଶୁଣାଏ । କଅଁଳ କଥା ଭିତରେ ରାଣୀଙ୍କ ଚରିତ୍ରହୀନତାର ମନଗଢ଼ା କାହାଣୀ ଶୁଣାଇ ଶୁଣାଇ ସେ ପଚାରିଦିଏ, "ତମର ସେ ଯେଉଁ ରାକ୍ଷସୀ ମାଆ– ସେହି ଯାହାକୁ ରାଣୀ ବୋଲି ଡାକୁଥିଲେ ମ– ସେ ଏଗୁଡ଼ାସବୁ କରୁ ନଥିଲେ ? ତୁମେ ତ ନିଜ ଆଖିରେ ଦେଖିଥିବ । – ଦେଖିନା ?" ଶୁଆ ପାଟିରୁ କଥା ବାହାରିଲା ପରି ଡଫିନ୍ ପାଟିରୁ ବାହାରେ ସାଇମନ୍ ତାଲିମ ଦେଇଥିବା କଥା । ସେ ହଁମାରି କହେ, "ଦେଖିଥିବି, ଦେଖିଥିବି । – ନହେଲେ କି ତୁମେ କହନ୍ତ ?"

ଦିନ ପରେ ଦିନ, ମାସ ପରେ ମାସ– ଦୀର୍ଘ ଛଅମାସ ଧରି ମାଆ ବିରୁଦ୍ଧରେ ସାକ୍ଷ୍ୟ ଦେବାପାଇଁ ପୁଅକୁ ଏପରି ତାଲିମ ଦିଆଚାଲିଲା । ତାକୁ ଏପରି ସବୁ କଥା

Digitized by srujanika@gmail.com

କହିବାକୁ ଶିଖାଇଦିଆଗଲା, ଯାହାର ଅର୍ଥ ସାତ ଆଠବର୍ଷର ପୁଅ ଆଦୌ ବୁଝେନା । ନ ବୁଝୁ ! ସେ ଯଦି ସମିତି ଆଗରେ ଏଥିରୁ ଅନ୍ତତଃ କେତେଟା କହିଦିଏ, ତେବେ କାମ ଫତେ ।

ଲୁଇ ଚାର୍ଲସ୍ ଓରଫ ଡଫିନ୍ ବାଗକୁ ଚାଲିଆସିଲା ଶୁଣି ରୋବସ୍‌ପିୟର ଖୁସି ହୋଇଗଲେ । ଏଥର ସେ ଲୋକଲଗାଇ 'ଜନ ନିରାପତ୍ତା ସମିତି' ଆଗରେ ଏକ ଅଭିଯୋଗପତ୍ର ଉପସ୍ଥାପନ କରିଦେଲେ । ଅଭିଯୋଗର ସାରକଥା ହେଲା : ରାଣୀ ମେରୀ ଆଁତୋୟାନେତ୍ ଦୁଶ୍ଚରିତ୍ରା । ଫରାସୀ ଲୋକେ ରାଜସିଂହାସନ ଓଲଟାଇଦେଇଛନ୍ତି ସତ, ତଥାପି ସେ ରାଜସିଂହାସନର ଇତିହାସ ଫରାସୀ ଜାତିର ଇତିହାସ । ତେଣୁ ରାଣୀ ମେରି ନିଜର କଳଙ୍କିତ ଚରିତ୍ରଦ୍ୱାରା ଫରାସୀ ଜାତିର ଇତିହାସକୁ କଳଙ୍କିତ କରିଦେଇଛନ୍ତି । ଏସବୁ ମିଥ୍ୟା ନୁହେଁ; ଏସବୁର ସାକ୍ଷୀ ତାଙ୍କ ନିଜର ପୁଅ ଡଫିନ୍ । ସୁତରାଂ ଅଭିଯୋଗର ବିଚାର କରି ଦୋଷୀକୁ ଉପଯୁକ୍ତ ଦଣ୍ଡ ଦିଆଯାଉ । ପ୍ରକାଶ ଥାଉକି ଏପରି ଅଭିଯୋଗ ପ୍ରମାଣିତ ହେଲେ ରାଜବଂଶକୁ କଳଙ୍କିତ କରିଥିବା ଅପରାଧରେ ମଧ୍ୟଯୁଗରେ ରାଣୀମାନଙ୍କୁ ମଧ୍ୟ ପ୍ରାଣଦଣ୍ଡ ମିଳୁଥିଲା । ଉପସ୍ଥିତ କ୍ଷେତ୍ରରେ ଏହା ଅନ୍ୟଥା ହେବ କାହିଁକି ?

ଫଳରେ ଅଭିଯୋଗର ବିଚାର କରିବାପାଇଁ ଟେମ୍ପଲ୍ ଜେଲଖାନାର ଗୋଟିଏ କକ୍ଷରେ ଦିନେ ସମିତିର ଏକ ବୈଠକ ବସିଲା । ରୀତିମତ ଏକ ଅଦାଲତ । ଲୁଇ ଚାର୍ଲସ୍‌ଠାରୁ ଜମାନବନ୍ଦୀ ଶୁଣିବାଲାଗି ସମିତିର ସଦସ୍ୟମାନେ ଆସି ନିଜ ନିଜ ଆସନରେ ବସିଗଲେ । ବିପ୍ଳବୀ ସରକାରଙ୍କ ଆଇନମନ୍ତ୍ରୀ ଲେବ୍ରାନ୍ ପ୍ରସ୍ତୁତ ହୋଇଗଲେ ସାକ୍ଷୀକୁ ଜେରା କରିବାଲାଗି । କିରାନି ତା'ର କାଗଜ କଲମ ଧରି ସାକ୍ଷୀର ବୟାନ ଟିପିବାକୁ ବସିଗଲା । ଜେଲର୍ ଶମେତ୍ ବି ଜଣେ ସଦସ୍ୟ । ସେ ତ ପ୍ରଥମରୁ ହାଜର । ଶେଷରେ ଲୁଇ ଚାର୍ଲସ୍ ଓରଫ୍ ଡଫିନ୍‌କୁ ସଙ୍ଗରେ ଧରି ସାଇମନ ଓ ତା' ସ୍ତ୍ରୀ ଆସି ଅଦାଲତରେ ପହଞ୍ଚିଗଲେ । ଡଫିନ୍ ବସିଲା ଏକ ଗଦି ଉପରେ । ତା'ର ଦୁଇପଟେ କାନ ପାଖରେ ମୁହଁରଖି ନଇଁପଡ଼ିଲେ ସାଇମନ୍ ଓ ତା'ର ସ୍ତ୍ରୀ । ଲେବ୍ରାନ୍ ପ୍ରଶ୍ନ ପଚାରିବା ଆରମ୍ଭ କରିଦେଲେ । ଗତ ଛଅ ମାସ ଧରି ଡଫିନ୍‌କୁ ଶୁଆ-ପାଠୁଆ କରି ଯେଉଁସବୁ ପ୍ରଶ୍ନ-ଉତ୍ତର ଘୋଷାଇ ଦିଆଯାଇଥିଲା, ଏସବୁ ଥିଲା ସେହି ପ୍ରଶ୍ନ । ପ୍ରଶ୍ନ ପଚରା ଚାଲିଲା; ଉତ୍ତର ଦିଆଚାଲିଲା । କିରାନି ଟିପି ଚାଲିଲା ପ୍ରତିଟି ବାକ୍ୟ ।

ମାଆ ନାଆଁରେ ପୁଅର ଏ କଳଙ୍କ ଲେପନ ଦେଖି ଅନେକ ସଦସ୍ୟ ସ୍ତମ୍ଭିତ ହୋଇଗଲେ । ସେମାନେ ଯେ ନିଜେ ବିବେକୀ ମଣିଷ ଥିଲେ, ତା' ନୁହେଁ । ସେମାନେ ବି ବହୁ ରକ୍ତପାତରେ, ବହୁ ଦୁର୍ନୀତିରେ ଅଂଶୀଦାର ଥିଲେ । ତଥାପି ଏପରି କଥା କାନରେ ଶୁଣିନପାରି କେହି କେହି ଶମେତ୍ ଆଡ଼କୁ ଚାହିଁଲେ । ଶମେତ୍ ସେମାନଙ୍କର କାନରେ କାନରେ କହି ଚାଲିଲା, ''କ'ଣ କରିବା କହିଲେ ? ସତଟାକୁ ତ ଆଉ ଲୁଚାଇ

Digitized by srujanika@gmail.com

ହେବନାହିଁ । ଖାଣ୍ଟି ସତ ନହୋଇଥିଲେ ବା ପୁଅଟା ମା'ଆ ନାଆଁରେ ଏପରି କଥା କହନ୍ତା କାହିଁକି ?''

ଆଉ କେତେଜଣ ଅବାକ୍ ହୋଇ ଚାହିଁଥାନ୍ତି ଡଫିନ ମୁହଁକୁ । ଢଳଢଳ ଆଖି, ଖନି ଖନି କଥା; ସେସବୁ ପଛରେ ଯେ ବ୍ରାଣ୍ଡିପିଆର କାମ କରୁଥିଲା, ସେକଥା କେବଳ ସାଇମନ୍‌ହିଁ ଜାଣେ । ଅନ୍ୟମାନେ ଭାବୁଥାନ୍ତି– 'ହଁ ହେ, ରଜାପୁଅଗୁଡ଼ାକ ଏଇମିତିକା ହୋଇଥାନ୍ତି । ଏଇମିତିକା ଆଡ଼ପାଗଳିଆ ସ୍ୱଭାବ ମ ! – ଯାହାହେଉ, ଟୋକାଟା ମିଛ କହୁନାହିଁ । ମୁହଁରୁ ଜଣାପଡ଼ିଯାଉଛି ପରା ! କଥା ଲୁଚାଇବାର ଉଦ୍ଦେଶ୍ୟହିଁ ନାହିଁ । ଶଇତାନ ରାଜବଂଶରେ ଏଭଳି ପୁଅ କିପରି ଜନ୍ମ ହେଲା କେଜାଣି !'

କେହି ଜଣେ ଏପରି ଭାବୁ ଭାବୁ ତା' ପାଟିରୁ ଏକଥା ଟିକିଏ ବାହାରିପଡ଼ିଲା । ଶମେତ୍ ହସିହସି ମନ୍ତବ୍ୟ କଲା– ''ଆଜ୍ଞା, ଜନ୍ମ ହେଲାବେଳେ କ'ଣ ଏ ଟୋକା ଇମିତି ଥିଲା ? ଆମ ହାତକୁ ଆସିବା ପରେ ଇମିତି ହୋଇଛି ଜାଣନ୍ତୁ । ଶୁଣିଥିବେ, ଗଧକୁ ପିଟି ପିଟି ଘୋଡ଼ା କରିଦିଆଯାଏ । କିନ୍ତୁ ରଜାପୁଅକୁ ଯେ ବାଗରେ ପକାଇ ମଣିଷ କରିଦିଆଯାଇପାରେ, ସେକଥା ଆପଣ ଏବେ ନିଜେ ଆଖିରେ ଦେଖିଲେ । ଦେଶ ଆମକୁ ଏବେ ନଚିହ୍ନିଲେ ବି ଦିନେ ଚିହ୍ନିବ; ଜେଲ୍ ଭିତରେ ଆମେ କିଛି କମ୍ ପରିଶ୍ରମ କରୁନାହୁଁ ।''

ଜେରା ଚାଲିଛି, କିଏ କେଉଁ ଦୃଷ୍ଟିରୁ ବିଚାର କରୁଛନ୍ତି । ଜଣେ ଜଣେ ସଦସ୍ୟ– ନାଆଁ ତା'ର ଫ୍ଲୋରେନ୍ସ୍ ଦ ଲା ସ୍ୟାଲ୍, ପେଶା ଚିତ୍ରକର । ବୟସ ଚବିଶ କି ପଚିଶ– ତା'ର ଆଖି, କାନ, ହାତ ଏକସଙ୍ଗରେ କାମ କରିଚାଲିଛି । ଲେବ୍ରାନ୍ କି ପ୍ରଶ୍ନ ପଚାରୁଛନ୍ତି, ଡଫିନ୍ କି ଉତ୍ତର ଦେଉଛି, କିଏ କି ମନ୍ତବ୍ୟ କରୁଛି– ସେ ସବୁ କଥାକୁ କାନେଇଛି; ତେଣେ ଆଖି ଯାଇ ଲାଖିଯାଇଛି ଡଫିନ୍ ମୁହଁରେ । ତାକୁ ଚାହିଁ ଚାହିଁ କାଗଜରେ ତା'ର ଚିତ୍ର ଆଙ୍କିଚାଲିଛି; ପେନ୍‌ସିଲ୍ ଚିତ୍ର । ଗୋଟିଏ ଚିତ୍ର ତ ନୁହେଁ । ଏ ଭିତରେ ସେ ତା'ର ବିଭିନ୍ନ ଢଙ୍ଗର, ବିଭିନ୍ନ ଅବସ୍ଥାର ଦଶ ବାରଖଣ୍ଡ ଚିତ୍ର ଆଙ୍କିସାରିଲାଣି । ଆଙ୍କୁ ଆଙ୍କୁ ସେ ଭିତରୁ ଖଣ୍ଡିଏ ଚିତ୍ର ଏଡ଼େ ସୁନ୍ଦର ପ୍ରତିକୃତି ହୋଇଗଲା ଯେ ସେଇଟି ଦେଖୁ ଦେଖୁ ଶମେତ୍ ଚମତ୍କୃତ ହୋଇଗଲା । ଲା ସ୍ୟାଲ୍ ହାତରୁ ଚିତ୍ରଖଣ୍ଡିକ ଟାଣିନେଇ ସେ ଅନ୍ୟ ସଦସ୍ୟଙ୍କୁ ଦେଖାଉ ଦେଖାଉ ତା'ର ପ୍ରଶଂସା ଗାଇ ବୁଲିଲା, ''ମସିଆର ଲା ସ୍ୟାଲ୍ ଖଣ୍ଡେ ହାତ ତ ପାଇଛନ୍ତି ! ଏ ଯେ ଦିନେ ଦେଶରେ ବିଖ୍ୟାତ ଚିତ୍ରକର ରୂପରେ ନାଆଁ କରିବେ, ସେଥିରେ ଆଉ ସନ୍ଦେହନାହିଁ ।''

କିଛି ସମୟ ପରେ ସମିତିର ବୈଠକ ସରିଲା । ଡଫିନ୍‌କୁ ତା' ଦୋତାଲାକୁ ପଠାଇଦେଇ ସଦସ୍ୟମାନେ ଚାଲିଲେ ସମିତି ଅଫିସ୍‌କୁ । ସେଠାରେ ପରବର୍ତ୍ତୀ କାର୍ଯ୍ୟକ୍ରମ ସ୍ଥିର ହେବ । କି ବା ଆଉ କାର୍ଯ୍ୟକ୍ରମ ! ରାଣୀଙ୍କୁ କିପରି ଦଣ୍ଡ ଦିଆଯିବ, ସେହି କଥା । ସମସ୍ତଙ୍କ ସହିତ ଲା ସ୍ୟାଲ୍ ବି ଚାଲିଲା । ସମସ୍ତଙ୍କ ସହିତ ସେ ବି ଆଲୋଚନାରେ

Digitized by srujanika@gmail.com

ଭାଗନେଲା । ସେ ଜାଣେ ଏସବୁ କାମରେ ଉତ୍ସାହ ନଦେଖାଇଲେ ବିପଦ । ଯେ ଖାପଛଡ଼ା ଦେଇ ରହିଲା, ତାକୁ ଅନ୍ୟମାନେ ସନ୍ଦେହ କରିବେ । ସନ୍ଦେହ ଉଠିଲା ମାନେ ଦେଶଦ୍ରୋହର ଛାପ ବାଜିଲା । ସେ ଛାପ ବାଜିଗଲେ ଗିଲୋଟିନ୍‌ରେ ଚଢ଼ିବାକୁ ଡେରି ହେବନାହିଁ । ତେଣୁ ଇଚ୍ଛା ଥାଉ ନଥାଉ ଦଳକାମରେ, ସରକାରୀ କାମରେ ଉତ୍ସାହ ଦେଖାଇବାକୁ ପଡ଼ିବ ।

ଦିନତମାମ ଏପରି କଟିଗଲା । ଦିନ ସରି ଆସିବାବେଳକୁ ହୋଇଗଲା ଅସରାଏ ବର୍ଷା । କଚାରାସ୍ତାରେ ଜମିଗଲା ପାଣି ଓ କାଦୁଅ । ଛିଣ୍ଡା ଜୋତାପିନ୍ଧି ପାଣି କାଦୁଅରେ ଚାଲିବା ଯେ କି କଷ୍ଟ, ସେକଥା ଲା ସ୍ୟାଲ୍ ଜାଣେ । ଜୋତା ତା'ର ଅନେକଦିନୁ ଫାଟିଗଲାଣି । ଭାଗ୍ୟେ କିଛିଦିନ ହେଲା ବର୍ଷା ନଥିଲା । ଶୁଖିଲା ରାସ୍ତାରେ ଚଳିଯାଉଥିଲା, ଏ ପାଣି କାଦୁଅରେ ଆଉ ଏ ଜୋତା ଚଳିବନାହିଁ କିନ୍ତୁ ବିଚରା କରିବ କ'ଣ ! ଜୋତା କିଣିବାକୁ ପଇସା କାହିଁ ? ଛିଣ୍ଡାଜୋତା ଘୋଷାରି ଘୋଷାରି ଚାଲୁ ଚାଲୁ ଆଖିଆଗରେ ନାଚିଗଲା ତା'ର ନିଜ କାହାଣୀ ।—

ଅଭିଜାତ ବଂଶର ସନ୍ତାନ ହୋଇ ବି ସେ ଆଜି ନିଃସ୍ୱ । ପିଲାଟିଦିନରୁ ବାପ ମରିଯାଇଥିଲେ । କକାଙ୍କ ପରେ ସେ ହିଁ ସକଳ ସମ୍ପତ୍ତିର ଉତ୍ତରାଧିକାରୀ ହେବା କଥା ! କିନ୍ତୁ ବିପ୍ଳବର ଝଡ଼ ତା' ଘରେ ବି ସବୁ ଓଲଟପାଲଟ କରିଦେଇଥିଲା । ଜମିଦାରୀରୁ ଉଚ୍ଛେଦ କରି ବିପ୍ଳବୀମାନେ ତା' କକାଙ୍କୁ ଗିଲୋଟିନ୍‌ରେ ବସାଇଦେଇଥିଲେ । ବହୁ ସାମନ୍ତ ଜମିଦାରଙ୍କ ପରି ତାଙ୍କର ବି ଶିରଚ୍ଛେଦ କରାଯାଇଥିଲା । ସେହିଦିନଠାରୁ ଲା ସ୍ୟାଲ୍ ହୋଇଯାଇଥିଲା ପଥର ଭିକାରି । ସୌଭାଗ୍ୟକୁ ସେ ଖୁଡ଼ୀଙ୍କ ଘରେ ରହୁନଥିଲା । ନହେଲେ ତା' ମୁଣ୍ଡ ବି ଗିଲୋଟିନ୍ ଧାରରେ କଟିଥାନ୍ତା । ଯାହାହେଉ, ବିପ୍ଳବ ଝଡ଼ର ପହିଲି ଦମକ ପରେ ଯେତେବେଳେ 'ଜନ ନିରାପତ୍ତା ସମିତି' ପାଇଁ ପ୍ରତିନିଧି ବଛାଗଲା, ସେତେବେଳେ ତା' ବାପାଙ୍କର ଅନୁରକ୍ତ ପ୍ରଜାମାନେ ତାକୁହିଁ ସେ ଅଞ୍ଚଳର ପ୍ରତିନିଧି କରି ବାଛିଲେ । ସେହିମାନଙ୍କ ଦୟାରୁ ଅନ୍ତତଃ ଗିଲୋଟିନ୍‌ର ଦାଉରୁ ରକ୍ଷା ମିଳିଗଲା, ଆଉ ମିଳିଗଲା ବାର୍ଷିକ ଚାଳିଶ କ୍ରାଉନ୍‌ର ଗୋଟିଏ ଭତ୍ତା । ସାମାନ୍ୟ ଭତ୍ତା । ସେହିଥିରୁ ଖିଆପିଆ, ସେହିଥିରୁ ଘରଭଡ଼ା, ସେହିଥିରୁ ଲୁଗାପଟା, ବେଳେ ବେଳେ ଓଳିଏ ଖାଇ ଓଳିଏ ଉପାସ ରହିବାକୁ ପଡ଼େ । ସହରତଳି ଗରିବ ପଡ଼ାର ଭଡ଼ାଘରେ ସେ ରହେ । ଘରଭଡ଼ା ବି ନିୟମିତ ଦେଇହୁଏନି; ଘର ମାଲିକିଆଣୀ ମୁହଁ ଫୁଲାଏ । ହଁ, ବିଚରା ଚିତ୍ର ଆଙ୍କେ । କିନ୍ତୁ ଚିତ୍ର ଆଙ୍କି ରୋଜଗାର କରିବା ଦିନ ଆହୁରି ଆସିନାହିଁ । ଏଥିରେ ଛିଣ୍ଡାଜୋତା ବା ସେ ବଦଳାଇବ କିପରି ?

କୌଣସିପ୍ରକାରେ ସେ ଯାଇ ଘରେ ପହଞ୍ଚିଗଲା । ସାୟଂକୃତ୍ୟ ସାରିଦେଇ ଆଙ୍କିଥିବା ଚିତ୍ରଗୁଡ଼ିକ ଧରି ବାହାରିପଡ଼ିଲା କିଛି ଉପାର୍ଜନ ଲକ୍ଷ୍ୟରେ । କିଛି ଉପୁରି ଅର୍ଜନ ନକଲେ ଜୋତାହଲେ କିଣିହେବନାହିଁ । ସଦର ରାସ୍ତା ଧରିଲାନି । ଗଳିକନ୍ଦିରେ ଅନ୍ଧାର ଭିତରେ

Digitized by srujanika@gmail.com

ମୁହଁ ଲୁଚାଇ ଲୁଚାଇ ଚାଲିଲା ସେଣ୍ଟ୍ ଅନୋରେ ସାହି ଆଡ଼କୁ । ଯାଇ ଅଟକିଲା ଗୋଟିଏ ଘରର ବାରିପଟ ଫାଟକ ପାଖରେ । ସେ ଘରଟିଥିଲା ଜାଁ ଦ ବ୍ୟାଜ୍‌ଙ୍କ ନିବାସ ।

କିଏ ସେ ଏହି ଜାଁ ଦ ବ୍ୟାଜ୍ ?

ତାଙ୍କର ଅସଲ ନାଆଁ ହେଉଛି ବ୍ୟାରନ ଅର୍ମାନଥ୍ୟୁ । ରାଜତନ୍ତ୍ରର ପତନ ପରେ ବି ପ୍ୟାରିରେ ରାଜ ସମର୍ଥକଙ୍କ ସଂଖ୍ୟା କିଛି କମ୍ ନଥିଲା । କିନ୍ତୁ ସେକଥା ପ୍ରକାଶ୍ୟରେ ଘୋଷଣା କରିବାକୁ କାହାର ସାହସ ନଥିଲା । ସାହାସ ଥିଲା ଏକମାତ୍ର ଏହି ଦ ବ୍ୟାଜ୍‌ଙ୍କର । ଅନ୍ୟମାନେ ନିଜ ନାଆଁ ଆଗରୁ ବ୍ୟାରନ୍, କାଉଣ୍ଟ୍, ଡିଉକ୍ ଇତ୍ୟାଦି ରାଜପଦବୀ କାଢ଼ିନେଇ ଚାଳରେ ଖୋସିଦେଲେଣି । କିନ୍ତୁ ଦ ବ୍ୟାଜ୍ ଏ ପର୍ଯ୍ୟନ୍ତ ବଜେଇପିଟେଇ ବ୍ୟାରନ୍ । ଏ ପଦବୀରେ ଯେ ବିପଦ ଅଛି, ସେକଥା ସେ ଆଦୌ ବିଶ୍ୱାସ କରନ୍ତିନାହିଁ । କାହିଁକି ବା ବିଶ୍ୱାସ କରିବେ ? ରୋବସ୍ ପିୟରଙ୍କଠାରୁ ଆରମ୍ଭ କରି ତାଙ୍କ ଛତା ଧରୁଥିବା କୁଜୀନେତାଙ୍କ ପର୍ଯ୍ୟନ୍ତ ସବୁ ରାଜନୈତିକ ବିପ୍ଳବୀ ନେତା ଜାଣନ୍ତି ଯେ ଦ ବ୍ୟାଜ୍ ରାଜଭକ୍ତ । କିନ୍ତୁ ଦ ବ୍ୟାଜ୍ ଜାଣନ୍ତି, ସେମାନେ କେହି ତାଙ୍କର କ୍ଷତି କରିବେନାହିଁ– କ୍ଷତି କରିପାରିବେନାହିଁ ।

ପାରିବେନାହିଁ, କାରଣ ମଣିଷ ମାତ୍ରେହିଁ ଅସତ୍ । ପ୍ରଲୋଭନକୁ ଜୟ କରିବାଭଳି ରାଜନୈତିକ ନେତା ଆସିବେ କେଉଁଠୁ ? ଯେତେ ବଡ଼ ରାଜନୈତିକ ଶତ୍ରୁ ଆସୁ ଟଙ୍କା ମାଡ଼ରେ ତା' ମୁହଁ ବଙ୍କା କରିଦେବେ ଦ ବ୍ୟାଜ୍ । ଟଙ୍କା ?? –ହଁ, ହଁ, ଟଙ୍କା– ମାନେ ଲାଞ୍ଚ । ଲାଞ୍ଚ ଦେଇ ସେ ସାଧାରଣ ତନ୍ତ୍ରୀଙ୍କର ଉପରୁ ତଳ ଯାଏଁ ପ୍ରତ୍ୟେକ ସ୍ତରରେ ନିଜର ଚର ରଖିଛନ୍ତି ।

ଲାଞ୍ଚ ଦେବାଲାଗି ସେ ଏତେ ପଇସା ଆଣନ୍ତି କେଉଁଠୁ ? ଆଣିବା ଦରକାର ନାହିଁ । ସେ ନିଜ ଛାପାଖାନାରେ ଜାଲ୍ ନୋଟ ଛପାନ୍ତି । ରାଜାଙ୍କ ଅମଳରେ କାଗଜ ନୋଟ କାରବାର ନଥିଲା କିନ୍ତୁ ରାଜାଙ୍କୁ ବନ୍ଦୀ କରିବା ପରେ ବିପ୍ଳବୀମାନେ ଦେଖିଲେ ରାଜାଙ୍କ ଭଣ୍ଡାରରେ ଗୋଟିଏ ହେଲେ ସୁନାମୋହର ନାହିଁ; ରାଜା ସବୁ ଉଡ଼ାଇଦେଇଛନ୍ତି । ବିନା ପଇସାରେ ଶାସନ ଚାଲିବ କିପରି ? ଉପାୟ ଖୋଜୁ ଖୋଜୁ ବିପ୍ଳବୀଙ୍କ ମୁଣ୍ଡରେ ଗୋଟିଏ ନୂଆ ବୁଦ୍ଧି ପଶିଗଲା । ସୁନା ମୋହର ଅଭାବରେ କାଗଜ ନୋଟ ଛପାଇ କାମ ଚଳାଇନେଲେ ଏବଂ ସେହି ମଉକାରେ ଦ ବ୍ୟାଜ୍ ଜାଲ୍ ନୋଟ୍‌ଛାପିବା ଆରମ୍ଭ କରିଦେଲେ । ସେ ସେହି ଜାଲ୍ ନୋଟହିଁ ଅକାତରରେ ବାଣ୍ଟି ଚାଲିଛନ୍ତି ନେତାଙ୍କ ଭିତରେ । ଲାଞ୍ଚ ନେବାବେଳେ ଛୋଟରୁ ବଡ଼ଯାଏଁ ସମସ୍ତେ ଜାଣନ୍ତି, ସେଗୁଡ଼ାକ ଜାଲ୍ ନୋଟ । ତଥାପି କେହି ଆପତ୍ତି କରନ୍ତିନାହିଁ । ଦୋକାନ ବଜାରରେ ଚଳାଇଦେଲେ ଜାଲ୍ ନୋଟ ବି ଭଲ ନୋଟ ପରି କାମ ଦିଏ । ଦ ବ୍ୟାଜ୍‌କୁ ଅପରାଧୀ ବୋଲି ଧରାଇଦେଲେ ତା' ବାସିଦିନଠାରୁ ମନଇଚ୍ଛା ଖର୍ଚ୍ଚ କରିବାକୁ ପଇସା ମିଳିବ କେଉଁଠୁ ? ତେଣୁ ସେ ମହାଶୟ ବଞ୍ଚିଥାନ୍ତୁ; ତାଙ୍କୁ ଦଣ୍ଡ ଦେଇ ଆପଣା ଗୋଛି କାଟିବାକୁ ବିପ୍ଳବୀ ସରକାରର କର୍ମୀମାନେ ପ୍ରସ୍ତୁତ ନୁହନ୍ତି ।

Digitized by srujanika@gmail.com

ଲା ସ୍ୟାଲ୍ ଥିଲା ସେହି କର୍ମୀଙ୍କ ଭିତରୁ ଜଣେ । ସେଇଥିପାଇଁ ସେ ଅନ୍ଧାରରେ ମୁହଁ ଲୁଚାଇ ଲୁଚାଇ ଆସି ଦ ବ୍ୟାଜଙ୍କ ବାରିପଟ ଫାଟକ ପାଖରେ ହାଜର । ଛିଣ୍ଡା ଫଟା ଜୋତା ହଳକ ବଦଳାଇବାକୁ ପଡ଼ିବ । ଅନ୍ୟାନ୍ୟ ଖର୍ଚ୍ଚ ବି ରହିଛି । ଆଜି କିଛି ନହେଲେ ନଚଳେ ।

ଲା ସ୍ୟାଲ୍ ବ୍ୟାରନ୍‌ଙ୍କ ଘର ଭିତରେ ପଶିଲା । ସୁନ୍ଦର ଘର । ମନମତାଣିଆ ସାଜସଜ୍ଜା । ଚୁଲ୍ଲୀରେ ବାସ୍ନା ପାଇନ କାଠ ଜଳୁଛି । ଭିତରେ ବାହାରର ଥଣ୍ଡା ନାହିଁ । ଦେହରେ ଉଷୁମ ଖେଳିଗଲା । ଦ ବ୍ୟାଜ୍ ବସି କ'ଣ ପଢୁଥିଲେ । ଲା ସ୍ୟାଲ୍‌କୁ ଦେଖୁ ଦେଖୁ ସେ ପଚାରିଉଠିଲେ, "କିହୋ, ଏତେ ଡେରିରେ ?"

ଦେହରୁ କୋଟ୍ ଓ ମୁଣ୍ଡରୁ ଟୋପି କାଢୁ କାଢୁ ଚଉକି ଧରି ଲା ସ୍ୟାଲ୍ କହିଲା, "ଆଜିର କାମ କଥା କହନ୍ତୁନାହିଁ । ମଣିଷ ଯେ ଇମିତି ଶଠ, ଇମିତି ଶଇତାନ, ଏଡ଼ିକି ନିଷ୍ଠୁର ହୋଇପାରେ; ଆପଣ ତାହା କଳ୍ପନା କରିପାରିବେନାହିଁ । କୌଣସି ଭଦ୍ରଲୋକ ଭାବିପାରିବେ ନାହିଁ ।"

"କଳ୍ପନା ଯଦି କରିପାରିବି ନାହିଁ, ତେବେ କାନରେ ଟିକିଏ ଶୁଣିବାକୁ ଦିଅ ।"

ରାଜକୁମାରଙ୍କୁ ନେଇ ଶମେତ୍ ଓ ସାଇମନ୍ ଯେଉଁ ପୈଶାଚିକ ଖେଳ ଖେଳୁଚନ୍ତି, ଲା ସ୍ୟାଲ୍ ତା'ର ଏକ ଟିକିନିଖି ବର୍ଣ୍ଣନା ଦେଇଚାଲିଲା । ଟେବୁଲ ଉପରେ କଲମ ମୁନ ଠୁକି ଠୁକି ଦ ବ୍ୟାଜ୍ ମୁଣ୍ଡ ଟୁଙ୍ଗାରିଚାଲିଲେ । ସେଇଟା ତାଙ୍କର ମୁଦ୍ରା ଦୋଷ । ତାହା ଜାଣିନଥିଲେ ଲା ସ୍ୟାଲ୍ ହୁଏତ ପଚାରିଥାନ୍ତା, "ଆପଣ ତା'ହେଲେ ଶୁଣିବାକୁ ଆଗ୍ରହୀ ନୁହନ୍ତି ?" କିନ୍ତୁ ସେପରି ପଚାରିବା ଆବଶ୍ୟକ ହେଲାନାହିଁ । ବର୍ଣ୍ଣନା ଶେଷ କରି ସେ ମନ୍ତବ୍ୟ ଦେଲା, "ଛୋଟପିଲା, ତାକୁ ମଦ ଖୁଆଇ ଖୁଆଇ ଯାହା ଶିଖାଇଦେଇଥିଲେ ବିଚରା ତାହାହିଁ କହିଗଲା । ବୟସ୍କ ଲମ୍ପଟଙ୍କ ପରି ସେ ଯାହାସବୁ କହିଗଲା, ତା'ର କୌଣସି ଅର୍ଥ ସେ ବୁଝେନା । ମଦ ଖୁଆଇ ତା'ର ବୁଦ୍ଧିବୃତ୍ତି ନଷ୍ଟ କରିଦେଇଛନ୍ତି ଜାଣନ୍ତୁ । ହେଇଟି ଦେଖୁନାହାନ୍ତି ?" କହୁ କହୁ ସେ ସେଦିନ ଆଙ୍କିଥିବା ଡଫିନ୍‌ର ପେନ୍‌ସିଲ୍ ଚିତ୍ରଗୁଡ଼ିକ ଦ ବ୍ୟାଜ୍‌ଙ୍କ ହାତକୁ ବଢ଼ାଇଦେଲା ।

"ଏଗୁଡ଼ାକ କ'ଣ ?"

"ଦେଖନ୍ତୁ; ଜାଣିପାରିବେ ।"

ଦ ବ୍ୟାଜ୍ ଗୋଟି ଗୋଟି କରି ଚିତ୍ରଗୁଡ଼ିକ ଦେଖିଗଲେ । ଲୁଇ ଚାର୍ଲସ୍‌ର ବିଭିନ୍ନ ଭଙ୍ଗୀର, ବିଭିନ୍ନ ଭାବର ଅଭିବ୍ୟକ୍ତି ପ୍ରତିଟି ଚିତ୍ରରେ । ସେସବୁ ଦେଖୁ ଦେଖୁ ଦ ବ୍ୟାଜ୍‌ଙ୍କର ମୁହଁ କଳାପଡ଼ିଗଲା । ଶେଷ ଚିତ୍ରଟି ଉପରେ ଆଖି ବୁଲାଇଆଣି ସେ ପଚାରିଉଠିଲେ, "ଇଏ କ'ଣ ଆଙ୍କିଛ ଫ୍ଲୋରେନ୍‌ସ ?"

"ଯାହା ଦେଖିଲି, ତା' ଆଙ୍କିଛି ।"

"ଡଫିନ୍‌କୁ ସେମାନେ ମାଙ୍କଡ଼ କରିବାକୁ ଚାହୁଁଛନ୍ତି ନା ରାକ୍ଷସ କରିବାକୁ ?"

Digitized by srujanika@gmail.com

''ସମ୍ଭବତଃ ଦୁଇଟିଯାକ ମିଶାଇଦେଲେ ଯାହା ହେବ ସେଇଆ... କେବଳ ଯେ ରାଣୀଙ୍କୁ ଦୋଷୀ ସାବ୍ୟସ୍ତ କରିବାକୁ ଏ ବ୍ୟବସ୍ଥା ହୋଇଛି ତା'ନୁହେଁ, ଭାବୁଛି ଆହୁରି କିଛି ଗଭୀର... ।''

ଦ ବ୍ୟାଜ୍ ନୀରବ । କୋହରେ ଛାତିଟା ଫୁଲିଯାଉଛି । ମଝିରେ ମଝିରେ ଦୀର୍ଘ ନିଶ୍ୱାସ । ଲା ସ୍ୟାଲ୍ ବିଶ୍ଳେଷଣ କରିଚାଲିଲା– ''ଭାବୁଛି, ଲୁଇ ଚାର୍ଲସ୍‌ଙ୍କୁ ଧରି ଲୋକେ ଯେପରି ପୁଣିଥରେ ରାଜତନ୍ତ୍ର ପ୍ରତିଷ୍ଠା କରିନପାରନ୍ତି, ସେଇଥିପାଇଁ ରୋବସ୍‌ପିୟର ଏତକ କରାଉଛି । ରାଜକୁମାର ଯେତେବେଳେ ବଡ଼ ହେବେ, ସେତେବେଳେ ହୋଇଯିବେ ଗୋଟାଏ ଭାଣ୍ଡ କିମ୍ବା ନରହନ୍ତା– ଦୁଇଟିଯାକ ଗୁଣ ବି ରହିଯାଇପାରେ । ଏପରି ରାଜକୁମାରଙ୍କୁ...''

ଲା ସ୍ୟାଲ୍ ମୁହଁରୁ କଥା ଛଡ଼ାଇନେଇ ଦ ବ୍ୟାଜ୍ ସେଥିରେ ଏକ ଦୃଢ଼ ପୂର୍ଣ୍ଣଚ୍ଛେଦ ଟାଣିଦେଲେ– ''ସେପରି ଦୁର୍ଯୋଗରୁ ନିଶ୍ଚୟ ରକ୍ଷା କରିବାକୁ ପଡ଼ିବ । ସିଂହାସନ ଚାଲିଯିବ ତ ଚାଲିଯାଉ, ମୁଁ କିନ୍ତୁ ରାଜକୁମାରଙ୍କ ମନୁଷ୍ୟତ୍ୱ ଚାଲିଯିବାକୁ ଦେବିନାହିଁ ।''

କଥାର ଗୁରୁତ୍ୱ ବୁଝିପାରିଲା ଲା ସ୍ୟାଲ୍ । ନରମ କଣ୍ଠରେ ପଚାରିଲା, ''କିନ୍ତୁ କରିବେ କ'ଣ ? କ'ଣ ବା କରିପାରିବେ ??''

ଦ ବ୍ୟାଜ୍ ପୁଣିଥରେ ନୀରବ । ପୁଣି ସେହି ଟେବୁଲ ଉପରେ କଲମ ଠୁକା । ଲା ସ୍ୟାଲ୍ ମନ୍ତବ୍ୟ କରିଚାଲିଲା, ''ରାଣୀଙ୍କୁ ଉଦ୍ଧାର କରିବାପାଇଁ ଆପଣ ଥରେ ଚେଷ୍ଟା କରିଥିଲେ ନା ? ପାରିଲେ ?'' ଦୁଃଖର ନିଃଶ୍ୱାସ ମାରି ଦ ବ୍ୟାଜ୍ କହିପକାଇଲେ, ''ପାରିଲିନାହିଁ ରାଣୀଙ୍କ ଦୋଷରୁ । ସେ ଯଦି ଟିକିଏ ସହଯୋଗ କରିଥାନ୍ତେ, ମୋ ପାରିବାରେ କିଛି ମଳି ଧୂଳି ନଥିଲା । – କହି ପଠାଇଲେ, ପୁଅ ଝିଅଙ୍କୁ ଜେଲଖାନାରେ ପକାଇଦେଇ ଏକାକୀ ଚାଲିଯାଇପାରିବେନାହିଁ । – ମାତୃସ୍ନେହ ବଡ଼ ଅବୋଧ ଫ୍ଲରେନ୍ସ– ବଡ଼ ଅବୋଧ ।''

ଏକଥା ଶୁଣି ଲା ସ୍ୟାଲ୍ ହତଉସ୍ହ ହୋଇଗଲା । ଦୋଷ ସ୍ୱୀକାର କରି କହିଲା, ''କ୍ଷମା କରିବେ; ଆପଣ ଯେ ଏତେ ବାଟ ଯାଇଥିଲେ ମୁଁ ଜାଣିନଥିଲି ।''

''ତୁମେ କିପରି ଜାଣନ୍ତ ? ସେତେବେଳେ ତ ମୁଁ ଆଉ ତୁମ ସାହାଯ୍ୟ ନେଉ ନଥିଲି । ଯାହାଙ୍କ ସାହାଯ୍ୟ ନେଉଥିଲି, ରହସ୍ୟ ଖୋଲିଗଲାଣି ଜାଣି ତାଙ୍କୁ ସ୍ୱୀଜରଲାଣ୍ଡ ପଠାଇଦେଲି । ଏ ଦେଶରେ ଥିଲେ ତାଙ୍କୁ ବି ଗିଲୋଟିନ୍‌ରେ ପୂରାଇଦିଆଯାଇଥାନ୍ତା ।''

ସେ ବା ସେମାନେ ଯେ କିଏ, ଲା ସ୍ୟାଲ୍ ତାହା ପଚାରିଲାନାହିଁ । ସେ ଜାଣେ ଦି ବ୍ୟାଜ୍ କୌଣସିମତେ ତାହା ପ୍ରକାଶ କରିବେନାହିଁ ।

ଦ ବ୍ୟାଜ୍ ଏଥର ମୂଳ କଥାକୁ ଫେରିଆସିଲେ, ''ଭାବୁଛି, ରାଜକୁମାର ଆଉ ତାଙ୍କ ମାଆଙ୍କ ପରି ବୋକାମି ଦେଖାଇବେନାହିଁ । ଛୋଟ ପିଲା; ତାଙ୍କଠାରୁ ବା କି ସହଯୋଗିତା ଆଶା କରାଯିବ ? ଯାହା କିଛି ସହଯୋଗିତା ମିଳିବ– ତୁମଠାରୁ । ...କ'ଣ

Digitized by srujanika@gmail.com

କହୁଛ ? ପାରିବ ତ ? ଗିଲୋଟିନ୍‌କୁ ଆଖିଆଗରେ ରଖିପାରିବା ନ ପାରିବା କଥା ଭାବିବାକୁ ପଡ଼ିବ । କ'ଣ ? ସାହସର ପୁରସ୍କାର ପାଇବ ।''

ଲା ସ୍ୟାଲ୍ ତଳକୁ ଚାହିଁ ପ୍ରସ୍ତାବ ଶୁଣୁଥିଲା । ନଜର ଥିଲା ତା' ଜୋତା ଉପରେ– ଛିଣ୍ଡାଜୋତା ଉପରେ । ନଇଁଥିବା ମୁଣ୍ଡ ସିଧା କରିଦେଇ ସେ କହିଲା, ''ପାରିବି । ମୁଁ ରାଜକୁମାରଙ୍କୁ ବଞ୍ଚାଇବା କଥା ଭାବୁନି, ଭାବୁଛି ନିଜକୁ ବଞ୍ଚାଇବା କଥା । ଚିତ୍ର ଆଙ୍କି କି ରୋଜଗାର କରିବି ଯେ ? ନିରାପତ୍ତା ସମିତିରୁ ବା କେତେ ଭତ୍ତା ମିଳୁଛି ? – ଆଉ ଗିଲୋଟିନ୍ ! ମୁଁ ତ ସବୁଦିନେ ଗିଲୋଟିନ୍ ସ୍ୱପ୍ନ ଦେଖୁଛି । ଆପଣଙ୍କ ଜାଲ୍ ନୋଟରେ ମୁଁ ଚଳେ । ଯେଉଁଦିନ ଧରାପଡ଼ିଯିବି, ସେଦିନ କ'ଣ ଆଉ ରକ୍ଷା ମିଳିବ ? ହେଇଟି ଜୋତା ହଳକ ଛିଣ୍ଡିଗଲାଣି ଯେ ଆଜି ଆପଣଙ୍କଠାରୁ କିଛି ନନେଲେ ନଚଳେ । ଆପଣ ତ ସେହି ନୋଟ ଧରେଇଦେବେ । ଜୋତାବାଲା ଯଦି ଜାଲ୍ ବୋଲି ଚିହ୍ନିଦେଲା ନା ତେବେ କଥା ସରିଲା । ଆଉ– !''

''ନା, ନା, ନା– ମୁଁ ଆଜିଠାରୁ ତୁମକୁ ମୋହର ଦେବି ଫ୍ଲୋରେନ୍ସ, ଖାଣ୍ଟିସୁନା ମୋହର ଦେବି । ଯାହାକୁ ଆଶ୍ରୟ କରି ମୁଁ ରାଜକୁମାର ଡଫିନ୍‌ଙ୍କୁ ଉଦ୍ଧାର କରିବାକୁ ବସିଛି, ତାକୁ ପୁଣି ସାମାନ୍ୟ ଜୋତାବାଲାର ଦୟା ଉପରେ ଛାଡ଼ିଦେବି ? କଦାପି ନୁହେଁ, କଦାପି ନୁହେଁ । ଆଚ୍ଛା, ଶମେତ୍ ସହିତ ତୁମର କିପରି ପଡ଼େ ?''

''ସାଧାରଣ, ବିଶେଷ ଦୋସ୍ତିନାହିଁ ।''

''ଦୋସ୍ତି ଜମାଇବାକୁ ଚେଷ୍ଟାକର । – ଭାବୁଛି ତା'ରିଦ୍ୱାରାହିଁ କାମ ହେବ ।''

''ଶମେତ୍‌ଦ୍ୱାରା ? ସେ ପରା ଟେମ୍ପଲର ଜେଲର୍ ?''

ଦ ବ୍ୟାଜ୍ ଟିକିଏ ହସିଦେଲେ । ମୃଦୁହାସ ଭିତରେ କହିଲେ, ''ଜେଲର୍ ପକ୍ଷରେହିଁ ଜେଲ ଚାବି ଖୋଲିବା ସହଜ ।'' ଏବଂ କଥା ନସରୁଣୁ ଲା ସ୍ୟାଲ୍ ହାତକୁ ବଢ଼ାଇଦେଲେ ଗଣ୍ଡାଏ ଚକଚକିଆ ସୁନା ମୋହର ।

ଲା ସ୍ୟାଲ୍‌ର ଆଖି ଝଲସିଉଠିଲା ।

## ଦୁଇ : ପ୍ରଲୋଭନର ଥୋପ

ଚରିତ୍ରହୀନତା ଅପରାଧରେ ରାଣୀଙ୍କର ବିଚାର ଆରମ୍ଭ ହୋଇଗଲା । ପୁଅ ଯେତେବେଳେ 'ଜନ ନିରାପତ୍ତା ସମିତି' ଆଗରେ ସାକ୍ଷ୍ୟ ଦେଇଛି, ଅଧିକ ତଦାରଖ ଆବଶ୍ୟକ କ'ଣ ? ଯୁକ୍ତି କରାଗଲା; ଶିଶୁ ବୋଲି ତା' ସାକ୍ଷ୍ୟକୁ ଅଗ୍ରାହ୍ୟ କରାଯାଇ ନପାରେ, ବରଂ ଶିଶୁ ହୋଇଥିବାରୁ ସେ ସତ କହୁଥିବାହିଁ ସମ୍ଭବ । ତା'ର ମିଛ କହିବାର ବୟସ ହୋଇନି; ତେଣୁ ରାଣୀ ନିଶ୍ଚିତଭାବରେ ଦୋଷୀ । ଚରିତ୍ରହୀନତା ଫଳରେ

Digitized by srujanika@gmail.com

ରାଜବଂଶକୁ କଳଙ୍କିତ କରି ପରୋକ୍ଷରେ ସେ ଫରାସୀ ଜାତିକୁ କଳୁଷିତ କରିଛନ୍ତି । ଏପରି ଗୁରୁତର ଅପରାଧର ଦଣ୍ଡ ଗିଲୋଟିନ୍‌ରେ ଶିରଚ୍ଛେଦ ।

ସେହି ଦଣ୍ଡହିଁ ଦିଆଗଲା । ମଲାବେଳେ ରାଣୀ ଆଁତୋୟାନେତ୍ ନିଜର ଦୁର୍ଭାଗ୍ୟପାଇଁ ଯେତିକି ଦୁଃଖ ନକଲେ, ତା'ଠାରୁ ବେଶି ଦୁଃଖ କଲେ ନିଜର ଏକମାତ୍ର ପୁଅ ଡଫିନ୍‌ର ଭାବୀ ଦୁର୍ଭାଗ୍ୟପାଇଁ । ଅଭାଗା ପୁଅଟା ବଡ଼ ହେଲେ ଅମଣିଷ ହୋଇଯିବ ! – ସେହି ଚିନ୍ତା କରୁ କରୁ ବେକରେ ଗିଲୋଟିନ୍‌ର ପନିକି ପଡ଼ିଗଲା ।

ସେହି ଚିନ୍ତାରେ ଦ ବ୍ୟାଜ୍ ମଧ୍ୟ ଅସ୍ଥିର । ଦିନ ଯେତେ ଗଡ଼ିଯାଉଛି ତାଙ୍କର ଅସ୍ଥିରତା ସେତେ ବଢ଼ିଯାଉଛି । ଡଫିନ୍‌କୁ ଟେମ୍ପଲ ଜେଲ୍‌ଖାନାରୁ ଅପହୃତ କରି ନନେଲେ, ତା'ର ଇହ-ପର ଉଭୟକାଳ ନଷ୍ଟ ହୋଇଯିବ; ତା' ସହିତ ଦେଶକୁ ସ୍ୱୈରାଚାରୀ ରୋବସ୍‌ପିୟର କବଳରୁ ଉଦ୍ଧାର କରିବାର ଉପାୟ ମଧ୍ୟ ନଷ୍ଟ ହୋଇଯିବ । ରାଜକୁମାର ମୁହଁରୁ ରାଣୀଙ୍କ ପରି ମହୀୟସୀ ମହିଳାଙ୍କ ବିରୁଦ୍ଧରେ ଯେଉଁସବୁ ଭାଷା ଶୁଣାଗଲା, ସେହିପରି ଭାଷା ଯଦି ଆଉ ଥରେ ଦିଥର ଲୋକେ ଶୁଣିଯିବେ, ତେବେ ସର୍ବନାଶ ! କିଏ କାହିଁକି ରାଜବଂଶପାଇଁ ଆତ୍ମବଳି ଦେବାକୁ ଆଗେଇ ଆସିବ ?

ତେଣୁ ବିଳମ୍ବେ ବୁଦ୍ଧିବଳ କ୍ଷୟ । ଲା ସ୍ୟାଲ୍‌କୁ ସେ ବାରମ୍ବାର ତାଗିଦ୍ କରିବାକୁ ଲାଗିଲେ– ''କିହୋ, କେବେ ଆଉ ହେବ ? କେତେ ବାଟ ଗଲାଣି ? – ଆହେ ସମୟ ପରା ଗଡ଼ିଯାଉଛି !''

କିନ୍ତୁ ଲା ସ୍ୟାଲ୍ ବସିନି । ସେ ପାଦ ଗଣି ଗଣି ଆଗେଇ ଚାଲିଛି । ଏଇଟା ତରବରରେ ହେବା କାମନୁହେଁ । ବଡ଼ ସାବଧାନରେ ଆଗେଇବାକୁ ପଡ଼ିବ । ଟିକିଏ ଯଦି ପାଦ ଖସିଗଲା, ତେବେ ଦଫା ଶେଷ । ନିଜେ ତ ମରିବ, ତା' ସହିତ ଦ ବ୍ୟାଜ୍ ବି ।

ଏ ଭିତରେ ଶମେତ୍ ସହିତ ସେ ଦୋସ୍ତି ଜମାଇସାରିଲାଣି । ଏଥର ସମିତି ବୈଠକରେ ଦିହେଁ ଏକାଠି ବସୁଛନ୍ତି । ବୈଠକ ପରେ ଦିହେଁ ଏକାଠି ଖୁସିଗପ କରୁଛନ୍ତି । ନଇକୂଳ, ପାର୍କ, ରେସ୍ତୋରାଁ ଇତ୍ୟାଦି ସ୍ଥାନରେ ଦିହେଁ ଏକାଠି ବୁଲିବାର ଦେଖାଯାଉଛି । ଲା ସ୍ୟାଲ୍‌କୁ ସାଙ୍ଗରେ ଧରି ଶମେତ୍ ଥରେ ମଧ୍ୟ ଟେମ୍ପଲର ଫାଟକ ପର୍ଯ୍ୟନ୍ତ ଚାଲିଆସିବାର ମଧ୍ୟ ଦେଖାଗଲାଣି । ଶମେତ୍ ଅବଶ୍ୟ ଟେମ୍ପଲରେ ରହେନି; କିନ୍ତୁ ସାଇମନ୍‌ର କାମ ତଦାରଖ କରିବାକୁ, ବନ୍ଦୀମାନଙ୍କର ଖବର ନେବାକୁ ପ୍ରତିଦିନ ସେ ଦୁଇତିନି ଥର ଟେମ୍ପଲ ଭିତରକୁ ଆସେ ।

ଦିନକର କଥା । ସାୟଂଭ୍ରମଣ ସାରି ଦୁଇବନ୍ଧୁ ଆସି ଟେମ୍ପଲ ଫାଟକ ପାଖରେ ପହଞ୍ଚିଗଲେ । ଟେମ୍ପଲ ଜେଲଖାନାଟା ତ ଆଗେ ମଠ ଥିଲା । ବାବାଜି ରହୁଥିଲେ ଅନେକ । ଘର ବି ଥିଲା ଅନେକ । ଦୋତାଲା ତିତାଲା ହୋଇ ଏବେ ଦଶବାରଟି କୋଠାଘର ରହିଛି । ଘରଗୁଡ଼ାକ ପରସ୍ପରଠାରୁ ଛଡ଼ା ଛଡ଼ା । ବିରାଟ ହତା । ଚାରିପଟେ ପାଚିରି । ମଝି ତିତାଲା ଘରଟିରେ ରାଜପରିବାରର କଏଦୀ ରହନ୍ତି । ଅନ୍ୟ କଏଦୀମାନେ ଅନ୍ୟ

Digitized by srujanika@gmail.com

ଘରେ । କେତେଟା ଘର ପ୍ରହରୀମାନଙ୍କର ବ୍ୟାରାକ୍ । କେତେଟା ଗୋଦାମ ଘର । କେତେଟାରେ ଖୋଲିଛି ବିଭିନ୍ନ ଅଫିସ୍ । ଶମେତ୍ ସାଧାରଣ ଉତ୍ତରପଟ ଫାଟକ ଦେଇ ଭିତରକୁ ଆସେ । ତା' ଅଫିସ୍‌ଟା ସେ ପାଖରେ । ରୋବସ୍‌ପିୟରଙ୍କ ପାଖରୁ ନିର୍ଦ୍ଦେଶ ଆସେ ସେଇଠିକି । ସାଇମନ୍ ଆସି ନିର୍ଦ୍ଦେଶ ନେଇଯାଏ ସେଇଠାରୁ । ସବୁଘରେ ତ ପ୍ରହରୀ । ଚାରି ଛଅଜଣ ପ୍ରହରୀଙ୍କୁ ପାର ନହେଲେ ଶମେତ୍ ଅଫିସ୍‌ରେ ପହଞ୍ଚିବା କଷ୍ଟ ।

ହଁ । ଦୁଇବନ୍ଧୁ ଆସି ସେହି ଉତ୍ତର ପାଖ ଫାଟକ ପାଖରେ ପହଞ୍ଚିଗଲେ । ସେହିଠାରୁ ବିଦାୟ ନେଇ ଶମେତ ଭିତରକୁ ଯିବା କଥା । ବିଦାୟ ସମ୍ଭାଷଣଟା ତା' ଜିଭ ଆଗକୁ ଚାଲିଆସିଲାଣି, ଏହି ଅବସ୍ଥାରେ ଲା ସ୍ୟାଲ୍ କହିଲା, ''ବଡ଼ ଭାଇ, ଗୋଟିଏ କଥା ମନେପଡ଼ିଗଲା । କଥାଟା ଶୁଣିବାବେଳୁ ଛାତି ଭିତରଟା ଖାଲି କୋରି ହୋଇଯାଉଛି । ଭାଇ ଭାଇ ହୋଇ ଯେତେବେଳେ ଚଲୁଥାଇଁ, ମୁଁ ଯଦି ତୁମ ଭଲମନ୍ଦ କଥା ଭାବିବିନାହିଁ, ତୁମେ ଯଦି ମୋ ଭଲମନ୍ଦ କଥା ଭାବିବନାହିଁ, ତେବେ ମଣିଷପଣିଆ ରହିଲା କେଉଁଠି ?''

''ସେକଥା ଆଉ ପଚାରିବାକୁ ଅଛି ନା ?'' – ଲା ସ୍ୟାଲ୍‌ର ଗୌରଚନ୍ଦ୍ରିକା ଶୁଣି ଶମେତ୍ ଟିକିଏ ଚମକିପଡ଼ିଲା । ପଚାରିଲା, ''ମୋ ଭଲମନ୍ଦ ନେଇ କ'ଣ ଇମିତି ଶୁଣିଲ ଯେ ?''

''ବିଶ୍ୱାସ କରିବା ଭଳି କଥା ନୁହେଁ । – ଗୁଜବଟା ଉଠିଛି, ମୋର ସେଥିରେ ବିଶ୍ୱାସ ଆସୁନି''– ମୁଣ୍ଡ ହଲେଇ ହଲେଇ ଲା ସ୍ୟାଲ୍ କଥାଟାକୁ ଫେଣେଇ ବସିଲା । ''ତଥାପି ତୁମ ଉପରେ ଭାଇ, ବିରାଟ ଦାୟିତ୍ୱ; – ଆଉ ସମୟ ଯିମିତି ଚାଲିଛି, ଏସବୁ ଦାୟିତ୍ୱମାନ ଜୀବନ ମରଣ ସମସ୍ୟା ବୋଲି ଜାଣ ।''

ଲା ସ୍ୟାଲ୍ ତା' ଉପକ୍ରମଣିକା ଯେତେ ଫେଣେଇଲା, ଶମେତ୍ ସେତେ ଅସ୍ଥିର ହେଲା । ମନରେ ଶଙ୍କା ପଶିଗଲା । ସତରେ ସମୟ ବଡ଼ ଖରାପ ପଡ଼ିଛି । ମହା ମହା ଦ୍ରୁମ ଟଳିପଡ଼ିଲେଣି । ଖାଲି ରାଜତନ୍ତ୍ରୀ ନୁହନ୍ତି, ଟପିଯାଏ ଚଢ଼ିଯାଇଥିବା ବିପ୍ଳବୀ ନେତା ବି ଗିଲୋଟିନ୍ ମୁହଁରେ ଖସିପଡ଼ିଲେଣି । ଶମେତ୍ ବା କି ଛାର ! ତା' ହିସାବ ବା ରଖୁଛି କିଏ ? ଗୁଜବ ଉଠିଲା ମାନେ ସର୍ବନାଶ । ଗୁଜବଟା ଜାଣ ଯମରାଜାଙ୍କ ପହିଲି ସମନ ।

''କି ଗୁଜବ ଭାଇ ଲା ସ୍ୟାଲ୍ ? କି ଗୁଜବ ?'' – ଶମେତ୍ କଣ୍ଠରେ କାତରତା ।

''ହେଃ ! ସେମିତି କିଛିନୁହେଁ ମ ! ସେମିତି କିଛିନୁହେଁ । ତୁମକୁ ଦୋଷ ଦେଇ କେହି କିଛି କହିବାର ମୁଁ ଶୁଣିନି ଭାଇ... ତେବେ ଡଫିନ୍‌ର ପୂରା ଦାୟିତ୍ୱଟା ତୁମ ଉପରେ । ତେଣୁ କେହି ତାକୁ ଚୋରେଇ ନେବାକୁ ବସିଛି ବୋଲି ଶୁଣିଦେଲେ ମୋ ମନଟା ଅସ୍ଥିର ହେବ ନା ନାହିଁ ? ସେଇଥିପାଇଁ କହିଲି ସେତିକିବେଳୁ ଛାତି ଭିତରଟା... ।''

''ଡ-ଫି-ନ-କୁ ଚୋ-ଓ-ଓ ରେ ଏ ଏ ଇ ଇ ଇ– !!'' – ଏତକ ପାଟିରୁ ବାହାରୁ ବାହାରୁ ସତେଯେପରି ଶମେତ୍‌ର ବାକ୍‌ସ୍ଫୁରଣ ବନ୍ଦ ହୋଇଗଲା । ତା'ର ଭୟବିଜଡ଼ିତ ଆଖି ଦୁଇଟା ମୁଦି ହୋଇ ଆସିଲା । ଲା ସ୍ୟାଲ୍ ଏ ଭାବାନ୍ତର ଦେଖି ମଧ୍ୟ ନଦେଖିଲା

Digitized by srujanika@gmail.com

ପରି କହିଚାଲିଲା, ''ଗୁଜବର କ'ଣ ଅଗମୂଳ କିଛି ଠିକ୍ ଥାଏ ? ତଥାପି ଫୋକେଙ୍କ ଭଳି ଲୋକର ନାଆଁ ଧରି ଯେତେବେଳେ ଗୁଜବ ଉଠେ, ସେତେବେଳେ... ?''

''ଫୋ...କେ ??'' – କହୁ କହୁ କଥାଟାକୁ ଢୋକିପକାଇଲା ଶମେତ୍ । ସେ ଆଉ ସେଠାରେ ଅପେକ୍ଷା କରିପାରିଲାନାହିଁ । ଲା ସ୍ୟାଲ୍‌ର ହାତଧରି ତାକୁ ଟାଣି ଟାଣି ନେଇଗଲା ଫାଟକ ଭିତରକୁ ।

ଫାଟକରେ ପ୍ରହରୀ, ଭିତରେ ବି ପ୍ରହରୀ । ପହରା ଉପରେ ଅବଶ୍ୟ କମ୍ ଲୋକ; ଅନ୍ୟମାନେ ଖୋଲାରେ ବୁଲୁଛନ୍ତି । ସମସ୍ତଙ୍କ ଦୃଷ୍ଟି ଆସି ଶମେତ୍ ଉପରେ ପଡ଼ିଲା । ଲା ସ୍ୟାଲ୍ ସମସ୍ତଙ୍କ ପାଖରେ ପ୍ରାୟ ଅଚିହ୍ନା । ହେଲେ ସମସ୍ତେ ଶମେତ୍‌କୁ ଚିହ୍ନନ୍ତି । ଶମେତ୍ ଯେତେବେଳେ ବନ୍ଧୁର ହାତ ଧରି ଚାଲିଛି, ପ୍ରହରୀମାନେ ବା ଆପତ୍ତି କରିବେ କାହିଁକି ?

ଲା ସ୍ୟାଲ୍‌କୁ ନୀରବରେ ଟାଣିନେଇ ଶମେତ୍ ବସାଇଦେଲା ନିଜ ଅଫିସ୍ ଚେୟାରରେ । ଆସନ ଧରୁ ଧରୁ ବୋତଲେ ବର୍ଗାଣ୍ଡି ନେଇଆସିବାକୁ ଅର୍ଦ୍ଦଳିକୁ କହିଦେଲା । ବିପ୍ଳବ ପରଠାରୁ ବର୍ଗାଣ୍ଡି ପରି ଦାମିକା ମଦ ବଜାରରୁ ପ୍ରାୟ ଉଭାନ ହୋଇଯାଇଥାଏ । କିନ୍ତୁ ବିପ୍ଳବୀ ନେତାଙ୍କପାଇଁ ଦୁଷ୍ପ୍ରାପ୍ୟ କ'ଣ ? ନିଜନିଜର ବ୍ୟକ୍ତିଗତ ଭଣ୍ଡାରରେ ସବୁ ଦୁଷ୍ପ୍ରାପ୍ୟ ମାଲ ମହଜୁଦ ରହିଛି । ଶମେତ୍ ବି ତ ଜଣେ ନେତା !

ବର୍ଗାଣ୍ଡି ଆସିଗଲା । ନାକରେ ସେ ବାସ୍ନା ବାଜୁ ବାଜୁ ଜିଭ ଲାଳେଇଗଲା ଲାସ୍ୟାଲ୍‌ର । ଭଲକରି ଦି'ଢୋକ ସୋଡ଼ିକିଦେଇ ଶମେତ୍ ପଚାରିଦେଲା, ''ଫୋକେ ?? ମାନେ– ସେହି ଫୋକେ ?''

ଲା ସ୍ୟାଲ୍ ବର୍ଗାଣ୍ଡିର ସୁଆଦଟାକୁ ଏତେ ଶୀଘ୍ର ସାରିଦେବାକୁ ଚାହେଁନି । ଟିକିଏ ଟିକିଏ ଚୁଚୁମି ଚୁଚୁମି ସେ କହିଚାଲିଲା, ''ସେହି ଫୋକେ ନୁହେଁ ତ ଆଉ କୋଉ ଫୋକେ ? ଫୋକେ ବୋଲି ଆଉ କିଏ ଅଛି ଯେ ? ବିଶ୍ୱ ବିଦ୍ୟାଳୟରେ ଅଙ୍କ ପ୍ରଫେସର ଥିଲେ । ବିପ୍ଳବୀମାନେ ତାଙ୍କୁ ଦ୍ୱିତୀୟ ରୁଷୋ ଭଳି ସମ୍ମାନ ଦେଲେ । ରୋବସ୍‌ପିୟରଙ୍କ ଭଳି ଲୋକ ତାଙ୍କ ଲୋକପ୍ରିୟତା ଦେଖି ଡରିଗଲେଟି ! – ହେ, ମୁଁ କହୁ କହୁ ଗୁଡ଼ାଏ କଥା କହିଗଲିଣି । ତୁମ ରାଣ ପକାଇ କହୁଛି ଭାଇ, ଏକଥା ଯେପରି କାନକୁ ଦି'କାନ ନହୁଏ । ଯଦି ଜଣାପଡ଼ିଗଲା ନା, ତେବେ ସରିଲା ।''

''ଆରେ ନାହିଁ ଭାଇ; ଆମ ଆମ ଭିତରେ ପଡ଼ିଛି ନା । ହଁ... ।'' ଶମେତ୍ କଣ୍ଠରେ ଆଗ୍ରହ ଓ ଆଶ୍ୱାସନା ।

ଲା ସ୍ୟାଲ୍ ଆଗକୁ ପାଦ କାଢ଼ିଲା, ''ହଁ, କ'ଣ କହୁଥିଲିଟି– ରୋବସ୍‌ପିୟର ଡରରେ ଛାନିଆ ହୋଇ ଫୋକେଙ୍କୁ ଟାଲୋଁର ଗଭର୍ଣ୍ଣର କରି ପଠାଇଦେଲେ । ଭଦ୍ରଲୋକଙ୍କର ସେଠାରେ ବି ଆଦର ବଢ଼ିଲା । ତାଙ୍କ ଭଳି କାର୍ଯ୍ୟକ୍ଷମ ବିଚକ୍ଷଣ ଲୋକ କାଳେ ଆମ ବିପ୍ଳବୀ ଦଳରେ ଅଦ୍ୱିତୀୟ କେହିନାହିଁ । ମୁଁ ତାଙ୍କରି କଥା କହୁଥିଲି । ତାଙ୍କରି ନାଆଁକୁ ଯୋଡ଼ି ଗୁଜବ ଉଠିଛି... ।''

Digitized by srujanika@gmail.com

''କିନ୍ତୁ ଫୋକେ ତ ଚାଲୋଁରେ ।'' – ଶମେତ୍ ପ୍ରତିବାଦର ସ୍ୱର ଉଠାଇଲା ।

''ଚାଲୋଁରେ ଥିଲେ । ଏବେ ଆସି ପ୍ୟାରିରେ ପହଞ୍ଚିଛନ୍ତି । ରୋବସ୍‌ପିୟର କାଳେ ହିସାବପତ୍ର ଦେଖିବା ଲାଗି ଡକାଇଛନ୍ତି । ଅଙ୍କରେ ପୋକ ସିଏ । ତାଙ୍କ ହିସାବପତ୍ରରେ କି ଭୁଲ ଥିବ ସେ ରୋବସ୍‌ପିୟର ଧରିବେ ? ଟିକିଏ ପରଖ କରିବାକୁ ଡକାଇଛନ୍ତି; ଯଦି କିଛି ଗଲ୍‌ତି ମିଳିଗଲା, ତେବେ... ତେବେ... ।''

ଶମେତ୍ ଆସ୍ତେକରି ପଚାରିଲା, ''ଗିଲୋ...??''

କୁଟିଳ ହସ ହସିଦେଇ ଲା ସ୍ୟାଲ୍ କହିଲା, ''ତୁମେ ଯେମିତି ବୁଝିବ... । ତେବେ ଫୋକେ କିଛି କମ୍ ନୁହଁନ୍ତି । ରୋବସ୍‌ପିୟରଙ୍କ ଚରମାନେ ତାଙ୍କ ସଜ ମାଉଁସରେ ପୋକ ପକାଇ ପାରିବେନାହିଁ । ତଥାପି ଚେଷ୍ଟା ଛାଡୁଛି କିଏ ? ଭାବୁଛି, ସେହିମାନେହିଁ ଏ ଗୁଜବଟା ଆରମ୍ଭ କରିଛନ୍ତି । ମତଲବ୍, ଲୋକ ଯଦି ଏଥିରେ କାନ ଦେବେ... ଯଦି ଅବା ଅଧା ବିଶ୍ୱାସ କରିଯିବେ... ।''

ଶମେତ୍ ଆଉ ଧର୍ଯ୍ୟ ଧରି ରହିପାରିଲାନାହିଁ । କହିପକାଇଲା, ''ଆରେ, କ'ଣ ଇମିତି ଅଧଘଣ୍ଟେ ହେଲା ଗୁଜବ ଗୁଜବ ହେଉଛ ମ ! କାହାଠୁ ଶୁଣିଲ, କୋଉଠି ଶୁଣିଲ ଯେ ଫୋକେ ଡଫିନ୍‌କୁ ଚୋରାଇନେବା ମତଲବରେ ଅଛନ୍ତି ??''

ହତାଶାରେ ମୁହଁ ଆମ୍ବିଳା କରିଦେଇ ଲା ସ୍ୟାଲ୍ କହିଲା, ''ମୁଁ ତ ଭଲା ଅଡୁଆରେ ପଡ଼ିଲି ! ଭାଇ, ହାଟରେ, ବଜାରରେ, ରେସ୍ତୋରାଁରେ କେତେଠି କେତେ ଲୋକ ଫୁସ୍‌ଫାସ୍ ହେଉଛନ୍ତି; କିନ୍ତୁ ସେ ଲୋକଙ୍କୁ ମୁଁ କ'ଣ ଚିହ୍ନେ ଯେ ତାଙ୍କ ନାଆଁ ଗାଆଁ କହିଦେଇ ପାରିବି ! ତେବେ ହଁ, ଆଜି ସକାଳ କଥା । ମୋ ପଡ଼ିଶା ଘର ଚାକରାଣୀଟା ତା ମାଲିକିଆଣୀକୁ ବଜାର ସଉଦା ହିସାବ ବୁଝାଉ ବୁଝାଉ କହିଦେଲା, ''ଫୋକେ ଯଦି ଡଫିନ୍‌କୁ ଚୋରାଇନେବେ, ତେବେ କେତେ ଶସ୍ତାରେ ଅଣ୍ଡା ଖାଇବ...।'' ମାଲିକିଆଣୀ ହାତେ ଲମ୍ବର ଜିଭ କାଢ଼ିଦେଇ କାମୁଡ଼ି ଦେଉ ଦେଉ ଚାକରାଣୀଟାର ମୁହଁ ବନ୍ଦ କରିଦେଲା । ତା କହିବାଟା ଅଧା ରହିଗଲା । କିନ୍ତୁ କାଛ ଏପଟେ ରହି ମୁଁ କଥାର ଅସଲ ଅଂଶଟା ଶୁଣିଦେଲି । ତେବେ, ସେମାନେ ହେଲେ ସାଧାରଣ ଖଟିଖିଆ ଲୋକ । ସେମାନେ କ'ଣ ଆମ ଶତ୍ରୁ ଯେ ତାଙ୍କ ନାଆଁ ଗାଆଁ କହିବି ! ବିଶ୍ୱାସ କର ବା ନକର, ଯାହା ଶୁଣିଥିଲି ତା' କହିଦେଲି...।''

ଶମେତ୍ ଚିନ୍ତାରେ ପଡ଼ିଗଲା । 'ଯଦି ଫୋକେ ଡଫିନ୍‌କୁ ଚୋରାଇ ନେବେ !'– ଏ କଥାଟା ଖାଲି ଗୋଳେଇଘାଣ୍ଟି ହେଲା ତା ମୁଣ୍ଡ ଭିତରେ । ଅସ୍ଫୁଟଭାବରେ ମୁହଁରୁ ବାହାରିପଡ଼ିଲା ''ଫୋକେ ଡଫିନ୍‌କୁ ଚୋରାଇନେଇ କ'ଣ କରିବେ ଭଲା ?''

''ତୁମ କଥା ଶୁଣି ମୋତେ ହସ ମାଡୁଛି, ଭାଇ ।'' କହୁ କହୁ ସତରେ ନିଶବ୍ଦରେ ଟିକିଏ ହସିଦେଲା ଲା– ସ୍ୟାଲ୍ । ହସି ହସି କହିଲା, ''କ'ଣ କରିବେ ? କିଛି ନକରନ୍ତୁ । ଖାଲି ଟିକିଏ ସୀମାପାର କରାଇଦିଅନ୍ତୁ ନା, ସ୍ୱୀଜରଲାଣ୍ଡରେ ପହଞ୍ଚାଇଦେଲେ

Digitized by srujanika@gmail.com

ତ କାମ ସରିଲା । ସେଠାକୁ ବୋଧହୁଏ ଡଫିନ୍‌ର ମାମୁ –ଅଷ୍ଟ୍ରିଆର ସମ୍ରାଟ ମ–ଲୋକ ପଠାଇଥିବେ । ସେହି ଲୋକ ହୁଏତ ଫୋକେଙ୍କ ହାତରେ ଦଶ ପନ୍ଦରଲକ୍ଷ ଧରାଇଦେବେ । ସେହିତକରେ କ'ଣ ଆରାମରେ ଜୀବନ କଟିଯିବନି କି ? ସ୍ୱୀଜରଲାଣ୍ଡର ହ୍ରଦ କୂଳରେ ଭଲକରି ଘରଖଣ୍ଡେ ତୋଳିଦେଇ ରହିଗଲେ ଦରକାର ଆଉ କ'ଣ ଯେ ? ଫୋକେ ସେତେବେଳେ ଏ ଦେଶକଥା ଭୁଲିଯିବେ ।''

''ଦଶ ପନ୍ଦର ଲକ୍ଷ !!'' – ଶୂନ୍ୟ ଦୃଷ୍ଟିରେ ଚାହିଁରହିଲା ଶମେତ୍ । ଲା ସ୍ୟାଲ୍ ଆହୁତି ଦେଇ ଚାଲିଲା– ''ଦଶ ପନ୍ଦରଲକ୍ଷ ସୁନା ମୋହର !!''

ଶମେତ୍ ବିସ୍ମୟରେ ବିଳିବିଳେଇ ହେଲା, ''ଦଶ ପନ୍ଦରଲକ୍ଷ ସୁନା ମୋହର !!''

''ଆହେ, ମାମୁ ଯାହାର ସମ୍ରାଟ, ତାକୁ ଏ ଦେଶରୁ ମୁକୁଳେଇ ନେବାର ପାରିଶ୍ରମିକ କ'ଣ ଦଶ ପନ୍ଦରଲକ୍ଷରୁ କମ୍ ହେବା ଉଚିତ ? ବରଂ ବେଶି ହେବା କଥା । ଫୋକେଙ୍କ ନାଆଁଟା ଉଠିଛି ସତ; କିନ୍ତୁ ଦଶ ପନ୍ଦରଲକ୍ଷ ଲୋଭରେ କେତେ ଲୋକ ଯେ ଏ ଚେଷ୍ଟା କରିବାକୁ ବାହାରିପଡ଼ିବେ ତା'ର ଠିକଣା କ'ଣ ? – ତୁମେ ଭଲା କେତେ ଆଡ଼କୁ ଜଗିବ କହିଲ ?

''ସେଇ କଥା ତ ! ମୁଁ ଗୋଟାଏ ଲୋକ, କେତେ ଆଡ଼କୁ ଆଖି ରଖିବି ବୁଝିପାରୁନି । କିଏ କହିବ, ଆମ ଘର ଭିତରେ ବି ଚୋର ରହିଥିବେ । ନିରାପତ୍ତା ସମିତିର ସଭ୍ୟମାନେ ବି ସୁଯୋଗ ପାଇଲେ ...।'' ଆଉ କଳ୍ପନା କରିପାରିଲାନି ଶମେତ୍ ।

ଲା ସ୍ୟାଲ୍ ତା'ର ବାକ୍ୟ ପୂର୍ଣ୍ଣକରି କହିଗଲା, ''ଛାଡ଼ିବେନାହିଁ, ଛାଡ଼ିବେ ନାହିଁ । ଦଶ ପନ୍ଦରଲକ୍ଷଟି ! କିଛି କମ୍ କଥା ନୁହେଁ ଭାଇ, କିଛି କମ୍ କଥା ନୁହେଁ । ସୁଯୋଗ ଯେଉଁମାନଙ୍କର ଅଛି, ସେମାନେ କ'ଣ ଆଉ ଚେଷ୍ଟା ନ କରି ରହିବେ ? ତେଣୁ ତମେ ଟିକିଏ ସତର୍କ ରହିଥାଅ, ଛାନିଆ ହେଲେ ଚଳିବନାହିଁ ।''

''ଛାନିଆ ହେବିନାହିଁ ମାନେ ? ଆହେ, ମୁଁ ଗୋଟାଏ ବୋକା ବୋଲି ଏ ପର୍ଯ୍ୟନ୍ତ ନିଶ୍ଚିତ ଥିଲି । ଘର ବୁଡ଼ି ପାଣି ଆଣ୍ଠିଏ ହେଲାଣି, ମୁଁ କାଳେ ନିଦକ ହୋଇ ବସିବି । ଦଶ ପନ୍ଦରଲକ୍ଷ !! – ଏଁ ! ଆହେ ଦଶ ପନ୍ଦର ହଜାର ମିଳିଗଲେ ପରା ଏ ସାଇମନ୍ ହିଁ ଡଫିନ୍‌କୁ ଚୋରାଇ ନେଇ ସ୍ୱୀଜରଲାଣ୍ଡରେ ପହଞ୍ଚାଇ ଦେବ, ମୁଁ ଏଗୁଡ଼ାଙ୍କୁ ଚିହ୍ନିନି ?

''ସାଇମନ୍ !''– କହୁ କହୁ ଦାଢ଼ି ଉପରେ ହାତ ମାରି ଆଣିଲା ଲା ସ୍ୟାଲ୍ । ଆଜି ବିଚରା ଖିଅର ହୋଇପାରିନି । ଘରଭଡ଼ା ବାକି ଥିବାରୁ ଘରବାଲୀ ଆଜି ସକାଳେ ଗରମପାଣି ଦେଇନାହିଁ । ଲୋକଟି ଭଲ ! ହଠାତ୍ ଘର୍ ବାହାର କରି ନଦେଇ ପ୍ରଥମେ ଏପରି ସୁଖ ସୁବିଧା ଆଡୁ କାଟି ଆଣେ । ଗର ପାଣି ମିଳିଲାନି ଦେଖି ଲା ସ୍ୟାଲ୍ ଥଣ୍ଡାପାଣିରେ ଖିଅର ହେବାକୁ ବସିଥିଲା; କିନ୍ତୁ ଥଣ୍ଡାପାଣି ବା କାହିଁ ? ରାତିରେ ସବୁ ବରଫ ପାଲଟି ଯାଇଛି । ଭଲକରି ଖରା ନପଡ଼ିବା ଯାଏ ଥଣ୍ଡାପାଣି ବି ନମିଳେ । ଫଳରେ ଆଜି ଦାଢ଼ି ଖିଅର ବନ୍ଦ । ସେ ଗୁଡ଼ ଉପରେ ହାତ ମାରି ମାରି କହିଲା,

Digitized by srujanika@gmail.com

''ସାଇମନ୍ ! ଠିକ୍ ଧରିଛ । ଅଣ୍ଟି ଛୁରୀ ହିଁ ତଣ୍ଟି କାଟେ । ଯେଉଁ ସାଇମନ୍‌କୁ ତୁମେ ଏତେ ବିଶ୍ୱାସ କରୁଛ, ସେହି ଯେପରି ତୁମକୁ ଗାତରେ ପକାଇ ନଦିଏ !''

ଏତିକି କହିଦେଇ ବିଦାୟ ନେବାକୁ ଉଠିପଡ଼ିଲା ଲା ସ୍ୟାଲ୍ । କହିଲା, ''ଯାଉଛି ଭାଇ, ଦ ଭାରିଏର୍‌ଙ୍କ ସଙ୍ଗେ ଦେଖାକରିବାକୁ କହିଥିଲି । ତାଙ୍କ ଝିଅର ଚିତ୍ରଟିଏ ଆଙ୍କିଥିଲି ଯେ ତାଙ୍କଠାରୁ ପାଞ୍ଚଟା ଲୁଇ ପାଇବା କଥା । ଆଜି ତାଙ୍କଠୁ କୌଣସି ପ୍ରକାରେ ପଇସାଟା ଆଣିବାକୁ ପଡ଼ିବ । ଘରଭଡ଼ା ବାକି ରହିଲାଣି ଯେ ଘରବାଲୀ ଆଜି ଗରମପାଣି ଦେଇନି । କାଲି ହୁଏତ କମ୍ବଳ ଖଣ୍ଡିଏ ଦେବା ବନ୍ଦ କରିଦେବ । ରକ୍ଷା ହୋଇଛି, ଏକା ଦିନକେ ଘରୁ ତଡ଼ିଦେଉନି ।

ଶମେତ୍ କିନ୍ତୁ ନଛାଡ଼େ । ଡାହାଣ ହାତ ଟେକି ବସିପଡ଼ିବାକୁ ଅନୁରୋଧ କରୁ କରୁ ବାଆଁ ହାତରେ ପକେଟରୁ ପୁଳାଏ ନୋଟ ବାହାର କରି ପକାଇଲା । ନୋଟଗୁଡ଼ାକ ଟେବୁଲ ଉପରେ ପକାଇଦେଇ ସେଥିରୁ ଗୋଟିଏ ପାଞ୍ଚ ଲୁଇକିଆ ନୋଟ ବାଛି ବଢ଼ାଇଦେଲା ଲା ସ୍ୟାଲ୍ ହାତକୁ । କହିଲା, ''ଭାଇ, ଦ ଭାରିଏର୍‌ଙ୍କ ପାଖକୁ କାଲି ଯିବ । ମୁଁ ଗିଲୋଟିନ୍ ମୁହଁରେ ପଡ଼ିଛି । ତୁମେ ଭାଇ ହୋଇ ଇମିତି ଛାଡ଼ି ପଳେଇବ ନା– ବିପଦଟା ଯେତେବେଳେ ଦେଖାଇଦେଇଛ, ବାଟଟା ଅନ୍ତତଃ କହିଯାଅ ଭାଇ । ମୋ ମୁଣ୍ଡରେ ତ କିଛି ପଶୁନାହିଁ !''

ନୋଟ ଖଣ୍ଡିକ ପକେଟରେ ପୂରାଇଦେଇ ଲା ସ୍ୟାଲ୍ ପୁଣିଥରେ ବସିପଡ଼ିଲା । ବର୍ଗାଣ୍ଡି ବୋତଲଟା ସେପର୍ଯ୍ୟନ୍ତ ଖାଲି ହୋଇନଥାଏ । ବୋତଲରେ ଯାହାକିଛି ବଳିଥିଲା, ସେତକ ନିଜ ଗ୍ଲାସ୍‌ରେ ଢାଳିଦେଇ କିଛି ଉଦରସ୍ଥ କରିଦେଲା । ତା'ପରେ ଟିକିଏ ଖଣ୍ଡିକାଶ ମାରିଦେଇ ପଚାରିଲା, ''ବାଟ ?''

ନୈରାଶ୍ୟରେ ଭାଙ୍ଗିପଡୁଥିବା ଶମେତ୍ କହିଲା, ''ହଁ ଭାଇ, ବାଟ । –ବିପଦରୁ ଉଦ୍ଧାର ପାଇବାର ବାଟ ।''

ଲା ସ୍ୟାଲ୍‌ର ଆଖିରେ ସହାନୁଭୂତି, କଣ୍ଠରେ ଦରଦ । କହିଲା, ''ବାଟ କିଛି ଦେଖାଯାଉନି । କେତେଜଣଙ୍କୁ ତୁମେ ଜଗିପାରିବ କହିଲ ! ଶହେ ଦେଢ଼ଶ' ତ ନୁହେଁ । ଦଶ ପନ୍ଦରଲକ୍ଷ ସୁନା ମୋହର ଟି ! – ଆମ ଫରାସୀ ଦେଶର ଆସାଇନେଟ ନୋଟନୁହେଁ ଭାଇ, ଏ ଭିତରୁ ତ ଶତକଡ଼ା ଅଶି ଭାଗ ନୋଟ ଜାଲ୍ । ଏ ନୋଟ୍‌ର କି ମୂଲ୍ୟ ? କିନ୍ତୁ ସେସବୁ ହେଲା ଖାଣ୍ଟି ସୁନାର ମୋହର– ଅଷ୍ଟ୍ରିଆ ରାଜକୋଷରୁ ନଗଦ ଆମଦାନୀ... ।'' କହୁ କହୁ ଗମ୍ଭୀର ହୋଇ କିଛି ସମୟ ଆଖିବୁଜି ବସିପଡ଼ିଲା ଲା ସ୍ୟାଲ୍ । ତା'ପରେ ଗ୍ଲାସ୍‌ର ବାକିତକ ବର୍ଗାଣ୍ଡି ପିଇଦେଇ ହଠାତ୍ ଜୋର୍‌ରେ ହସିଉଠିଲା ।

ତା'ର ସେ ଦୁଷ୍ଟ ହସ ଦେଖି ଶମେତ୍ ଅବାକ୍ ହୋଇଗଲା । କ୍ଷୋଭ ପ୍ରକାଶ କରି ସେ ପଚାରିଲା, ''ଧେତ୍, ଏସବୁ ହସର ମାନେ କ'ଣ କହିଲ ? ମୋ ବେକରେ ଗିଲୋଟିନ୍‌ର ପନିକି ପଡ଼ିଲାବେଳକୁ ତୁମ ମୁହଁରେ ଏ ହସ ଶୋଭା ପାଉଛି ନା ?''

Digitized by srujanika@gmail.com

ମଣିଷ ଧମକ ପାଇଲେ ଯେପରି ଅଟକିଯାଏ, ସେପରି ଅଟକିଯାଇ ଲା ସ୍ୟାଲ୍ କହିଲା, ‘‘କ୍ଷମା କରିବ ଭାଇ, ସତରେ ମୋ ହସିବାଟା ଉଚିତ ହୋଇନି; କିନ୍ତୁ ତୁମର ଏ ଯେଉଁ ବର୍ଗାଣ୍ଡି ନା; ବଡ଼ ବଢ଼ିଆ ମାଲ ହୋଇଛି । ଏ ଯେଉଁ ଶେଷଢୋକକ ପିଇଦେଲି, ସେତିକିରେ ମୋ ମୁଣ୍ଡଟା ତାଜା ହୋଇଗଲା । ବିଶ୍ୱାସ କର, ଗୋଟାଏ ବାଟ ଦିଶିଗଲା । କେବଳ ସେଇଥିପାଇଁ ମୁଁ ହସିଦେଲି; ଅନ୍ୟ କିଛିନୁହେଁ । ଆମେ ତ ଦେଶରେ ଭଗବାନ୍‌ଙ୍କୁ ମାନୁ ନଥାଇଁ । ନଚେତ୍ ମୁଁ ଭଗବାନ୍‌ଙ୍କ ରାଣ ପକାଇ କହନ୍ତି– ଭାଇ, ଏଇ ବାଟଟା ହିଁ ଧର, ଯା ଛଡ଼ା ଅନ୍ୟ ବାଟ ଆଉ ନାହିଁ । – ଏ ବାଟରେ ବାଧା ବି କିଛି ନାହିଁ ।’’

‘‘କିନ୍ତୁ ସେ ବାଟଟା କ’ଣ ? କୋଉ ବାଟ କଥା ତୁମେ କହୁଛ ?’’– ଅଧୈର୍ଯ୍ୟ ହୋଇ ପଚାରିଲା ଶମେତ୍ ।

‘‘କହୁଛି ।’’ – ପୁଣି ହସିଉଠିଲା ଲା ସ୍ୟାଲ୍ । ଶମେତ୍ ବିରକ୍ତ ହୋଇଉଠିଲା । ହସୁ ହସୁ ହସ ବନ୍ଦ କରିବାର ଅଭିନୟ କରି କରି ଲା ସ୍ୟାଲ୍ ଖଣ୍ଡଖଣ୍ଡିଆ ବାକ୍ୟରେ କହିବସିଲା, ଦଶ ପନ୍ଦରଲକ୍ଷ ମୋହର ଲୋଭରେ ସେ ଯେଉଁ ଦେଶଦ୍ରୋହୀ ଚୋରଗୁଡ଼ାକ ଏ କାମ କରିବାକୁ ବସିଛନ୍ତି, ସେଗୁଡ଼ାକୁ ଫାଙ୍କିଦେବାର ଏକମାତ୍ର ବାଟ ହେଲା...ନି...ଚୋ...ଅ ।’’ – ଶେଷ ଆଡ଼କୁ ପୁଣି ହସିଉଠିବା ଫଳରେ ଅସଂଯତ ହସ ଭିତରେ ତା’ କଥାର ଶେଷ କେତେଟା ପଦ ସ୍ପଷ୍ଟ ଶୁଣାଗଲାନାହିଁ । ତଥାପି ସେଥିରୁ ଯେତିକିଟା ବୁଝିହେଲା, ସେତିକିରେ ଶମେତ୍ ଚମକିପଡ଼ିଲା । ସେ ଚଉକିରୁ ଉଠିପଡ଼ିଲା– ‘‘କ’ଣ ! କ’ଣ କହୁଛ ତୁମେ ଭାଇ ?’’

ଏଥର ଟିକିଏ ସ୍ପଷ୍ଟଭାବରେ ବିଶ୍ୱସ୍ତ କଣ୍ଠରେ ଲା ସ୍ୟାଲ୍ ଶୁଣାଇଦେଲା, ‘‘ସେଇଟାହିଁ ଏକମାତ୍ର ବାଟ ଭାଇ । ଚୋରଙ୍କୁ ଖଡ଼ା ଖୋଇ ପଠାଇଦେବାର ବାଟ ହେଉଛି ନିଜେ ଚୋରି କରିନେବା । ତେଣୁ ଡଫିନ୍‌କୁ ତୁମେ ନିଜେ ଚୋରାଇ ନିଅ ।’’

‘‘ମୁଁ ଚୋରାଇନେବି !!!’’ – ଫଁ । ହୋଇ ବସିପଡ଼ିଲା ଶମେତ୍ ।’’

‘‘ଅଟକାଇବ କିଏ ? ତୁମେ ନିଜେ ଯେତେବେଳେ ଜେଲର୍... ।’’

‘‘ହେଲି ହେ ଜେଲର୍; କିନ୍ତୁ ଡଫିନ୍‌ର ଦେଖାଶୁଣା ପରା ସାଇମନ୍ କରେ । ତା’ ଆଖିରେ ଧୂଳିଦେଇ ମୁଁ ଟୋକାଟାକୁ ଚୋରାଇ ନେଇପାରିବିଟି ? ନେଇକରି ବା ଯିବି କେଉଁଠିକି ?’’

‘‘ଅନ୍ୟମାନେ ଯେଉଁଠିକି ନିଅନ୍ତେ ସେଇଠିକି । ସୀମା ସେପଟକୁ– ସେଠାରେ ଅଷ୍ଟ୍ରିଆ ସମ୍ରାଟଙ୍କର... ।’’

‘‘ଆହେ ରଖ ତୁମ ଅଷ୍ଟ୍ରିଆ ସମ୍ରାଟର ମୋହର । ମୂଳରୁ ମାଇପ ନଥାଉଣୁ, କହୁଛନ୍ତି ପୁଅ ନାଆଁ ଗୋପାଳିଆ । – ଧର ମୁଁ ସାଇମନ୍ ଆଖିରେ ଧୂଳି ଦେଇଦେବି, ଧର ମୁଁ ଟୋକାକୁ ସୀମା ପାର କରାଇଦେବି– ଏପଟେ ମୋ ସ୍ତ୍ରୀ, ମୋ ପୁଅ ଝିଅ– ଏ ସମସ୍ତେ ଯିବେ କେଉଁଠିକି ? ଗିଲୋଟିନ୍‌କୁ ନା ?’’

Digitized by srujanika@gmail.com

''ଧରାପଡ଼ିଲେ ଯିବାଟା ନିଶ୍ଚିତ । କିନ୍ତୁ ଧରାପଡ଼ିବେ କାହିଁକି ? ମନେକର ତୁମେ ନିଜେ ରାଜଧାନୀ ଛାଡ଼ି ଯିବନାହିଁ । ଟୋକାଟାକୁ କୌଣସି ବିଶ୍ୱସ୍ତ ବନ୍ଧୁ ହାତରେ... ?''

''ହଁ, ତା' କଲେ ଚଳିବ; କିନ୍ତୁ ମନେକର ତୁମ ହାତରେ ପଠାଇଦେଲି । ତା'ହେଲେ ସେ ଦଶ ପନ୍ଦରଲକ୍ଷଟା ତୁମେ ପାଇବ । ଆଉ ଏପଟେ ସାଇମନ୍ ଯେତେବେଳେ 'ଡଫିନ୍ ହରଣଚାଳ ହୋଇଗଲା' ବୋଲି ବୋବାଳି ଛାଡ଼ିବ, ସେତେବେଳେ ମୁଣ୍ଡ କଟିବ ମୋର । ଆଃ ! କି ଚମତ୍କାର ବାଟ ବତାଇ ନଦେଉଛ ଭାଇ !!''

ଲା ସ୍ୟାଲ୍ ଦାନ୍ତ ଦେଖାଇ ପୁଣି ଥୋଡ଼ାଏ ହସିଲା । ତା'ପରେ ସମସ୍ତ ଯୋଜନାଟା ଶମେତ୍ ଆଗରେ ଖୋଲିଦେଲା । ମୋଟାମୋଟିରେ ଯୋଜନାଟା ହେଲା ଏଇଆ :

କିଛି ଗୋଟାଏ ଦୋଷର ଦ୍ୱାହି ଦେଇ ପ୍ରଥମେ ସାଇମନ୍‌କୁ ବରଖାସ୍ତ କରିଦିଆଯିବ । ତା' କରିବା କଷ୍ଟ ହେବନାହିଁ । କାରଣ ସରକାର କାହାକୁ ରଖିବେ କାହାକୁ ନରଖିବେ, ସେଇଟା ସରକାରଙ୍କ ବିଚାର; ଅର୍ଥାତ୍ ଶମେତ୍ ଉପରେ ନିର୍ଭର କରେ; କିନ୍ତୁ ତା' ସ୍ଥାନରେ ତ ଦିନେ ଓଳିଏ ଭିତରେ ଅନ୍ୟ ଲୋକ ରଖିହେବନାହିଁ । ସେପରି ବିଶ୍ୱସ୍ତ ଲୋକ ନମିଳିବା ପର୍ଯ୍ୟନ୍ତ ସରକାର, ମାନେ ଶମେତ୍ ଜାଗାଟିକୁ ଖାଲି ରଖିପାରନ୍ତି । ଦୁଇଚାରିଦିନ ଡେରି ହୋଇଗଲେ ବି କେହି ସନ୍ଦେହ କରିବାର କିଛିନାହିଁ । ସେ ଦୁଇଚାରିଦିନ ଡଫିନ୍‌ର ଦେଖାଶୁଣାପାଇଁ ଶମେତ୍‌କୁ ବାରମ୍ବାର ତା' ଘରକୁ ଯିବାକୁ ପଡ଼ିବ ଏବଂ ସେଇ ଅବସରରେ ତାକୁ ଅଫିମ ଖୁଆଇ ଅଜ୍ଞାନ କରିଦିଆଯିବ । ଅଜ୍ଞାନ ଅବସ୍ଥାରେ ତାକୁ ବାକ୍‌ସରେ ଭରି କରି ଜେଲ୍ ହତା ବାହାରକୁ ପଠାଇଦେଲେ କାମ ସରିଲା । ତା' ବୋଲି ଡଫିନ୍‌ର ଘରଟା ଯେ ଖାଲିପଡ଼ିବ, ସେପରି ନୁହେଁ । ଠିକ୍ ଡଫିନ୍ ପରି ଦେଖାଯାଉଥିବା ଟିକିଏ ସରଳିଆ ମୁହଁ, କହରା ବାଳ, ଚଉଡ଼ା ନାକ ଆଠନଅ ବର୍ଷର ଗେଡ଼ାଳିଆ ପିଲାଟିଏ ଆଣି ଡଫିନ୍ ଜାଗାରେ ରଖିଦେବାକୁ ପଡ଼ିବ କିନ୍ତୁ ହଁ, ସେ ଟୋକାଟା ଯେପରି କାଲା ଆଉ ବୋବା ହୋଇଥିବ; ଯା' ଫଳରେ କି ସେ ନିଜର ପରିଚୟ ଦେଇ ହଲ୍ଲା କରିପାରିବନାହିଁ । ଏ ଭିତରେ ଅସଲ ଡଫିନ୍‌କୁ ବାହାରେ କେଉଁଠି ଲୁଚାଇ ରଖିବାକୁ ପଡ଼ିବ ।

ତା'ପରେ ସାଇମନ ଜାଗାରେ ଯେଉଁ ନୂଆଁ ଲୋକଟାକୁ ନିଯୁକ୍ତ କରାଯିବ, ସେ ସେହି କାଲାଟାକୁହିଁ ଡଫିନ୍ ବୋଲି ଭାବିନେବ– କାରଣ ସେ ତ ଆଉ ଡଫିନ୍‌କୁ ଆଗରୁ କେବେ ଦେଖିନାହିଁ । ସେ ଲୋକ ନିଯୁକ୍ତ ହେବା ପରେ ପରେ ଶମେତ୍ ସପ୍ତାହେ ଛୁଟି ନେଇଯିବ । ଛୁଟି ଭିତରେ ଡଫିନ୍‌କୁ ନେଇ ସୀମା ପାର ହୋଇଯିବାରେ ବାଧା ଆସିବ କାହିଁକି ? ଅନ୍ୟ କେହି ଯିବା ଦରକାର ନାହିଁ । ନିଜେ ଶମେତ୍ ଯାଇ ଅଷ୍ଟ୍ରିଆ ସମ୍ରାଟଙ୍କ ଲୋକଠାରୁ ଦଶ ପନ୍ଦର ଲକ୍ଷ ହାତପଇଠ କରିନେବ । ଛୁଟି ପରେ ପ୍ୟାରିକୁ ଫେରି ଶମେତ୍ ଆଉ ଜେଲର୍ ଚାକିରିରେ ନରହିବା ଭଲ । କିଛି ଗୋଟିଏ ଆଳ ଦେଖାଇ ସପରିବାର ସ୍ୱୀଜରଲାଣ୍ଡ ଚାଲିଗଲେ ଆରାମରେ ଜୀବନ କଟିଯିବ ।

Digitized by srujanika@gmail.com

ଯୋଜନାର ଟିକିନିଖି ବର୍ଣ୍ଣନା ଶୁଣୁ ଶୁଣୁ ଶମେତ୍ ନିଜେ ବୋକା ପାଲଟିଯାଇଥିଲା । ଲମ୍ବା ଯୋଜନା; କିନ୍ତୁ ନିଖୁଣ । ଭାଗ୍ୟ ଯଦି ବାମ ନହୁଏ, ତେବେ ଫଳ ନିଶ୍ଚୟ ଫଳିବ । କାଳା ବୋବା ପିଲାଟିଏ, ସାଇମନ୍ ତ ବରଖାସ୍ତ ହୋଇଥିବ; ଗୋଡ଼ରେ କାଦୁଅ ଲାଗିବାର ମୋଟେ ଭୟନାହିଁ । ଅନେକ ସମୟ ପରେ ଶମେତ୍ ପାଟିରୁ କଥା ବାହାରିଲା । ଲା ସ୍ୟାଲ୍ ଯୋଜନା ବାଢ଼ି ଚାଲିଥିଲାବେଳେ ଟେବୁଲ୍‌କୁ ଆଉ ବୋତଲରେ ବର୍ଗାଣ୍ଡି ଆସିଯାଇଥିଲା । ଅଧଗ୍ଲାସେ ବର୍ଗାଣ୍ଡି ପିଇ ଦେଉ ଦେଉ ଶମେତ୍ ପାଟିରୁ କଥାପଦେ ବାହାରିପଡ଼ିଲା, ''ସେପରି କାଲା ବୋବା ପିଲାଟିଏ ପାଇବା କେଉଁଠୁ ?''

''ମତେ ଯଦି ସତରେ ସାନ ଭାଇ ବୋଲି ଭାବୁଛ, ତେବେ ସେ ଦାୟିତ୍ୱଟା ମୋ ଉପରେ ଛାଡ଼ିଦିଅ । ସହରତଳି ବସ୍ତିରେ କେତେକିସମର ପିଲା ବୁଲୁଛନ୍ତି । ତା' ବୟସର କହରାବାଳିଆ କାଲାଟିଏ ମିଳିବନାହିଁ ନା ?? ମୁଁ ସେତକ ଖୋଜିଦେବି । ତୁମ ହାତକୁ ଯେତେବେଳେ ଦଶ ପନ୍ଦରଲକ୍ଷ ଆସିଯିବ, ସେତେବେଳେ ମୋ କଥା ଟିକିଏ ମନେପକେଇଲେ ହେଲା । ବେଶି ନାହିଁ, ଗୋଟାଏ ଲକ୍ଷ ମୋ ଆଡ଼କୁ ଫୋପାଡ଼ିଦେଲେ ଯଥେଷ୍ଟ । ମୋ ଅଭାବ କଥା କ'ଣ ଆଉ ତୁମକୁ ଅଜଣା ଅଛି ? ଗରମପାଣି ଟିକିଏ ମିଳିଲାନି ବୋଲି ପରା ମୁଁ ଆଜି ଦେଖୁଛ ଦାଢ଼ି ଖିଅର ହୋଇପାରିନି– ବଡ଼ିମା ଦେଖାଇ ଲାଭ କ'ଣ ??''

## ତିନି : କାଠଘୋଡ଼ାର କାରସାଦି

ତିନିଦିନର ପରର କଥା । ସମିତି ବୈଠକ ସାରି ସଦସ୍ୟମାନେ ଯେ ଯାହା ଘରକୁ ଫେରୁଛନ୍ତି । ଫାଟକ ପାର ହେଉ ହେଉ ଲା ସ୍ୟାଲ୍ ଶମେତ୍‌ର କୋଟ ବୋତାମ ଟାଣିଧରିଲା । କାନ ପାଖରେ କହିଦେଲା, ''ମିଳିଗଲା ।''

''କ'ଣ ?'' ହଠାତ୍ କିଛି ବୁଝିପାରିଲାନାହିଁ ଶମେତ୍ । କ'ଣ ଇମିତି ମିଳିଗଲା ଯେ ଲା ସ୍ୟାଲ୍ ତାକୁ ରାସ୍ତା ଉପରେ ଟାଣିଧରି କହିପକାଉଛି ?

''କହରାବାଳିଆ କାଲା ଜଡ଼ାଟାଏ ମ– ବଦଳ କରିବାପାଇଁ ।''

ଶମେତ୍‌ର ଛାତି ଭିତରଟା ଦାଉଁକିନା ପଡ଼ିଗଲା । ଗଲା ତିନିଦିନ ଧରି ସେ ଆଗପଛ ହୋଇ ଅନେକ ଭାବିଛି, ଦଶ ପନ୍ଦରଲକ୍ଷ; ପରିମାଣର ବି ଗୋଟାଏ ପ୍ରଲୋଭନ ରହିଛି । ଲା ସ୍ୟାଲ୍ ବା କି ଭୁଲ କହିଛି ? ଭଉଣୀକୁ ଗିଲୋଟିନ୍ ମୁହଁରୁ ଖସାଇବା ଲାଗି ଅଷ୍ଟ୍ରିଆ ସମ୍ରାଟ ଚେଷ୍ଟା କରିଥିଲେ, ପାରିଲେନାହିଁ । ସେହିଦିନୁ ଗୋଟିଏ ଜିଦ୍ ଧରିଛନ୍ତି, ଖର୍ଚ୍ଚ ଯେତେ ପଡ଼ିଲେ ପଡୁ, ଭଣଜାକୁ ସେ ଉଦ୍ଧାର କରିନେବେ । ସେଇଥିପାଇଁ ଏତେ ଦେଣନେଣରେ ସନ୍ଦେହ କରିବାର ଆଦୌ କିଛି ନାହିଁ । ତଥାପି ସେପଟେ ପ୍ରଲୋଭନକୁ ଏପଟେ ବିପଦ । ରୋବସ୍‌ପିୟର ଯେଉଁ ଲୋକ ନା, ଧରାପଡ଼ିଗଲା ମାନେ ପିଲାଛୁଆ

Digitized by srujanika@gmail.com

ସମସ୍ତଙ୍କୁ ନେଇ ଗିଲୋଟିନ୍‌ରେ ପୂରାଇଦେବ। କିନ୍ତୁ ଘଟଣାଟା ଯିମିତି ହୋଇ ଠିଆହେଲାଣି, ଯେତେ କରଛଡ଼ା ଦେଇ ରହିଲେ ବି ଗୋଡ଼ରେ ଯେ କାଦୁଅ ନଲାଗିବ, ତା' ନୁହେଁ। ଡଫିନ୍‌କୁ ଯଦି ଅନ୍ୟମାନେ ଚୋରାଇନେବେ, ସେହି ଫୋକେ ନହେଲେ କାହିଁକି– ତେବେ ସେମାନଙ୍କୁ ଖୋଜି ବାହାର କରିବାକୁ ନିଶ୍ଚୟ ସମୟ ଲାଗିବ। କିନ୍ତୁ ତା' ଆଗରୁ ଶମେତ୍‌ର ମୁଣ୍ଡଟାକୁ ଗିଲୋଟିନ୍‌ରେ କାଟିଦିଆ ଯାଇଥିବ; ସେଥିରେ ଆଉ ସନ୍ଦେହ ନାହିଁ; ସେଥିପାଇଁ ଡେରି ବି ହେବନାହିଁ। ଦୋଷ ନକରି ମଧ୍ୟ ଯଦି ଗିଲୋଟିନ୍‌ରେ ପଶିବାକୁ ପଡ଼ିବ, ଦୋଷ କରି ଗୋଟିଏ ସୁଯୋଗ ନ ନିଆଯିବ କାହିଁକି ?? ଭାଗ୍ୟ ଯଦି ସଳଖ ଅଛି, ଏକା ଖେପାକେ ଦଶ ପନ୍ଦରଲକ୍ଷ ମିଳିଯିବ। ତଥାପି ନିଆଁ ଭିତରକୁ ଡେଇଁବା ଦୁଃସାହସ ହେବନାହିଁ ତ ?

ଏପରି ଭାବି ଭାବି ଏଥିରେ ଆଗେଇବ ନା ପଛେଇବ, କିଛି ଠିକ୍ କରିପାରି ନଥିଲା ଶମେତ୍। ଭାବୁଥିଲା, ବଦଳ କରିବାପାଇଁ ଆଗେ ପିଲାଟିଏ ମିଳୁ, ତା'ପରେ ଦେଖିବା। ବଦଳ ପିଲାଟିକୁ ଜେଲ୍ ଘରେ ନରଖିଲେ ତ ଡଫିନ୍‌କୁ କାଢ଼ିହେବନାହିଁ। କେତେଦିନ ଗଡ଼ିଯାଉଛି ଯାଉ। ଏତିକିବେଳେ ଲା ସ୍ୟାଲ୍‌ର ଏ ସମ୍ବାଦ ନକଲି ଡଫିନ୍ ହେବାପାଇଁ କହରାବାଳିଆ କାଲା ଜଡ଼ାଟାଏ ମିଳିଗଲା।

ଶମେତ୍ ଚିନ୍ତାରେ ପଡ଼ିଗଲା। ଯାହାକିଛି କରିବାକୁ ପଡ଼ିବ, ଏଥର ତାକୁହିଁ କରିବାକୁ ପଡ଼ିବ। ଲା ସ୍ୟାଲ୍ କଥାଟାକୁ ଆହୁରି ଟିକିଏ ଆଗେଇଦେଲା, ''ତୁମେ ଥରେ ଆସି ନିଜେ ଦେଖିଯାଅ; ମୋରି ଘର ପାଖରେ ଅଛି ମ ! ନଦେଖିବାଯାଏଁ ମନରେ ସାହସ ଆସିବନାହିଁ।''

ସତକଥା, ଆପେ ନମଲେ ସ୍ୱର୍ଗ ଦେଖିହେବନାହିଁ। ତା' ବାସିଦିନହିଁ ଶମେତ୍ ଯାଇ ଲା ସ୍ୟାଲ୍ ଘରେ ପହଞ୍ଚିଗଲା। ଲା ସ୍ୟାଲ୍ ରାସ୍ତା କରରେ ଠିଆ ହୋଇଥିବା ଗୋଟିଏ ପିଲାକୁ ଦେଖାଇଦେଲା। ପିଲାଟି ହାତରେ ଧରିଛି ଗୋଟିଏ ଭଙ୍ଗା ଟୋପି, ବେକରେ ଝୁଲୁଛି ଖଣ୍ଡିଏ ଟିଣ ପଟି। ସେଥିରେ ଲେଖାହୋଇଛି, 'ମୁଁ ମୂକ ଓ ବଧିର, ମତେ କିଛି ସାହାଯ୍ୟ କରନ୍ତୁ।' ଦେଖାଗଲା, ସେବାଟ ଦେଇ ଯାଉଥିବା ଲୋକଙ୍କ ଭିତରୁ କେହି କେହି ତା' ଟୋପିରେ ପଇସେ ଅଧଲେ ପକାଇଦେଇ ଯାଉଛନ୍ତି। ଶମେତ୍ ବି ଯାଇ ଦି'ପଇସା ପକାଇଦେଲା। ଦେଲାବେଳେ ଲକ୍ଷ୍ୟ କରିନେଲା, ପିଲାଟିର ବୟସ ଆଠନଅବର୍ଷ ହେବ। ମୁଣ୍ଡବାଳ ନାଲିଆ କହରା, ନାକଟା ଚଉଡ଼ା, ଠିକ୍ ଡଫିନ୍ ଭଳି ହୋଇଛି; କିନ୍ତୁ ବାଳଗୁଡ଼ାକ ଲମ୍ବ ନୁହେଁ। ଡଫିନ୍ ବାଳ ତ କାନ୍ଧଯାଏ ପଡ଼ିଛି। ସେ ମୁଣ୍ଡ କୁଣ୍ଡାଇବାବେଳେ ଶମେତ୍ ଦେଖିଛି, ତା'ର ଗୋଟାଏ କାନ ଆର କାନଠାରୁ ଟିକିଏ ଲମ୍ବା। ସେହି ଅସମାନତାକୁ ଲୁଚାଇବାକୁ କି କ'ଣ, ପିଲାଟିଦିନୁ ତା' ମୁଣ୍ଡବାଳ ଲମ୍ବାକରି କଟାଯାଏ; କିନ୍ତୁ ଏ ଟୋକାଟାର ବାଳ ସେତେ ଲମ୍ବାନୁହେଁ। ଅବଶ୍ୟ ବାକି ସବୁ ଠିକ୍ ଅଛି।

Digitized by srujanika@gmail.com

ଲା ସ୍ୟାଲ୍‌କୁ ସେ ଦୋଷଟା ଦେଖାଇଦେଲା । କିନ୍ତୁ ଲା ସ୍ୟାଲ୍ କହିଲା, ''ଏ ଟୋକାଟା ତ କିଛିଦିନ ଆମ ଦାୟିତ୍ୱରେ ରହିବ । ବାଳ ନକାଟିଲେ ବଢ଼ିଯିବ ।''

ଶମେତ୍ ଆଶ୍ୱସ୍ତ ହେଲା । କହିଲା, ''ଠିକ୍ କଥା; କିନ୍ତୁ ଏ ଟୋକାର ବାପ ମାଆ ?''

''ଏଇଟା ଯଦି ଚଳିବ, ସେକଥା ଦେଖିନେବା । କିଣିନେବାକୁ ପଡ଼ିବ । ତେଣୁ ତୁମେ ଯଦି କହିବ, ମୁଁ ସେକଥା ବୁଝିବି ।''

ଶମେତ୍‌ର ଲୋଭ ଦାନା ବାନ୍ଧିଲା । କହିଲା, ''ଚଳିଯିବ । ତା' ବାପା ମାଆ ରାଜି ହେଲେ ମୋର ଆପତ୍ତିନାହିଁ ।''

ସେହିଦିନ ରାତିରେହିଁ ଲା ସ୍ୟାଲ୍ ତା' ବାପାମାଆଙ୍କଠାରୁ ପିଲାଟିକୁ କିଣି ପକାଇଲା । ପାଞ୍ଚଟା ଲୁଇରେ ସେମାନେ ପିଲାଟିକି ବିକିଦେଲେ । ଭାବିଲେ ଗୋଟାଏ ଗଳଗ୍ରହ ଗଲା । ଲା ସ୍ୟାଲ୍ ପିଲାଟିକୁ ନେଇ ପହଞ୍ଚାଇଦେଲା ଦ ବ୍ୟାଜ୍‌ଙ୍କ ଘରେ । ଦ ବ୍ୟାଜ୍ ଯେ ତାକୁ କେଉଁଠି ରଖି ତା'ର ଦେଖାଶୁଣା କଲେ, ତାହା ଲା ସ୍ୟାଲ୍ ବି ଜାଣିପାରିଲାନାହିଁ । ଏ ଯେଉଁ କାରବାର ଚାଲିଥିଲା, ଏହା ପଛରେ ତାଙ୍କର ହାତହିଁ ତ କାମ କରୁଥିଲା !

ବଦଳ କରିବାଲାଗି ପିଲାଟିଏ ମିଳିଗଲା ଦେଖି ଶମେତ୍ ଭାରି ଖୁସି । ଏଡ଼େ ସହଜରେ କାମ ହାସଲ ହୋଇଯିବ ବୋଲି ସେ ଭାବିନଥିଲା । ମୂଳଦୁଆଟା ଯେତେବେଳେ ଦମ୍ଭରେ ପଡ଼ିଗଲାଣି, ଗଢ଼ିବାକୁ ଆଉ କେତେ ? ଦିନେ ବର୍ଷା ଅନ୍ଧାର ରାତି ଦେଖି ଏ ପିଲାଟିକୁ ନେଇ ଡଫିନ୍ ଜାଗାରେ ଶୁଆଇଦେଲେ ସରିଲା । ସେହି ରାତାରାତିହିଁ ଡଫିନ୍‌କୁ ନେଇ ସୀମା ପାର୍ ହୋଇଯିବ । କାମଟା ଆଉ ସେତେ କଠିନ ମନେହେଲାନାହିଁ । ଶମେତ୍ ଅଣ୍ଟାଭିଡ଼ି ବାହାରିପଡ଼ିଲା ।

ହଁ । ଆଗ ଏ ସାଇମନ୍ ସ୍ୱାମୀ-ସ୍ତ୍ରୀଙ୍କୁ ବିଦାୟ କରିବାକୁ ପଡ଼ିବ । ଏଥିପାଇଁ କ'ଣ କରିବାକୁ ହେବ ବୋଲି ଭାବୁ ଭାବୁ ତାକୁ ଗୋଟିଏ ବୁଦ୍ଧି ଦିଶିଗଲା । ସଙ୍ଗେ ସଙ୍ଗେ ସେ ଏକ ରିପୋର୍ଟ ଲେଖି ନିରାପତ୍ତା ସମିତିକୁ ପଠାଇଦେଲା । ରିପୋର୍ଟରେ ସାଇମନ୍ ବିରୁଦ୍ଧରେ ପଦଟିଏ ବି ନଥାଏ; ଥାଏ ବରଂ ତା'ର ପ୍ରଶଂସା ।

କଥା କ'ଣ କି, ରାଜପରିବାରର ତତ୍ତ୍ୱ ନେବାଲାଗି ପ୍ରଥମେ ଶମେତ୍‌ହିଁ ସାଇମନ୍‌କୁ ବାଛିଥିଲା । ଅବଶ୍ୟ ବିଧିବଦ୍ଧ ନିଯୁକ୍ତିପତ୍ର ଦେଇଥିଲା ନିରାପତ୍ତା ସମିତି । ସେତେବେଳେ ତାକୁ ଗୋଟିଏ ବର୍ଷ ପାଇଁ ଅସ୍ଥାୟୀ ନିଯୁକ୍ତି ଦିଆଯାଇଥିଲା । ଡଫିନ୍‌କୁ ଅଲଗା ରଖିବା ପରଠାରୁ ସାଇମନ୍ କେବଳ ତା'ରି ତତ୍ତ୍ୱ ନେଉଛି । ଏ ଭିତରେ ଚାରିବର୍ଷ ବିତିବାକୁ ବସିଲାଣି, କିନ୍ତୁ ତା' ନିଯୁକ୍ତିଟା ପ୍ରତିବର୍ଷ ନବୀକରଣ କରାଯାଉଛି ସିନା, ତାକୁ ସ୍ଥାୟୀ ନିଯୁକ୍ତି ଦିଆଯାଇନାହିଁ । ଆଉ ପନ୍ଦରଟା ଦିନ ପରେ ଚାରିବର୍ଷ ପୂରିଗଲେ ତା' ନିଯୁକ୍ତିଟାକୁ ପଞ୍ଚମଥରପାଇଁ ନବୀକରଣ କରାଯିବ । ଏହି କଥାରେ ଶମେତ୍‌ର ଆପତ୍ତି । ସେ ତା' ରିପୋର୍ଟରେ ଆପତ୍ତି ଉଠାଇଲା ଯେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଜଣେ ଲୋକକୁ ଏତେ ଦୀର୍ଘ ସମୟ ରଖିବା ଠିକ୍ ହେବନାହିଁ । କାରଣ ମଣିଷ ପ୍ରଥମେ ଭଲ ଥାଏ; କିନ୍ତୁ

Digitized by srujanika@gmail.com

କର୍ମକ୍ଷେତ୍ରରେ ବ୍ୟକ୍ତିଗତ ସମ୍ପର୍କ ଘନିଷ୍ଠ ହୋଇଗଲେ ଭଲ ମଣିଷ ବି କ୍ରମେ ଖରାପ ହୋଇଯାଏ । ଏକା ସ୍ଥାନରେ ଅନେକ ଦିନ ରହିଗଲେ ବ୍ୟକ୍ତିଗତ ସମ୍ପର୍କ ବଢ଼ିଯାଏ । ତେଣୁ ମଝି ମଝିରେ ବଦଳି ଆବଶ୍ୟକ । ବଦଳିଟା ଗୋଟିଏ ଦରକାରୀ ଅନିଷ୍ଟ । ରାଜପରିବାର ସହିତ କାହାର ବ୍ୟକ୍ତିଗତ ସମ୍ପର୍କ ବଢ଼ାଇବା ସାଧାରଣତନ୍ତ୍ର ପକ୍ଷରେ ବିପଦ । ତେଣୁ ଲୁଇ କ୍ୟାପେଟଙ୍କର ଦେଖାଶୁଣା କରିବା ଲାଗି ସମିତି ଜଣେ ନୂଆ ଲୋକ ନିଯୁକ୍ତ କରନ୍ତୁ । ସାଇମନ୍ ଯୋଗ୍ୟ ଲୋକ । ତାକୁ ରାଷ୍ଟ୍ର ସେବାରେ ଅନ୍ୟ କେଉଁଠି ନିଯୁକ୍ତ କରାଯାଉ ।

ଲୁଇ କ୍ୟାପେଟ ହେଲା ଲୁଇ ଚାର୍ଲସ୍ ଓରଫ ଡଫିନ୍‌ର ଏକ ବ୍ୟଙ୍ଗ ନାମ । ରାଜତନ୍ତ୍ରକୁ ପରିହାସ କରି ସାଧାରଣତନ୍ତ୍ରୀମାନେ ଏ ଭିତରେ ତାଙ୍କୁ ଏହି ନୂତନ ରାଜପଦବୀ ଦେଇଥାନ୍ତି । ସେ ଯାହାହେଉ ଶମେତ୍‌ର ଯୁକ୍ତି ଅକାଟ୍ୟ । ନିରାପତ୍ତା ସମିତିର ସଦସ୍ୟମାନେ ସେଥିରେ ଅମତ ହୋଇପାରିଲେନାହିଁ । ଫଳରେ ସେଇ ରିପୋର୍ଟ ଉପରେ ସିଦ୍ଧାନ୍ତ ନେବା ଲାଗି ସମିତିର ବୈଠକ ବସିଲା । ଲା ସ୍ୟାଲ୍ ସଦସ୍ୟ । ଶମେତ୍ ବି ସଦସ୍ୟ । ସମସ୍ତେ ବସି ଆଲୋଚନା କଲେ । ଆଲୋଚନାକୁ ସାଇମନ୍‌କୁ ମଧ୍ୟ ଡକାଯାଇଥାଏ । ଆଲୋଚନା ଶେଷରେ ପ୍ରସ୍ତାବ କରାଗଲା ଯେ ଏ ପନ୍ଦରଦିନ ପରେ ଚାରିବର୍ଷ ପୂରିଗଲେ ସାଇମନକୁ ଏ ଦାୟିତ୍ୱରୁ ବିଦାୟ ଦିଆଯିବ । କିଛି ଗୋଟିଏ ନୂଆ ନିଯୁକ୍ତି ନଦିଆଯିବା ପର୍ଯ୍ୟନ୍ତ ତାକୁ ତା'ର ପୂରା ଦରମା ମିଳିବ; ରହିବାପାଇଁ ଖଣ୍ଡେ ଘର ମଧ୍ୟ ମିଳିବ । ସାଇମନ୍ ସ୍ଥାନରେ ନିଯୁକ୍ତ କରିବାଲାଗି ଶମେତ୍ ଜଣେ ନୂଆ ଲୋକ ବାଛିବ ଏବଂ ସେପରି ଲୋକ ନମିଳିବା ପର୍ଯ୍ୟନ୍ତ ସମିତିର ଚାରିଜଣ ସଦସ୍ୟ ପାଳିକରି ସେ ଦାୟିତ୍ୱଟି ତୁଲାଇବେ । ପ୍ରସ୍ତାବ ଚିଠା କରିବା ପରେ ସାଇମନ୍‌ର ମତାମତ ପଚରାଗଲା; କିନ୍ତୁ ସେ ବିଚରା ଆଉ କହିବ କ'ଣ ? ଦରମା ତ ମିଳିବ । ଘର ଖଣ୍ଡେ ମଧ୍ୟ ମିଳିବ । ବିନା ଦରଖାସ୍ତରେ ଏ ଭିତରେ କିଛିଦିନ ଛୁଟି ମଧ୍ୟ ମିଳିଯିବ । ସେ ଆଉ କ'ଣ ବୋଲି ଆପତ୍ତି କରିବ ? ସରକାରୀ ଚାକିରିରେ କ'ଣ ଆଉ ବଦଳି ହୁଅନ୍ତାନାହିଁ କି ? ତେଣୁ ସେ ଚୁପ୍ ରହିଲା ଏବଂ 'ମୌନ ସମ୍ମତି ଲକ୍ଷଣଃ' ସୂତ୍ରରେ ଧରିନିଆଗଲା ଯେ ସେ ଏଥିରେ ସମ୍ମତ । ଫଳରେ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଗଲା । ଗୋଟିଏ ବଡ଼ କାମ ହାସଲ ହୋଇଗଲା ଭାବି ଲା ସ୍ୟାଲ୍‌କୁ ଆଖିମାରିଦେଇ ଶମେତ୍ ଘରକୁ ଯିବାକୁ ବାହାରିପଡ଼ିଲା । ସଦସ୍ୟମାନେ ବୈଠକ ଭାଙ୍ଗି ଯେ ଯାହା କାମରେ ଚାଲିଲେ ।

ସମିତି ଅଫିସଟା ଦୋତାଲା ଉପରେ । ଦୋତାଲାକୁ ଦୁଇଟି ସିଡ଼ି । ଗୋଟିଏ କେବଳ ସଦସ୍ୟମାନଙ୍କ ବ୍ୟବହାରପାଇଁ, ଅନ୍ୟଟି ସ୍ୱତନ୍ତ୍ରଭାବେ ଡକାଯାଇଥିବା ପକ୍ଷଙ୍କପାଇଁ । ସେହି ଦ୍ୱିତୀୟ ସିଡ଼ି ଦେଇ ସାଇମନ୍ ଫେରିଲା । ମନରେ ସୁଖ ନାହିଁ । ସମିତି ଆଗରେ ଆପତ୍ତି କରିବାପାଇଁ ନ୍ୟାଯ୍ୟ କାରଣ କିଛି ନଥିଲା ସତ, କିନ୍ତୁ ଏଠିକା ସୁଖ ସୁବିଧା କ'ଣ ଅନ୍ୟ ସ୍ଥାନରେ ମିଳିବ ? ଏଠାରେ ତ କାମ ବୋଲି କିଛି ନଥିଲା । ବରଂ ଅପୁତ୍ରିକ ଜୀବନରେ ରଜାପୁଅକୁ ପାଳିବାର ସୁଖ ମିଳୁଥିଲା । ସମିତି ଯଦି ତାକୁ ନେଇ କେଉଁ

Digitized by srujanika@gmail.com

ମଫସଲରେ କି ଜଙ୍ଗଲରେ ପକାଇଦେବେ, ତେବେ ଜୀବନଟା ମାଟି ହୋଇଗଲା ଜାଣ । ତେଣୁ ସେ ଶମେତ୍ ଉପରେ ମନେ ମନେ ବିରକ୍ତ; ଖାଲି ରକ୍ତଚାଉଳ ଚୋବାଇ ହେଉଛି; କିନ୍ତୁ ଅଜାଗା ଘାଆ କାହାକୁ ଦେଖାଇବ ? ମୁହଁ ଶୁଖାଇ ଆସି ରାସ୍ତାରେ ପହଞ୍ଚିଯିବା ବେଳକୁ ଦେଖିଲା, ଆଗରେ ଠିଆହୋଇଛି ଲା ସ୍ୟାଲ୍ । ସମବେଦନା ଜଣାଇ ଲା ସ୍ୟାଲ୍ ଆସି ତା' କାନ ପାଖରେ କହିଦେଲା, ''ବଡ଼ ଅନ୍ୟାୟ ହୋଇଗଲା, ମଉସା । ପ୍ରତିବାଦ କରିବାକୁ ସାହସ ପାଇଲିନାହିଁ, ବଡ଼ ଖରାପ ସମୟ ପଡ଼ିଛି । ଗଛରୁ ପାଚିଲା ପତ୍ର ଝଡ଼ିବାକୁ ବରଂ ବେଳ ଲାଗିବ, ମଣିଷର ମୁଣ୍ଡ କଟିବାକୁ ବେଳ ଲାଗିବନାହିଁ । ମୁଁ କେବଳ ସେଇଥିପାଇଁ କିଛି କହିପାରିଲିନାହିଁ ।''

ଲା ସ୍ୟାଲ୍ ସହିତ ସାଇମନ୍‌ର ପରିଚୟ ସାମାନ୍ୟ, ପୂର୍ବରୁ ଥରେ ଅଧେ କଥାଭାଷା ହୋଇଥିବ, ତଥାପି ଆଜିର ଏ ବିପର୍ଯ୍ୟୟ ବେଳରେ ସହାନୁଭୂତିବୋଳା କଥା ପଦେ ଶୁଣିଦେଇ ସାଇମନ୍ ଭାବିଲା, ଏ ଅସତ୍ ଦୁନିଆରେ ସତ୍ ଲୋକ ବୋଲି ଯଦି କେହି ଥାଏ ତେବେ ସେ ହେଉଛି ଏହି ଲା ସ୍ୟାଲ୍ । ତେଣୁ ତା' ଆଗରେ ଭିତରର କୋହଟା ଟିକିଏ ଖାଲି କରିଦେଲେ ମନଟା ଅନ୍ତତଃ ଟିକିଏ ହାଲୁକା ଲାଗିବ । ଫଳରେ ଅନ୍ତରର ଜ୍ୱାଳାକୁ ସେ ଲା ସ୍ୟାଲ୍ ଆଗରେ ଅଜାଡ଼ିଦେଲା, ''ଏ ଯେଉଁ ଶମେତ୍, ଇଏ କି କାମ କରୁଛନ୍ତି କହିଲେ ? ରଜା ପୁଅକୁ କିପରି ମଣିଷ କରିବାକୁ ହେବ ସେ ନିର୍ଦ୍ଦେଶ ଦିଅନ୍ତି ସିଟିଜେନ୍ ରୋବସ୍‌ପିୟର; ଆଉ ନିର୍ଦ୍ଦେଶ ଅନୁସାରେ କାମ କରେ ମୁଁ ଓ ମୋ ସ୍ତ୍ରୀ । ସେ କାମ ଇଏ ନା ଯାଙ୍କ ଚଉଦ ପୁରୁଷ କରିପାରନ୍ତେ ? ଲୁଇ କ୍ୟାପେଟ ସେଦିନ ତାଙ୍କ ମାଆଙ୍କ ବିରୁଦ୍ଧରେ ଯେଉଁ ସବୁ ସାକ୍ଷ୍ୟ ଦେଲେ, ସେଗୁଡ଼ାକ ତ ଆପଣ ନିଜେ ବସି ଚିତ୍ର ଆଙ୍କୁ ଆଙ୍କୁ ଶୁଣିଛନ୍ତି । ମୁଁ ପଚାରୁଛି, ମୁଁ ଯଦି ଦିନରାତି ଲାଗି ତାଲିମ ଦେଇନଥାନ୍ତି; ତେବେ କ'ଣ ସେ କାମ ଯାଙ୍କଦେଇ ହୋଇପାରିଥାନ୍ତା ?''

ସାଇମନ୍ କହିଚାଲିଥାଏ । ଲା ସ୍ୟାଲ୍ ମୁଣ୍ଡ ଟୁଙ୍ଗାରି ଟୁଙ୍ଗାରି ମୌନ ସମ୍ମତି ଜଣାଇ ଚାଲିଥାଏ । ବକ୍ତବ୍ୟ ଶେଷରେ ଟିକିଏ ଅଧିକା କ୍ରୋଧ ଉଦ୍‌ଗାରଣ କରି ସାଇମନ୍ କହିଲା, ''ବୁଝିବେ-ବୁଝିବେ; ବାପଧନ ଏଥର ବୁଝିବେ, କାହାକୁ ଯେ ଆଣି ମୋ ଜାଗାରେ ରଖିବେ, ସେକଥା ସେହି ଶମେତ୍ ଜାଣନ୍ତି; କିନ୍ତୁ ସେ ଲୋକ ଯେ ରାଜତନ୍ତ୍ରୀ ହୋଇନଥିବ, ସେକଥା କିଏ କହିବ ? ଆପଣ କହୁନାହାନ୍ତି ? – ତା'ର କିଛି ଠିକଣା ଅଛି ?''

ଏଥର ଲା ସ୍ୟାଲ୍ ଟିକିଏ ଜୋର୍‌ରେ ମୁଣ୍ଡ ଟୁଙ୍ଗାରିଦେଇ କହିଲା, ''କିଛି ଠିକଣାନାହିଁ; କିଛି ଠିକଣାନାହିଁ । ଯଦି ସେ ଲୋକ ରାଜତନ୍ତ୍ରୀ ହୋଇଥାଏ ନା, ତେବେ ଏ ମୂର୍ଖମାନେ ଦେଶଟାକୁ ନେଇ ନର୍କରେ ପକାଇଦେବେ ଜାଣିଥାଅ ।... କିନ୍ତୁ ଆମେ ସିନା ଏପରି ଭାବୁଥାଉଁ, ସେମାନେ ଆମଠାରୁ ବେଶି ଚାଲାକ୍ ବି ହୋଇଥାଇପାରନ୍ତି । ମୋର ତ କାହିଁକି ମନେହେଉଛି କିଛି ଗୋଟାଏ ଖରାପ ମତଲବ ରଖି ଶମେତ୍ ଏତିକି ବେଳଟାରେ ତୁମକୁ ଟେମ୍ପେଲ୍‌ରୁ ବିଦାୟ କରିଦେଉଛି ।''

Digitized by srujanika@gmail.com

''ଖରାପ ମତଲବ !!... ଆପଣ ଠିକ୍ ଠଉରେଇଛନ୍ତି ସିଟିଜେନ୍; ଏ ଭିତରେ ନିଶ୍ଚୟ କିଛି ଏକ ଖରାପ ମତଲବ ରହିଛି । ମତଲବଟା ଯେ କ'ଣ ତାହା ବୁଝିପାରୁ ନାହିଁ; କିନ୍ତୁ ଗୋଟିଏ କଥା ଦେଖୁନାହାନ୍ତି– ଦି'ଦିନ ତଳେ ଯେଉଁ ଲୋକ ମୁହଁରୁ ମୋର ପଦେ ପ୍ରଶଂସା ବାହାରୁ ନଥିଲା, ଆଜି ହଠାତ୍ ସେ ମୋ ପ୍ରଶଂସାରେ ଫାଟିପଡୁଛନ୍ତି ? ସେହିଥିରୁ... ।''

ଠିକ୍ ସମୟ ଦେଖି ଲା ସ୍ୟାଲ୍ ସାଇମନ ମୁହଁରୁ କଥା ଛଡ଼ାଇନେଲା, ''ସେହିଥିରୁ ବୁଝୁଥିବ, ମଉସା, ସେହିଥିରୁ ବୁଝୁଥିବ । ସହରରେ ସେପଟେ ଗୋଟେ ଗୁଜବ ଉଠିବାକୁ, ଶମେତ୍ ଏପଟେ ଏ କାମ କରିଦେଲେଣି । ତୁମେ ଶୁଣିନା କି ? ସାଙ୍ଘାତିକ କଥା ପରା; ବେଶିନାହିଁ ଏ ଦିନେ ଦି'ଦିନ ହେଲା କଥାଟା ଉଠିଛି ହେ ! ଅବଶ୍ୟ ଶମେତ୍ ନାଆଁ ଧରି କେହି କିଛି କହୁନାହାନ୍ତି । ଲୋକଙ୍କ ମୁହଁରେ କେବଳ ଟାଲୋର କନ୍‌ସଲ୍ ଫୋକେଙ୍କ ନାଆଁ... ।''

''ଫୋକେ !!! କି ଗୁଜବ ସିଟିଜେନ୍ ? ଦିନେ ଦି'ଦିନ ଭିତରେ ଗୁଜବ ଉଠିଛି ?? ଏ ମେହେକାଳ ଫଳ ଶମେତ୍‌ଙ୍କର ବି ସେଥିରେ ସମ୍ପର୍କ ???...'' ସାଇମନ୍ ଅସ୍ଥିର ହୋଇ ପ୍ରଶ୍ନ ଉପରେ ପ୍ରଶ୍ନ ପଚାରିବସିଲା ।

ଲା ସ୍ୟାଲ୍ ଠିକ୍ ସେଇଆ ଚାହୁଁଥିଲା । ଲୋକଟାକୁ ଯେତେ ଛାନିଆ କରିଦେବ, ତା' ଉପରେ ହାତମୁଠାଟା ସେତେ ଟାଣ ହୋଇଯିବ । ତେଣୁ ପଦେ ଅଧେ କରି କହୁ କହୁ, ଇଚ୍ଛା ନଥିବା ପରି ଅଙ୍ଗେଇ ଅଙ୍ଗେଇ କହୁ କହୁ ସେ ସବୁକଥା ଶୁଣାଇଦେଲା–

ଲୁଇ କ୍ୟାପେଟଙ୍କୁ ଜଗୁ ଜଗୁ ତ ସାଇମନ୍‌ର ଦିନ ଯାଉଛି, ହାଟ ବଜାରରେ ଲୋକେ କ'ଣ କହୁଛନ୍ତି, ସେସବୁ ଶୁଣିବାକୁ ତାଙ୍କର ବେଳ କାହିଁ ? ଗୁଜବଟାଏ ଉଠିଛି, ଫୋକେଙ୍କ ନାଆଁରେ ଗୁଜବଟା ଉଠିଛି– ସେ କାଳେ ଲୁଇ କ୍ୟାପେଟଙ୍କୁ ଟେମ୍ପଲ୍ ଜେଲରୁ ଚୋରାଇ ନେବାକୁ ମସୁଧା କରୁଛନ୍ତି । ଅଷ୍ଟ୍ରିଆ ସମ୍ରାଟ୍ ଲୁଇ କ୍ୟାପେଟର ମାମୁ ହେବେନାହିଁ କି ? ସେହି ମାମୁ କାଳେ ଦଶ ପନ୍ଦରଲକ୍ଷ ମୋହର ବଦଳରେ ଭଣଜାଙ୍କୁ ମୁକୁଳାଇ ନେବାକୁ ଚାହାନ୍ତି । ଯେ ଚୋରାଇନେବ; ସେ ଧନଟାକୁ ପାଇବ । ଏହା ସହିତ ଶମେତ୍‌ଙ୍କ ସମ୍ପର୍କଟା ଠଉରେଇବା କଥା– ହୁଏତ ଫୋକେଙ୍କର ଅଂଶୀଦାର ହୋଇଥାଇପାରନ୍ତି । ଦଶ ପନ୍ଦରଲକ୍ଷ ତ କିଛି କମ୍ କଥା ନୁହେଁ ।

ଏତକ ଶୁଣି ଦେଉ ଦେଉ ସାଇମନ୍ ହତଭମ୍ବ ହୋଇଗଲା । ତା' ପାଟିରୁ ବାହାରିପଡ଼ିଲା, ''କ'ଣ କହୁଛନ୍ତି !!''

''କ'ଣ ଆଉ କହିବି ? ମତେ କାହିଁକି ଲାଗୁଛି, ଏଥିରେ ନିଶ୍ଚୟ ଶମେତ୍‌ର ଗୋଟିଏ ଅଂଶ ଅଛି । ନଥିଲେ କି ଠିକ୍ ଏତିକିବେଳକୁ ତୁମ ପରି ପୋଖତ ଲୋକକୁ ସେଠାରୁ ହଟାଇଦେବାକୁ ସୁପାରିସ କରନ୍ତା ! ବୁଝିପାରୁନା କି ? ଆହେ, ତୁମେ ଲୁଇ କ୍ୟାପେଟକୁ ଜଗିଥିବାଯାଏଁ ସେ କ'ଣ ତାକୁ ସେଠାରୁ ଘୁଞ୍ଚାଇପାରିବ ? ସେଇଥିପାଇଁ ଯଥାଶୀଘ୍ର ତୁମକୁ ସେଠାରୁ ହଟାଇଦେଲେ ଯାଏ । ସେ କମ୍ ଖଣ୍ଡେ ନୁହେଁ ତ ।''

Digitized by srujanika@gmail.com

''ଆପଣଙ୍କ ଅନୁମାନ ଠିକ୍ !'' – ଚିନ୍ତିତ ହୋଇ ସାଇମନ୍ କହିଲା । କିଛି ସମୟ ନୀରବ ରହିବା ପରେ ଦୀର୍ଘନିଃଶ୍ୱାସ ମାରି ସେ କହିଲା, ''ଅବଶ୍ୟ ଲୁଇ କ୍ୟାପେଟ ଯାଇ ତାଙ୍କ ମାମୁଙ୍କ ଘରେ ପହଞ୍ଚିଗଲେ ମୋର ଆପତ୍ତି କରିବାର କିଛି ନାହିଁ । କିଛି ଭାବିବେନାହିଁ ସିଟିଜେନ୍, କଥାପଡ଼ିଛି ବୋଲି କହିଦେଉଛି । ଚାରିବର୍ଷ ଧରି ପିଲାଟାକୁ କାଖର କୋଳର କରି ଚଳାଇବା ଫଳରେ ମୋର କାହିଁକି ତା' ପ୍ରତି ଗୋଟାଏ ସ୍ନେହ ଚାଲିଆସିଥିଲା । ମୋ ସ୍ତ୍ରୀ ତ ତାକୁ ଜନମକଲା ପୁଅ ପରି ଭଲପାଏ । ତେଣୁ ପିଲାଟା ଯାଇ ତା' ମାମୁଘରେ ରହିଲେ ଆମର ବରଂ ଖୁସି । ମୁଁ କେବଳ ମୋ ନିଜ କଥା ଭାବୁଛି । ମତେ ଯଦି କେଉଁ ଜଙ୍ଗଲକୁ କି ମଫସଲକୁ ପଠାଇଦେବ, ତେବେ ସେ କାମକୁ ମୁଁ ପାରିବିନାହିଁ । ମତେ କେବଳ ସେହି କଥା ଘାରୁଛି । ମୋର ଗୁଡ଼ାଏ କ୍ଷତି ହୋଇଯିବ !'' – କଥା କହିସାରି ପୁଣି ଏକ ଦୀର୍ଘ ନିଃଶ୍ୱାସ ମାରିଲା ସାଇମନ୍ ।

କିନ୍ତୁ ତା' ଦୀର୍ଘନିଃଶ୍ୱାସ ସରିଛି କି ନାହିଁ, ଲା ସ୍ୟାଲ୍ ଗୋଟାଏ ଦୁଷ୍ଟ ହସ ହସିଦେଲା– ଶମେତ୍ ଅଫିସରେ ବର୍ଗାଣ୍ଡି ଖାଉ ଖାଉ ଯେପରି ହସିଥିଲା, ଠିକ୍ ସେପରି ହସ । ସେ ହସର ତାତ୍ପର୍ଯ୍ୟ ବୁଝିନପାରି ସାଇମନ୍ ଅବାକ୍ ହୋଇଗଲା । ଭାବିଲା, ଲୋକଟା ପାଗଳ ହୋଇଗଲା ନା କ'ଣ ? ଏଭିତରେ ହସଟାକୁ କୌଣସି ପ୍ରକାରେ ଅଟକାଇଦେଇ ଆଖିମିଟିକା ମାରି ମାରି ଲା ସ୍ୟାଲ୍ କହିଲା, ''ମଉସା, ବୋଧହୁଏ ମୋ ହସ ଦେଖି ତୁମେ ଅବାକ୍ ହୋଇଗଲ । ସତରେ ଗୋଟିଏ ହସ କଥା ମନେପଡ଼ିଗଲା । ଧର ତୁମେ ଯଦି– ହଁ ମ, ତୁମେ ଯଦି ନିଜେ ଇଏ...କର ?'' କହୁ କହୁ ପୁଣି ହସରେ ଭାଙ୍ଗିପଡ଼ିଲା ଲା ସ୍ୟାଲ୍ ।

ସାଇମନ୍ ଆଖିରେ ପ୍ରଶ୍ନ । 'ଇଏ...କର'ର ମାନେ କ'ଣ ? ମାନେ ଜାଣିବାକୁ ସେ ଚାହିଁରହିଲା । ହସ ବନ୍ଦ କରିଦେଇ ଲା ସ୍ୟାଲ୍ କହିଲା, ''ମାନେ, ସେମାନେ ପାଗ ବାନ୍ଧୁ ବାନ୍ଧୁ ତୁମେ ଯଦି କଟିରି ବରଖାସ୍ତ କରିଦିଅନ୍ତ, ତେବେ ଆଉ ମଫସଲକୁ ଯିବାକୁ ପଡ଼ନ୍ତାନାହିଁ କି ଜଙ୍ଗଲକୁ ଯିବାକୁ ପଡ଼ନ୍ତାନାହିଁ । ଏ ଚାକିରି ମୁହଁକୁ ବି ଚାହିଁବା ଦରକାର ପଡ଼ନ୍ତାନାହିଁ । ସ୍ୱୀଜରଲାଣ୍ଡ କି ଇଂଲଣ୍ଡ କି ଇଟାଲୀ ପଳାଇଯାଇ ସେଠାରେ କୌଣସି ହ୍ରଦ କୂଳରେ ସୁନ୍ଦର ଖଣ୍ଡିଏ ଘର ତୋଳିଦେଇ ଗୋଡ଼ ଉପରେ ଗୋଡ଼ ପକାଇ ଆରାମରେ ଦିନ କଟିଯାଆନ୍ତା । ସତେ ମ, ତୁମେ ଯଦି ସେଇଆ କରନ୍ତ କିମିତି ହୁଅନ୍ତା ? ଏଁ, କହୁନା !''

ସାଇମନ୍‌ର ଆଖି ଦୁଇଟା ଉଜ୍ଜ୍ୱଳ ହୋଇଗଲା । ପାଟି ଭିତରେ ଲାଳ ଜମିଗଲା । ତଥାପି ଆଖି ନୁଆଇଁନେଇ ସେ କହିଲା, ''ହ୍ରଦ କୂଳରେ ଘର, ଗୋଡ଼ ଉପରେ ଗୋଡ଼ ଥୋଇ ଆରାମ– କ'ଣ ଯେ ଆପଣ କହୁଛନ୍ତି !'' – ଲୋଭ ସହିତ ଭୟ ଗ୍ରାସ କଲା ସାଇମନ୍‌କୁ । ସନ୍ଦେହ ଭିତରେ ଆତ୍ମସମର୍ପଣ କରିଦେଇ ସେ କହିଲା, ''ମୋ ପରା ଲୋକ ଭାଗ୍ୟରେ... ?''

Digitized by srujanika@gmail.com

ଲା ସ୍ୟାଲ୍ ଭରସା ଦେଇ କହିଲା, ''ଆହେ, ସେମାନେ ବି ତ ପୁଣି ସେହି ଲୋଭରେ ଏକାମ କରିବାକୁ ବାହାରିଛନ୍ତି !''

''ସେମାନେ ? ମାନେ ଫୋକେ ? ଶମେତ୍ ?''

''ମୁଁ ତା' କହିପାରିବିନାହିଁ । ଗୁଜବଟା ଫୋକେଙ୍କ ନାଆଁରେ ଉଠିଛି । କିନ୍ତୁ ତୁମକୁ ଯେପରି ଭାବରେ ଟେମ୍ପଲରୁ ବାହାର କରିଦିଆଗଲା, ସେଥିରୁ ମୁଁ ଅନୁମାନ କରୁଛି ଯେ ଶମେତ୍ ବି ତାଙ୍କ ସହିତ ସମ୍ପୃକ୍ତ । ତେବେ କଥା ହେଉଛି ଲୁଇ କ୍ୟାପେଟଙ୍କୁ ଯେକେହି ଚୋରିକରି ନେଉ ନା କାହିଁକି, ସେ ଚୋରି କରିବ କେବଳ ସେହି ଲୋଭରେ । ନା ନୁହେଁ ?? ମୁଁ କାହିଁକି ହସିଲି କି, ଏ ଚୋରିଟା କରିବାକୁ ତୁମର ଯେତିକି ସୁବିଧା ଅଛି ଅନ୍ୟ କାହାରି ସେତିକି ସୁବିଧାନାହିଁ । କାରଣ ଏପର୍ଯ୍ୟନ୍ତ ରାଜକୁମାର ତୁମରି ଦାୟିତ୍ୱରେ ଅଛନ୍ତି । କ'ଣ ବୁଝିପାରୁଛଟି ?''

ଲା ସ୍ୟାଲ୍ ଲକ୍ଷ୍ୟ କଲା, ଏ ପ୍ରସ୍ତାବ ଶୁଣି ସାଇମନର ଗୋଡ଼ ହାତ ଠକ୍ ଠକ୍ ହୋଇ ଥରୁଛି ।

ସେଦିନ ଏତିକି ।

କିନ୍ତୁ ତା' ପରଦିନଠାରୁ ସାଇମନ୍ ଓ ଲା ସ୍ୟାଲ୍ ଭିତରେ ସ୍ତର ସ୍ତର ହୋଇ ଆଲୋଚନା ଚାଲିଲା । ଶମେତ୍ ଓ ଲା ସ୍ୟାଲ୍ ଭିତରେ ଯେପରି ଆଲୋଚନା ଚାଲିଥିଲା, ଠିକ୍ ସେପରି ଆଲୋଚନା । ଶମେତ୍ ଥୋପ ଗିଳିଥିଲା, ସାଇମନ୍ ବି ଥୋପ ଗିଳିଲା । ଶମେତ୍ ଭାବିଲା ଲା ସ୍ୟାଲ୍‌ହିଁ ତା'ର ଏକମାତ୍ର ବିଶ୍ୱସ୍ତ ବନ୍ଧୁ । ସାଇମନ୍ ଭାବିଲା ତା' ମଙ୍ଗଳ ବିଷୟରେ ଲା ସ୍ୟାଲ୍ ଯେତେ ଭାବୁଛି, ଦୁନିଆରେ ଅନ୍ୟ କେହି ସେତେ ଭାବୁନାହିଁ । ଏଥର ଶମେତ୍ ସହିତ ଶମେତ୍ ଘରେ ଆଲୋଚନା ଚାଲିଲା; ସାଇମନ୍ ସହିତ ଆଲୋଚନା ଚାଲିଲା ପୂର୍ବ ନିର୍ଦ୍ଧାର୍ଯ୍ୟ ଅନୁଯାୟୀ କେଉଁଦିନ ନଈ କୂଳରେ ତ କେଉଁଦିନ ପାର୍କରେ, କେଉଁଦିନ ବା ନଟରଡାମ୍ ଗିର୍ଜାରେ— ପ୍ରତିଦିନ ନୂଆ ନୂଆ ସ୍ଥାନରେ ।

ଏପଟେ ଶମେତ୍ ସହିତ ସ୍ଥିର କରାଗଲା ଯେ ସାଇମନ କାମରୁ ବାହାରିଯିବା ପରେ ଦିନେ ଅନ୍ଧାର ରାତି ଦେଖି ସେହି କାଲା ଜଡ଼ା ପିଲାଟିକୁ ଆଣି ଡଫିନ୍ ଖଟରେ ଶୁଆଇ ଦିଆଯିବ ଏବଂ ସେହିରାତିରେ ଡଫିନକୁ ଆଣି ଲା ସ୍ୟାଲ୍ ଘରେ ରଖିଦିଆଯିବ । କାଲାଟା ଯେପରି ଏ କିଛିଦିନ ଧରି ତା' ଦାୟିତ୍ୱରେ ରହିଛି, ଡଫିନ୍ ସେପରି ଦିନେ ଓଳିଏ ଲା ସ୍ୟାଲ୍ ଦାୟିତ୍ୱରେ ରାହିବ । ସାଇମନ୍ ସ୍ଥାନରେ ନୂଆଲୋକ ନିଯୁକ୍ତ ହୋଇଯିବା ସଙ୍ଗେ ସଙ୍ଗେ ଶମେତ୍ ଛୁଟିନେଇ ସ୍ୱୀଜରଲାଣ୍ଡ ପଳାଇବ; ଡଫିନ୍‌କୁ ଗୋଟିଏ ଝିଅ ବେଶରେ ସାଙ୍ଗରେ ନେଇଯିବ । ଲା ସ୍ୟାଲ୍ ବି ସଙ୍ଗରେ ଥିବ । ଦରକାରବେଳେ ସାହାଯ୍ୟ କରିବ ଏବଂ ଦଶ ପନ୍ଦରଲକ୍ଷ ଯାହା ମିଳିବ, ସେଥିରୁ ନିଜ ପାଉଣାଟା ନେଇଆସିବ ।

ଏପଟେ ଦିନେ ସାଇମନ୍‌କୁ ଘରକୁ ଡାକିନେଇ ଲା ସ୍ୟାଲ୍ ତାକୁ ସେ କାଲାଜଡ଼ା ପିଲାଟିକୁ ଦେଖାଇଦେଲା । ସାଇମନ୍ ଜାଣିପାରିଲାନାହିଁ ଯେ ସେହି ପିଲାଟିକୁ ଶମେତ୍

Digitized by srujanika@gmail.com

ବି ଦେଖିଯାଇଛି ଏବଂ ପିଲାଟି ଦ ବ୍ୟାଜ୍‌ଙ୍କ ଘରେ ରହି ବଢୁଛି । ସେ ବଦଳ କରାଯିବାପାଇଁ ସ୍ଥିର ହୋଇଥିବା ପିଲାଟିକୁ ଦେଖି ସନ୍ତୁଷ୍ଟ ହେବା ପରେ ତାକୁ ବୁଝାଇଦିଆଗଲା ଯେ ଯେଉଁଦିନ ସାଇମନ୍‌ର ଚାକିରି ସରିବ, ସେହିଦିନ ସନ୍ଧ୍ୟାବେଳକୁ ଲା ସ୍ୟାଲ୍ ଘରଠାରୁ ଗୋଟିଏ ଠେଲାଗାଡ଼ି ଆସିବ । ଲା ସ୍ୟାଲ୍ ନିଜେ ଗାଡ଼ିବାଲା ବେଶରେ ଆସିଥିବ । ସେ ଗାଡ଼ିରେ ରହିଥିବ ଏକ ବଡ଼ କାଠ ଘୋଡ଼ା; ଘୋଡ଼ା ପେଟ ଭିତରେ ସେ କାଲା ଜଡ଼ା ପିଲାଟି ଶୋଇଥିବ । ତାକୁ ଡଫିନ୍ ଖଟରେ ଶୁଆଇଦେଇ ସେହି ଗାଡ଼ିରେ ଡଫିନ୍‌କୁ ଲୁଚାଇ ନେଇ ଆସିବାକୁ ପଡ଼ିବ ।

ଲା ସ୍ୟାଲ୍ ଯେ ଏଭିତରେ ଏତେ ଜାଲ ବିଛାଇଦେଇଛି; ତାହା ନିଜେ ଦ ବ୍ୟାଜ୍ ଜାଣିନଥାନ୍ତି । ଯାହାହେଉ ଉଭୟ ପକ୍ଷକୁ ନିଶ୍ଚିନ୍ତ କରିଦେଇ ଲା ସ୍ୟାଲ୍ ନିର୍ଦ୍ଦିଷ୍ଟ ଦିନପାଇଁ ଅପେକ୍ଷା କରି ବସିଲା । ଶେଷରେ ମୁଣ୍ଡରୁ ଚାରିବର୍ଷର ଗୁରୁଦାୟିତ୍ୱ ଓହ୍ଲାଇଦେଇ ସାଇମନ୍ ଟେମ୍ପଲ୍ ଜେଲ୍‌ଖାନାରୁ ବିଦାୟ ନେବାର ଦିନ ଆସି ପହଞ୍ଚିଗଲା । ତା'ଠାରୁ ଦାୟିତ୍ୱ ବୁଝିନେବା ଲାଗି ସେଦିନ ସନ୍ଧ୍ୟାବେଳକୁ 'ଜନ ନିରାପତ୍ତା ସମିତି'ର ଚାରିଜଣ ସଦସ୍ୟ ଆସି ପହଞ୍ଚିଗଲେ । କିପରି କ'ଣ ଦାୟିତ୍ୱ ଦିଆନିଆ ହେବ, ତାହା ଲା ସ୍ୟାଲ୍‌ର ପରାମର୍ଶ ଅନୁସାରେ ଶମେତ୍ ଠିକ୍ କରିଦେଇଥାଏ । ଚାରିଜଣ ଏକାଠି ଦାୟିତ୍ୱ ନେବେ; କିନ୍ତୁ ସାଇମନର କାମଟିକୁ ଦୁଇ ଦୁଇ ଜଣ ପାଳିକରି କରିବେ ।

ହଁ, ସଦସ୍ୟ ଚାରିଜଣ ଆସି ସାଇମନ୍ ଘରେ ପହଞ୍ଚିଗଲେ । ରାଜପରିବାରର ଲୋକେ କଏଦୀ ହୋଇ ରହିଥିବା ଘରଟି ତ ଗୋଟିଏ ତିନିତାଲା କୋଠା । ଉପର ତାଲାରେ ରହନ୍ତି ରାଜକୁମାରୀ ମେରୀ ଥେରେସ୍ ଓ ରାଜଭଗିନୀ ଏଲିଜାବେଥ୍ । ସେମାନଙ୍କର ଦେଖାଶୁଣା କରୁଥିବା ଦାସୀମାନେ ବି ସେଠାରେ ରହନ୍ତି । ମଝି ତାଲାରେ ଲୁଇ ଚାର୍ଲସ୍ ଓ ତା' ଦାୟିତ୍ୱରେ ରହିଥିବା ସାଇମନ୍ ପରିବାର ରହନ୍ତି । ତଳ ତାଲାଟା ଅଫିସ୍ ଓ ଗୋଦାମ । ମଝି ତାଲାରେ ଲୁଇ ଚାର୍ଲସ୍‌ର ରହିବା ଘର ଓ ଖେଳିବା ଘର ଏପରି ଦୁଇ ବଖରା ଏବଂ ସାଇମନ୍ ପରିବାରପାଇଁ ଦୁଇ ବଖରା— ମୋଟ ଚାରି ବଖରା ଘର ଥାଏ । ତଳ ତାଲାରେ ବଖୁରିଏ ଅଫିସ୍ ଘର ଛାଡ଼ିଦେଲେ ବାକିସବୁ ଗୋଦାମଘର । ସଦସ୍ୟ ଚାରିଜଣ ଆସିଯିବା ସଙ୍ଗେ ସଙ୍ଗେ ସାଇମନ୍ ସେମାନଙ୍କୁ ଅଫିସ୍ ଘରେ ବସାଇଦେଇ ଚର୍ଚ୍ଚା ଆରମ୍ଭ କରିଦେଲା । ସେମାନଙ୍କପାଇଁ ଆଚ୍ଛା କରି ଖାନାପିନାର ବନ୍ଦୋବସ୍ତ କରିଥାଏ । ବାହାରେ ଝିପିଝିପି ହୋଇ ବର୍ଷା ପଡୁଥାଏ । ଗରମ ଗରମ ଭଜାଭଜି ସାଙ୍ଗକୁ ସୁଆଦିଆ ଚଟଣି ସଦସ୍ୟମାନଙ୍କପାଇଁ ବଡ଼ ରୁଚିକର ହୋଇଥାଏ । ସେମାନେ ଖାଉ ଖାଉ ସାଇମନ୍ ନିଜ କାହାଣୀ କହିବସିଲା । କହୁ କହୁ ଜଣାଇଦେଲା, ''ଯାହାହେଉ ସିଟିଜେନ୍‌ଗଣ, ଏତେଦିନକେ ମୋ ମନୋବାଞ୍ଛା ପୂର୍ଣ୍ଣ ହେଲା । ସିଟିଜେନ୍ ଶମେତ୍‌ଙ୍କ ଦୟାରୁ ମୁଁ ଏଥର ରାଜକାର୍ଯ୍ୟରୁ ଅବସର ନେଇ ଇଟାଲୀରେ ଯାଇ ରହିଯିବି । ସେ ଇଚ୍ଛାଟା ମୋର ଅନେକ ଦିନରୁ ରହିଥିଲା ।''

Digitized by srujanika@gmail.com

ଏହା ଶୁଣି ଜଣେ ସଦସ୍ୟ କହିଲେ, ''ମୁଁ ଶୁଣିଥିଲି ତୁମକୁ କାଳେ ଆଉ ଗୋଟିଏ ଦାୟିତ୍ୱରେ ରଖିବାର ଆୟୋଜନ ଚାଲିଛି; ତୁମେ ଅବସର ନେବା କଥା କ'ଣ କହୁଛ ??''

''ହଁ ଆଜ୍ଞା, ଆୟୋଜନ ଚାଲିଛି ସତ; କିନ୍ତୁ ମୋର ଆଉ ଇଚ୍ଛା ହେଉନି । ବୁଝୁନାହାନ୍ତି ? – ଆମେ ତ ମାମୁ ମାଇଁ ଦି ପ୍ରାଣୀ । ଆମର ଖର୍ଚ୍ଚବାର୍ଚ୍ଚ ବି ବିଶେଷ ସେପରି ନାହିଁ । ଯାହା ଦି' ପଇସା ସଞ୍ଚିଛି, ସେଥିରେ ବାକି ଜୀବନଟା କୌଣସି ପ୍ରକାରେ କଟିଗଲେ ଯାଏ । ଏତେଦିନ ଧରି ଦେଶସେବା କଲି । ଯଦି ସେ ସେବାର ଆଉ ପ୍ରୟୋଜନନାହିଁ, ତେବେ ଆଉ କାହିଁକି ?''

ସଦସ୍ୟମାନେ ଭାବିଲେ ସାଇମନ୍ କେବଳ ଅଭିମାନରେ ଏସବୁ କଥା କହୁଛି । କିନ୍ତୁ ସାଇମନ୍‌ର ଉଦ୍ଦେଶ୍ୟ ହେଲା କୌଣସିପ୍ରକାରେ କାଳକ୍ଷେପ କରିବା । ଲା ସ୍ୟାଲ୍ ନଆସିବା ପର୍ଯ୍ୟନ୍ତ ସେ ସଦସ୍ୟମାନଙ୍କୁ ନେଇ ଲୁଇ କ୍ୟାପେଟ୍ ଓରଫ ଡଫିନ୍‌କୁ ଚିହ୍ନାଇଦେଇପାରୁନାହିଁ । ରାତି ସେପଟେ ଅନ୍ଧାର ହୋଇ ଆସିଲାଣି । ବର୍ଷାର ଜୋର୍ ବି ବଢ଼ିଗଲାଣି । ସାଇମନ୍ ତା' ଗପ କହିଚାଲିଛି, ଏତିକିବେଳେ ଜଣେ ଠେଲାଗାଡ଼ିବାଲା ଆସି ଅଫିସ୍ ଦୁଆର ମୁହଁରେ ତା' ଗାଡ଼ି ଲଗାଇଦେଲା । ପଚାରିଦେଲା, ''ହୋ ବାବୁ, ଏ ଘୋଡ଼ା କୋଉଠି ରହିବ ?'' କଣ୍ଠସ୍ୱରରୁ ଜଣାପଡୁଥାଏ, ଲୋକଟା ଭାରି ତୀଖା ସ୍ୱଭାବର; ନହେଲେ କି ଆସୁ ଆସୁ ଇମିତି ରଡ଼ି ଛାଡ଼ନ୍ତା ? ତେବେ ସଦସ୍ୟମାନେ ଦେଖିଲେ, ବର୍ଷା ଯେପରି ପଡୁଛି, ଏଥିରେ ଓଦା ହୋଇଗଲେ ଭଲଲୋକ ବି ଚିଡ଼ିବ । ଏ ତ ସହଜେ ଠେଲାଗାଡ଼ିବାଲା ।

ଘୋଡ଼ା ଆସିଛି ଶୁଣି ସଦସ୍ୟମାନେ କୌତୂହଳରେ ଝରକା ବାହାରକୁ ଚାହିଁଲେ । ଦେଖାଗଲା ଠେଲାଗାଡ଼ିରେ ଗୋଟିଏ ବଡ଼ କାଠଘୋଡ଼ା ଶୋଇଛି । ସେମାନଙ୍କର କୌତୂହଳ ଦେଖି ସାଇମନ୍ ବୁଝାଇଦେଲା, ''ସେହି ଲୁଇ କ୍ୟାପେଟ ଖେଳିବେ ବୋଲି କାଠ ଘୋଡ଼ାଟାଏ ଆସିଛି ଆଜ୍ଞା । ସେ ଯାହା ହୁକୁମ ଦେଉଛନ୍ତି, ଆମେ ତାହା ପାଳନ କରୁଛୁ । ଆମେ ଆଜି ବି ବୋର୍ବୋ ଶାସନ ଅଧୀନରେ ରହିଛୁ ଜାଣନ୍ତୁ ।'' ତା'ପରେ ସେ ଗାଡ଼ିବାଲାକୁ ଲକ୍ଷ୍ୟ କରି କହିଲା, ''ଆରେ ବାପ, ସିଡ଼ି ବାଟଦେଇ ଗାଡ଼ିଟାକୁ ଉପରକୁ ଉଠାଇଦେ । ଟିକିଏ ଠେଲିଦେଲେ ଚାଲିଯିବ ମ ! ଉପରେ ମୋ ସ୍ତ୍ରୀ ଅଛନ୍ତି, ଓହ୍ଲେଇଦେବେ ।... ଆଉ ଶୁଣ୍, ମାଲ ଖଲାସ କରିଦେଇ ଚାଲିଯିବୁନାହିଁ । ଆସିଛୁ ଯେତେବେଳେ ଆମ ଜିନିଷପତ୍ର ଗଣ୍ଡାକ ବି ନେଇଯିବୁ; ମୁଁ ଆଉ ବର୍ଷାରେ ଦୋସରା ଗାଡ଼ି ଖୋଜିବାକୁ ଯାଇପାରିବିନାହିଁ ।''

ଗାଡ଼ିବାଲା ବିରକ୍ତି ପ୍ରକାଶ କରି କହିଲା, ''ଆଃ ! ଦୋତାଲା ଉପରକୁ ଫେରେ ଗାଡ଼ି ଠେଲିବାକୁ ପଡ଼ିବ ?''

ତାକୁ ଆଶ୍ୱାସନା ଦେଇ ସାଇମନ୍ କହିଲା, ''ଆରେ, କାମକୁ ଚାହିଁ ମଜୁରି ପାଇବୁ ମ ! ଇଏ କ'ଣ ବୋର୍ବୋ ଅମଳ ହୋଇଛି ଯେ ତତେ କିଏ ବେଠି ଖଟିବାକୁ କହିବ ? ସାଧାରଣତନ୍ତ୍ରରେ ବେଠି ବେଗାରି ଉଠିଗଲା ବାପ । ଠିକ୍ କାମକୁ ଠିକ୍ ମଜୁରି ।''

Digitized by srujanika@gmail.com

ତଥାପି ଗାଡ଼ିବାଲା ବିରକ୍ତ ହେବା ଦେଖି ସଦସ୍ୟମାନେ ପାଟିକଲେ । ଜଣେ କହିଲେ, ''ଯାହା କହନ୍ତୁ, ଏଭଳି ଲୋକଙ୍କପାଇଁ ସେ ରାଜାରାଜୁଡ଼ାଙ୍କ ଶାସନ ହିଁ ଠିକ୍ ଶାସନ ଥିଲା । ଆମେ ଏଗୁଡ଼ାଙ୍କର ମୁହଁ ବଢ଼େଇଦେଲେ ।''

ଗାଡ଼ିବାଲା ଅଗତ୍ୟା ଦୋତାଲା ଉପରକୁ ଗାଡ଼ି ଠେଲି ଚାଲିଲା । ରାଗରେ ଏଣୁତେଣୁ କ'ଣ କହୁଥାଏ । ତା'ଆଡୁ ସଦସ୍ୟମାନଙ୍କର ନଜର ଫେରାଇ ଆଣିବାଲାଗି ସାଇମନ୍ କାଠ ଘୋଡ଼ାର ଗପ ଆରମ୍ଭ କରିଦେଲା, ''ଲୁଇ କ୍ୟାପେଟ କେଡ଼େ ବଦଖିଆଲୀ ଦେଖନ୍ତୁ । ସେଦିନ ମୋ ସ୍ତ୍ରୀ ତାଙ୍କୁ ଟ୍ରୟ ଯୁଦ୍ଧକଥା ପଢ଼ି ଶୁଣାଉଥିଲା । ସେ ଭିତରେ କାଠଘୋଡ଼ା କଥା ଆସିଲା । ଆଜ୍ଞା, କାଠଘୋଡ଼ା କଥା ଶୁଣି ଦେଉ ଦେଉ ସେ ଲଗେଇଲେ– ମୋପାଇଁ ଗୋଟେ କାଠଘୋଡ଼ା ଦରକାର । କେତେ ବୁଝାଇଲି, ଜିଦ୍ ନଛାଡ଼ନ୍ତି । ବାଧହୋଇ ଶମେତ୍‌ଙ୍କୁ ଜଣାଇଲି । ସିଟିଜେନ୍ ଶମେତ୍ ଲୁଭରର ଶୋଭ୍ରେଜ୍‌ଙ୍କ ଦୋକାନରେ ଘୋଡ଼ାପାଇଁ ବରାଦ ଦେଇଥିଲେ ।'' ଏଇଟା ସେହି ଘୋଡ଼ା; ଠିକ୍ ଏତିକିବେଳେ ଆସି ପହଞ୍ଚିବାକୁ ଥିଲା ।''

ସଦସ୍ୟମାନେ ଗପ ଶୁଣୁଥାନ୍ତି । ସେପଟେ ଠେଲା ଗାଡ଼ିବାଲା ଘଡ଼ର ଘଡ଼ର କରି ସିଡ଼ି ଉପରକୁ ଗାଡ଼ିଠେଲି ଚାଲିଥାଏ । ଠେଲୁ ଠେଲୁ ରଗ ଛିଣ୍ଡାଇ ହେଉଥାଏ, ''ଧେତ୍‌ତେରି, ଦୋତାଲା ଉପରକୁ ପୁଣି ଗାଡ଼ିଠେଲି ନେବି । ଇମିତି ବରାତ ଅଛି ବୋଲି ଜାଣିଥିଲେ ମୁଁ ମୋଟେ ଆସିନଥାନ୍ତି ।''

## ଚାରି : ଅଦଳକୁ ବଦଳ

ଠେଲାଗାଡ଼ିଟା ଦୋତାଲା ଉପରେ ଯେତେ ସମୟ ରହିଲା, ସେତେ ସମୟ ଧରି କେବଳ ଗାଡ଼ିବାଲା ଓ ସାଇମନ୍‌ର ସ୍ତ୍ରୀ ଭିତରେ ଝଗଡ଼ା ଲାଗିଥିବାର ଶବ୍ଦ ହିଁ ଶୁଭିଲା । ସ୍ପଷ୍ଟକରି କିଛି ଶୁଭୁନଥାଏ । ତଥାପି ପାଟିତୁଣ୍ଡରୁ ମନେହେଉଥାଏ, ସାଇମନ୍‌ର ସ୍ତ୍ରୀ ଯେତେ ମାଲ ଆଣି ଗାଡ଼ିରେ ଲଦୁଛି, ସେତେ ମାଲ ନେବାକୁ ଗାଡ଼ିବାଲା ନାରାଜ ।

ସାଇମନ୍ ନିର୍ବିକାର ହୋଇ ଖୁସିଗପ ଜମେଇଦେଇଥାଏ, –''ମୋ ସ୍ତ୍ରୀ, ଆଜ୍ଞା ଭାରି ପାରିବାର । ଏଭଳି ଲୋକଙ୍କୁ ସାବାଡ଼ କରିବାରେ ସେ ଓସ୍ତାଦ । ଦେଖନ୍ତୁ ନା, ଏଇ ଗୋଟିଏ ଗାଡ଼ିରେହିଁ ସେ ସବୁତକ ମାଲ ବୋଝେଇ କରିଦେବେ । ଅବଶ୍ୟ ସତ କହିବାକୁ ଗଲେ ଖଣ୍ଡେ ଗାଡ଼ିରେ ସବୁତକ ମାଲ ଯିବା କଷ୍ଟ; କିନ୍ତୁ କ'ଣ କରାଯାଏ ? ବର୍ଷାଟା ପଡୁନଥାନ୍ତା କି ମୁଁ ଅବା ଯାଇ ଆଉ ଖଣ୍ଡେ ଗାଡ଼ି ଡାକି ଆଣନ୍ତି ।''

ସଦସ୍ୟମାନେ ସେତେବେଳକୁ ବର୍ଗାଣ୍ଡି ପିଆରେ ତନ୍ମୟ । ତଥାପି ଜଣେ ସଦସ୍ୟ ମନ୍ତବ୍ୟ କଲେ, ''ନିଶ୍ଚୟ, ନିଶ୍ଚୟ– ବର୍ଷାଟା ପଡୁଛି ।''

ସାଇମନ୍ ଅମାୟିକ ଭାବରେ କହିଲା, ''ବର୍ଷା ହେଉ, ଖରା ହେଉ, ମତେ ତ

Digitized by srujanika@gmail.com

ବାହାରିଯିବାକୁ ପଡ଼ିବ । ଗାଡ଼ିଟା ଓହ୍ଲାଇଲେ ଆପଣମାନଙ୍କୁ ନେଇ ଲୁଇ କ୍ୟାପେଟଙ୍କୁ ଦେଖାଇଦେବି । ତା'ପରେ ଯାଇ ଅନ୍ୟ କଥା । ଅସଲ ଦାୟିତ୍ୱଟା ନ ବୁଝାଇ ତ ମୁଁ ଆଉ ଯାଇପାରୁନି !''

ସଦସ୍ୟମାନେ ମୁଣ୍ଡ ଟୁଙ୍ଗାରିଲେ । ସତ କଥା । ଲୁଇ କ୍ୟାପେଟଙ୍କ ଦାୟିତ୍ୱ ହସ୍ତାନ୍ତର ନକଲେ ତାକୁ ବା ସେମାନେ ଛାଡ଼ିବେ କିପରି !

କିଛି ସମୟ ପରେ ଗାଡ଼ି ଓହ୍ଲାଇବାର ଘଡ଼ ଘାଡ଼ ଶବ୍ଦ ହେଲା । ଗାଡ଼ିବାଲା ସାଇମନ୍ ସ୍ତ୍ରୀକୁ 'ଇମିତି ଅଣ୍ଡିରାଚଣ୍ଡୀ; ଖରତୁଣ୍ଡୀ– ଇମିତି ଅବିବେକୀ ଲୋକ ମୁଁ କୋଉଠି ଦେଖି ନଥିଲି...' ଇତ୍ୟାଦି ଇତ୍ୟାଦି ଶୁଣାଇ ଶୁଣାଇ ଗାଡ଼ି ଓହ୍ଲାଇ ଆଣିଲା । ତଳେ ପହଞ୍ଚୁ ପହଞ୍ଚୁ ଗାଇହେଲା, ''ବର୍ଷା ଅନ୍ଧାର ରାତି । ଖାଲଢିପ ରାସ୍ତା । ଏଥିରେ ପୁଣି ଡବଲ ବୋଝେଇ ଗାଡ଼ି । କୋଉଠି କ'ଣ ପଡ଼ିବ ପଡୁ ! ମତେ କହିଲେ ମୁଁ ଶୁଣିବାବାଲାନୁହେଁ ।''

ସାଇମନ୍ ସେଆଡ଼କୁ କାନ ଦେଲାନାହିଁ । ସଦସ୍ୟମାନଙ୍କୁ ନେଇ ସେ ଦୋତାଲାକୁ ଉଠିଲା । ସେମାନେ ଅଧାସିଡ଼ି ଉଠିଛନ୍ତି କି ନାହିଁ, ଉପରୁ ତା' ସ୍ତ୍ରୀର ଗର୍ଜନ ଶୁଣାଗଲା, ''ଆରେ ହେ ଗାଡ଼ିବାଲା ! କିମିତି ବେଇମାନ ଲୋକଟା କିରେ ? – ଆରେ ଏ ଶେଯଟା ଛାଡ଼ିଗଲୁ କ'ଣ ମୁଁ ଏଇଟା ମୁଣ୍ଡେଇ ମୁଣ୍ଡେଇ ରାସ୍ତାରେ ଚାଲିବି ବୋଲି ନା କ'ଣ ? ନେଇଯା ଏଇଟାକୁ ।'' ଗର୍ଜନ ବନ୍ଦ ନ ହେଉଣୁ ଏକ ବିରାଟ ବିଛଣାବିଡ଼ା ଉପର ପାହାଚରୁ ତଳକୁ ଗଡ଼ିଆସିଲା । ଟିକିଏ ଅସତର୍କ ହୋଇଥିଲେ ସେଇଟା ଆସି ସଦସ୍ୟମାନଙ୍କ ଦେହରେ ଧକ୍କା ଦେଇଥାନ୍ତା । ଭାଗ୍ୟ ଭଲ, ସେମାନେ ଆଡ଼େଇହୋଇ ଯାଇଥିଲେ । ବିଛଣା ବୋକଚାଟା ତଳକୁ ଗଡ଼ିଗଲା ଏବଂ ତା' ପଛରେ ମାଡ଼ିଆସୁଥିବା ସାଇମନ୍‌ର ସ୍ତ୍ରୀ ଜିଭ କାମୁଡ଼ିପକାଇ ସଦସ୍ୟମାନଙ୍କ ପାଖରେ ଅଟକିଗଲା । ସଦସ୍ୟମାନଙ୍କୁ ନମସ୍କାର କରି ସେ କହିଲା, ''ବଡ଼ ଦିକ୍‌ଦାରିଆ ଲୋକଟା । ଆଜ୍ଞାମାନେ, ଆପଣମାନେ ସତରେ ଏ ପାଟିତୁଣ୍ଡରେ ବିରକ୍ତ ହୋଇଯିବେଣି । ଭାଗ୍ୟକୁ ଛୁଆଟା ଶୋଇପଡ଼ିଛି ବୋଲି ସିନା, ନହେଲେ କି ହଇରାଣ ନହେଇଥାନ୍ତି ମୁଁ ! ମୁଁ ଚୁପ୍‌ଚାପ୍ ଚାଲିଯିବାକୁ ବସିଛି କ'ଣ, ଏ ଲୋକଟା ଝାମେଲା ଉପରେ ଝାମେଲା ଲଗେଇଛି । ଛୁଆ ଉଠିପଡ଼ିଲେ ମୁଁ ଯାଇପାରିବିଟି ? ଜମା ପରା ଛାଡ଼ିବନାହିଁ । ଆହା ଲୋ, ବର୍ଷେ ଚାରିଟା ଭିତରେ କେଡ଼େ ଆପଣାର ହୋଇଯାଇନଥିଲା ! ମୁଁ ଆଣ୍ଟୁକୁଡ଼ୀ ଭାଗ୍ୟରେ ତ ନାହିଁ– ସତରେ ଆଜ୍ଞାମାନେ, ଛୁଆଟାକୁ ଛାଡ଼ି ଚାଲିଯିବାକୁ ମୋଟେ ମନ ହଉନାହିଁ । ଭାରି ଭଲପାଉଥିଲା ମୋତେ । ରଜାପୁଅ ହେଲେ କ'ଣ ହେଲା, ମୋ ଡଫିନ୍ ନିମକହାରାମ ନୁହେଁ । ତା'ର ଟିକିଏ ଭଲରେ ହେପାଜତ ନେଉଥିବେ, ଆଜ୍ଞାମାନେ । ଏ ପୋଡ଼ା ଗାଡ଼ିବାଲାଟା ଅନ୍ଧାରରେ କୁଆଡ଼େ ବୋଲି କୁଆଡ଼େ ପଳାଇବ, ମୁଁ ଯାଏଁ । ନମସ୍କାର ଆଜ୍ଞାମାନେ ।'' ଆଖିରୁ ଲୁହ ପୋଛି ପୋଛି ସାଇମନ୍‌ର ସ୍ତ୍ରୀ ତଳକୁ ଓହ୍ଲାଇଗଲା । ସଦସ୍ୟମାନଙ୍କୁ ନେଇ ସାଇମନ୍ ଚାଲିଲା ଉପରକୁ ।

Digitized by srujanika@gmail.com

ସମସ୍ତେ ଯାଇ ଲୁଇ କ୍ୟାପେଟଙ୍କ ଶୋଇବା ଘରେ ପଶିଲେ । ଘରେ ଆସବାବ ସଂଖ୍ୟା କମ୍; କିନ୍ତୁ ଯାହା ଅଛି ସବୁ ଦାମିକା । କାନ୍ଥ କରକୁ ଲାଗି ଖଣ୍ଡିଏ ମେହଗାନି କାଠର ସୁନ୍ଦର ପଲଙ୍କ ପଡ଼ିଛି । ଦେଖାଗଲା ପଲଙ୍କରେ କାନ୍ଥ ଆଡ଼କୁ ମୁହଁ କରି ଲୁଇ କ୍ୟାପେଟ ଶୋଇଛନ୍ତି । ନିଃଶ୍ୱାସ ମାରୁଛନ୍ତି ଜୋର୍‌ରେ । ନିଘୋଡ଼ ନିଦରେ ଶୋଇଛନ୍ତି ନିଶ୍ଚୟ । କାନ୍ଥକରକୁ ଘଷି ହୋଇ ଶୋଇଛନ୍ତି ଯେ ମୁହଁଟା ଦେଖାଯାଉ ନାହିଁ । ମୁହଁଦେଖାରୁ କ'ଣ ମିଳିବ, ମୁଣ୍ଡଟା ଠିକ୍ ଦେଖାଯାଉଛି । ମୁଣ୍ଡର ନାଲି କହରିଆ ବାଳରୁ ସ୍ପଷ୍ଟ ହୋଇଯାଉଛି ଯେ ଲୁଇ କ୍ୟାପେଟହିଁ ଶୋଇଛନ୍ତି । ମୁଣ୍ଡର ସେହି ନାଲି କହରିଆ ବାଳଗଣ୍ଡାକହିଁ ତାଙ୍କର ବଡ଼ ପରିଚୟ ।

ରାଜକୁମାର ଶୋଇଛନ୍ତି ଦେଖି ସଦସ୍ୟମାନେ ଜଣ ଜଣ ହୋଇ ଘରୁ ବାହାରି ଆସିଲେ । ସାଇମନ୍ ସେମାନଙ୍କ ହାତକୁ ସେ ଘରର ଚାବିଟା ବଢ଼ାଇଦେଲା । ଜଣେ ସଦସ୍ୟ ନିଜ ହାତରେ ସେ ଘରେ ତାଲା ପକାଇ ଚାବିଟି ଧରିଲେ । ଏଥର ତଳକୁ ଆସିଲେ ଅଫିସ୍ ଘରେ ଖାତାରେ ଦସ୍ତଖତ କରିବେ । ସେ ଭିତରୁ ଦୁଇଜଣ ରାଜକୁମାରଙ୍କ ବଖରା ପାଖରେ ରହି ପହରା ଦେବେ, ଅନ୍ୟ ଦୁଇଜଣ ଘରକୁ ଫେରିଯିବେ । ଘରୁ ନିଜର ବିଛଣାପତ୍ର, ଲୁଗାପଟା ଇତ୍ୟାଦି ଆଣିଲେ ଦିନେ ଓଳିଏ ଭିତରେ ଏହିଠାରେହିଁ ରହିଯିବେ । ସାଇମନ୍ ସ୍ଥାନରେ ନୂଆ ଲୋକ ନିଯୁକ୍ତ ହେବାପର୍ଯ୍ୟନ୍ତ ସେମାନଙ୍କୁ ଏହିଠାରେହିଁ ରହିଯିବାକୁ ପଡ଼ିବ ।

ହଁ, ସମସ୍ତେ ଅଫିସ୍‌କୁ ଫେରିଆସିଲେ । ସାଇମନ୍ ଅଫିସ ଖାତା ବାହାର କଲା । ସେଥିରେ ଆଗରୁହିଁ ଲେଖାହୋଇ ରହିଛି– 'ସିଂହାସନଚ୍ୟୁତ ବୋର୍ବୋ ରାଜବଂଶର ରାଜକୁମାର ଲୁଇ କ୍ୟାପେଟ ଓରଫ ଲୁଇ ଚାର୍ଲସ୍ ଓରଫ ଡଫିନ୍, ବୟସ ଅନ୍ଦାଜ ଆଠ ନଅ ବର୍ଷ । ଟେମ୍ପଲ୍ ଜେଲଖାନାର ଦୋତାଲାରେ ଅଟକବନ୍ଦୀ ଅଛନ୍ତି । ସିଟିଜେନ୍ ସାଇମନ୍‌ଙ୍କଠାରୁ ଆମେ ଏହି ରାଜକୁମାରଙ୍କର ସମସ୍ତ ଦାୟିତ୍ୱ ବୁଝିନେଲୁ । ସିଟିଜେନ୍ ସାଇମନ୍‌ଙ୍କର ଏ ବାବଦରେ ଆଉ କୌଣସି ଦାୟିତ୍ୱ ରହିଲାନାହିଁ ।''

ସଦସ୍ୟମାନେ ପ୍ରତ୍ୟେକେ ସେ ଲେଖା ତଳେ ଦସ୍ତଖତ କରି ତାରିଖ ଦେଲେ । ତା'ପରେ ସାଇମନ୍ ଶୁଭରାତ୍ରି ଜଣାଇ ସେମାନଙ୍କଠାରୁ ବିଦାୟ ନେଲା । ବର୍ଷା ଅନ୍ଧାର ରାତ୍ରି । ଜେଲଖାନାର ଘରମାନଙ୍କରୁ ବତି ଆଲୁଅ ଟିକିଏ ଟିକିଏ ପଡୁଛି । ଦୂରରେ ଶୁଭୁଛି ଠେଲାଗାଡ଼ିବାଲା ଓ ସାଇମନ୍ ସ୍ତ୍ରୀ ମଧ୍ୟରେ ଚାଲିଥିବା ବଚସା । ଗାଡ଼ି ତଳେ ଝୁଲୁଥିବା ଲଣ୍ଠନ ଆଲୁଅକୁ ଲକ୍ଷ୍ୟ କରି ଦ୍ରୁତପଦରେ ଚାଲୁ ଚାଲୁ ସାଇମନ୍ ଯାଇ ସଦର ଫାଟକ ପାଖାପାଖି ହୋଇଥିଲା ।

ଠେଲାଗାଡ଼ିବାଲା ଫାଟକ ପାର ହୋଇପାରିନାହିଁ । ଫାଟକରେ କଡ଼ା ପ୍ରହରୀ । ବିନା ତଦାରଖରେ ସେମାନେ ବାହାରକୁ ଗାଡ଼ି ଛାଡ଼ିବେନାହିଁ । ତେଣୁ ଗୁମୁଟ ଭିତରୁ କଡ଼ା ହୁକୁମ– ''ଏ ଗାଡ଼ିବାଲା, ଗାଡ଼ି ରହିବ; ଚେକ୍ ହେଲେ ଯିବ ।'' ଗାଡ଼ିବାଲା ବି ଟାଣୁଆ ଅଛି । ହୁକୁମ ଶୁଣି ସେ କହିଲା, ''କେତେ ଚେକ୍ କରିବ କର ଭାଇ, ହେଲେ

Digitized by srujanika@gmail.com

ମୁଁ ଇମିତି ଘଣ୍ଟା ଘଣ୍ଟା ଧରି ବର୍ଷାରେ ଠିଆ ହୋଇପାରିବି ନାହିଁ; ବର୍ଷା ପାଣିରେ ଦେହ ମୁଣ୍ଡ କାଲେଇଯାଉଛି । କାଲି ଯଦି ମୁଁ ନିମୋନିଆରେ ପଡ଼ିବି, ତେମେ ଆସି ମତେ ଔଷଧପାଣି ଦବ ବୋଧହୁଏ ? ନାହିଁ ଯଦି ମୁଁ ବେମାର ପଡ଼ି ମରିଯିବି, ତେମେ ବୋଧହୁଏ ମୋ ପିଲାଛୁଆଙ୍କୁ ପୋଷିବ ?''

ଏ ଗାଡ଼ିବାଲା ଯେ କିଏ, ପାଠକେ ତାହା ଜାଣନ୍ତି । ଏଭଳି କଥା କହିବା ପାଇଁ ସେ ବହୁତ ଦିନରୁ ତାଲିମ ନେଇଛି; କିନ୍ତୁ ପ୍ରହରୀମାନେ ଏଡ଼େ ସହଜରେ ଛାଡ଼ିବାବାଲା ନୁହନ୍ତି । ସେମାନେ ଓଲଟା ଶୁଣାଇଦେଲେ, ''ଆରେ, ତୋ ପିଲାଛୁଆଙ୍କପାଇଁ କ'ଣ ଆମେ ଦାୟୀ ? ଆମେ ଚେକ୍ କରିବାଟା କରିବୁ । ଯେଉଁଟା ଆଇନ କି !''

''ଆରେ ବାଃରେ ବାଃ !'' ଗାଡ଼ିବାଲା ବେଶରେ ଥିବା ଲା ସ୍ୟାଲ୍ ଟିପ୍ପଣୀ କଲା, ''ଏମାନେ ବି ଆଇନି ଦେଖେଇଲେଣି !! ଆଇନି ଦେଖୋଉଥିଲେ ବୋର୍ବୋ ରାଜାଙ୍କ ଲୋକେ; ଏବେ ଆଇନି ଦେଖେଇଲେଣି ସାଧାରଣତନ୍ତ୍ର ସିପେଇମାନେ । ଆରେ ସେହି ପୁରୁଣା ଗଧିଆରେ ! ଖାଲି ଖୋଳ ବଦଳେଇଦେଇଛି ! – ମରନ୍ତୁ ନା ଗରିବ ବିଚରାମାନେ; ବଡ଼ଲୋକ ବଞ୍ଚିଥିଲେ ଦେଶ ବଞ୍ଚିଛି । ନାଇଁ ନାଇଁ; ବଢ଼ିଆ ବ୍ୟବସ୍ଥା ହେଇଚି !!''

''କେତେ ବକ୍‌ବକ୍ କରୁଛୁ ବେ !!'' କହି ଗୁମୁଟ ଭିତରୁ ଜଣେ ସିପାହି ଗାଡ଼ି ପାଖକୁ ମାଡ଼ିଆସିଲା ଏବଂ ଆସୁ ଆସୁ ଗାଡ଼ି ଉପରେ ଥିବା ବଡ଼ ବସ୍ତାଟାକୁ ଟାଣି ତଳେ ପକାଇଦେଲା । ଆଗରୁ ଉଦ୍ଦେଶ୍ୟ ରଖିହିଁ ସେହି ବସ୍ତାଟିରେ କାଚ ବାସନ ଓ ମାଟିହାଣ୍ଡି କେତେଟା ରଖାଯାଇଥିଲା । ବସ୍ତାଟି ତଳେ ପଡ଼ିଯିବା ମାତ୍ରେ ସେଗୁଡ଼ାକ ଝଣ୍‌ଝାଣ୍ ଠୋ-ଠା ହୋଇ ଭାଙ୍ଗିଗଲା । ଏଥର ଦେଖ ସାଇମନ୍ ସ୍ତ୍ରୀର କାନ୍ଦଣା– ''ଗଲା, ଗଲା; ଗରିବର କାଚ ବାସନଗଣ୍ଡାକ ଭାଙ୍ଗି ଚୁର୍‌ମାର ହୋଇଗଲା ! ଆରେ, ଅଳପେଇସା ସିପେଇମାନେ ! ଆରେ, ତମ ଆଇନ କ'ଣ ଗରିବର ହାଣ୍ଡିକୁଣ୍ଡି ବାସନକୁସନ ଭାଙ୍ଗିଦିଅ ବୋଲି କହୁଛି କିରେ ? ତା' ପୁଣି ସାଇମନ୍ ପରି ଦେଶସେବକର ? ଆରେ, ଯେଉଁ ସାଇମନ୍ ତୁମ ଜନ୍ମ ହେବା ଆଗରୁ ସାଧାରଣତନ୍ତ୍ରପାଇଁ ପ୍ରାଣମୂର୍ଚ୍ଛା ଲଢ଼ିଛି, ତା'ରି ଉପରେ ରାଗ ଛିଣ୍ଡେଇଦେବାକୁ କେଉଁ ଆଇନ କହୁଛି ?? – ଭାଙ୍ଗିଦିଅ, ଭାଙ୍ଗିଦିଅ; ବାକି ଯାହାସବୁ ଅଛି ଭାଙ୍ଗିରୁଜିଦିଅ; ମୋ ଲୁଗାପଟା, ପୋଷାକପତ୍ର ସବୁ ପାଣିରେ ବତୁରୁ । କେତେ ଚେକ୍ କରିବ କର । କାଲି ସକାଳୁ ନିରାପତ୍ତା ସମିତିକୁ କହି ଦେଖିବ କେମିତି ବକ୍‌ସିସ୍ ଦିଆଇବି ।''

ପ୍ରହରୀ ସିପାହିମାନେ ବେକୁବ୍ ହୋଇଗଲେ । ମାଲପତ୍ର ଚେକ୍ କରୁ କରୁ ଆହୁରି କ'ଣ କ'ଣ ଭାଙ୍ଗିଯିବ କି ଭାବି ସେମାନେ ଦୋଦୋପାଞ୍ଚ ହେଉଛନ୍ତି, ଏତିକିବେଳେ ସାଇମନ୍ ଆସି ସେଠାରେ ପହଞ୍ଚିଗଲା । ଅବସ୍ଥା ଠଉରେଇ ନେଇ ସେ ଦୂରରୁହିଁ ସମ୍ଭାଷଣ ଆରମ୍ଭ କରିଦେଲା, ''କ'ଣ ଭାଇ, ସବୁ ଭଲ ତ ? ବଦଳି ହୋଇଗଲିରେ ଭାଇ, ମୁଁ

Digitized by srujanika@gmail.com

ଏଥର ଚାଲିଲି । ଏ କିଛିଦିନ ମଠ ଘୋଡ଼ାଶାଳ ଉପରେ ଯେଉଁ ନୂଆ ଦୋତାଲା ଘର ହୋଇଛି, ସେଇଠି ରହିବାକୁ ପଡ଼ିବ । ତା'ପରେ ତ କ'ଣ ତୁମରିମାନଙ୍କର ଯୋଗାଣ ବିଭାଗରେ ନେଇ ଥୋଇବେ ବୋଲି କହୁଛନ୍ତି । ଦେଶସେବା କରିବା କଥା । ଆଜି ଏଇଠି ତ କାଲି ସେଇଠି । ସେଥିରେ କ'ଣ ଅଛି ?... ଆରେ ହେ ଗାଡ଼ିବାଲା ! ଏଁ – ଏଁ !! ତୁ ଇଏ କ'ଣ କରିଛୁ ଶୁଣେ ? – ପାଜି କାହାଁକା ? ହଇରେ ତୁ ମୋ ବାସନକୁସନ ବସ୍ତାଟା ତଳେ ପକାଇଦେଲୁ ! ସବୁ ଭାଙ୍ଗିଯାଇଥିବ । ବଦମାସ, ଜାଣିଛୁ ? ମୁଁ ତତେ ଏହି ମୁହୂର୍ତ୍ତରେ ନେଇ ଜେଲ୍‌ରେ ଠୁଙ୍କିଦେବି । ମୁଁ ସିଟିଜେନ୍ ଶମେତ୍‌ଙ୍କର ବନ୍ଧୁ; ସିଟିଜେନ୍ ରୋବସ୍‌ପିୟରଙ୍କ ପାଖରେ ପିଲାରୁ ବଡ଼ ହୋଇଛି; ତୁ ପୁଣି ମତେ ବେଖାତିର କରୁଛୁ ?? ଘରୁ ବାହାରିଲାବେଳୁ ଝମେଲା ଲଗାଇଛୁ ଯେ ଘରେ ପହଞ୍ଚିବାଯାଏ ଲଗାଇଥିବୁ ?? ...ଏହି ସିପାହି ଭାଇଙ୍କୁ କହି ଏହି ମୁହୂର୍ତ୍ତରେ ଗୁଳିକରି ତୋ ଗୋଡ଼ ଛୋଟା କରିଦେବି । ନାହିଁ– ନାହିଁ, ତୁ ଇଏ କ'ଣ କରିଛୁ ???''

ପ୍ରହରୀ ସିପାହିମାନେ ଏ ତର ଦେଖି ଦବିଗଲେଣି । ସତରେ ଯଦି ସାଇମନ୍ ଯୋଗାଣ ବିଭାଗକୁ ବଦଳି ହୁଏ, ତେବେ ସେମାନେ କି ଛାର, ସେମାନଙ୍କ ଉପରବାଲା ବି ତାକୁ ଦି'ଓଳି ସଲାମ ପକାଇବେ । ଏଭଳି ଲୋକର ମାଲପତ୍ର ଚେକ୍ କରିବା ଠିକ୍ ହେବନାହିଁ । ବାସନ ଭଙ୍ଗାର ପ୍ରାୟଶ୍ଚିତ୍ତ ସ୍ୱରୂପ ସେମାନେ ତଳେ ପଡ଼ିଥିବା ବସ୍ତାଟିକୁ ନିଜେ ଧରାଧରି କରି ଗାଡ଼ି ଉପରକୁ ଉଠାଇଦେଲେ । ଠେଲାଗାଡ଼ିବାଲା ରାଗତମତମ ହୋଇ ଗାଡ଼ିନେଇ ପଳାଇଗଲା । ସାଇମନ୍ ଶୁଭରାତ୍ରି ଜଣାଇ ସିପାହିମାନଙ୍କୁ କହିଲା, ''ଏ ସପ୍ତାହେ ଖଣ୍ଡେ ପ୍ରାୟ ସବୁଦିନ ଦେଖାହେବ ମ ! ଆଉ ମୁଁ ଯଦି ଯୋଗାଣ ବିଭାଗକୁ ଗଲି, ତେବେ ତ ତୁମ ଘରଲୋକ ହୋଇଗଲି ଜାଣ । ହଉ ଭାଇ, ଆସୁଛି ।'' ମଧୁର ବଚନରେ ସିପାହିଙ୍କୁ ସନ୍ତୁଷ୍ଟ କରି ସ୍ୱାମୀ-ସ୍ତ୍ରୀ ଗାଡ଼ି ପିଛା ଧରିଲେ ।

ଠେଲାଗାଡ଼ିଟା ସେତେବେଳକୁ ଯାଇ ସାଇମନ୍‌ର ନୂଆ ବସାଘର ପାଖରେ ହୋଇଗଲାଣି । ସ୍ଥାନଟା ଆଗରୁ ଘୋଡ଼ାଶାଳ ଥିଲା । ବିପ୍ଳବୀ ସରକାର ବର୍ତ୍ତମାନ ତା' ଉପରେ ଆଉ ଦୁଇମହଲା ଘର ତୋଳିଦେଇଛନ୍ତି । ବିଭିନ୍ନ ସମିତିର ଯେଉଁ ସଦସ୍ୟମାନେ ଦୂର ସ୍ଥାନରୁ ଆସି ରାଜଧାନୀରେ ଅଛନ୍ତି, ସେମାନଙ୍କୁ ରହିବାଘର ଯୋଗାଇବା ଏକ ସମସ୍ୟା ହୋଇ ଉଠିବାରୁ ପୁରୁଣା ଘୋଡ଼ାଶାଳକୁହିଁ ବାଗେଇଦେବାକୁ ପଡ଼ିଛି । ଥିରୁ ଦୋତାଲା ଉପରେ ଗୋଟିଏ ଘର ଖାଲିଥାଏ । ସାଇମନ୍ ସେଇଠି ରହିବ ବୋଲି ଠିକ୍ ହୋଇଥାଏ ।

ସେ ସ୍ୱାମୀ-ସ୍ତ୍ରୀ ଆସି ପହଞ୍ଚିବା ପୂର୍ବରୁ ଲା ସ୍ୟାଲ୍ ଉତାରିବା ଆରମ୍ଭ କରିଦେଇଥାଏ । ଯଥାଶୀଘ୍ର ଏଠାର କାମ ତୁଟାଇଦେଲେ ଯାଏ । ତେଣୁ ଦି' ତିନି ବୋଝ ମାଲ ନିଜେ ଦୋତାଲା ଉପରକୁ ଟେକିନେଲାଣି । ଏତିକିବେଳେ ସ୍ତ୍ରୀକୁ ସଙ୍ଗରେ ନେଇ ସାଇମନ୍ ଆସି ପହଞ୍ଚିଗଲା । ସ୍ତ୍ରୀ ମୁହଁରେ ଆଉ ସେ ଗାଳିଗୁଲଜ ନାହିଁ । ଫୁସ୍‌ଫାସ୍ କରି କହିଲା, ''ଆସ୍ତେ, ଆସ୍ତେ... ମାଲପତ୍ର ତଳେ ରହି ପିଲାଟା ବେଦମ୍ ହୋଇଯିବଣି !''

Digitized by srujanika@gmail.com

ଲା ସ୍ୟାଲ୍ ବି ଫୁସ୍ ଫୁସ୍ କରି କହିଦେଲା, ‘‘ତୁମେ ବ୍ୟସ୍ତ ହୁଅନି । ମୁଁ ଠିକ୍ ବାଗରେ ମାଲ ଲଦିଛି । ସବୁ ମାଲ ଓହ୍ଲାଇଦେବା ପରେ ଦେଖାଗଲା, ସବାତଳେ ଗୋଟିଏ ବେଞ୍ଚ ପଡ଼ିଛି ଏବଂ ବେଞ୍ଚ ତଳେ କମ୍ବଳ ଗୁଡ଼େଇହୋଇ ଶୋଇପଡ଼ିଛି ଗୋଟିଏ ଗେଡ଼ୁଲି ପିଲା । ସେହି ପିଲାଟି ଯେ ବୋର୍ବୋ ରାଜବଂଶର ପ୍ରକୃତ ଉତ୍ତରାଧିକାରୀ ଲୁଇ ଚାର୍ଲସ୍ ଓରଫ ଡଫିନ୍ ଓରଫ ଲୁଇ କ୍ୟାପେଟ, ସେକଥା ଖୋଲି କହିବା ନିଷ୍ପ୍ରୟୋଜନ । ସେତେବେଳକୁ ସେ ଅଫିମ ନିଶାରେ ଅଚେତ ।

‘‘ବାପରେ, ମୋ ଧନରେ... ।’’ କହି ସାଇମନ୍‌ର ସ୍ତ୍ରୀ କାନ୍ଦ କାନ୍ଦ ହୋଇ ତାକୁ ଅଣ୍ଡଳା ଆଉଁସା ଆରମ୍ଭ କରିଦେଲା । ଚାରିବର୍ଷର ଦେଖାଶୁଣା ଭିତରେ ସତରେ ଡଫିନ୍ ପ୍ରତି ତା’ର ଗୋଟାଏ ସ୍ନେହ ଚାଲିଆସିଥିଲା ।

ତାକୁ ଟିକିଏ ଭଦ୍ର ଧମକ ଦେଇ ଲା ସ୍ୟାଲ୍ କହିଲା, ‘‘ମାଉସି, ଏଇଟା କନ୍ଦାକଟାର ବେଳ ନୁହେଁ । କିମିତି ବାଘ ମୁହଁରୁ ଖସିଆସିଛେ ମନେପଡୁଛିଟି ? ଟିକିଏ ଏପଟ ସେପଟ ହୋଇଯାଇଥିଲେ ଏତେବେଳକୁ ଗଣ୍ଡିରେ ମୁଣ୍ଡ ନଥାନ୍ତା । ମଉସାଙ୍କ ସଙ୍ଗେ ମିଶି ତୁମେ ତୁମ ମାଲପତ୍ର ଉଠେଇନିଅ । ଆଉ ମତେ ଅନାଅ ନାହିଁ । ବର୍ଷାରେ ପିଲାଟା ଓଦ ହୋଇଯାଉଛି । ଡେରିକଲେ ପୋଲିସ୍ ହାବୁଡ଼ରେ ବି ପଡ଼ିଯିବା । ମୁଁ ଶୀଘ୍ର ପଳାଏଁ ।’

‘‘କୋଉଠି ରଖିବ ତାକୁ ? ଏଯାଏଁ ତ ଠିକଣାଟା କହିଲନି ?’’ – ବ୍ୟସ୍ତ ହୋଇ ସାଇମନ୍ ପଚାରିଲା ।

‘‘ଗଳିକନ୍ଦି ଭିତର ଜାଗା, ସେ ଠିକଣାଟା ତୁମର ଇମିତି ମନେରହିବନାହିଁ ଲେଖିଦିଅନ୍ତି ଯେ, କାଗଜପତ୍ର କଥା । କାହା ହାତରେ ପଡ଼ିଗଲେ ଅବସ୍ଥା ଘାଏଳ ହୋଇଯିବ । ତେଣୁ ଗୋଟିଏ କାମ କର । ମୋ ଘରଟା ତ ଦେଖିଛ । କାଲି ଛାଡ଼ି ପରଦିନ ସେଇଠିକି ଚାଲିଆସ । ସେଇଠି ତୁମକୁ ଠିକଣାଟା ଘୋଷେଇଦେବି– ତୁମକୁ ନେଇଅସଲି ଜାଗାଟା ଦେଖେଇଦେଲେ ଯାଏ, ଠିକଣାରୁ କ’ଣ ପାଇବ ?’’ କହି ଲା ସ୍ୟାଲ୍ ଯିବାକୁ ବାହାରିଲା ।

‘‘ମୋ ଧନଟାକୁ ଛାଡ଼ିଦେବାକୁ ମୋର ମୋଟେ ମନହଉନି– ଉଁ– ଉଁ– ।’’- ଗୋଟାଏ ଛୋଟ କାନ୍ଦଣା ଆରମ୍ଭ କରିଦେଲା ସାଇମନ୍‌ର ସ୍ତ୍ରୀ ।

ଗାଡ଼ି ଠେଲୁ ଠେଲୁ ଲା ସ୍ୟାଲ୍ ଆରମ୍ଭ କରିଦେଲା, ‘‘ମୁଁ ହଜାରେ ଥର ଏ କଥା ବୁଝାଇଥିବି । ତାକୁ ପାଖରେ ରଖିବା ଅର୍ଥ ମରିବା । କାଲି ସକାଳୁ ଯେତେବେଳେ ଶମେଟ୍ ଆସି ତାକୁ ଖୋଜିବ, କୋଉଠି ଲୁଚେଇବ କହିଲ ? ଆହେ ଧୈର୍ଯ୍ୟ ଧର । ଦଶ ପନ୍ଦରଲକ୍ଷ ଯାହା ଆସିବାର ଆସିଯାଉ । ନାହିଁ ତ ତୁମେ ତା’ ସହିତ ଅକ୍ଷିଆ ଚାଲିଯିବ– କ’ଣ ହୋଇଯିବ ସେଥିରୁ ?’’

ସତ କଥା । କଥାଟା କିଛି ଅସଙ୍ଗତ ନୁହେଁ । ଲା ସ୍ୟାଲ୍ ଏକଥା ଅନେକ ଥର ବୁଝାଇଛି । ତେଣୁ ଆଉ ଝାମେଲା ନବଢ଼ାଇ ଦୁଇ ପ୍ରାଣୀ ମିଶି ମାଲପତ୍ର ଉଠାଇବାରେ ଲାଗିଗଲେ । ଲା ସ୍ୟାଲ୍ ଗାଡ଼ି ନେଇ ଦ ବ୍ୟାଜ୍‌ଙ୍କ ଘର ଆଡ଼େ ଧାଇଁଲା । ବର୍ଷା ଘଡୁଥାଏ

Digitized by srujanika@gmail.com

ଙ୍ଗାର୍‌ରେ । ବେଶି ଭିଜିଗଲେ ଦେହପା' ଖରାପ ହେବାର ଭୟ ରହିଛି । ତଥାପି ଇଏ ଗୋଟେ ମଉକା । ବର୍ଷା ହେତୁ ରାସ୍ତା ନିର୍ଜନ । ପୋଲିସ୍ ବି ବାହାରିବେନାହିଁ, ଏତିକିବେଳେ ାଇଁ ପଳାଇଲେ ଯାଏ ।

ଦ ବ୍ୟାଜ୍ ଝରକା ଖୋଲି ଚାହିଁ ରହିଥାନ୍ତି । ଠେଲାଗାଡ଼ିଟା ଯାଇ ନପହଞ୍ଚୁଣୁ ସେ ଫାଟକ ଖୋଲିଦେଲେ । ବିନା ବାକ୍ୟବ୍ୟୟରେ ଲା ସ୍ୟାଲ୍ ଡଫିନ୍‌କୁ କାନ୍ଧରେ ପକାଇ ଘର ଭିତରକୁ ପଶିଗଲା । ପରମୁହୂର୍ତ୍ତରେ ଜଣେ ପ୍ରକୃତ ଠେଲାଗାଡ଼ିବାଲା ଆସି ଗାଡ଼ିଟାକୁ ନେଇଗଲା ଆଉ ଗୋଟିଏ ଗଳି ଭିତରକୁ । ସମାଜର ସ୍ତରେ ସ୍ତରେ ରାଜତନ୍ତ୍ରୀ ଲୋକ ଅଛନ୍ତି । ସମସ୍ତେ ଦ ବ୍ୟାଜ୍‌ଙ୍କ କଥାରେ ଚଳନ୍ତି । ଠେଲାଗାଡ଼ି ଖଣ୍ଡେ ଧାରଦେବା ତ ସାମାନ୍ୟ କଥା; ଦରକାର ହେଲେ ଲୋକେ ଗୋଟିଏ ହାତ ବି କାଟି ଦେଇଦେବେ ।

ଦ ବ୍ୟାଜ୍ ବୟସ୍କ ଲୋକ । ଧୀରେ ଧୀରେ ଚାଲନ୍ତି । ସେ ପଛରେ ଆସୁଥାନ୍ତି । ଲା ସ୍ୟାଲ୍ ଡଫିନ୍‌କୁ ନେଇ ଉପର ମହଲାରେ ଶୋଫା ଉପରେ ଶୁଆଇଦେଲା । ସେତେବେଳକୁ ବି ଡଫିନ୍ ଅଫିମ ନିଶାରେ ଅଚେତ । ତା' ଉପରୁ ଓଦା କମ୍ବଳଟା କାଢ଼ିଦେଲା ଲା ସ୍ୟାଲ୍ । ସେତେବେଳକୁ ଦ ବ୍ୟାଜ୍ ଆସି ଶୋଫା ପାଖରେ ଠିଆ ହେଲେଣି । ତାଙ୍କ ପଛରେ ଆଉ ଜଣେ କିଏ ହୃଷ୍ଟପୁଷ୍ଟ ଦୀର୍ଘକାୟ ଲୋକ । ଦ ବ୍ୟାଜ୍ ପ୍ରଥମେ ଡଫିନ୍‌ର ତାଳୁଠାରୁ ତଳିପା ଯାଏ ଭଲକରି ଚାହିଁଗଲେ । ତା'ପରେ ଥର ଥର ହାତରେ ତା' ବେକମୁଣ୍ଡାର ନାଲିବାଳ ଗଣ୍ଡିକ ଆଡ଼େଇଦେଲେ । ସେ ଦେଖିଲେ, ଲା ସ୍ୟାଲ୍ ଦେଖିଲା ଓ ତୃତୀୟ ବ୍ୟକ୍ତିଜଣକ ବି ଦେଖିଲେ– ଡଫିନ୍‌ର ବାଁ କାନଟା ଡାହାଣ କାନଠାରୁ ଟିକିଏ ଲମ୍ବା ଓ ମୋଟା ହୋଇ ତଳକୁ ଝୁଲିପଡ଼ିଛି ।

ସେ କାନ ଦେଖି ଦେଉ ଦେଉ ଦ ବ୍ୟାଜ୍‌ଙ୍କ ଆଖିଦୁଇଟି ସଜଳ ହୋଇଗଲା । ଆଡ଼େଇଦେଇଥିବା ବାଳ ଗଣ୍ଡିକ ଯଥାସ୍ଥାନରେ ରଖିଦେଇ ସେ ଶୋଫା ତଳେ ଆଣ୍ଠୁମାଡ଼ି ବସିପଡ଼ିଲେ । ଉପରକୁ ଶୁଖିଲା କାଠ ପରି ନିରସ-ରୁକ୍ଷ ଦେଖାଯାଉଥିବା ଦ ବ୍ୟାଜ୍‌ଙ୍କ ଭିତରେ ଯେ ଏଡ଼େ କୋମଳ, ଏଡ଼େ ଆବେଗଭରା ହୃଦୟ ଲୁଚିରହିଥିଲା; ଲା ସ୍ୟାଲ୍ ତାହା ଏତେଦିନର ଘନିଷ୍ଠତା ସତ୍ତ୍ୱେ ବି ଜାଣିପାରି ନଥିଲା । ''ମୋ ରାଜା, ମୋ ରାଜା'' ବୋଲି କ୍ରନ୍ଦନ ରୋଳରେ ଭାଙ୍ଗିପଡ଼ିଲେ ଦ ବ୍ୟାଜ୍ । ଅଚେତ ଡଫିନ୍‌ର ହାତରେ ସେ ଘନ ଘନ ଚୁମ୍ବନ ଦେବାକୁ ଲାଗିଲେ ।

ତୃତୀୟ ବ୍ୟକ୍ତିଜଣକ କାଛକୁ ଆଉଜି ଏତେବେଳଯାଏ ଥରେ ଲା ସ୍ୟାଲ୍‌କୁ ଚାହିଁଥିଲେ ତ ଥରେ ଡଫିନ୍‌କୁ । ଚେହେରାରୁ ମନେହେଉଥିଲା କୌଣସି ଖାନ୍‌ଦାନ୍ ଘରର ପୁଅ ହେବେ । ପିନ୍ଧିଥାନ୍ତି ସାମରିକ ପୋଷାକ । ଦ ବ୍ୟାଜ୍‌ଙ୍କ ଆବେଗ ଦେଖି ସେ ଦୁଇପାଦ ଆଗକୁ ଚାଲିଆସିଲେ । କହିଲେ, ''ମସିଆର ଦ ବ୍ୟାଜ୍, ଏ ଅବସ୍ଥାରେ ଆପଣ ଏପରି ଭାଙ୍ଗିପଡ଼ିଲେ ଚଳିବ ନା ? ଆମେ ଯେଉଁ କଠିନ କାର୍ଯ୍ୟରେ ହାତ ଦେଇଥାଇଁ, ତାହାର ପ୍ରଥମ ପର୍ଯ୍ୟାୟଟିହିଁ ସରିଛି । ଆଗକୁ ରହିଛି ଅନେକ କାମ ।

Digitized by srujanika@gmail.com

ଏଣେ ଚାହାନ୍ତୁ, ଆପଣ ପରିଚିତ କରାଇଦେବାକୁ ଭୁଲିଯାଇଛନ୍ତି । ତଥାପି ମୁଁ ଅନୁମାନ କରୁଛି ସମ୍ଭବତଃ ଏହି ଭଦ୍ରବ୍ୟକ୍ତିହିଁ ହେଉଛନ୍ତି ଡଫିନ୍‌ର ତ୍ରାଣକର୍ତ୍ତା ମସିୟାର ଫ୍ଲୋରେନ୍ସ ଲା ସ୍ୟାଲ୍ ?''

''ଠିକ୍ ଅନୁମାନ କରିଛନ୍ତି,''– କହି ଉଠି ଠିଆହୋଇପଡ଼ିଲେ ଦ ବ୍ୟାଜ୍ । ''ଏହି ହେଉଛନ୍ତି ସେହି ଅଦ୍ଭୁତକର୍ମା ଫ୍ଲୋରେନ୍ସ ଦ ଲା ସ୍ୟାଲ୍ । କାଗଜ ପେନ୍‌ସିଲ୍‌ରେ କିମ୍ବା କ୍ୟାନ୍‌ଭାସ୍ ଓ ତୁଳୀରେ ଛବି ଆଙ୍କିବାରେ ଯେତିକି ସିଦ୍ଧହସ୍ତ, ଇତିହାସର ପୃଷ୍ଠାରେ ଅଦୃଶ୍ୟ ଅକ୍ଷରରେ ଭବିଷ୍ୟତର ଚିତ୍ର ଆଙ୍କିବାରେ ଏ ତା'ଠାରୁ ଅଧିକ ସିଦ୍ଧହସ୍ତ । ଆଉ, ଶୁଣ ଲା ସ୍ୟାଲ୍, ଏ ମହାଶୟ ହେଉଛନ୍ତି ବ୍ୟାରେନ୍ ଫନ୍ ଇଜେନ୍– ପ୍ରୁସିଆର ରାଜା ଫ୍ରେଡ଼େରିକ୍ ଦ ଗ୍ରେଟ୍‌ଙ୍କର ବିଶ୍ୱସ୍ତ ପ୍ରାଇଭେଟ୍ ସେକ୍ରେଟେରୀ ।''

''ପ୍ରୁସିଆ !'' – ଲା ସ୍ୟାଲ୍ ବିସ୍ମିତ ହୋଇଗଲା । ଏପର୍ଯ୍ୟନ୍ତ ସେ ଭାବିଥିଲା ଯେ ଅଷ୍ଟ୍ରିଆର ସମ୍ରାଟ୍ ନିଶ୍ଚୟ ନିଜ ଭଣଜାର ମୁକ୍ତିପାଇଁ ବ୍ୟାକୁଳ । ସେ ନିଶ୍ଚୟ ଦ ବ୍ୟାଜ୍‌ଙ୍କୁ କିଛି ଖବର ଦେଇଛନ୍ତି । କିନ୍ତୁ ଇଏ ତ ପ୍ରୁସିଆର ପ୍ରତିନିଧି । ଦୀର୍ଘକାୟ ସହାସ୍ୟବଦନ ଫନ ଇନେଜ୍ ଏ ଭିତରେ କରମର୍ଦ୍ଦନପାଇଁ ହାତ ବଢ଼ାଇଦେଇଥିଲେ ଲା ସ୍ୟାଲ୍ ଆଡ଼କୁ । ହାର୍ଦ୍ଦିକ କରମର୍ଦ୍ଦନ ପରେ ଦ ବ୍ୟାଜ୍ ସବୁକଥା ଖୋଲି କହିଦେଲେ, ''ରାଜା ଫ୍ରେଡ଼େରିକ୍ ଭୂତପୂର୍ବ ମହାରାଜା ଷୋଡ଼ଶ ଲୁଇଙ୍କ ଜୀବନ ରକ୍ଷା କରିବାକୁ ବଡ଼ ଆଗ୍ରହୀ ଥିଲେ । ତାହା ତ ହୋଇପାରିଲାନାହିଁ, ଅନ୍ତତଃ ଡଫିନ୍‌କୁ କାରାମୁକ୍ତ କରି ପ୍ରୁସିଆ ପଠାଇଦେଲେ ସେ ତା'ର ଲାଳନପାଳନ ଭାର ସାଦରେ ଗ୍ରହଣ କରିବେ ବୋଲି ସମ୍ବାଦ ପଠାଇଥିଲେ । କହିଥିଲି, ସେପରି ସୁଯୋଗ ମିଳିବା ମାତ୍ରେ ମୁଁ ଜଣାଇବି । ତୁମେ, ଲା ସ୍ୟାଲ୍ ଯେ ଏ ଚେଷ୍ଟାରେ ସଫଳକାମ ହେବ, ମୋର କାହିଁକି ସେ ବିଶ୍ୱାସ ଚାଲିଆସିଥିଲା । ତେଣୁ ସେହିଦିନୁ ଜଣାଇଦେଇଥିଲି ଯେ ସୁଯୋଗ ଆଗତ ପ୍ରାୟ । ଫଳରେ ରାଜପ୍ରତିନିଧି ଇନେଜ୍‌ଙ୍କର ଆଗମନ ।''

ଲା ସ୍ୟାଲ୍ କୃତଜ୍ଞତା ଜଣାଇ କହିଲା, ''ଭଗବାନ୍‌ଙ୍କ ଦୟାରୁ କାମଟା ସୁରୁଖୁରୁରେ ହୋଇଗଲା । ...ନଚେତ୍ ।''

ଇନେଜ୍ କହିଲେ, ''ନଚେତ୍ ଗିଲୋଟିନ୍... ନା କ'ଣ ? ଗିଲୋଟିନ୍ ନ ପଡ଼ିବା ପର୍ଯ୍ୟନ୍ତ ସବୁ ସୁରୁଖୁରୁ; ସବୁ ସହଜ ।''

କଥାଟା ଟିକିଏ ହାସ୍ୟ ସୃଷ୍ଟିକଲା । କିନ୍ତୁ ଇଜେନ୍ ଉପସ୍ଥିତ ଦାୟିତ୍ୱ ବିଷୟ ମନେପକାଇଦେଇ କହିଲେ, ''ଏଥର ମସିୟାର ଦ ବ୍ୟାଜ୍, ପରବର୍ତ୍ତୀ କାର୍ଯ୍ୟକ୍ରମଟା କହିଦିଅନ୍ତୁ ।''

ଡଫିନ୍‌କୁ ଭଲକରି ଘୋଡ଼ିଆଘୋଡ଼ି କରି ଶୁଆଇଦିଆଗଲା । 'ଜ୍ଞାନ ଫେରି ଆସିବା ପର୍ଯ୍ୟନ୍ତ ଶୋଉ' ବୋଲି ସେ ଘରର ଦୁଆର ଝରକା ବନ୍ଦ କରିଦେଇ ଦ ବ୍ୟାଜ୍ ଦୁଇ ବନ୍ଧୁଙ୍କୁ ନେଇ ନିଜ ବୈଠକଖାନାକୁ ଚାଲିଆସିଲେ । ସ୍ଥିର ହେଲା ସେହି ରାତିରେହିଁ

Digitized by srujanika@gmail.com

ଡଫିନ୍‌କୁ ଦୂର ମଫସଲକୁ ପଠାଇଦିଆଯିବ । ସଙ୍ଗରେ ଦ ବ୍ୟାଜ୍ ଓ ଇନେଜ ଯିବେ । ଲା ସ୍ୟାଲ୍ ଗଲେ ଚଳିବନାହିଁ, କାରଣ କାଲି ସକାଳୁ ଡଫିନ୍ ଚୋରି ବିଷୟ ଜଣାପଡ଼ିଯିବାକ୍ଷଣି ନଗରର ଅନ୍ୟ କେହି ଗଣ୍ୟମାନ୍ୟ ଲୋକ ପଳାଇଛନ୍ତି କି ବୋଲି ଖୋଜାପଡ଼ିବ । ଲା ସ୍ୟାଲ୍‌ଙ୍କୁ ନପାଇଲେ ସରକାର ତାଙ୍କୁ ହିଁ ପ୍ରଥମେ ସନ୍ଦେହ କରିବେ ।

କିନ୍ତୁ ଲା ସ୍ୟାଲ୍ ଚାଲିଯାଇଥିଲେ ଅନେକ ଝାମେଲାରୁ ତ୍ରାହି ପାଇଥାନ୍ତା । ଦୁଇ ଦୁଇ ଜଣ ଲୋକଙ୍କୁ ସେ ଏକସଙ୍ଗରେ ଠକିଛି । ଶମେତ୍ ଓ ସାଇମନ୍ ଉଭୟଙ୍କୁ ଦଶ ପନ୍ଦରଲକ୍ଷ ଅଷ୍ଟ୍ରିୟ ସୁନା ମୋହରର ଲୋଭ ଦେଖାଇ ସେ ଆତୁର କରି ରଖିଛି । ଇଟାଲୀରେ କି ସ୍ୱୀଜରଲାଣ୍ଡରେ ମହଲ ତୋଳି ଗୋଡ଼ ଉପରେ ଗୋଡ଼ ପକେଇ ଚିରଦିନଲାଗି ଗିଲୋଟିନ୍‌ର ଭୟ ଛାଡ଼ିଦେଇ ଆରାମରେ ଜୀବନ କଟାଇବାର ଥୋପ ଗିଳେଇଛି ଦିହିଁକି । ଦିଇଟାଯାକ ଧୂର୍ତ୍ତ ମାଙ୍କଡ଼ନାଚ ନାଚିଛନ୍ତି । ରାତି ପାହି ସକାଳ ହେଉ ହେଉ ସେମାନେ ଧାଇଁଆସିବେନାହିଁ ? ''ଲୁଇ କ୍ୟାପେଟ କାହିଁ'' ବୋଲି ଦାବି କରିବେନାହିଁ ? ନିଶ୍ଚୟ କରିବେ ।

ସକାଳ ହେଉ ହେଉ ଲା ସ୍ୟାଲ୍ ବସି ଭାବୁଛି— ଶମେତ୍‌କୁ ସହଜରେ ଭୂଆଁ ବୁଲେଇ ହୋଇଯିବ । ସେ ତ ଆଉ ଜାଣେନା ଯେ ଗତ ରାତିରେ ସାଇମନ୍‌ର ଟେମ୍ପଲ୍ ଜେଲଖାନା ଛାଡ଼ିବା ପ୍ରହସନରେ ମୁଁ ହିଁ ମୁଖ୍ୟ ଅଭିନୟ କରିଥିଲି । ସେ ଆସି ପଚାରିବା ମାତ୍ରେ କହିଦେବି— ''ମତେ କାହିଁକି ପଚାରୁଛ ଭାଇ; ସାଇମନ୍‌କୁ ଧର ।''

ଏତିକିବେଳେ ସତକୁ ସତ ହାହାକାର କରି ଶମେତ୍ ଧାଇଁଆସିଲା, ''ସର୍ବନାଶ ହୋଇଗଲା ଭାଇ, ସର୍ବନାଶ ହୋଇଗଲା । କାଲି ରାତିରେ ସାଇମନ୍ ଚାଲିଗଲା । ସାଙ୍ଗରେ ଡଫିନ୍‌କୁ ନେଇ ପଳାଇଛି । ଯେଉଁ ଚାରିଜଣ ସଦସ୍ୟ ଡଫିନ୍‌ର ଦାୟିତ୍ୱ ନେବାକୁ ଯାଇଥିଲେ, ସେମାନଙ୍କ ଆଖିରେ ଧୂଳିଦେଇ ସାଇମନ୍ ଡଫିନ୍‌କୁ ଚୋରାଇ ନେଇ ପଳାଇଛି !''

''କ'ଣ କହୁଛ !!''– କିଛି ନଜାଣିଲା ପରି ବିସ୍ମୟ ପ୍ରକାଶ କଲା ଲା ସ୍ୟାଲ୍ ।

''ହଁ ପରା । ଗୋଟାଏ କହରାବାଳିଆ ଟୋକାକୁ କାଛକରରେ ଶୋଇଦେଇ ତାକୁହିଁ ଲୁଇ କ୍ୟାପେଟ ବୋଲି ଚିହ୍ନାଇଦେଲା । ସେମାନେ ତା' କଥାକୁ ସତ ମଣି ଆରାମରେ ବସିଛନ୍ତି । ମୁଁ ଆଜି ସକାଳେ ଯାଇ ଦେଖେ ତ... ।''

''କ'ଣ, ଅଦଳକୁ ବଦଳ କରିଦେଇଛି ନା କ'ଣ ? କ'ଣ ପିଲାଟା ଜଡ଼ା ନା ?''

''ହେଇଥିବ କି କ'ଣ ? ଏଯାଏ କଥା କହିନି । କିନ୍ତୁ ତମେ ଯେଉଁଭଳି ପିଲାଟା ଯୋଗାଡ଼ କରି ରଖିଛ, ଏଇଟା ଅବିକଳ ତା'ରି ଭଳି ହୋଇଛି ।''

ଏ କଥାଟାକୁ ଲା ସ୍ୟାଲ୍ ହସି ଉଡ଼ାଇଦେଲା । କହିଲା, ''ଆହେ, ତୁମ ପରି ଅଭିଜାତ ଘରର ଲୋକଙ୍କ ଆଖିକୁ ରାସ୍ତା କରର ସବୁ ପିଲା ଏକାପ୍ରକାର ଦେଖାଯାଆନ୍ତି ।''

ଶମେତ୍ ଏବେ କୋଉ ଅଭିଜାତ ଘରର ପୁଅ ! ଜାତିରେ ସେ ଭଣ୍ଡାରି । ବିପ୍ଳବ ଆଗରୁ ଲୋକଙ୍କ ଦାଢ଼ି ଖିଅର କରି ଚଳୁଥିଲା । ଲା ସ୍ୟାଲ୍ ତାକୁ ଅଭିଜାତ କହି ଥଟ୍ଟା

Digitized by srujanika@gmail.com

କରୁନାହିଁ ତ ? ସେ ଏହି ଚିନ୍ତା କରୁ କରୁ ଲା ସ୍ୟାଲ୍ କହିଚାଲିଲା, ''ଭିକମଗା ପିଲାଗୁଡ଼ିକ ପ୍ରାୟ ଏକାପ୍ରକାର ଦେଖାଯାଆନ୍ତି ଭାଇ । ବିଶେଷକରି ଯଦି ମୁଣ୍ଡ ବାଳଗୁଡ଼ିକ ଏକାପରି ହୋଇଥିବ ନା, ତେବେ ତୁମେ ଜମା ଫରକ ଜାଣିପାରିବ ନାହିଁ । ଯାହାହେଉ, ଏତକ ସେହି ସାଇମନ୍‌ର ବଦମାସି । ସେଥିରେ ଆଉ ସନ୍ଦେହ ନାହିଁ । ଆଚ୍ଛା, କାଲି ସେ ଟେମ୍ପଲ୍‌ରୁ ଆସିବାବେଳେ ତା' ମାଲପତ୍ର ସବୁ ଫାଟକ ପାଖରେ ଚେକ୍ ହୋଇଥିଲାଟି ?''

''ପହରାବାଲାମାନେ ତ ଚେକ୍ କରିଥିଲେ ବୋଲି କହୁଛନ୍ତି । କିନ୍ତୁ ସେମାନେ ଯଦି ଭୁଲ୍‌ଭଟକା କରିଥିବେ ଏଇନେ କ'ଣ ଆଉ ମାନିବେ ?''

ଲା ସ୍ୟାଲ୍ ଚିନ୍ତିତ ହୋଇ କହିଲା, ''ଯାହାହେଉ, ତୁମେ ଆଗ ଯାଇ ସେ ସାଇମନ୍‌କୁ ଗିରଫ କରାଅ । ମୋର ବିଶ୍ୱାସ, ସେ ହିଁ ଏତକ କରିଛି । ତାକୁ ବାନ୍ଧିଦେଲେ ସବୁ ଜଣାପଡ଼ିଯିବ ।''

ଶମେତ୍ ସାଇମନ୍ ପାଖକୁ ଧାଇଁଲା । ପୁରୁଣା ଘୋଡ଼ାଶାଳର ଦୋତାଲା ଉପରକୁ ସେ ଅଗ୍ନିଶର୍ମା ହୋଇ ଉଠିଗଲା । ଭାବିଲା, ତା' ଚେହେରା ଦେଖୁ ଦେଖୁ ସାଇମନ୍ ମୁତିପକେଇବ । ତେଣୁ ତା' ଘର ସାମନାରେ ପହଞ୍ଚୁ ପହଞ୍ଚୁ ଗର୍ଜିଉଠିଲା, ''ବେଇମାନ, ଲୁଇ କ୍ୟାପେଟ କୋଉଠି ଅଛି ?''

ସାଇମନ୍ ଜାଣ ଆକାଶରୁ ଖସିପଡ଼ିଲା । କୃତ୍ରିମ ବିସ୍ମୟ ପ୍ରକାଶ କରି ସେ କହିଲା, ''ଲୁଇ କ୍ୟାପେଟ କୋଉଠି ? ଯେଉଁ ଟେମ୍ପଲ୍‌ରେ ଥିଲା, ସେଇଠି ଥିବ ।''

''ନା, ସେ ସେଠାରେନାହିଁ । ତୁ କାଲି ଚାଲିଆସିବାବେଳେ ତାକୁ ଚୋରାଇ ନେଇ ଆସିଛୁ । ତତେ ମୁଁ ଏହି ମୁହୂର୍ତ୍ତରେ ଗିଲୋଟିନ୍‌କୁ ପଠାଉଛି ।''

ସାଇମନ୍ କି ଆଉ କ୍ରୋଧ ସମ୍ଭାଳେ ? କ୍ରୋଧର ଅଭିନୟ କରି ସେ କହିଲା, ''କ'ଣ ଇମିତି ପାଟିକି ଯାହା ଆସିଲା ତାହା କହିଦେଉଛ ହେ ! ଯଦି ଗିଲୋଟିନ୍‌କୁ ଯିବାକୁ ହେବ, ତେବେ ତମେହିଁ ଯିବ । ମୁଁ ଚାଲିଆସିବାବେଳେ କିଛି ଲୁଚିଛପି ପଳେଇ ଆସିନି ଯେ ଗିଲୋଟିନ୍‌କୁ ଯିବି । ନିରାପତ୍ତା ସମିତିର ଚାରିଜଣ ସଦସ୍ୟଙ୍କୁ ମୁଁ ମୋର ପୂରା ଦାୟିତ୍ୱ ବୁଝାଇଦେଇ ଆସିଛି । ତମେ ଅଫିସ୍ ଖାତା ଦେଖିଥିଲ ? 'ଆମେ ଦାୟିତ୍ୱ ବୁଝିପାଇଲୁ' ବୋଲି ଲେଖିଦେଇ ସେମାନେ ଦସ୍ତଖତ କରିନାହାନ୍ତି ? ଆଉ କ'ଣ ମାଗଣାରେ ମୋଠାରୁ ଚାବିଟା ରଖିପକେଇଲେ ? ପଚାରିବାକୁ ଜୁ, ଥିଲେ ଯାଇ ସେହିମାନଙ୍କୁ ପଚାର । ଏଠି କାହା ଆଗରେ ତମ୍ଭି ତୋଫାନ ଦେଖେଇ ହେଉଛ ? ଗୋଟାଏ କଲମ ଗାରରେ ମୋ ଚାକିରିଟା ଖାଇଦେଲ, ସେତିକିବେଳେ ତ ମତେ ପଚାରି ହେଉନଥିଲ ?– ସେହି ପାପ, ସେହି ପାପର ଫଳ ଇଏ । ଯାଅ, ସେହି ଚାରିଜଣଙ୍କର ଭିତିରି ଇତିହାସ ଖୋଜ । ସେମାନେ ରାଜତନ୍ତ୍ରୀ ହୋଇଥିବେ । ସେହିମାନେହିଁ ଲୁଇ କ୍ୟାପେଟକୁ କେଉଁଠିକି ଚାଲାଣ କରିଦେଇଛନ୍ତି । ସେ ଯାହା କରିଥାନ୍ତୁ ନ କରିଥାନ୍ତୁ, ଗିଲୋଟିନ୍‌ର ଛୁରୀ ଯେ ତୁମ ବେକରେ ପଡ଼ିବ, ସେଥିରେ ମୋର ଖୁସି ।''

Digitized by srujanika@gmail.com

ସାଇମନ୍‌ଠାରୁ ଓଲଟା ଧମକ ଖାଇ ବିଚରା ପୁଣିଥରେ ଲା ସ୍ୟାଲ୍ ଘରକୁ ଧାଇଁଲା । ଲା ସ୍ୟାଲ୍ ପରାମର୍ଶ ଦେଲା, ''ଭାଇ, ଯାହା ତ ହେବାର ହେଲାଣି, ତୁମେ ଚୁପ୍ ରହିଯାଅ– ଚୁପ୍ ରହିଯାଅ; ଦେଖିବ ତୁନିକୁ ମୁନି ସରିନୁହେଁ । କଥାଟା ଏ ଭିତରେ ପାଞ୍ଚ ଛଅ ଜଣ ଜାଣିଗଲେଣି । ତୁମେ ଗୋଳିଆଘଣ୍ଟା କଲେ ଆହୁରି ଅଧିକ ଲୋକ ଜାଣିଯିବେ । ଶେଷକୁ ତୁମେହିଁ ବିପଦ ମୁହଁକୁ ଟାଣି ହୋଇଯିବ । ଏ ଯେଉଁ ଚାରି ପାଞ୍ଚ ଜଣ ଜାଣିଗଲେଣି– ଏ ସାଇମନ୍ ହେଉ ବା ସେ ସଦସ୍ୟ ଚାରିଜଣ ହୁଅନ୍ତୁ– ଏମାନେ ଏ ବିଷୟରେ ଉପରକୁ ଜଣାଇପାରିବେନାହିଁ । କାରଣ ଜଣାଇଲେ ମାନେ ନିଜେ ବିପକ୍ଷ ହୋଇଗଲେ । ତୁମର ଯାହା ହେଉ ନହେଉ, ସେମାନଙ୍କର ପ୍ରାଣ ଯିବ । ତେଣୁ ତୁମେ ଦେଖିବ, ସେମାନେ ଚୁପ୍ ରହିବେ । ତୁମେ ବି ଜାଣି ନଜାଣିଲା ପରି ଚୁପ୍ ହୋଇଯାଅ ।''

''ତା'ହେଲେ, ଏ ବଦଳ ପିଲାଟିକୁହିଁ...''

''ହଁ; ଏଇଟାକୁହିଁ ଡଫିନ୍ ବୋଲି ଚଳେଇଦିଅ । ଯଦି ସେତିକ ନକରିପାରିବ, ତେବେ ମରଣ ସୁନିଶ୍ଚିତ ।''

ଶମେତ୍ ମୁଣ୍ଡ ନୁଆଁଇ ଫେରିଗଲା । 'ହାୟରେ, ଦଶ ପନ୍ଦରଲକ୍ଷ ମୋହର ! ଏଥର ଆପେ ବଞ୍ଚିଲେ ବାପର ନାଆଁ । କଥାଟା ରୋବସ୍‌ପିୟର କାନକୁ ନଗଲେ ହେଲା ! ଏଇ ଲା ସ୍ୟାଲ୍‌ହିଁ କହିନଦେବ ବୋଲି ଠିକ୍ କ'ଣ ? ଅନ୍ୟମାନେ ବରଂ ଏଥିରେ ସମ୍ପୃକ୍ତ ହୋଇଯିବେ ବୋଲି ଭୟ ଅଛି । ଲା ସ୍ୟାଲ୍‌ର ତ ସେ ଭୟ ନାହିଁ । ଏହି ଲା ସ୍ୟାଲ୍‌ହିଁ ଡଫିନ୍‌କୁ ଚୋରି କରିବା କଥା ଉଠାଇଥିଲା । କିନ୍ତୁ ତା'ର ପ୍ରମାଣ କାହିଁ ? ମୋ କଥା ବିଶ୍ୱାସ କରିବ କିଏ ?''

ଜଣେ ଶତ୍ରୁକୁ ବିଦାୟ କରି ଲା ସ୍ୟାଲ୍ ଆରଜଣକପାଇଁ ଅପେକ୍ଷା କରି ବସିଲା । ସାଇମନ୍ ଆସିଲା ପୂରା ଗୋଟିଏ ଦିନ ପରେ । ଡେରିର କାରଣ ହେଲା ଶମେତ୍ । ଶମେତ୍ କାଳେ ସାଇମନ୍‌ର ଗତିବିଧି ଉଣ୍ଡିବା ଲାଗି ଚର ଲଗେଇଥିବ । ସେମାନେ ଯଦି ସାଇମନ୍ ସହିତ ଲା ସ୍ୟାଲ୍‌ର ସମ୍ପର୍କ ଅଛି ବୋଲି ଜାଣିଯିବେ ତେବେ ଖୋଳୁ ଖୋଳୁ ସବୁ ବାହାରିପଡ଼ିବ । ସାଇମନ୍, ତା' ସ୍ତ୍ରୀ, ଲା ସ୍ୟାଲ୍ ଲୁଇ କ୍ୟାପେଟ– କେହି ଗିଲୋଟିନ୍ ମୁହଁରୁ ଖସି ଯାଇପାରିବେନାହିଁ । ସେହି ଡରରେ ହିଁ ଲା ସ୍ୟାଲ୍ ସାଇମନ୍‌କୁ ''କାଲି ଛାଡ଼ି ପଅରଦିନ ଆସ'' ବୋଲି କହିଥିଲା । ସେଥିପାଇଁ ଶମେତ୍ ଆସିବାର ଦିନକ ପରେ ସାଇମନ୍ ଆସି ଲା ସ୍ୟାଲ୍ ପାଖରେ ପହଞ୍ଚିଗଲା ।

ଲା ସ୍ୟାଲ୍ ପ୍ରସ୍ତୁତ ଥାଏ । ତାକୁ ଦୁଆର ମୁହଁରେ ଦେଖୁ ଦେଖୁ କହିଉଠିଲା, ''ଆରେ ! ମଉସା ଯେ ! ଆସ, ଆସ । ...ଆଉ ଖବର କ'ଣ ?''

ବଡ଼ ଆଦର ଅଭ୍ୟର୍ଥନା ! କିନ୍ତୁ ଏ ପରିସ୍ଥିତିରେ ଇଏ କି କଥା ? ଖବରଟା ଯେ କ'ଣ ତାହା ସାଇମନ୍‌କୁ କହିବାକୁ ପଡ଼ିବ ନା ? ବରଂ ବର୍ତ୍ତମାନ ଖବରଦେବା ଦାୟିତ୍ୱଟା

Digitized by srujanika@gmail.com

ଲା ସ୍ୟାଲ୍‌ର । ଲୁଇ କ୍ୟାପେଟ କିପରି ଅଛି, କେଉଁଠି ଅଛି, ସେଦିନ ରାତିରେ କିଛି ବିପଦ ପଡ଼ିଲା ନା ନାହିଁ ଏବଂ ସର୍ବୋପରି ସେ ଯେଉଁ ଦଶ ପନ୍ଦର ଲକ୍ଷ ମୋହର– ସେ ମୋହର ପାଇବାକୁ ଆଉ କେତେ ବାଟ ଯିବାକୁ ପଡ଼ିବ– ଏସବୁ ଖବର ଲା ସ୍ୟାଲ୍ ଦେବା କଥା । ସେସବୁ ଖବର ଜାଣିବାପାଇଁ ତ ସାଇମନ୍ ଧାଇଁଆସିଛି । ସେକଥା ନାହିଁ, ଓଲଟି ଖବର ପଚାରୁଛି ତାକୁ ! ସାଇମନ୍ ଟିକିଏ ବିରକ୍ତ ହୋଇ କହିଲା, "ଖବର ଶୁଣିବ ? ଖବର ହେଉଛି ଅଷ୍ଟ୍ରିଆର ସୁନାମୋହରଗୁଡ଼ାକ ଧଳା ନା ହଳଦିଆ, ତାହା ଜାଣିବାକୁ ମୁଁ ଆତୁର ହୋଇ ପଡ଼ିଲିଣି ।"

ଲା ସ୍ୟାଲ୍ ହୋ-ହୋ ହୋଇ ବେଜାଏ ହସିବା ପରେ କହିଲା, "ଓହୋ, ସେଇକଥା କହୁଛ, ନା ? ଥଟ୍ଟାଟା ତା'ହେଲେ ମନେରଖିଛ ?"

"ଥଟ୍ଟା ! ଲୁଇ କ୍ୟାପେଟଙ୍କୁ ପାଇଲେ ତା' ମାମୁ ଦଶ ପନ୍ଦରଲକ୍ଷ ମୋହର ଦେବେ ବୋଲି ଲୋଭ ଦେଖାଇ ତୁମେ ପିଲାଟିକୁ ନେଇ ପଳାଇଆସିଲ, ଏବେ କ'ଣ କହୁଛ ନା ଥଟ୍ଟା !" – କହୁ କହୁ ସାଇମନ୍‌ର ଗଳା ପଞ୍ଚମକୁ ଉଠିଗଲା । ସେ ଗୋଟାଏ ଗର୍ଜନ କରିଉଠିଲା, "ଥଟ୍ଟା ଫଟା ରଖ, ମୋହର କେବେ ପାଇବି କହ ।"

"ଆହେ ସକାଳୁ ସକାଳୁ ଇଏ କି ପାଗଳାମି ଉଠିଗଲା ତୁମ ମୁଣ୍ଡକୁ ?" ଲା ସ୍ୟାଲ୍ କାତରକଣ୍ଠରେ କହିବାକୁ ଲାଗିଲା– "ତୁମ ଆମ ପରି ଲୋକ ଦଶ ପନ୍ଦର ଲକ୍ଷର ସ୍ୱପ୍ନ ଦେଖିବା କେଡ଼େ ମାରାତ୍ମକ କଥା ବୁଝିପାରୁଛଟି ମଉସା ? – କ୍ଷମା କରିବ ମଉସା, ମୁଁ ଯଦି ଥଟ୍ଟା ତାମସାରେ କେତେବେଳେ କିଛି କହିଦେଇଥିବି, ସେଇଟା ପାସୋରିଯାଅ ।"

"ଆରେ ଠକ !" କହି ସାଇମନ୍ ଲା ସ୍ୟାଲ୍ ଉପରକୁ ଗୋଟାଏ ଝାମ୍ପ ଦେଇ ଡେଇଁପଡ଼ିଲା । କିନ୍ତୁ ସାଇମନ୍ ତାକୁ ଧରିବା ପୂର୍ବରୁ ଲା ସ୍ୟାଲ୍ କାନ୍ଥ କରକୁ ଘୁଞ୍ଚିଯାଇ କାନ୍ଥରେ ଟଙ୍ଗାହୋଇଥିବା ଗୋଟାଏ ମୋଟା ବେତବାଡ଼ି ଉଠାଇ ଆଣିଲା ଏବଂ ବାଡ଼ିଟାକୁ ସାଇମନ୍‌ର ଛାତି ଆଡ଼କୁ ଦେଖାଇ ଛକି ଠିଆହୋଇଗଲା । ସାଇମନ୍ କି ବେତବାଡ଼ିକୁ ଡରେ ! ପରମୁହୂର୍ତ୍ତରେ ସେ ଗୋଟାଏ ଝାମ୍ପରେ ବେତଟାକୁ ଧରି ପକାଇ ନିଜ ଆଡ଼କୁ ଟାଣିଆଣିଲା । ଫଳରେ ବେତଖଣ୍ଡିକ ଲା ସ୍ୟାଲ୍ ହାତରୁ ସାଇମନ୍ ହାତକୁ ଖସି ଆସି ପାଲି ବଦଳାଇଦେଉଥିଲା । କିନ୍ତୁ ବେତ ସିନା ଖସି ସାଇମନ୍ ହାତକୁ ଚାଲିଆସିଲା, ଲା ସ୍ୟାଲ୍ ହାତରେ ରହିଗଲା ବେତ ଭିତରେ ଲୁଚି ରହିଥିବା ଲମ୍ବା ଧାରୁଆ ଚିକ୍‌ଚିକିଆ ଏକ ଗୁପ୍ତି ଖଣ୍ଡା । ଖଣ୍ଡା ମୁନଟା ସେତେବେଳକୁ ସାଇମନ୍ ଛାତିରେ ବାଜେ କି ନ ବାଜେ ।

ସାଇମନ୍‌ର ମୁହଁ କ୍ଷଣକ ମଧ୍ୟରେ ଫିକା ପଡ଼ିଗଲା ଏବଂ ତା'ର ସେହି ପାଂଶୁଳ ବଦନକୁ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁରହି ଗୁରୁଗମ୍ଭୀର ସ୍ୱରରେ ଲା ସ୍ୟାଲ୍ ଶୁଣାଇଦେଲା, "ସବୁ...କଥା ଭୁଲିଯାଅ...ମ...ଉ...ସା ! ନଚେତ୍ ମୋହର...ମୋହ...ନ ଛାଡୁଣୁ...ଗିଲୋଟିନ୍‌ରେ...ତୁମ... ମୁଣ୍ଡ...ଗଣ୍ଡି...ଦି ଭାଗ...ହୋ...ଇ...ଯି...ବ ।"

Digitized by srujanika@gmail.com

# ପାଞ୍ଚ : ଶିକାର ଓ ଶିକାରୀ

ପ୍ରାୟ ବର୍ଷକ ପରର କଥା ।

ଏ ଭିତରେ ଦୁଇଟି ବିଶିଷ୍ଟ ଘଟଣା ଘଟିଯାଇଛି । ଯେଉଁ ରୋବସ୍‌ପିୟର ଦିନେ ଗିଲୋଟିନ୍‌ର ଶାସନ ଚଳାଇ ସମଗ୍ର ଫରାସୀ ଦେଶରେ ଆତଙ୍କ ସୃଷ୍ଟି କରିଦେଇଥିଲେ, ସେ ଦିନେ ଗିଲୋଟିନ୍‌ର ଶିକାର ହୋଇଯାଇଛନ୍ତି । ପ୍ୟାରି ବିଶ୍ୱ ବିଦ୍ୟାଳୟର ଭୂତପୂର୍ବ ଗଣିତ ଅଧ୍ୟାପକ ଏବଂ ବିପ୍ଳବୀ ଅମଳର ଚାର୍ଲୋର କନସଲ୍ ଫୋକେଙ୍କ କୂଟଚକ୍ର ପାଖରେ ରୋବସ୍‌ପିୟରଙ୍କର ପୈଶାଚିକ ଔଦ୍ଧତ୍ୟ ହାର ମାନିଯାଇଛି । ରୋବସ୍‌ପିୟରଙ୍କୁ ପ୍ରାଣଦଣ୍ଡ ଦେବା ପରେ ଫୋକେ ହୋଇଯାଇଛନ୍ତି ଦେଶର ପୋଲିସ୍ ବିଭାଗର ଅଧକ୍ଷ; କାରଣ ତାଙ୍କ ମତରେ ପୋଲିସ୍‌ର କର୍ତ୍ତବ୍ୟପରାୟଣତା ଉପରେ ଦେଶର ନିରାପତ୍ତା ନିର୍ଭର କରେ । ଏଇଟି ହେଲା ପ୍ରଥମ ଘଟଣା ।

ଦ୍ୱିତୀୟ ଘଟଣାଟି ହେଉଛି ମୁଣ୍ଡର ନାଲି କହରା ବାଳଗଣ୍ଡିକ ବଳରେ ଯେଉଁ ମୂକବଧିର ପିଲାଟି ଟେମ୍ପଲ୍ ଜେଲ୍‌ଖାନାରେ କିଛିଦିନ ଧରି ଲୁଇ କ୍ୟାପେଟ୍‌ଙ୍କ ସ୍ଥାନ ଅଧିକାର କରିବାର ସୌଭାଗ୍ୟ ଅର୍ଜନ କରିଥିଲା, ସେ ପିଲାଟି ଏ ଭିତରେ ମରିଯାଇଛି । ସେ ରୋଗରେ ପଡ଼ି ମଲା କି ଅବା ତାକୁ ବିଷ ଦେଇ ମାରିଦିଆଗଲା, ତାହା ଅବଶ୍ୟ ଜଣାପଡ଼ିନାହିଁ । କଥା କ'ଣ କି, ସେ ଯେଉଁ ଚାରିଜଣ ସମିତି ସଦସ୍ୟ ସାଇମନ୍‌ଠାରୁ ଲୁଇ କ୍ୟାପେଟ୍‌ଙ୍କ ଦାୟିତ୍ୱ ବୁଝିନେଲେ, ସେମାନେ ଦାୟିତ୍ୱ ନେବାର ବାସିଦିନହିଁ ସନ୍ଦେହ କରି ବସିଲେ ଯେ ସେମାନେ ଯାହାକୁ ଦିନ ରାତି ଠେଙ୍ଗା ପକାଇ ଜଗିରହିଛନ୍ତି, ସେ ପ୍ରକୃତ ଲୁଇ କ୍ୟାପେଟନୁହେଁ । କାରଣ ରାଣୀଙ୍କ ବିରୁଦ୍ଧରେ ରାଜକୁମାର ଯେଉଁ ସାକ୍ଷ୍ୟ ଦେଇଥିଲେ ସେମାନେ ତାହା ନିଜେ ଦେଖିଛନ୍ତି, ଶୁଣିଛନ୍ତି । ଯେଉଁ ପିଲା ପ୍ରଗଳ୍ଭ ପରି କଥା କହୁଥିଲେ, ସେ ହଠାତ୍ ଏପରି ମୂକ ବଧିର ହୋଇଗଲେ କିପରି ? ଏ ପିଲା କଥା କହୁନାହିଁ କି କିଛି କହିଲେ ବୁଝିପାରୁନାହିଁ । ଏହାର କାରଣ କ'ଣ ? ତେଣୁ ଏ ଭିତରେ ନିଶ୍ଚୟ କିଛି ରହସ୍ୟ ଅଛି ଭାବି ସେମାନେ ଶମେତ୍‌ର ଅଜ୍ଞାତସାରରେ କଥାଟି ସମିତି ଆଗରେ ଆଲୋଚନା କରିବସିଲେ । ଅଥଚ 'ତୁନି କି ମୁନି ସରି ନୁହଁ'ଭାବି ଶମେତ୍ ଏ ବିଷୟରେ ନୀରବ ରହିଲା । ହାୟ ବିଚରା ! ସେ କ'ଣ ଜାଣିଥିଲା ଯେ ଏତେ ଶୀଘ୍ର ସବୁ ଏପରି ଓଲଟପାଲଟ ହୋଇଯିବ ? ସେ ତ ଭାବିଥିଲା ସାଇମନ୍‌କୁ ତଡ଼ିଦେବା ପରେ ସୁବିଧା ଦେଖି ସେହି କାଲାଟାକୁ ନେଇ ଡଫିନ୍ ସ୍ଥାନରେ ଶୁଆଇଦେଇ ଡଫିନ୍‌କୁ ନେଇ ପଳାଇ ଆସିବ । ତା'ପରେ ସମିତି ସଦସ୍ୟମାନଙ୍କୁ ସେହି କାଲାଟାହିଁ ଲୁଇ କ୍ୟାପେଟ ବୋଲି କହି ଦାୟିତ୍ୱ ଧରାଇଦେଇ ଚାଲିଯିବ ସ୍ୱୀଜରଲାଣ୍ଡ । ସେଠାରେ ଦଶ ପନ୍ଦରଲକ୍ଷ ଯାହା ମିଳିବ, ସେତକ ହାତପଇଠ କରି ଆରାମରେ ଚଳିଯିବ । ଅନ୍ୟମାନେ ପ୍ୟାରିରେ ବସି ଅଖା ଧୋଉଥିବେ, ଗୁଣ ଗାଉଥିବେ । କିନ୍ତୁ କଳ୍ପନାର ସୌଧ

Digitized by srujanika@gmail.com

ଯେତେବେଳେ ଭାଙ୍ଗି ଚୂର୍‌ମାର ହୋଇଗଲା, ସାଇମନ୍ ଯେତେବେଳେ ପ୍ରତିହିଂସା-ପରାୟଣ ହୋଇ ଡଫିନ୍‌କୁ ଚୋରାଇ ନେଲା ବୋଲି ତା'ର ବିଶ୍ୱାସ ହୋଇଗଲା, ସେତେବେଳେ ସେ ଦେଖିଲା ନାକ କାଟିଲେ ରକ୍ତ ଆସି ଢିଭରେ ପଡ଼ିଯିବ । ଅଭିଯୋଗ କଲେ ଅନ୍ୟ କେହି ଦଣ୍ଡ ପାଉ କି ନ ପାଉ, ସେ ନିଜେ ନିଶ୍ଚିତଭାବରେ ଗିଲୋଟିନ୍‌କୁ ଟାଣିହୋଇଯିବ । ତେଣୁ ସେ କୌଣସି ପ୍ରକାଶ୍ୟ ଅଭିଯୋଗ ନକରି ଚୁପ୍ ରହିଗଲା । କିନ୍ତୁ ତା'ର ସେ ମୌନବ୍ରତ ଦେଖି ସମିତି ସଦସ୍ୟମାନେ ତାକୁହିଁ ସନ୍ଦେହ କଲେ । ସମସ୍ତେ ଧରିନେଲେ ଯେ ସାଇମନ୍ ପରି ବିଶ୍ୱସ୍ତ ଲୋକଟାକୁ ବାହାର କରିଦେବାକୁ ଢେ ଯେଉଁ ସୁପାରିସ କରିଥିଲା, ତା' ପଛରେ ନିଶ୍ଚୟ କିଛି ଦୁରଭିସନ୍ଧି ରହିଥିଲା । ଘଟଣା ରହସ୍ୟାବୃତ୍ତ ହୋଇ ରହିଗଲା ସତ; କିନ୍ତୁ ଡଫିନ୍‌କୁ ଯେ ଚୋରାଇ ନିଆଯାଇଛି, ସେ ବିଷୟରେ ଆଉ ସନ୍ଦେହ ରହିଲାନାହିଁ । କିନ୍ତୁ ଏକଥା ଜାଣିବାକୁ ପାଇଲେ ରାଜତନ୍ତ୍ରୀମାନେ ଏକଜୁଟ ହୋଇଯିବେ ବୋଲି ଭୟ କରି ସରକାର ବି ନୀରବ ରହିଲେ ।

ଭିତରେ ଭିତରେ ଡଫିନକୁ ଖୋଜା ଚାଲିଥାଏ । ଏଭିତରେ କି ରୋଗ ହେଲା କେଜାଣି ସେ ମୂକବଧିର ପିଲାଟି ମରିଗଲା । ରୋଗ ବିଷୟରେ ତ ସେପରି କିଛି ଶୁଣାନଥିଲା, ତେଣୁ ଗୋଟିଏ ହୋ-ଉଠିଲା ଯେ ପିଲାଟିକୁ ବିଷଦେଇ ମାରିଦେଲେ । ବୋର୍ବୋ ରାଜବଂଶ ଲୋପ ହୋଇଗଲେ ପାପ ଚାଲିଯିବ ଭାବି ବିଷଦେଲେ ବି ଦେଇଥିବେ । ଯାହାହେଉ ପିଲାଟି ମରିଯିବା ପରେ ତା'ର ମୃତ ଦେହଟିକୁ ପରୀକ୍ଷା କରି ଦେଖିବାକୁ କାହାରିକୁ ସୁଯୋଗ ନଦେଇ ବଡ଼ ତରବରିଆ ଭାବରେ ତାକୁ କବର ଦେଇଦେଲେ । ତା'ର କିଛିଦିନ ପରେ ଅନ୍ୟ କିଛି ଗୋଟିଏ ଆଳରେ ଶମେତ୍‌କୁ ବିଚାରାଳୟକୁ ଟାଣିଆଣି ଗିଲୋଟିନ୍‌ରେ ପୂରାଇଦିଆଗଲା । ଆଉ କିଛିଦିନ ପରେ ସାଇମନ୍‌କୁ ବି ସେହି ଦଶା ଭୋଗିବାକୁ ପଡ଼ିଲା । ସାଇମନ୍ ଟେମ୍ପଲ୍ ଛାଡ଼ିବା ପୂର୍ବରୁ ଏବଂ ତା'ପରେ ସେଠାରେ ଯାହା ସବୁ ଘଟିଥିଲା, ତାହାର ସାକ୍ଷ୍ୟ ଦେବାଲାଗି ଆଉ କେହି ଅବଶିଷ୍ଟ ରହିଲେନାହିଁ । ଏପରିଭାବରେ ଗୋଟିଏ ଅଧ୍ୟାୟର ପରିସମାପ୍ତି ଘଟାଇ ନିରାପତ୍ତା ସମିତି ଆଶ୍ୱସ୍ତିର ନିଶ୍ୱାସ ମାରିଲେ ।

କିନ୍ତୁ ଦେଶରେ ଯେଉଁ ରାଜତନ୍ତ୍ରୀ ଲୋକେ ପ୍ରଚ୍ଛନ୍ନଭାବରେ ରହିଛନ୍ତି, ଯେଉଁମାନଙ୍କୁ ଆଶାଭରସା ଦେଇ ଦ ବ୍ୟାଜ୍ ରାଜତନ୍ତ୍ର ଫେରାଇ ଆଣିବାଲାଗି ପ୍ରସ୍ତୁତ ହେଉଥିଲେ, ସେମାନେ ଆଶ୍ୱସ୍ତିର ନିଃଶ୍ୱାସ ମାରିପାରିଲେନାହିଁ । 'ରାଜକୁମାରଙ୍କର କ'ଣ ହେଲା ? ଲୁଇ ଚାର୍ଲସ୍‌ଙ୍କର କ'ଣ ହେଲା' ବୋଲି ପଚାରି ପଚାରି ସେମାନେ ଦ ବ୍ୟାଜ୍‌କୁ ଅଥୟ କରିଦେଲେ । ସେମାନଙ୍କୁ ଆଶ୍ୱାସନା ଦେଇ ଦ ବ୍ୟାଜ୍ ଇଙ୍ଗିତ ଦେଲେ, ''ରାଜକୁମାର ବଞ୍ଚିଛନ୍ତି; ଆଦୌ ବ୍ୟସ୍ତ ହୁଅନାହିଁ, ସେ ଯଥାସମୟରେ ଆତ୍ମପ୍ରକାଶ କରିବେ ।''

ସେହି ଇଙ୍ଗିତ ଟିକକହିଁ କାଳ ହେଲା । ସବୁଲୋକେ ତ ସତର୍କ ହୋଇ ଜାଣନ୍ତି ନାହିଁ । 'ରାଜକୁମାର ବଞ୍ଚିଛନ୍ତି; ସେ ଯଥାସମୟରେ ଆତ୍ମପ୍ରକାଶ କରିବେ ବୋଲି ଶୁଣିଦେଇ

Digitized by srujanika@gmail.com

ଛନ୍ଦକପଟ ଜାଣିନଥିବା ଲୋକେ ଆନନ୍ଦମୁଖର ହୋଇଉଠିଲେ । ରାଜତନ୍ତ୍ରୀଙ୍କର ଆନନ୍ଦ ଉନ୍ମାଦ କ୍ରମେ ସାଧାରଣତନ୍ତ୍ରୀଙ୍କ ଆଖିରେ ପଡ଼ିଲା । କଥାଟା ଶାସକ ମହଲରେ ପହଞ୍ଚିବାକୁ ବେଶି ସମୟ ଲାଗିଲାନାହିଁ । ଶାସକ ମହଲର ତ ମୂଳରୁ ସନ୍ଦେହ ଥିଲା । ରାଜତନ୍ତ୍ରୀଙ୍କର ଆନନ୍ଦ ଉତ୍ସବ ଦେଖି ସେ ସନ୍ଦେହ ବଦ୍ଧମୂଳ ହୋଇଗଲା । ଫଳରେ ଲୁଇ କ୍ୟାପେଟ୍ ଓରଫ ଡଫିନ୍‌କୁ ଖୋଜି ବାହାର କରିବାକୁ ସରକାର ସମସ୍ତପ୍ରକାର ବ୍ୟବସ୍ଥା ଆରମ୍ଭ କରିଦେଲେ ଏବଂ ପୋଲିସ୍ ଅଧ୍ୟକ୍ଷ ଫୋକେ ସେ ଦାୟିତ୍ୱଟି ନିଜ ହାତକୁ ନେଇଗଲେ । ଫରାସୀ ଦେଶର ପ୍ରତି ସହର, ପ୍ରତି ଗ୍ରାମ, ପ୍ରତ୍ୟେକ ଖମାରରେ ସରକାରୀ ଗୁଇନ୍ଦା ଖେଳିଗଲେ । 'ଏହି ଗତ କେତେ ମାସ ଭିତରେ ନାଲି କହରିଆ ବାଳଥିବା ଆଠ ନଅବର୍ଷର ଗୋଟିଏ ପିଲା ସେଠାରେ କାହା ଘରେ ଆସି ରହିଛି କି' ବୋଲି ସେମାନେ ଖୋଜିବୁଲିଲେ । ଯେଉଁମାନେ ବୋର୍ବୋପନ୍ଥୀ ବୋଲି ସନ୍ଦେହ ରହିଥିଲା, ସେମାନଙ୍କର ଚାକରବାକର, ଅଡ଼ିଶାପଡ଼ିଶାଙ୍କୁ ଲାଞ୍ଚ ଦେଇ ବିପ୍ଳବୀ ନେତାମାନେ ହାତ କରିବାକୁ ଚେଷ୍ଟା ଚଳାଇଲେ । ସେମାନଙ୍କ ଜାଣତରେ ସେ ଲୋକଙ୍କ ଘରେ ସେପରି ପିଲା ଅଛି କି ? କେବଳ ଏତିକି ଖବର ମିଳିଗଲେ ଯଥେଷ୍ଟ ।

ଏପରି ଖୋଜୁ ଖୋଜୁ ଦିନେ ଖବର ମିଳିଗଲା ଯେ ମ୍ୟୁଡ଼ନ ସହରର ବ୍ୟାଙ୍କର୍ ପୋର୍ଟିଭାଲ୍‌ଙ୍କ ଘରେ ଗତ ଦଶମାସ ହେଲା ଏହିପରି ଗୋଟିଏ ପିଲା ଆସି ରହିଛି, ବୟସ ପ୍ରାୟ ଦଶ ହେବ; ମୁଣ୍ଡରେ ଲମ୍ବା ଲମ୍ବା ନାଲି କହରିଆ ବାଳ । ବ୍ୟାଙ୍କର୍ କହନ୍ତି ଯେ ସେ ପିଲାଟି ତାଙ୍କର ଦୂରସମ୍ପର୍କୀୟ ଭଣଜା ହେବ । ତା'ର ବାପମାଆ ହଠାତ୍ ମରିଯିବାରୁ ତାକୁ ମଣିଷ କରିବା ଆଶାରେ ମାମୁ ତାକୁ ପାଖକୁ ନେଇ ଆସିଛନ୍ତି । ଏ ଖବର ପାଉ ପାଉ ସରକାର ତତ୍ପର ହୋଇଉଠିଲେ । ପୋଲିସ୍ ପଠାଇ ଆଗ ପିଲାଟିକୁ ଧରିଆଣିଲେ ପଛେ ଯାଇ ଅନ୍ୟ କଥା ।

କିନ୍ତୁ ସେପଟେ ରାଜତନ୍ତ୍ରୀମାନେ କିଛି ନିଶ୍ଚିନ୍ତ ହୋଇ ବସିନଥିଲେ । ଦ ବ୍ୟାଜ୍ ସବୁଆଡ଼କୁ ଲକ୍ଷ୍ୟ ରଖିଥାନ୍ତି । ପ୍ରଥମରୁ ପରିକଳ୍ପନା ଥିଲା ଯେ ବ୍ୟାରନ୍ ଇନେଜ୍ ଲୁଇ କ୍ୟାପେଟ୍‌ଙ୍କୁ ନେଇ ପ୍ରୁସିଆ ଚାଲିଯିବେ । – ହଁ, ରାଜକୁମାରଙ୍କୁ ଆଉ ଲୁଇ କ୍ୟାପେଟ୍ କହି ଲାଭ କ'ଣ ? ବିପ୍ଳବୀମାନେ ତାଙ୍କୁ ଯେଉଁ ନାଆଁ ଦିଅନ୍ତୁ ନା କାହିଁକି, ରାଜତନ୍ତ୍ରୀମାନେ ତାଙ୍କୁ ସପ୍ତଦଶ ଲୁଇ ବୋଲିହିଁ ଅଭିହିତ କରୁଥିଲେ । ସେ ଟେମ୍ପଲ୍ ଜେଲ୍‌ଖାନାରେ ଥିବାବେଳେ ବି ୟୁରୋପର ବିଭିନ୍ନ ଦେଶରେ ତାଙ୍କୁ ସପ୍ତଦଶ ଲୁଇ ବୋଲି କୁହାଯାଉଥିଲା । ତେଣୁ ଯେତେବେଳେ ଲୁଇ କ୍ୟାପେଟ୍‌ଙ୍କର ମୃତ୍ୟୁ ହୋଇଗଲା ବୋଲି ଫ୍ରାନ୍ସର ବିପ୍ଳବୀ ସରକାର ଘୋଷଣା କରିଦେଲେ, ସେତେବେଳେ ଷୋଡ଼ଶ ଲୁଇଙ୍କର ସାନଭାଇ କାଉଣ୍ଟ୍ ଅଫ୍ ପ୍ରୋଭେସ୍ ଯେ କି ବିପ୍ଳବ ଆରମ୍ଭ ହେଲା ଦେଖି ଫ୍ରାନ୍ସରୁ ପଳାୟନ କରି ଇଂଲଣ୍ଡରେ ଆଶ୍ରୟ ନେଇଥିଲେ, ସେ ଅଷ୍ଟାଦଶ ଲୁଇ ନାମ ଗ୍ରହଣ କରି ନିଜକୁ ଫ୍ରାନ୍ସର ସମ୍ରାଟ୍ ବୋଲି ଘୋଷଣା କରିଥିଲେ ।

Digitized by srujanika@gmail.com

ଯାହାହେଉ, ଅଷ୍ଟାଦଶ ଲୁଇ ଇଂଲଣ୍ଡରେ ବସି ଯେତେ ନିଶ ମୋଡ଼ି ହେଉଥିଲେ ବି ସପ୍ତଦଶ ଲୁଇ ଫ୍ରାନ୍ସରୁ ପଳାଇବାର ବାଟ ନପାଇ ଫ୍ରାନ୍ସରେହିଁ ରହିଯାଇଥିଲେ । କାରଣ ଦ ବ୍ୟାଜ୍ ବାଳକ ରାଜାଙ୍କୁ ବ୍ରାଣ୍ଡନବୁର୍ଗ ପଠାଇଦେଇ ପ୍ରୁସିଆ ରାଜା ଫ୍ରେଡ଼େରିକ୍‌ଙ୍କ ଆଶ୍ରୟରେ ରଖିଦେବାକୁ ସିଦ୍ଧାନ୍ତ କରିଥିଲେ ମଧ୍ୟ ଠିକ୍ ସେତିକିବେଳକୁ ପ୍ରୁସିଆର ରାଜନୈତିକ ଅବସ୍ଥା ଟିକିଏ ଗଣ୍ଡଗୋଳିଆ ଧରିଲା । ଫ୍ରେଡ଼େରିକ୍ ସମ୍ବାଦ ପଠାଇଲେ ଯେ ସେ ଅବସ୍ଥାରେ ସପ୍ତଦଶ ଲୁଇ ତାଙ୍କ ଦେଶରେ ଆଶ୍ରୟ ନେବା ନିରାପତ୍ତା ହେବନାହିଁ । ଫଳରେ ଦ ବ୍ୟାଜ୍ ନିରୁପାୟ ହୋଇ ସପ୍ତଦଶ ଲୁଇଙ୍କୁ ବ୍ୟାଙ୍କର୍ ପୋର୍ଟିଭାଲଙ୍କ ଦାୟିତ୍ୱରେ ରଖାଇଦେଲେ ଓ ଇନେଜ୍ ଏକାକୀ ପ୍ରୁସିଆ ଫେରିଗଲେ ।

କିନ୍ତୁ କିଛିଦିନ ପରେ ଫ୍ରାନ୍ସର ବିପ୍ଳବୀ ସରକାରଙ୍କର ତତ୍ପରତା ଦେଖି ଦ ବ୍ୟାଜ୍ ଜାଣିଗଲେ ଯେ କାଳକ୍ଷେପ କରିବା ବାଳକ ରାଜାଙ୍କ ପକ୍ଷରେ ବିପଦର କାରଣ ହେବ । ତେଣୁ ସେ ପ୍ରୁସିଆକୁ ଲୋକ ପଠାଇ ରାଜା ଫ୍ରେଡ଼େରିକ୍‌ଙ୍କୁ ଜଣାଇଦେଲେ ଯେ ଯଦି ସପ୍ତଦଶ ଲୁଇଙ୍କର ପ୍ରୁସିଆ ଯିବା ପରିକଳ୍ପନା କାର୍ଯ୍ୟକାରୀ କରିବାରେ ବାଧା ଅଛି, ତେବେ ସେ ପରିକଳ୍ପନା ପରିତ୍ୟାଗ କରିଦେବାହିଁ ଭଲ । ଫ୍ରାନ୍ସରେ ଲୁଇଙ୍କର ଅବସ୍ଥାନ ବିପଦଜନକ ହୋଇଉଠୁଥିବାରୁ ତାଙ୍କ ପକ୍ଷରେ ପ୍ରୁସିଆ ଆଶା ଛାଡ଼ିଦେଇ ଅନ୍ୟ କୌଣସି ଦେଶର ବନ୍ଧୁତା ଲୋଡ଼ିବା ଉଚିତ ହେବ ।

ରାଜା ଫ୍ରେଡ଼େରିକ୍ ଏ କଥାର ମର୍ମ ବୁଝିପାରିଲେ । ତାଙ୍କ ପ୍ରତିଶ୍ରୁତିର ଖିଲାପ ହେଲେ ସେ ଦେଶ ବିଦେଶରେ ନିନ୍ଦିତ ହେବେ । ତେଣୁ ନିଜ ଦେଶର ବିଭିନ୍ନ ଅସୁବିଧା ସତ୍ତ୍ୱେ ସପ୍ତଦଶ ଲୁଇଙ୍କୁ ପ୍ରୁସିଆ ନେଇଯିବା ଲାଗି ସେ ପୁଣିଥରେ ଇନେଜ୍‌ଙ୍କୁ ଫ୍ରାନ୍ସ ପଠାଇଦେଲେ । ଇନେଜ୍ ଆସି ଦ ବ୍ୟାଜ୍‌ଙ୍କ ପାଖରେ ପହଞ୍ଚିଗଲେ ସତ; କିନ୍ତୁ ସେ ଆସିଥିଲେ ଏକାକୀ । ଏଭଳି ଏକ ବିପଜ୍ଜନକ କାର୍ଯ୍ୟରେ ଅଗ୍ରସର ହେବାକୁ ହେଲେ ଆଉ ଜଣେ ସହଯୋଗୀ ରହିଥିବା ଏକାନ୍ତ ଆବଶ୍ୟକ । ସେ ତ ଲା ସ୍ୟାଲ୍‌ର କର୍ମତତ୍ପରତାର ପରିଚୟ ପୂର୍ବରୁ ପାଇଥିଲେ, ତେଣୁ ସେ ଦ ବ୍ୟାଜ୍‌ଙ୍କୁ କହିଲେ ଲା ସ୍ୟାଲ୍‌କୁ ସଙ୍ଗରେ ନେବେ ।

ସେତେବେଳକୁ ଲା ସ୍ୟାଲ୍‌ର ଅବସ୍ଥା ବଦଳିଗଲାଣି । ଚିତ୍ର ଅଙ୍କନ କରି ଭଲ ଦି ପଇସା ମିଳୁଥାଏ । ଦାଢ଼ି ଖିଅର ନହୋଇ ଛିଣ୍ଡାଜୋତା ପିନ୍ଧି ଆଉ ପରଦ୍ୱାରସ୍ଥ ହେବାକୁ ପଡୁନଥାଏ । ଲୁଇ କ୍ୟାପେଟ୍‌ଙ୍କୁ ଚୋରାଇନେବା ସମ୍ପର୍କରେ ଖୋଳତାଡ଼ ହୋଇ ଶମେତ୍ ପ୍ରାଣଦଣ୍ଡ ପାଇଲା; ସାଇମନ୍ ବି ପ୍ରାଣଦଣ୍ଡ ପାଇଲା । କିନ୍ତୁ ନାଟର ଗୋବର୍ଦ୍ଧନ ଲା ସ୍ୟାଲ୍ ଉପରେ ସନ୍ଦେହର ଛାୟାପାତ ମଧ୍ୟ ହୋଇନାହିଁ । ମୋଟଉପରେ ସେ ବର୍ତ୍ତମାନ ଖୁସିରେ ଚଳୁଛି । ଏ ଅବସ୍ଥାରେ ସେ କାହିଁକି ଏ ଗୋଳିଆପାଣିରେ ଗୋଡ଼ ବୁଡ଼ାଇବ ବୋଲି ଦି ବ୍ୟାଜ୍ ସନ୍ଦେହ କଲେ ।

ସନ୍ଦେହର ଅନ୍ୟ କାରଣ ବି ରହିଥିଲା । ପ୍ରଥମ କଥା, ସେ ଖାଣ୍ଟି ରାଜତନ୍ତ୍ରୀ ନୁହେଁ । ଅବଶ୍ୟ ଖାଣ୍ଟି ବିପ୍ଳବୀ ମଧ୍ୟ ନୁହେଁ । ଲୋକଟା ମୁଖ୍ୟତଃ ସୁବିଧାବାଦୀ । ତା'ର

Digitized by srujanika@gmail.com

ଦେଶପ୍ରେମ ଥାଇ କେତେ ନଥାଇ କେତେ ? ତା ଦେଶପ୍ରେମପାଇଁ କ'ଣ ଦେଶ ସ୍ୱର୍ଗକୁ ଉଠିଯିବ ନା ତା ଦେଶପ୍ରେମ ଅଭାବରୁ ଦେଶ ନର୍କରେ ବୁଡ଼ିଯିବ ? ପ୍ରଶ୍ନ ଉଠିପାରେ– ଏପରି ଜଣେ ଲୋକ ତା'ହେଲେ ଡଫିନ୍ ଚୋରି ପରି ସାଂଘାତିକ କାମରେ ହାତଦେଇଥିଲା କାହିଁକି ? ହାତଦେଇଥିଲା ଅଭାବର ତାଡ଼ନାରେ; ଦ ବ୍ୟାଜ୍‌ଙ୍କ ବାଧ୍ୟବାଧକତାରେ । ଦ ବ୍ୟାଜ୍‌ଙ୍କ ସାହାଯ୍ୟ ବିନା ପ୍ୟାରିରେ ଜୀବନଧାରଣ କରିବା ତା ପକ୍ଷରେ ଅସମ୍ଭବ ହୋଇପଡ଼ିଥାନ୍ତା । ତେଣୁ ସେ ତାଙ୍କ କଥା ଭାଙ୍ଗିପାରି ନଥିଲା । ଦ୍ୱିତୀୟତଃ, ପ୍ରତ୍ୟେକ କାର୍ଯ୍ୟର ଗୋଟିଏ ମାଦକତା ରହିଛି; କାର୍ଯ୍ୟର ମାଦକତାରେ ବିଭୋର ହୋଇ ସେ ବୁଦ୍ଧିର ସକଳ କୌଶଳ ପ୍ରଦର୍ଶନ କରିଦେଇଥିଲା । କିନ୍ତୁ କାର୍ଯ୍ୟ ସମାପ୍ତି ପରେ ସେ ମାଦକତା ଛାଡିଗଲା । ସେ ଉତ୍ସାହର ଅଗ୍ନିଶିଖା ନିଷ୍ପ୍ରଭ ହୋଇଗଲା । କିଛି ଦିନ ଭିତରେ ସେ ଶିଖା ସମ୍ପୂର୍ଣ୍ଣ ଲିଭିଗଲା ।

ବର୍ତ୍ତମାନ ଦ ବ୍ୟାଜ୍ ସେହି ମୃତ ଆଗ୍ନେୟଗିରିରୁ ଜ୍ୱଳନ୍ତ ଲାଭା ସ୍ରୋତ ନିର୍ଗତ କରାଇପାରିବ ତ ? ମନରେ ଏପରି ସନ୍ଦେହ, ସେପଟେ ବ୍ୟାରେନ୍ ଇନେଜ୍‌ଙ୍କର ଅନୁରୋଧ–'ଟିକିଏ ଲା ସ୍ୟାଲ୍‌କୁ ଡକାନ୍ତୁ; ସେ ମୋ ସାଥିରେ ରହିଲେ ମୋର ଆଉ ଚିନ୍ତାନାହିଁ ।' ଏ ଅବସ୍ଥାରେ ଇନେଜ୍‌ଙ୍କୁ 'ଲା ସ୍ୟାଲ୍‌କୁ ପାଇବା ଆଉ ସମ୍ଭବ ନୁହେଁ' ବୋଲି କହିଦେବା ଅର୍ଥ ଆତ୍ମସମ୍ମାନ କ୍ଷୁଣ୍ଣ କରିଦେବା । ସୁତରାଂ ସମସ୍ତ ଦ୍ୱିଧା ସତ୍ତ୍ୱେ ଦ ବ୍ୟାଜ୍ ଲା ସ୍ୟାଲ୍‌କୁ ଡକାଇଲେ । ଅନୁରୋଧର ସ୍ୱରତୋଳି କହିଲେ, "ଫୋରେନ୍‌ସ, ତୁମେ ଯେଉଁ ଅସାଧ ସାଧନ କରିଥିଲ, ସେ ସାଧନ ଆଜି ବ୍ୟର୍ଥ ହୋଇଯିବାକୁ ବସିଛି । ବିପ୍ଳବୀମାନେ ଯଦି ସପ୍ତଦଶ ଲୁଇଙ୍କୁ ଧରିପକାଇବେ, ତେବେ ଆଉ ଜେଲ୍‌ଖାନାକୁ ପଠାଇବା ପର୍ଯ୍ୟନ୍ତ ରଖିବେନାହିଁ; ଧରିବାକ୍ଷଣି ମାରିଦେବେ । ଥରେ ଯେତେବେଳେ ତାଙ୍କର ମୃତ୍ୟୁ ସମ୍ବାଦ ପ୍ରଚାର କରିସାରିଛନ୍ତି, ଏବେ ପୁଣି 'ଧରାପଡ଼ିଲେ' ବୋଲି କହିଲେ ଲୋକେ ସେମାନଙ୍କର ଦୁର୍ବଳତା ଜାଣିଯିବେ ।"

"କିନ୍ତୁ ମୁଁ କ'ଣ କରିବି ?"– ଲା ସ୍ୟାଲ୍ ପଚାରିଲା ।

"ତୁମେ ? – ତୁମକୁ ଅସୀମ ସ୍ୱାର୍ଥତ୍ୟାଗ କରିବାକୁ ପଡ଼ିବ । ଆବଶ୍ୟକ ହେଲେ ପ୍ରାଣପାତ କରିବାକୁ ପଡ଼ିବ । ତୁମେ ରାଜାଙ୍କୁ ଭଲ ପାଉନଥାଇପାର; କିନ୍ତୁ ଏବେ ମୋ ଖାତିରିରେ ଜୀବନ ଦେଇପାରିବନାହିଁ ?" – ଆବେଗ ସହିତ ଆବେଦନ ଜଣାଇ ଟିକିଏ ହସିଦେଲେ ଦ ବ୍ୟାଜ୍ । କହିଲେ, "ଦେଖୁଛ, ମୁଁ କେଡ଼େ ନିର୍ଲଜ୍ଜ, କେଡ଼େ ସ୍ୱାର୍ଥପର ନୁହେଁ ସତେ ! ଏତେବେଡ଼ ଏକ ଦାବି କରିବାକୁ ତୁମ ଉପରେ ମୋର କି ଅଧିକାର ଅଛି କହିଲ ?"

ଲା ସ୍ୟାଲ୍ ଭାବିଲା । ଦ ବ୍ୟାଜ୍‌ଙ୍କର ଏ ଆହ୍ୱାନ ନିୟତିର ନିର୍ଦ୍ଦେଶନୁହେଁ ତ ! ଡଫିନ୍ ଅବଶ୍ୟ ଅତୀତର ଉପକାର ଭୁଲିନଥିବ । ସେତେବେଳେ ସେ ତାକୁ ଜେଲ୍‌ଖାନାରୁ ଉଦ୍ଧାର କରି ଆଣିଥିଲା । ବର୍ତ୍ତମାନ ଫରାସୀ ଦେଶରୁ ଉଦ୍ଧାର କରି ଦେବାର ସମୟ ଆସିଛି । ଯେଉଁ ଲୋକ ଏତକ ଉପକାର କରିବ, ତାକୁ ବି ଡଫିନ୍ ଭୁଲିଯିବନାହିଁ । ପ୍ରଥମ

Digitized by srujanika@gmail.com

ଥରର ଉଦ୍ଧାରକର୍ତ୍ତା ଯଦି ଦ୍ୱିତୀୟ ଥର ମଧ୍ୟ ସେହି ଭୂମିକା ଗ୍ରହଣ କରେ, ତେବେ ଡଫିନ ନିଶ୍ଚୟ ତା ପ୍ରତି ଚିରକୃତଜ୍ଞ ହୋଇ ରହିବ । ଆଜିର ତଥାକଥିତ ସପ୍ତଦଶ ଲୁଇ ଯଦି ସତରେ ଫରାସୀ ସିଂହାସନରେ ବସି ପ୍ରକୃତ ସପ୍ତଦଶ ଲୁଇ ହୋଇଯିବେ, ତେବେ ସେହି କୃତଜ୍ଞତା ଶୁଝିବା ଲାଗି ସେ କିଛି ବ୍ୟବସ୍ଥା କରିବେ ନା ନାହିଁ ?

ନକରି ବି ପାରେ । ସିଂହାସନରେ ବସିବା ପୂର୍ବରୁ ସେ ହୁଏତ ଗୁପ୍ତ ଘାତକ ହାତରେ ନିହତ ହୋଇଯାଇପାରେ । ନା ଯଦି ସିଂହାସନରେ ବସେ, ତେବେ ସୁଦିନର ସୌଭାଗ୍ୟ ଭିତରେ ଦୁର୍ଦ୍ଦିନର ବନ୍ଧୁ କଥା ପାସୋରି ବି ଯାଇପାରେ । ରାଜାମାନେ ଏବେ କେଉଁଦିନ କୃତଜ୍ଞ ଥିଲେ ଯେ ! ତା' ହେଲେ ତ ଲା ସ୍ୟାଲ୍‌ର ସବୁ ଆଶା ଧୂଳିରେ ମିଶିଯିବ ।

ତଥାପି ଯେତେ କ୍ଷୀଣ ହେଲେ ମଧ୍ୟ ଟିକିଏ ଆଶା ଅଛି । ଆଶା ଅଛି ଯେ ପୈତୃକ ସିଂହାସନରେ ବସିବା ପରେ ଲା ସ୍ୟାଲ୍‌କୁ ସେ ମନ୍ତ୍ରୀ ଆସନରେ ବସାଇ ଦେଇପାରେ । ନିଜ ଜୀବନକୁ ଦୁଇ ଦୁଇ ଥର ବିପନ୍ନ କରି ଯେଉଁ ଲା ସ୍ୟାଲ୍ ତା'ର ଜୀବନ ରକ୍ଷା କରିଛି, ତା' ପ୍ରତି ସେ ସେତିକି ଅନୁରକ୍ତି ଦେଖାଇବନାହିଁ ନା ? ଦେଖାଇବ । ନିଶ୍ଚୟ ଦେଖାଇବ ବୋଲି ଆଶା ରହିଛି । ସେ ଆଶା କ୍ଷୀଣ ହେଲେ ବି ମହତ୍ । ଚିତ୍ର ଆଙ୍କି ଆୟୁଷ କ୍ଷୀଣ କରିବାରେ ବା କି ବଡ଼ ଆଶା ଅଛି ? ସେ କ'ଣ କେବେ ର୍‍ୟାଫେଲ୍ ହୋଇଯିବ ନା ଟିସିଆନ୍ ହୋଇଯିବ ? ସେତେ ବଡ଼ ଆତ୍ମବିଶ୍ୱାସ ତା'ର ନାହିଁ ।

ଅବଶ୍ୟ ଏଭଳି କାଦୁଅରେ ପଶିଲେ ମୃତ୍ୟୁ ଭୟ ରହିଛି । କିନ୍ତୁ ପ୍ୟାରିରେ ବା କେଉଁ ନିଶ୍ଚିତତା ରହିଛି ? ମହା ମହା ଦ୍ରୁମ ତ ଟଳିପଡ଼ିଲେଣି । ଗିଲୋଟିନ୍‌ର ଛୁରୀ ଆସି ହଠାତ୍ ଦିନେ ତା' ଉପରେ ନପଡ଼ିଯିବ ବା କାହିଁକି ? ସେ ଏତେଦିନ ମାରି ଚାଲିଛ ତା'ର ନିଜର ବୁଦ୍ଧି ଓ ଭାଗ୍ୟ ବଳରେ । ତା ବୁଦ୍ଧି ପୂର୍ବପରି ପ୍ରଖର ହୋଇରହିଛି । ଭାଗ୍ୟ ମଧ୍ୟ ଅନୁକୂଳ, ତା'ହେଲେ ଆଉ ଦ୍ୱିଧା କାହିଁକି ? ଭବିଷ୍ୟତ କବଳରୁ ସୌଭାଗ୍ୟ ଛଡ଼ାଇ ଆଣିବାକୁ ହେଲେ ଆଣିବାକୁ ହେବ କେବଳ ନିଜର ପୁରୁଷକାର ବଳରେ । ବିପଦ ଭିତରକୁ ନଡେଇଁଲେ ସମ୍ପଦ ମିଳିବନାହିଁ ।

ଦ ବ୍ୟାଜ୍‌ଙ୍କ ପ୍ରସ୍ତାବରେ ଲା ସ୍ୟାଲ୍ ରାଜି ହୋଇଗଲା । ପ୍ୟାରି ଛାଡ଼ି ସେ ଚାଲିଲା ମ୍ୟୁଡେନ୍‌କୁ । ତା ପୂର୍ବରୁ ବ୍ୟାରେନ୍ ଇନେଜ୍ ଯାଇ ସେଠାରେ ପହଞ୍ଚି ଯାଇଥିଲେ । ଇନେଜ୍, ଡଫିନ୍ ଓ ଲା ସ୍ୟାଲ୍ ଏହି ତିନି ଜଣଙ୍କପାଇଁ ତିନିଖଣ୍ଡ ଜାଲ୍ ପାସ୍‌ପୋର୍ଟ ସଂଗ୍ରହ କରି ଦ ବ୍ୟାଜ୍ ସେଠାକୁ ପଠାଇଦେଲେ । ଜାଲ୍ ପାସ୍‌ପୋର୍ଟରେ ଇନେଜ୍‌ଙ୍କୁ ସ୍ୱୀଜରଲାଣ୍ଡର ଜଣେ ଚକୋଲେଟ୍ କାରଖାନା ମାଲିକ ବୋଲି କହି ତାଙ୍କର ନାମ ଦିଆଯାଇଥାଏ ମାଁନହିୟାର୍ ହ୍ୟାଗେନ୍ ବ୍ୟାକ୍ । ଡଫିନ୍‌ର ପରିଚୟ ଦିଆଯାଇଥାଏ ହ୍ୟାଗେନ୍‌ବ୍ୟାକ୍‌ଙ୍କର ପୁତୁରା ବୋଲି ଏବଂ ଲା ସ୍ୟାଲ୍‌କୁ ମଧ୍ୟ ସେହି ହ୍ୟାଗେନ୍ ବ୍ୟାକ୍‌ଙ୍କ ପରିବାରର ଜଣେ ମିଷ୍ଟାନ୍ନ ବ୍ୟବସାୟୀ ମସିୟାର୍ ହୁଜନ୍ ବୋଲି ପରିଚିତ କରାଯାଇଥାଏ ।

Digitized by srujanika@gmail.com

ଫ୍ରାନ୍ସରୁ ପ୍ରୁସିଆ ଯିବାକୁ ହେଲେ ବାଟ ରହିଛି ଦୁଇଟି । ଗୋଟିଏ ବାଟ ରହିଛି ରାଇନ୍ ଉପତ୍ୟକା ଦେଇ । କିନ୍ତୁ ସେ ବାଟରେ ଗଲେ ଫ୍ରାନ୍ସ ସୀମାରେ ସୀମାନ୍ତରକ୍ଷୀ ମାନଙ୍କର ମୁକାବିଲା କରିବାକୁ ପଡ଼ିବ । ସେ ସୀମାରେ ପାସ୍‌ପୋର୍ଟସବୁ ବଡ଼ କଡ଼ାକଡ଼ିଭାବେ ତଦାରଖ କରାଯାଏ । ତେଣୁ ପୋର୍ଟିଭ୍ୟାଲ୍ କହିଲେ, ''ସେ ବାଟ ସପ୍ତଦଶ ଲୁଇଙ୍କ ପକ୍ଷରେ ନିରାପଦ ନୁହେଁ ।'' ଦ୍ୱିତୀୟ ବାଟଟି ପଡ଼ିଛି ଜେନେଭା ଦେଇ । ଜେନେଭାରେ ମାର୍ଟିନ୍ ଲେବାସ୍ ବୋଲି ଜଣେ ପ୍ରବାସୀ ଫରାସୀ ଅଛନ୍ତି । ସେଠାରେ ସେ ଘଣ୍ଟା ବ୍ୟବସାୟ କରନ୍ତି । ସେ ଜଣେ ବିଶ୍ୱସ୍ତ ରାଜଭକ୍ତ । ଜେନେଭାରୁ ସ୍ୱୀଜରଲାଣ୍ଡ ଯାଇ ସେଠାରୁ ବେଇଲ୍ ବାଟଦେଇ ବ୍ଲାକ୍ ଫରେଷ୍ଟ ଅତିକ୍ରମ କଲେ ପ୍ରୁସିଆ ଦେଶ ପଡ଼ିବ । ସେବାଟ ଦେଇ ଗଲେ ୟୁରୋପର ଅଧେ ଦେଶ ଅତିକ୍ରମ କରିବାକୁ ପଡ଼ିବ; କିନ୍ତୁ ବାଟ ନିରାପଦ । ଜେନେଭା ପର୍ଯ୍ୟନ୍ତ ଯାହା ଟିକିଏ ବିପଦ । ତେଣୁ ବୁଲା ପଡ଼ିଲେ ବି ସେହି ବାଟଦେଇ ଯିବାକୁ ସ୍ଥିର କରାଗଲା ।

ଫଳରେ ଏ ତିନିଜଣ ଖଣ୍ଡିଏ ଚାରିଘୋଡ଼ା ଟଣା ଗାଡ଼ିରେ ଜେନେଭା ପଥରେ ବାହାରିପଡ଼ିଲେ । ଗାଡ଼ିଖଣ୍ଡିକ ମ୍ୟୁଡ଼ନର । ଗାଡ଼ିବାଲା ପୋର୍ଟିଭ୍ୟାଲ୍‌ଙ୍କର ବିଶ୍ୱସ୍ତ ଲୋକ । ସେ ସିଧା ଜେନେଭା ନେଇଯିବାକୁ ପ୍ରସ୍ତୁତ ।

ସେମାନେ ଠିକ୍ ସମୟରେହିଁ ବାହାରିପଡ଼ିଥିଲେ । ନଚେତ୍ ଆଉ ତିନିଚାରି ଘଣ୍ଟା ଯଦି ବିଳମ୍ବ କରିଥାନ୍ତେ, ତେବେ ସପ୍ତଦଶ ଲୁଇ ସେହି ମ୍ୟୁଡ଼ନରେହିଁ ଧରାପଡ଼ି ଯାଇଥାଆନ୍ତେ । କାରଣ ଠିକ୍ ସେହିଦିନ ସ୍ୱୟଂ ପୋଲିସ୍ ଅଧକ୍ଷ ଫୋକେ ସଦଳବଳେ ଆସି ପୋର୍ଟିଭ୍ୟାଲ୍‌ଙ୍କ ଘରେ ପହଞ୍ଚିଗଲେ । ଫୋକେଙ୍କର ଅଧ୍ୟବସାୟ ଓ ଅଦମ୍ୟ ଚେଷ୍ଟା ଫଳରେହିଁ ସପ୍ତଦଶ ଲୁଇଙ୍କର ଅଜ୍ଞାତବାସ ସ୍ଥାନଟି ଆବିଷ୍କୃତ ହୋଇଥିଲା । ସେ ଧାଇଁ ଆସିଥିଲେ ନିଜେ ସପ୍ତଦଶ ଲୁଇ ଓରଫ ଲୁଇ କ୍ୟାପେଟ୍‌ଙ୍କୁ ଧରିନେବାଲାଗି । କିନ୍ତୁ ବିଚରାଙ୍କର ଆସିବା ଟିକିଏ ବିଳମ୍ବ ହୋଇଗଲା । ସଞ୍ଚାଣ ଆସି ପହଞ୍ଚିବା ବେଳକୁ କପୋତ ଉଡ଼ି ଚାଲିଗଲାଣି ।

ପୋର୍ଟିଭ୍ୟାଲ୍ ଯଥୋଚିତ ସମ୍ମାନ ସହ ପୋଲିସ୍ ଅଧକ୍ଷଙ୍କୁ ଅଭ୍ୟର୍ଥନା ଜଣାଇଲେ । କିନ୍ତୁ ଫୋକେ ତ ଅଭ୍ୟର୍ଥନାର ଭିକାରି ନଥିଲେ । ତେଣୁ ସେ ଅଯଥା କାଳ କ୍ଷୟ ନକରି କାର୍ଯ୍ୟ ଆରମ୍ଭ କରିଦେଲେ । ବ୍ୟାଙ୍କର୍‌ଙ୍କୁ ପଚାରିଲେ, ''ଆପଣଙ୍କ ଘରେ ନଅ ଦଶବର୍ଷର ଗୋଟିଏ ପିଲା ଅଛି ନା— ଯାହାକୁ ଆପଣ ସମ୍ପର୍କୀୟ ଭଣଜା ବୋଲି କହିଥାନ୍ତି ?''

ଫୋକେଙ୍କ ମୁହଁରୁ ପ୍ରଶ୍ନ ନସରୁଣୁ ପୋର୍ଟିଭ୍ୟାଲ୍ କହିଦେଲେ ''ହଁ, ହଁ ଥିଲା । କିନ୍ତୁ ବର୍ତ୍ତମାନ ନାହିଁ । ଗତ କାଲିଠାରୁ ସେ ବ୍ରସେଲ୍‌ସ୍ ଚାଲିଗଲାଣି । ସେଠାରେ ସେ ତା ମାଉସୀଙ୍କ ଘରେ କିଛିଦିନ ରହିବ । ଭଣଜା ବୋଲି କହେ କ'ଣ ? ସେ ମୋର ପ୍ରକୃତ ଭଣଜା ।''

''ଆଚ୍ଛା ! ସେ କେଉଁ ବାଟଦେଇ ଗଲା ?''

Digitized by srujanika@gmail.com

ପୋର୍ଟିଭ୍ୟାଲ୍ ହଠାତ୍ କଣ୍ଠ ରୁକ୍ଷ କରିଦେଇ କହିଲେ, ''ଦେଖନ୍ତୁ ମହାଶୟ, ସେ ହେଉଛି ମୋ ଭଣଜା । ତା' ଉପରେ କାହିଁକି ଯେ ଆପଣଙ୍କର ବିଷଦୃଷ୍ଟି ପଡ଼ିଛି ମୁଁ ଜାଣେନା । କିନ୍ତୁ ତା ଅର୍ଥ ନୁହେଁ ଯେ ଯେହେତୁ ସେ ଆପଣଙ୍କର ଅପ୍ରିୟ ତେଣୁ ସେ ମୋର ପର। ଆପଣଙ୍କ ହାବଭାବରୁ ଜଣାପଡୁଛି, ଆପଣ ତାକୁ ଗିରଫ କରିବା ମତଲବରେ ଅଛନ୍ତି। ସେ କାମରେ ମୁଁ ଆପଣଙ୍କୁ ସାହାଯ୍ୟ କରିବି ବୋଲି ଆଶା କରିବା ଆପଣଙ୍କ ପକ୍ଷରେ ଆଦୌ ଉଚିତ ନୁହେଁ ।''

ଫୋକେ ନାଲିଆଖି ଦେଖାଇଲେ, ''ଏପ୍ରକାର ରାଷ୍ଟ୍ରଦ୍ରୋହିତାର ଫଳ ଯେ କ'ଣ, 'ଆପଣ ତାହା ନିଶ୍ଚୟ ଜାଣିଥିବେ।''

ଫୋକେଙ୍କ ଧମକକୁ ହସରେ ଉଡ଼ାଇଦେଇ ପୋର୍ଟିଭ୍ୟାଲ୍ କହିଲେ, ''ମୋର ଅଜଣା ହୋଇ କିଛିନାହିଁ; ବରଂ ଆପଣ ଯାହା ଜାଣନ୍ତିନାହିଁ ମୁଁ ତାହା ଜାଣେ । ପ୍ୟାରି ଗଲେ ପଚାରି ବୁଝିବେ; ମତେ ଦଣ୍ଡଦେବା ଆପଣଙ୍କ ସାଧ ବାହାରେ। ଏ ବ୍ୟାଙ୍କର୍ ପାଖରୁ ନିରାପତ୍ତା ସମିତି ଯେତିକି ଋଣ ନେଇଛନ୍ତି, ସମିତିର ସବୁ ସଦସ୍ୟଙ୍କର ମୁଣ୍ଡ ଖିଅର କରିଦେଲେ ବି ସେ ଋଣ ଅଶୁଝା ରହିଯିବ । ଜାଣିଥାନ୍ତୁ, ଦେଶରେ ଆଇନ୍ କାନୁନ୍ ଅଛି । କରଜ ଅନାଦାୟପାଇଁ ନାଲିସ କରି ସମିତିର ଛୋଟରୁ ବଡ଼ଯାଏ ସମସ୍ତଙ୍କୁ ମୁଁ ଗିରଫ କରି ଦେଇପାରେ ।''

ଠିକ୍ କଥା । ଫୋକ୍ନେ ଏହା ଜାଣନ୍ତି । ବିପ୍ଳବୀ ସରକାର ପାଖରେ ଏ ବ୍ୟାଙ୍କର୍‌ଟିର ସାତଖୁଣ ମାଫ୍ । ସବୁ ପଇସାର ବଳ । କେବଳ ନୋଟ ଛପାଇ ଦେଇ ଦେଶ ଚଳାଇ ହେବନାହିଁ । ନଗଦ ସୁନା ଦରକାର । ପ୍ୟାରିରେ କୁବେରଙ୍କ ପରି ଧନୀ ବ୍ୟାଙ୍କର୍ ଅଛନ୍ତି ସତ; କିନ୍ତୁ ବିପ୍ଳବୀ ସରକାରର ସ୍ଥାୟିତ୍ୱ ସମ୍ବନ୍ଧରେ ସନ୍ଦେହ ଥିବାରୁ ସେମାନେ ଏ ସରକାରକୁ ସୁନା ଋଣ ଦେବାକୁ ନାରାଜ । କେବଳ ଏହି ମଫସଲି ବ୍ୟାଙ୍କର୍ କରଜ ଆଦାୟର ଆଶା ନରଖି ସମିତିକୁ ଆବଶ୍ୟକ ପରିମାଣ ସୁନା କରଜ ଦିଅନ୍ତି । ସେହି କରଜ ସହିତ ତାଙ୍କର ନିରାପତ୍ତା ପ୍ରଶ୍ନଟି ଜଡ଼ିତ । ଏ କରଜ ଦେବା ପଛରେ ବ୍ୟାଙ୍କର୍‌ଙ୍କର ଅନ୍ୟ ସ୍ୱାର୍ଥ ମଧ ରହିଛି । ସେ ଆଦ୍ୟରୁ ରାଜତନ୍ତ୍ରୀ । ଏବେ ସକ୍ରିୟ ରାଜତନ୍ତ୍ରୀ । ସବୁ ବିପନ୍ନ, ପଳାତକ, ଆତ୍ମଗୋପନକାରୀ ରାଜଭକ୍ତ ଆସି ତାଙ୍କରି ଆଶ୍ରୟରେ ରହନ୍ତି । କେବଳ ସେହି କାରଣରୁ ଦ ବ୍ୟାଜ୍ ସପ୍ତଦଶ ଲୁଇଙ୍କୁ ଆଣି ଏଠାରେ ଲୁଚାଇଥିଲେ । ପୋର୍ଟିଭ୍ୟାଲ ଯେ ରାଜଭକ୍ତ, ତାହା ନିରାପତ୍ତା ସମିତିର ସଦସ୍ୟମାନେ ଜାଣନ୍ତି; କିନ୍ତୁ ତାଙ୍କ ପାଖରୁ କରଜ କରିଥିବାରୁ ସେମାନେ ସବୁ ଜାଣି ମଧ କିଛି ନଜାଣିଲା ପରି ଆଖି ବୁଜିଦିଅନ୍ତି ! ଫୋକେ ଏ ସବୁର କିଛି ଆଭାସ ପାଇଛନ୍ତି । ସେ ଜାଣନ୍ତି ଯେ ଏ ବ୍ୟାଙ୍କର୍‌ଙ୍କ ବିରୁଦ୍ଧରେ କିଛି କାର୍ଯ୍ୟାନୁଷ୍ଠାନ କଲେ ସମିତି ତାହାକୁ ସମର୍ଥନ କରିବନାହିଁ । ତେଣୁ ସେ ଦୋଷୀଠାରୁ ଧମକ ଖାଇ ମଧ ଚୁପ୍ ରହିଗଲେ । ଭାବିଲେ, 'ଯାଉ, ପୋର୍ଟିଭ୍ୟାଲ ଏ କିଛିଦିନ ବଡ଼ିମା ଦେଖାଇ ହେଉ; ତା କଥା ପଛେ ଦେଖିବା । ବର୍ତ୍ତମାନ କାମ ହେଉଛି ପଳାତକ ରାଜକୁମାରକୁ ଧରିବାକୁ ପଡ଼ିବ ।

Digitized by srujanika@gmail.com

ଫୋକେ ଦେଖିଲେ ବ୍ରାସେଲସ୍‌କୁ ଦୁଇଟି ରାସ୍ତା ରହିଛି । ରାଇନ୍ ଉପତ୍ୟକା ରାସ୍ତାରେ କଡ଼ା ସୀମାନ୍ତରକ୍ଷୀ ଅଛନ୍ତି । ସେ ପଥରେ ଗଲେ କେହି ଖସି ଯାଇ ପାରିବେନାହିଁ । କେବଳ ସୀମାନ୍ତ ବାହିନୀକୁ ସଜାଗ କରିଦେବାପାଇଁ ସେଠାକୁ ଟିକିଏ ଖବର ଦେଇଦେଲେ ଚଳିବ । ଅନ୍ୟ ରାସ୍ତାଟି ଜେନେଭା ଦେଇ । ଫୋକେ ସେହି ରାସ୍ତାଟି ଉପରେ ବିଶେଷ ଗୁରୁତ୍ୱ ଦେଲେ । ପ୍ୟାରିରେ ଜରୁରୀ କାମ ନଥିଲେ ସେ ନିଜେ ସଦଳବଳେ ସେହି ରାସ୍ତାରେ ଘୋଡ଼ା ଛୁଟାଇ ଦିଅନ୍ତେ । ନିଜେ ‌ ‌ ‌!ରି ଆଣନ୍ତେ ଲୁଇ କ୍ୟାପେଟ୍‌କୁ । କିନ୍ତୁ ପ୍ୟାରିରେ ଜରୁରୀ କାମ ଥିବାରୁ ସେ ଜେନେଭା ପ‌ ‌ ‌ରେ ପଠାଇଦେଲେ ନିଜର ସହକାରୀ ଡେମାରେଡ୍‌ଙ୍କୁ । ଡେମାରେଡ୍ ଯେପରି ବିଶ୍ୱସ୍ତ, ସେପରି ସୁଦକ୍ଷ । ସେ ଚାରିଜଣ ଟାଣୁଆଁ ପୋଲିସ୍ କର୍ମଚାରୀଙ୍କୁ ସଙ୍ଗରେ ନେଇ ଅବିଳମ୍ବେ ଜେନେଭା ପଥରେ ଘୋଡ଼ା ଛୁଟାଇଦେଲେ । ପ୍ରବଳ ବେଗରେ ଛୁଟିଚାଲିଲେ ପୋଲିସ୍ ଦଳ ପଳାୟମାନ ଶିକାର ପଛରେ ଧାଇଁଥିବା ହିଂସ୍ର ଶିକାରୀ ପରି ।

## ଛଅ : ଝଡ଼ର ଶେଷ

ଏପଟେ ସେ ଶିକାର ପରମ ଆରାମରେ, ଧୀର ମନ୍ଥର ଗତିରେ ଦୀର୍ଘପଥ ଅତିକ୍ରମ କରି କରି ନିଃଶଙ୍କ ଚିତ୍ତରେ ଚାଲିଛି । ପାହାଡ଼ ପର୍ବତ ଉପର ଦେଇ ଲମ୍ବିଯାଇଛି ରାଜପଥ । ନୈସର୍ଗିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ପାର୍ବତ୍ୟ ପ୍ରଦେଶ । କେଉଁଠି ରହିଛି ସ୍ତର ସ୍ତର ହୋଇ ଘନ ପାଇନବନ, କେଉଁଠି ଶୋଭାପାଉଛି ନୀଳ-ନିର୍ମଳ ଜଳରେ ପୂର୍ଣ୍ଣ ରମଣୀୟ କ୍ଷୁଦ୍ର ହ୍ରଦ । ଆକାଶରେ ପକ୍ଷୀମାନଙ୍କର କଳରବ, ପବନରେ ଫୁଲର ସୁଗନ୍ଧ, ଚତୁର୍ଦ୍ଦିଗ ସବୁଜ ବନାନୀ । ଆହା କି ସୁନ୍ଦର ନହୋଇଛି ସତେ ! ପଦେ ପଦେ ରୂପସୀ ପ୍ରକୃତିର ନବ ନବ ଶୋଭାର ସମ୍ଭାର । ସେ ଶୋଭା ଉପଭୋଗ କରି କରି ଚାରି ଘୋଡ଼ାଟଣା ଗାଡ଼ିରେ ହଲି ଦୋହଲି ଚାଲିଛନ୍ତି ପଥିକ ତିନିଜଣ ।

ପଛରୁ ଯେ ଯମଦୂତ ମାଡ଼ିଆସୁଛନ୍ତି, ସେ ଖବର ସେମାନେ ପାଇନାହାନ୍ତି । ସପ୍ତଦଶ ଲୁଇ ତ ପ୍ରାୟ ବର୍ଷେକାଳ ମ୍ୟୁଡ଼ନରେ ଥିଲେ । ଏତେକାଳ ତ ପୋଲିସ୍‌ର କୌଣସି ଉତ୍ପାତ ଦେଖାନଥିଲା ! ଆଜି ଲୁଇ ସେ ସ୍ଥାନ ପରିତ୍ୟାଗ କରିବା ପରେ ପରେ ଏପରି ଅକରୁଣ ଉତ୍ପାତ ଯେ ଆରମ୍ଭ ହୋଇଯିବ, ସେକଥା ବା ସେମାନେ ଜାଣନ୍ତେ କିପରି ! ତେଣୁ ବାଟରେ ଦିନବେଳା ଯେତେ ସରେଇଖାନା ପଡ଼ିଲା ସବୁଠାରେ ବିଶ୍ରାମ ନେଇ, ପାନଭୋଜନ କରି ଏବଂ ହୋଟଲରେ ରାତ୍ରିଯାପନ କରି କରି ସେମାନେ ଚାଲିଛନ୍ତି । ଯଥାଶୀଘ୍ର ଯାତ୍ରା ଶେଷ କରିବାର କୌଣସି ତତ୍ପରତାହିଁ ନାହିଁ ।

ତେଣେ ଡେମାରଡ୍ ସେମାନଙ୍କୁ ଗୋଡ଼ାଇ ଆସୁଛନ୍ତି ପ୍ରଚଣ୍ଡ ବେଗରେ ପାନ ଭୋଜନ ବା ଶୟନ ବିଶ୍ରାମ ପ୍ରତି କୌଣସି ଆପତ୍ତି ନରଖି । ଫଳରେ ସେଦିନ ସକାଳ ଦଶଟାରେ

Digitized by srujanika@gmail.com

ଯେତେବେଳେ ଅକ୍‌ସେୟାର ହୋଟେଲରୁ ଇନେଜ୍‌ଙ୍କ ଗାଡ଼ି ବାହାରିଲା, ସେତେବେଳକୁ ଡେମାରତ୍ ସେଠାରୁ ମାତ୍ର ପାଞ୍ଚମାଇଲ୍ ପଛରେ ।

ଭାଗ୍ୟ ଏପର୍ଯ୍ୟନ୍ତ ପ୍ରସନ୍ନ ଅଛି । ସେଥିପାଇଁ ଗତ ରାତିରେ ଲା ସ୍ୟାଲ୍ ଓ ଇନେଜ୍ ବସି ଖୁସିପଗ କରୁ କରୁ ଆରାମର ଏକ ନୂଆ ଉପାୟ ଖୋଜି ବାହାର କରିଛନ୍ତି । ଦିନସାରା ଗାଡ଼ି ଭିତରେ ବନ୍ଦ ହୋଇ ରହିବା ବଡ଼ ବିରକ୍ତିକର । ବରଂ ଇନେଜ୍ ଓ ଲା ସ୍ୟାଲ୍ ଯଦି ପାଳି କରି ଘୋଡାରେ ବସି ଚାଲନ୍ତେ ତା ହେଲେ ମଜା ହୁଅନ୍ତା । ବ୍ୟାୟାମ ତ ହୁଅନ୍ତା, ତା ଛଡ଼ା ଆରାମ ବି ଲାଗନ୍ତା । ଅବଶ୍ୟ ଡଫିନ୍ ଘୋଡ଼ା ଚଢ଼ି ଚାଲିବା ପ୍ରଶ୍ନ ଉଠୁନାହିଁ; କିନ୍ତୁ ସେ ଦୁଇଜଣଙ୍କ ପକ୍ଷରେ ତ କୌଣସି ବାଧାନାହିଁ !

ଇନେଜ୍ ଏ ପ୍ରସ୍ତାବରେ ରାଜି ହୋଇଯିବା କ୍ଷଣି ଲା ସ୍ୟାଲ୍ ଭାଗ୍ୟ ପରୀକ୍ଷା ଲାଗି ଗୋଟିଏ ଫରାସୀ ଲୁଇ ଉପରକୁ ଫୋପାଡ଼ି ଦେଇ କହିଉଠିଲା, ''ଆପଣଙ୍କର ଚିତ, ମୋର ମାଠ'' ଏବଂ ଲୁଇଟା ତଳେ ପଡୁ ପଡୁ ସେ ଆନନ୍ଦରେ ଅଧୀର ହୋଇ ଇନେଜ୍‌ଙ୍କର କରମର୍ଦ୍ଦନ କରି ପକାଇଲା । କାରଣ ଲୁଇଟା ମାଠ ହୋଇ ହିଁ ତଳେ ପଡ଼ିଗଲା । ଅର୍ଥାତ୍ ପ୍ରଥମ ଦିନ ଲା ସ୍ୟାଲ୍ ଘୋଡ଼ାରେ ବସି ଚାଲିବ, ତା ପରଦିନ ପଡ଼ିବ ଇନେଜ୍‌ଙ୍କର ପାଳି । ଅବଶ୍ୟ ଘୋଡ଼ା ଆସିବ ଭଡ଼ାରେ ।

ଭଡ଼ା ଘୋଡ଼ା ଯୋଗାଇବା ଭାର ସ୍ଥାନୀୟ ପୋଷ୍ଟମାଷ୍ଟରଙ୍କ ଉପରେ । ସେ ଯୁଗରେ ତାହାହିଁ ନିୟମ ଥିଲା । ଫଳରେ ଇନେଜ୍ ଓ ଡଫିନ୍‌କୁ ଗାଡ଼ିରେ ପଠାଇ ଦେଇ ଲା ସ୍ୟାଲ୍ ଚାଲିଲା ପୋଷ୍ଟ ଅଫିସକୁ । ଭଡ଼ା ଟଙ୍କା ଦାଖଲ କରିଦେଇ ସେ ଘୋଡ଼ା ଆସିବାଯାଏ ବାରଣ୍ଡାରେ ବୁଲୁଛି— ଗାଡ଼ି ଯେତେ ଜୋରରେ ଚାଲିବ, ଖାଲି ଘୋଡ଼ା ତା'ର ଦୁଇଗୁଣ ଜୋରରେ ଚାଲିବ ନିଶ୍ଚୟ । ତେଣୁ ସେ ଟିକିଏ ବିଳମ୍ବରେ ବାହାରିଲେ ମଧ କ୍ଷତିନାହିଁ । ଏପରି ଭାବି ସେ ଆରାମ କରୁଛି, ଦେଖିଲା ଦୂରରେ ଧୂଳି ଉଡ଼ି ଆକାଶ ମେଘାଚ୍ଛନ୍ନ ହୋଇଗଲା । ଲା ସ୍ୟାଲ୍ କୌତୂହଳୀ ହୋଇ ଚାହିଁଦିଏ ତ ଦେଖାଗଲା ଧୂଳି ଭେଦକରି ସେଆଡ଼କୁ ମାଡ଼ିଆସୁଛନ୍ତି ଚାରିଟା ଘୋଡ଼ା । ଘୋଡ଼ାରେ ବସିଛନ୍ତି ଚାରିଜଣ ଲୋକ । କିଏ ? କିଏ ଏମାନେ ? ଏପରି ଝଡ଼ପରି ମାଡ଼ିଆସୁଛନ୍ତି କାହିଁକି ?

ସେପର୍ଯ୍ୟନ୍ତ ଲା ସ୍ୟାଲ୍‌ର ସନ୍ଦେହ ଆସିନାହିଁ ଯେ ଏହି ଅଶ୍ୱାରୋହୀମାନଙ୍କର ଆକସ୍ମିକ ଆବିର୍ଭାବ ସହିତ ତା'ର କୌଣସି ପରୋକ୍ଷ ସମ୍ପର୍କ ରହିଛି । ତେଣୁ ସେ ଚାହିଛି, ତା'ର ଆଖିଆଗରେ ଅଶ୍ୱାରୋହୀମାନେ ପୋଷ୍ଟ ଅଫିସ ଆଡ଼କୁ ଦୃଷ୍ଟିହିଁ ପକାଇ ନାହାନ୍ତି । ସେମାନେ ଯାଇ ହୋଟେଲ ଦୁଆରେ ପହଞ୍ଚୁ ପହଞ୍ଚୁ ହୋଟେଲ ମାଲିକ ନୂଆ ଖରିଦଦାରଙ୍କୁ ପାଛୋଟି ନେବ ବୋଲି ଦୁଆର ମୁହଁକୁ ପଳାଇ ଆସିଲା ଏବଂ ସେତିକିବେଳେ ଲା ସ୍ୟାଲ୍ ଦେଖିଲା ସେମାନେ ହେଉଛନ୍ତି ପୋଲିସ୍, ଫରାସୀ ପୋଲିସ୍— ଫୋକେଙ୍କ ସହକର୍ମୀ ଡେମାରେତ୍‌ଙ୍କ ନେତୃତ୍ୱରେ ଉର୍ଦ୍ଧ୍ୱଶ୍ୱାସ ହୋଇ ଧାଇଁଆସିଥିବା ବିପ୍ଳବୀ ସରକାରଙ୍କର ପୋଲିସ୍ !

Digitized by srujanika@gmail.com

ଡେମାରେତ୍ ବ୍ୟସ୍ତ ହୋଇ ହୋଟେଲବାଲାକୁ ପଚାରିଲେ– ''ଆଚ୍ଛା ସିଟିଜେନ୍, ତୁମ ଏଠାକୁ ଖଣ୍ଡେ ଚାରିଘୋଡ଼ାଟଣା ଗାଡ଼ିରେ ତିନିଜଣ ଲୋକ ଆସିଥିଲେ କି ? ନାଲିଆ-ଧଳା ଗାଡ଼ି ଖଣ୍ଡେ– ଆଜି କାଲି ଭିତରେ ?''

ହୋଟେଲବାଲାର ଉତ୍ତର ଦେବାରେ ବିଳମ୍ବ ହେଲାନାହିଁ । –''ହଁ, ହଁ ଆସିଥିଲେ ଆଜ୍ଞା । ଗଲା ରାତିରେ ପରା ସେମାନେ ଆମ ହୋଟେଲରେ ରହିଥିଲେ ! ତେବେ...।''

''କାହିଁ କୁଆଡ଼େ ଗଲେ ସେମାନେ ?''

''ଜଳଖିଆ ଖାଇସାରି ଚାଲିଗଲେଣି, ଏଇ ବେଶିହେଲେ ଅଧଘଣ୍ଟାଏ ହେବ ।''

''ଅଧଘଣ୍ଟାଏ ?'' ନିଶ୍ଚିନ୍ତ ହୋଇ ଡେମାରେତ୍ ଘୋଡ଼ାରୁ ଓହ୍ଲାଇପଡ଼ିଲେ । ଟିକିଏ ହସିଦେଇ ସହକର୍ମୀମାନଙ୍କୁ କହିଲେ, ''ତା' ହେଲେ ଆମେ ବି ଟିକିଏ ଜଳଖିଆ ଖାଇନେବା । ଘୋଡ଼ାଗୁଡ଼ାକ ବି ଖାଇପିଇ ଟିକିଏ ବିଶ୍ରାମ ନିଅନ୍ତୁ । ଅଧ ଘଣ୍ଟାକ ଭିତରେ ବାହାରିପଡ଼ିଲେ କାମ ଫତେ । କ'ଣ କହୁଛ ?''

ସହକର୍ମୀମାନେ ଏକସ୍ୱରରେ କହିଉଠିଲେ, ''ହଁ ଆଜ୍ଞା, ତା ନୁହେଁ କ'ଣ । ଘୋଡ଼ା ସାଙ୍ଗରେ କ'ଣ ଗାଡ଼ି ଚାଲିପାରିବ ? ଅଧଘଣ୍ଟାଏ ଯଥେଷ୍ଟ ।''

ପୋଲିସ୍ ଅଫିସର ଗାଡ଼ି ବିଷୟହିଁ ପଚାରୁଛି ଦେଖି ଲା ସ୍ୟାଲ୍ ଚଟ୍‌କରି ପୋଷ୍ଟ ଅଫିସ୍ କବାଟ ପଛରେ ଲୁଚିଗଲା । କୌଣସି ପୋଲିସ୍ ବା ହୋଟେଲ ବାଲା ତାକୁ ଦେଖିନାହାନ୍ତି; ଦେଖିଥିଲେ ତ ହୋଟେଲବାଲା କହିଦେଇଥାନ୍ତା– 'ହେଇଟି, ହେଇଟି ଆଜ୍ଞା, ସେ ତିନିଙ୍କ ଭିତରୁ ଜଣେ ବାବୁ ଏଯାଏ ପୋଷ୍ଟଅଫିସ ପାଖରେ ଅଛନ୍ତି । ସେତିକିରେ ସବୁ ନାଟ ଶେଷ ହୋଇଯାଇଥାନ୍ତା ।

କେହି ଦେଖିନାହାନ୍ତି, ତେଣୁ ଅନ୍ତତଃ ବର୍ତ୍ତମାନପାଇଁ ଲା ସ୍ୟାଲ୍ ବଞ୍ଚିଗଲା । ତଥାପି ତା ମୁଣ୍ଡରେ ବଜ୍ର ପଡ଼ିଗଲା ଜାଣ । କି ମାରାତ୍ମକ ବିପଦ ନାହିଁ, ଶବ୍ଦ ନାହିଁ, ହଠାତ୍ ପୋଲିସ୍ ଲାଗିଗଲା !! ଏମାନେ ଯେ ବିପ୍ଳବୀ ସରକାରଙ୍କ ପୋଲିସ୍, ସପ୍ତଦଶ ଲୁଇଙ୍କୁ ଧରିନେବାକୁ ମାଡ଼ିଆସିଛନ୍ତି, ସେଥିରେ ଆଉ କୌଣସି ସନ୍ଦେହ ନାହିଁ । କିନ୍ତୁ ଆଶ୍ଚର୍ଯ୍ୟ କଥା, ନିରାପତ୍ତା ସମିତି ଯେ ସପ୍ତଦଶ ଲୁଇ ମ୍ୟୁଡ଼ନରେ ଥିବା କଥା ଜାଣନ୍ତି, ସେ ବିଷୟରେ ଦ ବ୍ୟାଜ ତ ପଦଟିଏ ବି କହିଲେନି । ସମ୍ଭବତଃ ସେ ଜାଣିପାରିନାହାନ୍ତି; ନଚେତ୍ 'ଯେତେଶୀଘ୍ର ପାରୁଛ ଫରାସୀ ସୀମା ପାର ହୋଇଯାଅ' ବୋଲି ସେ ନିଶ୍ଚୟ କହିଥାନ୍ତେ । ପୋଲିସ୍ ତତ୍ପର ହେଲାଣି ବୋଲି ଇଙ୍ଗିତ ପାଇଥିଲେ କି ସେମାନେ ଏପରି ଆରାମରେ ଚାଲିଥାନ୍ତେ ? ଏତେବେଳକୁ ଜେନେଭାରେ ପହଞ୍ଚିସାରନ୍ତେଣି । ସବୁ କପାଳ ଦୋଷ ! ସବୁ କପାଳ ଦୋଷ !! ଲା ସ୍ୟାଲ୍ ଭାଗ୍ୟକୁ ଧିକ୍‌କାର କରୁଛି, ଏତିକିବେଳେ ଭଡ଼ା ଘୋଡ଼ାଟି ଆସି ପହଞ୍ଚିଗଲା । ପୋଲିସ୍‌ମାନେ ହୋଟେଲରେ ବସି ଜଳଖିଆ କରୁଥାନ୍ତି, ଲା ସ୍ୟାଲ୍ ଏପଟେ ଘୋଡ଼ା ଛୁଟାଇଦେଲା । ଯେଉଁ ତିନିଜଣଙ୍କୁ ଧରିବାକୁ ଡେମାରେତ୍ ଅବିଶ୍ରାନ୍ତ ଗତିରେ ଧାଇଁଆସିଥିଲେ, ସେ ଭିତରୁ ଜଣେ ଯେ ଏହି ତାଙ୍କ ଦେହରେ ଘଷି ହୋଇ ଖସି ଚାଲିଗଲା, ସେକଥା ସେ ଆଦୌ ଜାଣିପାରିଲେନାହିଁ ।

Digitized by srujanika@gmail.com

ଇନେଇଜ୍‌ଙ୍କ ଗାଡ଼ି ହଲି ଦୋହଲି ଧୀରେ ସୁସ୍ଥେ ଚାଲିଛି । ଡେମାରେତ୍ ଯଦି ଭାବିନଥାନ୍ତେ ଯେ ଏଥର ନିଶ୍ଚିତଭାବରେ ଶିକାର ଧରାପଡ଼ିଯିବ, ଯଦି ସକାଳ ଜଳଖିଆଟା ଖାଇଦେବା ପରେ କାମ ସାରିବା ବୋଲି ସେ ଭାବିନଥାନ୍ତେ, ତା'ହେଲେ ସପ୍ତଦଶ ଲୁଇଙ୍କୁ ଆଉ କେହି ରକ୍ଷାକରି ପାରିନଥାନ୍ତେ । ଡେମାରେତ୍ ଯେ ଟିକିଏ ବିଶ୍ରାମ ନେବାଲାଗି ଅକ୍‌ସେୟାର ହୋଟେଲରେ ଅଟକିଗଲେ, ସେଇଟା ଏମାନଙ୍କର ଭାଗ୍ୟବଳରୁହିଁ ଘଟିଲା ।

କିନ୍ତୁ ତା ବୋଲି ଯେ ବିପଦ କଟିଗଲା, ସେପରି ନୁହେଁ । ସହଜେ ପୋଲିସ୍ ଘୋଡ଼ା; ଖାଇପିଇ ଟିକିଏ ଆରାମ କରିବା ପରେ ସେଗୁଡ଼ାକ ପବନ ବେଗରେ ଦୌଡ଼ିବେ । ବେଶି ହେଲେ ଗୋଟାଏ ଘଣ୍ଟା ଭିତରେ ପୋଲିସ୍ ଆସି ଗାଡ଼ି ଘେରଉ କରିଦେବେ । ତା'ହେଲେ ବର୍ତ୍ତମାନ ଉପାୟ କ'ଣ ? ଉପାୟ କ'ଣ ? ଲା ସ୍ୟାଲ୍‌ର ଘୋଡ଼ା ଦୌଡୁଛି, ଆଉ ସେ ଲଗାମଛଡ଼ା ଘୋଡାରେ ବସି ଭାବୁଛି– 'ବିପଦ ମୁହଁରୁ ଖସିବାର ଉପାୟ କ'ଣ ?' ଉପାୟ କଥା ଭାବି ଭାବି ଘୋଡ଼ା ଦୌଡ଼ାଇ ଦେଇଛି; ପଛରୁ ଶୁଭିଲା ଭଁ, ଭଁ, ଭଁ । ଓଃ । ଜେନେଭା ଯାଉଥିବା ସରକାରୀ ଡାକଗାଡ଼ି ପଛରୁ ମାଡ଼ିଆସୁଛି । ସବୁଦିନ ଜେନେଭାରୁ ଖଣ୍ଡେ ଡାକଗାଡ଼ି ଆସେ ଏବଂ ଖଣ୍ଡେ ଡାକଗାଡ଼ି ଜେନେଭା ଯାଏ । ଏ କେତେଦିନ ହେଲା ବାଟରେ ଏ ଉଭୟ ଗାଡ଼ିକୁ ଭେଟିଛନ୍ତି ଲା ସ୍ୟାଲ୍‌ର ଦଳ । ଉପାୟ କ'ଣ ବୋଲି ଭାବୁ ଭାବୁ ଲା ସ୍ୟାଲ୍ ମୁଣ୍ଡରେ ହଠାତ୍ ଗୋଟିଏ ବୁଦ୍ଧି ପଶିଗଲା । ଭାଗ୍ୟ ଟାଣ ଥିଲେ ଏ ବୁଦ୍ଧିଟି କାମ ଦେଇପାରେ । ଡାକଗାଡ଼ିରେ ତ କେବଳ ଡାକ ଯାଏନାହିଁ, ଯାତ୍ରୀ ବି ଯାଆନ୍ତି ।

ଦୌଡ଼, ଦୌଡ଼ । ଭଡ଼ା ଘୋଡ଼ା; ତା ଦେହରେ ଜୋର କେତେ ? ତଥାପି ଲା ସ୍ୟାଲ୍ ତାକୁ ପକ୍ଷୀରାଜ ଘୋଡ଼ା କରି ଦୌଡ଼ାଇନେଲା । ଘୋଡ଼ା ଟାପୁର ଶବ୍ଦ ଶୁଣି ଇନେଜ୍ ତାଙ୍କ ଗାଡ଼ି ଭିତରୁ ମୁହଁ ବାହାର କରି ପଛକୁ ଚାହିଁଲେ । ଲା ସ୍ୟାଲ୍ ହାତଠାରି ଗାଡ଼ି ଅଟକାଇବାକୁ କହିଲା ।

''ସର୍ବନାଶ ହେବାକୁ ବସିଛି''– ଗାଡ଼ି ପାଖରେ ପହଞ୍ଚୁ ପହଞ୍ଚୁ ଲା ସ୍ୟାଲ୍ କହିପକାଇଲା, ''ଏ ଧୀରସୁସ୍ଥ ଚାଲି ଆମର ସର୍ବନାଶ କରିବାକୁ ବସିଛି । ଆମେ ଜାଣିନଥାଇଁ, ପଛରେ ପୋଲିସ୍ ଲାଗିଛି– ସେମାନେ ମୋଟେ ଦୁଇ ମାଇଲ ପଛରେ ଅଛନ୍ତି; ଧରିଦେଲେ ଜାଣନ୍ତୁ ।'' କଟୁଆନ ଆଗରେ ଲୁଚାଇବା ଅନାବଶ୍ୟକ । ସେ ତ ମ୍ୟୁଡ଼େନର ଲୋକ; ପୋର୍ଟିଭାଲଙ୍କର ବିଶ୍ୱସ୍ତ । ବର୍ତ୍ତମାନ ଦରକାର ପଡ଼ିଲେ ଡଫିନକୁ ଲୁଚାଇବା ଲାଗି ତା ସାହାଯ୍ୟ ବି ଲୋଡ଼ିବାକୁ ପଡ଼ିବ ।

ପୋଲିସ୍ ଆସିଗଲା ଶୁଣି ଇନେଜ୍ ନିଜକୁ ଧିକ୍‌କାର କରିବାକୁ ଲାଗିଲେ । କହିଲେ, ''ମୋରି ଅମିର-ପଣିଆରୁ ଏତକ ହେଲା; ନହେଲେ ତ ଏତିକିବେଳକୁ ଆମେ ଜେନେଭାରେ ପହଞ୍ଚି ସାରନ୍ତୁଣି । ବର୍ତ୍ତମାନ ଉପାୟ କ'ଣ ? ଗାଡ଼ିରୁ ଓହ୍ଲାଇ ପଡ଼ି ମହାରାଜାଙ୍କୁ ନେଇ ପାହାଡ଼ ଭିତରେ ଲୁଚିଗଲେ ଚଳନ୍ତା; କିନ୍ତୁ ଗାଡ଼ିଟା ? ଖାଲିଗାଡ଼ି ଦେଖିଲେ ସେମାନେ– ?''

Digitized by srujanika@gmail.com

''ଠିକ୍ ଜାଣିଯିବେ ଯେ ଆମେ ଏ ପାଖରେ କେଉଁଠି ଲୁଚିଛୁ । ପାହାଡ଼ ଅଞ୍ଚଳଟା ଖୋଜିଦେଲେ ଆମକୁ ଧରିବାକୁ କ'ଣ ସମୟ ଲାଗିବ ? ପାହାଡ଼ ଭିତରେ ଲୁଚିଲେ ଚଳିବନାହିଁ, ତଥାପି ଶୀଘ୍ର ଗାଡ଼ିରୁ ଓହ୍ଲାଇପଡ଼ନ୍ତୁ; ଉପାୟ ଦେଖାଯିବ ।''

ଗାଡ଼ିରୁ ଓହ୍ଲାଉ ଓହ୍ଲାଉ ଚାର୍ଲସ୍– ସେହି ଦଶବର୍ଷର ପୁଅ ଲୁଇ ଚାର୍ଲସ୍ କହିଲା, ''କିନ୍ତୁ ଏକଥା ନିଶ୍ଚିତ ଯେ ମୁଁ ଆଉ ଧରାପଡ଼ିବିନାହିଁ । ମୁଁ ଯଦି ଆପଣମାନଙ୍କର ମହାରାଜା ହୋଇଥାଏ, ତେବେ ଶୁଣନ୍ତୁ ଲା ସ୍ୟାଲ୍ ମହାଶୟ, ଆପଣଙ୍କୁ ମୋର ଏହି ଆଦେଶ ରହିଲା । ମୋତେ ଖସାଇ ନେବାର ଉପାୟ ନପାଇଲେ, ମୁଁ ଧରା ପଡ଼ିଯିବା ପୂର୍ବରୁ ମୋ ଛାତିରେ ଛୁରା ଭୁସିଦେବେ ।''

'ଏ ତା' ହେଲେ ସେହି ବାଳକ ଡଫିନ୍ ? – ବର୍ଷକ ତଳେ ଯେ ଜଡ଼ବୁଦ୍ଧି ପାଗଳ ହୋଇ ନିଜ ମାଆଙ୍କ ବିରୁଦ୍ଧରେ ଏକୁଲା ମିଛଗୁଡ଼ାକ କହି ଗିଲୋଟିନ୍ ଭିତରକୁ ଠେଲିଦେଇଥିଲେ, ଇଏ ସେହି ପିଲା ନା ?'

ହଁ, ଏ ସେହି ବାଳକ ଡଫିନ୍ । ବ୍ରାଣ୍ଡିପିଆ ଛାଡ଼ିଦେଇ ଗାଆଁ ଗହଳରେ ବାସ କରିବା ଫଳରେ ଆଶ୍ଚର୍ଯ୍ୟକର ପରିବର୍ତ୍ତନ ଘଟିଛି ସେ ବାଳକର । ତା'ର ସ୍ୱଭାବ ବଦଳିଯାଇଛି, ତା'ର ବ୍ୟକ୍ତିତ୍ୱର ପରିବର୍ତ୍ତନ ଘଟିଛି । ବାଳକ ସପ୍ତଦଶ ଲୁଇଙ୍କ ମୁଖରୁ ଏପ୍ରକାର ତେଜୋଦୀପ୍ତ ବାଣୀ ଶୁଣି ଲା ସ୍ୟାଲ୍ ପୁଲକିତ ହୋଇଗଲା । କହିଲା, ''ନିତାନ୍ତ ନିରୂପାୟ ହେଲେ ନିଶ୍ଚୟ ଆପଣଙ୍କର ଆଦେଶ ପାଳନ କରିବି ମହାରାଜା ! କିନ୍ତୁ ହତାଶ ହୁଅନ୍ତୁ ନାହିଁ, ପ୍ରଭୁ ଇଚ୍ଛା କଲେ ବର୍ତ୍ତମାନ ବି ଆପଣଙ୍କୁ ନେଇ ନିରାପଦରେ ଜେନେଭାରେ ପହଞ୍ଚାଇ ଦେବେ ।''

ପଛରୁ ଏଥର ସ୍ପଷ୍ଟତର ହୋଇ ଶୁଭିଲା ଭଁ, ଭଁ, ଭଁ । ଲା ସ୍ୟାଲ୍ କହିଉଠିଲା, ''ଡାକଗାଡ଼ି ଆସିଗଲା । ଏହି ଡାକଗାଡ଼ିହିଁ ମହାରାଜାଙ୍କୁ ଉଦ୍ଧାର କଲେ କରିପାରେ । କଚୁଆନ ଭାଇ, ତୁମେ ଗାଡ଼ିଟା ରାସ୍ତା କରକୁ ନେଇଆସ । ଗାଡ଼ିଟାକୁ ଏ କରକୁ ଯେତେ ଢଳାଯାଇ ପାରେ ସେତେ ଢଳେଇ ରଖ । ମୁଁ ସେ ଡାକଗାଡ଼ି ବାଲାକୁ କ'ଣ କହୁଛି, ସେଆଡ଼େ ଟିକିଏ କାନ ଦେଇଥିବ । ଦରକାର ହେଲେ ମୋ କଥାର ପାଳି ଧରିବ ।''

''ଠିକ୍ ଅଛି ଆଜ୍ଞା'' କହି ବୁଦ୍ଧିମାନ ଗାଡ଼ିବାଲା ଗାଡ଼ିଟିକୁ ଗୋଟିଏ କରକୁ ଢଳେଇ ଠିଆ କରିଦେଲା । ତା ପରେ ଲା ସ୍ୟାଲ୍ ଇନେଜ୍‌ଙ୍କୁ ଦୁଇ ଚାରିପଦ ଗୁପ୍ତ କଥା କହିବସିଲା, ''ମୁଁ ଜେନେଭାରେ ପହଞ୍ଚିବା ବେଳକୁ ଟିକିଏ ଡେରି ହୋଇପାରେ । ଆପଣ ତ ଜାଣନ୍ତି, ସେଠାରେ ମାର୍ଟିନ୍ ଲେବାସ ବୋଲି ଜଣେ ଘଡ଼ି ବ୍ୟବସାୟୀ ଅଛନ୍ତି । ସେହି ଲେବାସଙ୍କ ଘରେ ମୋ ପାଇଁ ଅପେକ୍ଷା କରିଥିବେ, କିନ୍ତୁ ଦିନକରୁ ବେଶି ଯେପରି ଅପେକ୍ଷା ନକରନ୍ତି । ତା' କଲେ ମହାରାଜାଙ୍କର କ୍ଷତି ହୋଇପାରେ । ଦିନଟିଏ ରହିବା ପରେ ଲେମାନ ହ୍ରଦ ପାର ହୋଇ ପଳାଇବେ । ଜେନେଭାଟା ଭଲ ଜାଗା ନୁହେଁ । ସୀମାନ୍ତ ସେପଟେ ହେଲେ ମଧ୍ୟ ଫରାସୀ ପୋଲିସ୍ ସେ ସହରରେ ଅନଧିକାର ପ୍ରବେଶ କରି ପଳାତକମାନଙ୍କୁ ଧରି ଆଣନ୍ତି । ତେଣୁ ହୁସିଆର ।''

Digitized by srujanika@gmail.com

ଆଉ କଥାଭାଷା କରିବାକୁ ବେଳନାହିଁ । ସେପଟୁ ଡାକଗାଡ଼ି ମାଡ଼ିଆସିଲା । କୋଡ଼ିଏ ଫୁଟ ଲମ୍ବା ବିରାଟ ଗାଡ଼ି । ଆଗ ଅଂଶଟା ଦୋତାଲା ଘର ଭଳି, ଅନେକ ଯାତ୍ରୀ, ଆଠ ଆଠଟା ଘୋଡ଼ା ଟାଣୁଛନ୍ତି । ଭଁ ଭଁ ହୋଇ ହର୍ଣ୍ଣ ବାଜୁଛି । ରାସ୍ତା ମଝିରେ ଏମାନଙ୍କୁ ଠିଆହୋଇଥିବା ଦେଖି ହର୍ଣ୍ଣଟା ଆହୁରି ଜୋରରେ ବାଜି ଉଠିଲା । ଲା ସ୍ୟାଲ୍ ଗୋଟିଏ ହାତରେ ଘୋଡ଼ାର ଲଗାମ ଧରି ଆଉ ହାତ ଟେକି ଡାକ ଗାଡ଼ିକୁ 'ଟିକିଏ ରଖ' ବୋଲି ଅନୁରୋଧ ଜଣାଇଲା ।

ଦୂର ବାଟକୁ ଯାଉଥିବା ଗାଡ଼ିବାଲାମାନେ ସାଧାରଣତଃ ଗୁମ୍ ମାରି ବସିଥାନ୍ତି । ରାସ୍ତା ମଝିରେ ବ୍ୟାଘାତ ଘଟିଲେ ସେମାନେ ବିରକ୍ତ ହୋଇଉଠନ୍ତି । ଲା ସ୍ୟାଲ୍‌ର ହାତଠାର ଦେଖି ଡାକଗାଡ଼ିର କଚୁଆନ ଟିକିଏ ବିରକ୍ତ ହୋଇ କହିଲା, ''ବାଟ ମଝିରେ ଇମିତି ଗାଡ଼ି ଅଟକାଉଛନ୍ତି କାହିଁକି ଆଜ୍ଞା ? କ'ଣ, ହେଇଛି କ'ଣ ?''

କଚୁଆନର କ୍ରୋଧାଗ୍ନିରେ ଶୀତଳ ଜଳ ସିଞ୍ଚନ କରି କୋମଳ ମଧୁର ସ୍ୱରରେ ଲା ସ୍ୟାଲ୍ କହିଲା, ''ହଁ ସିଟିଜେନ୍, ଟିକିଏ ଅସୁବିଧା ହେଇଯାଇଛି । ବେଶି କିଛି ନୁହେଁ ମ ! ଏ ଦୁଇଜଣ ବିଚରା ଖଣ୍ଡିଏ ଗାଡ଼ି କରି ଜେନେଭା ଯାଉଥିଲେ । ବାଟ ମଝିରେ ବିଚରାଙ୍କ ଗାଡ଼ିର ଆଗପଟ ଅଖଟା ଜଖମ ହୋଇଗଲା । ଦେଖୁନାହାନ୍ତି, ଗାଡିଟା କିପରି ସେକରକୁ ଢଳିପଡ଼ିଛି । ଗାଡ଼ିବାଲା କହୁଛି ଆଉ ଯାଇପାରିବ ନାହିଁ । ଏ ଦିଜଣଙ୍କୁ ଟିକିଏ ଦୟାକରି ଆପଣଙ୍କ ଗାଡ଼ିରେ ନେଇଗଲେ ଭାରି ଉପକାର କରନ୍ତେ । ବାଟରେ ନୁହେଁ ମ, ଜେନେଭାରେ ଓହ୍ଲାଇବେ । ଟିକିଏ ସୁବିଧା କରିଦେଲେ...।''

ଏତେ ଖୁସାମତିଆ କଥା କହିବାର କୌଣସି ଦରକାର ନଥିଲା । ତଥାପି ଅତିରିକ୍ତ ସୌଜନ୍ୟଟା କାମ ଦେଲା । ଡାକଗାଡ଼ିବାଲା ନାନା ପ୍ରଶ୍ନ ପଚାରି ପାରିଥାନ୍ତା । ସେଥିରେ ଆଉ କିଛି ହେଉ ନହେଉ ସମୟ ତ ନଷ୍ଟ ହୁଅନ୍ତା, ଏବଂ ସେ ଭିତରେ ହୁଏତ ପୋଲିସ୍ ଦଳ ଆସି ପହଞ୍ଚିଯାଆନ୍ତେ କିନ୍ତୁ ଲା ସ୍ୟାଲ୍‌ର ଭଦ୍ର ବ୍ୟବହାରରେ ସନ୍ତୁଷ୍ଟହୋଇ କଚୁଆନ ଇନେଜ୍ ଓ ଡଫିନକୁ ଡାକଗାଡ଼ିରେ ବସାଇ ଦେଲା । ବସାଇବା ବେଳେ କେବଳ ମାତ୍ର ଗୋଟିଏ ପ୍ରଶ୍ନ ପଚାରିଦେଲା, ''ଆଜ୍ଞା, କାଗଜପତ୍ର ସବୁ ଠିକ୍ ଅଛି ତ ?''

ଇନେଜ୍ କହିଲେ, ''ହଁ, ହଁ, ସେସବୁ ଠିକ୍ ଅଛି ।''

''ଆପଣ ଯିବେନି ?'' – ସୌଜନ୍ୟ ପ୍ରତିଦାନରେ ସୌଜନ୍ୟ ଦେଖାଇ ଡାକଗାଡ଼ିବାଲା ଲା ସ୍ୟାଲ୍‌କୁ ପଚାରିଲା ।

ଧନ୍ୟବାଦ ଜଣାଇ ଲା ସ୍ୟାଲ୍ କହିଲା, ''ନା ସିଟିଜେନ୍, ମୁଁ ସେମାନଙ୍କ ସାଥିର ନୁହେଁ, ଅନ୍ୟ ଆଡ଼େ ଯାଉଛି; ମୋର ଘୋଡ଼ା ଅଛି ।''

ଡାକଗାଡ଼ି ଚାଲିଗଲା । ଲା ସ୍ୟାଲ୍‌ର ଛାତି ଭିତରଟା ବିକଳରେ ବିଦାରି ହୋଇଗଲା । ପୁଣି ଥରେ କେବେ ଦେଖାହେବ, କିଏ କହିବ ? ଲୁଇ ଚାର୍ଲସ୍‌ଙ୍କ ମନରେ ମଧ୍ୟ ଏପରି ବିକଳତା ଦେଖାଦେଇଥିବ ନା ? ଲା ସ୍ୟାଲ୍‌କୁ ଲାଗିଲା ଚାର୍ଲସ୍ ବି ଏଇଆ ଅନୁଭବ କରୁଥିବେ । ତା' ଆଖିଦୁଇଟା ଅଜଣା ଆଶଙ୍କାରେ ମ୍ରିୟମାଣ ହୋଇଯାଇଥିଲା ।

Digitized by srujanika@gmail.com

ସେମାନେ ସିନା ଚାଲିଗଲେ; କାମ ଆହୁରି ଅନେକ ବାକି ଅଛି । ରାସ୍ତାର ଗୋଟିଏ ପଟ ଖୁବ୍ ଢାଲୁ । ଗଛ ଲତାରେ ପୂର୍ଣ୍ଣ ନିଘଞ୍ଚ ଜଙ୍ଗଲ । ନିଜ ଘୋଡ଼ାଟିକୁ ନେଇ ସେହି ଜଙ୍ଗଲ ଭିତରେ ଅଦୃଶ୍ୟ ହୋଇଗଲା ଲା ସ୍ୟାଲ୍ । ଟିକିଏ ଦୂରରେ ଲତା ଆଡୁଆଳରେ ଗୋଟିଏ ଗଛମୂଳେ ଘୋଡ଼ାଟି ବାନ୍ଧିଦେଇ ତାକୁ ଅଣ୍ଡାଳି ପକାଇଲା । ତା ପିଠିରେ ଦୁଇଟି ଥାପଡ଼ ମାରିଦେଇ କାନ ପାଖରେ କହିଦେଲା, ''ଏଇଠି ଠିଆ ହୋଇଥା, ମୁଁ ଆସେ ।''

ମଣିଷ ହାତରେ ଯେ ପିଲାରୁ ବଡ଼ ହେଇଛି, ସେ ଘୋଡ଼ା କ'ଣ ଏତକର ଅର୍ଥ ବୁଝନ୍ତାନାହିଁ ? ବିଚରା ସେଇଠି ଠିଆ ହୋଇ ଗଛରୁ ପତ୍ର ଖାଇବାରେ ଲାଗିଗଲା । ଘୋଡ଼ା ପାଖରୁ ଫେରିଆସି ଲା ସ୍ୟାଲ୍ ବସିପଡ଼ିଲା ଗାଡ଼ିରେ । କଚୁଆନକୁ କହିଲା, ''ଗାଡ଼ି ଏଥର ଧୀରେ ସୁସ୍ଥେ ଚାଲୁ । ବ୍ୟସ୍ତହେବା ଲୋଡ଼ାନାହିଁ । ମନେରଖିବ, କେହି ପଚାରିଲେ କହିବ ଆମେ ଲି ଗ୍ରୋସେୟାରରୁ ଆସୁଛୁ । ପ୍ରଥମରୁ ଏ ଗାଡ଼ିରେ ମୁଁ ଜଣେ ମାତ୍ର ଯାତ୍ରୀ ବସିଛି । ଯାଉଛୁ ଜେନେଭା– କିନ୍ତୁ ସେଲିୟାର୍ସ ବାଟ ଦେଇ ଯିବୁ ।''

ଲି ଗ୍ରୋସେୟାର ମ୍ୟୁଡ଼ନର ବାଇଶ ମାଇଲ ପୂର୍ବରେ । ଅକ୍ସେୟାରଠାରୁ କିଛି ଦୂରରେ ପ୍ରଧାନ ରାଜପଥଠାରୁ ଲେସିୟାର୍ସକୁ ଗୋଟିଏ କଚା ରାସ୍ତା ପଡ଼ିଛି । ସେଠାରୁ ଜେନେଭା ଯିବାଲାଗି ଅଲଗା ରାସ୍ତା ରହିଛି ।

ପ୍ରଧାନ ରାଜପଥରେ ଗାଡ଼ି ଚାଲିଛି । ଜଙ୍ଗଲ ଭିତରେ ବାନ୍ଧିଦେଇ ଆସିଥିବା ଘୋଡ଼ାକଥା ଭାବିଦେଲେ ଲା ସ୍ୟାଲ୍‌ର ଛାତି ଭିତରଟା କ'ଣ ହୋଇଯାଉଛି । ଯଦି ତା ରଡି ଶୁଣି କେହି ଆସି ତାକୁ ଫିଟାଇଦିଏ, ତେବେ ରକ୍ଷା । ନଚେତ୍ ବିଚରା ସେଇଠି ଅଖିଆ ଅପିଆ ମରିଯିବ । କିନ୍ତୁ ଉପାୟ କ'ଣ ? ଯେଉଁ ରାଜାରାଜୁଡ଼ାଙ୍କର ଜୀବନ ମରଣ ସମସ୍ୟା ନେଇ ଲୁଚକାଳି ଖେଳ ଚାଲିଛି, ସେଠାରେ ଗୋଟାଏ ଘୋଡ଼ାର ଭାଗ୍ୟ ବିପର୍ଯ୍ୟୟ କଥା ଭାବିବାକୁ ବେଳ କାହିଁ ? ତାକୁ ତ ଆଉ ରାସ୍ତାରେ ଛାଡ଼ିଦେଇ ଆସିଥିଲେ ଚଳିନଥାନ୍ତା; ଦେମାରେତ୍ ଆଖିରେ ପଡ଼ିଲେ ସେଥିରୁ ନାନା ସନ୍ଦେହ ଉଠନ୍ତା । ଯାହାହେଉ ଅସହାୟ ଜୀବଟି ବିଷୟରେ ଲା ସ୍ୟାଲ୍ ମନରେ ଏ ଯେଉଁ ବ୍ୟସ୍ତତା ଦେଖା ଦେଇଛି, ଏଥିରୁ ପ୍ରମାଣ ମିଳୁଛି ଯେ ଲୋକଟା ଅମଣିଷନୁହେଁ । ଭଲମନ୍ଦ ଜ୍ଞାନ ତା'ର ଅଛି । ବାଧ ନହେଲେ ଅସତ୍ କାମ କରେନି; ପୁଣି ସେଥିପାଇଁ ତା ମନରେ କଷ୍ଟ ହୁଏ ।

ଗାଡ଼ି ଚାଲିଛି । ଭେଲାଣ୍ଡ ଗାଆଁରୁ ହୋଟେଲ ଆଉ ବେଶି ଦୂରନୁହେଁ । ହଠାତ୍ କଚୁଆନ ଜଣାଇଲା, ''ସେମାନେ ଆସୁଛନ୍ତି ।''

''ଆସନ୍ତୁ । ତୁମେ ତୁମର ଯିମିତି ଚାଲିଛ, ସିମିତି ଚାଲ । ସେମାନେ ଆସିଯିବା ଆଗରୁ ଆମେ ଯଦି ଭୋଲାଣ୍ଡ ଇନ୍‌ରେ ପହଞ୍ଚିଯାଉ, ତେବେ ଗାଡି ଠିଆକରିବ । ଘୋଡ଼ାଙ୍କୁ ଦାନାପାଣି ଦେବ । ତୁମେ ବି ଜଳଖିଆପତ୍ର କରିବ । ମନେଅଛି ତ ? – ଆମେ ଲି ଗ୍ରେସିୟାରରୁ ଆସୁଛୁ; ଲେସିୟାର୍ସ ଦେଇ ଜେନେଭା ଯାଉଛୁ । କହିବ ତୁମ ଘର ବି ଲି ଗ୍ରେସିୟାର । ଆଉ ମୋ ନାଁ କହିବ– ହୁଜନ୍ ।''

Digitized by srujanika@gmail.com

ଭୋଲାଷ୍ଟାଇନ୍ ଦେଖାଯାଉଛି । ଠିକ୍ ଏହି ସମୟରେ ଡେମାରେଡ୍ ଆସି ଗାଡ଼ି ଘେରାଉ କରିଦେଲେ । ତାଙ୍କ ସହିତ ତିନିଜଣ ପୋଲିସ୍ କର୍ମଚାରୀ ଆସିଥିଲେ । ସେମାନଙ୍କ ବ୍ୟତୀତ ସେ ବାଟରୁ ଆହୁରି ପାଞ୍ଚଜଣ ଲୋକଙ୍କୁ ଡାକି ଆଣିଥାନ୍ତି । ପୋଷାକରୁ ଜଣାପଡୁଛି, ସେମାନେ ବି ପୋଲିସ୍; ସମ୍ଭବତଃ ଅକ୍‌ସେୟାରରୁ ସଂଗୃହୀତ ପୋଲିସ୍ । ଅର୍ଥାତ୍ ଡେମାରେଡ୍ ପୂରା ପ୍ରସ୍ତୁତ ହୋଇ ଆସିଛନ୍ତି ।

ଗାଡ଼ି ଅଟକାଇବାକୁହିଁ ପଡ଼ିଲା । କିନ୍ତୁ ଗାଡ଼ି ଭିତରୁ ମୁହଁ କାଢ଼ି କ୍ରୁଦ୍ଧ କଣ୍ଠରେ ଲା ସ୍ୟାଲ୍ କହିଉଠିଲା, "କିହୋ, ଇଏ କ'ଣ ? ପୋଷାକ ପିନ୍ଧିଛ ପୋଲିସ୍‌ର, ଅଥଚ ଆଚରଣ ଡକେଇତଙ୍କଠୁଁ ବଳେ ! ଦେଶରେ ସାଧାରଣତନ୍ତ୍ରର ଶାସନ ଚାଲିଛିଟି ? ନା ଆଗ କାଳର ସେହି ବ୍ୟାରନ୍ କାଉଣ୍ଟହିଁ ଶାସନ କରୁଛନ୍ତି– ଯେଉଁମାନେ ନିରୀହ ଲୋକଙ୍କ ମୁଣ୍ଡ କାଟିଦେଉଥିଲେ ?"

ଡେମାରେଡ୍ ଆସିଥିଲେ ଧମକ ଦେବାଲାଗି । ଓଲଟା ଧମକ ଖାଇ କିଛି ସମୟ ଯାଏ ତାଙ୍କର ବୁଦ୍ଧି ବଣାହୋଇଗଲା । କିନ୍ତୁ ପୋଖତ ପୋଲିସ୍ ଅଫିସର୍ ସେ । ସାହସ ଫେରିପାଇବାକୁ ଡେରି ହେଲାନାହିଁ । ଲା ସ୍ୟାଲ୍‌ର ଧମକ ବଦଳରେ ଧମକ ଦେଇ ସେ କହିଲେ, "ଫୁଟାଣି ବନ୍ଦକର କହୁଛି । ତୁମ ସହିତ ଯେଉଁ ଅନ୍ୟ ଦୁଇଜଣ ଥିଲେ ସେମାନେ କାହାନ୍ତି ? – ଜଣେ ବୟସ୍କ ଲୋକ, ଆରଜଣକ ପିଲା ।

"ଜଣେ ବୁଢ଼ା ? ଆଉ ଜଣେ ଟୋକା ?" – କହୁ କହୁ ହୋ-ହୋ କରି ହସିଉଠିଲା ଲା ସ୍ୟାଲ୍ । "ମୁଁ କିମିଆ ଜାଣେ ମହାଶୟ, ସେ ଦି'ଜଣାଙ୍କୁ ହାୱାରେ ଉଡ଼ାଇଦେଲି । ତା'ପରେ ଡେମାରେଡ୍‌ଙ୍କୁ କୌଣସି ମନ୍ତବ୍ୟ କରିବାକୁ ଫୁରୁସତ୍ ନଦେଇ ସେ ରୁକ୍ଷକଣ୍ଠରେ ଶୁଣାଇଦେଲା, "ଆପଣ ଅତ୍ୟନ୍ତ ଆପତ୍ତିକର କଣ୍ଠରେ କଥା କହୁଚନ୍ତି । ମୋ ସଙ୍ଗରେ ଆଉ କେହିନାହିଁ । ଲି ଗ୍ରୋସେୟାର୍‌ରୁ ମୁଁ ଏକାକୀ ବାହାରିଛି, ଏକାକୀ ଜେନେଭା ଯାଉଛି । ଅବଶ୍ୟ ସିଧା ନଯାଇ ଲେସିୟାର୍ସ ଦେଇ ଯାଉଛି । ମଝି ବାଟରେ ମୋ ଉପରେ ଆପଣଙ୍କର ଏ ଝାମେଲାର କୌଣସି କାରଣ ମୁଁ ଅନୁମାନ କରିପାରୁନାହିଁ । ଦୟାକରି ବାଟରୁ ଆଡ଼େଇଯାଆନ୍ତୁ । ପୋଲିସ୍‌ର କାମ ହେଲା ଲୋକଙ୍କୁ ସାହାଯ୍ୟ କରିବା । ଲୋକଙ୍କୁ ଅସୁବିଧାରେ ପକାଇବାଲାଗି ପୋଲିସ୍ ନିଯୁକ୍ତ କରାଯାଏନାହିଁ । ବିପ୍ଳବ ପରେ ବି ଆପଣମାନେ ଏତିକି ଶିଖିନାହାନ୍ତି ଦେଖି ମୁଁ ଅବାକ୍ ହୋଇଯାଉଛି ।"

ପୋଲିସ୍‌ର ମୁହଁ ଉପରେ ଏପରି ଥାପଡ଼ ମାରିପାରେ ଏକତ୍ର ଜଣେ ନିର୍ଭୀକ ନିର୍ଦ୍ଦୋଷ ଲୋକ, ନଚେତ୍ ଜଣେ କୁଖ୍ୟାତ ଗୁଣ୍ଡା । ଗାଡ଼ିର ଏ ଆରୋହୀ ଜଣକ ଏ ଦୁଇଶ୍ରେଣୀ ଭିତରୁ କେଉଁ ଶ୍ରେଣୀର ହେବ ? – ଡେମାରେଡ୍ କିଛି ବୁଝିପାରିଲେନାହିଁ । ଏ ଅବସ୍ଥାରେ ତାଙ୍କ ହାତରେ ଆଉ ଗୋଟିଏ ମାତ୍ର କ୍ଷମତା ରହିଥିଲା– ସେ ଲା ସ୍ୟାଲ୍‌ର କାଗଜପତ୍ର ଦେଖିବାକୁ ଚାହିଁଲେ । କିନ୍ତୁ ଲା ସ୍ୟାଲ୍ ପୁଣିଥରେ ବଙ୍କା ତେଢ଼ା ଆରମ୍ଭ କରିଦେଲା– "ମୋ କାଗଜପତ୍ର ମାଗିବା ପୂର୍ବରୁ ଆଗେ ଆପଣ ଯେ ପ୍ରକୃତ ପୋଲିସ୍, ତା'ର ପ୍ରମାଣ ଦିଅନ୍ତୁ ।"

Digitized by srujanika@gmail.com

ଡେମାରେତ୍ କ୍ରୋଧରେ ଅଧର ଦଂଶନ କରି ପକାଇଲେ । କିନ୍ତୁ ଉପାୟ କ'ଣ ? ପ୍ରମାଣ ମାଗିବାର ଅଧିକାର ସବୁ ନାଗରିକଙ୍କର ରହିଛି । ଚୋର ଡକେଇତ୍‌ମାନେ ବି ପୋଲିସ୍ ପୋଷାକ ପିନ୍ଧି ଝାମଲା କରନ୍ତି– ଏକଥା ସମସ୍ତେ ଜାଣନ୍ତି ।

ଡେମାରେତ୍ ବାଧହୋଇ କୋଟ ଖୋଲି ତାଙ୍କ ଭିତର ଜାମାରେ ଥିବା ପୋଲିସ୍ ସଙ୍କେତଟି ଦେଖାଇଦେଲେ । ଏଥର ଲା ସ୍ୟାଲ୍ ବିନା ବାକ୍ୟବ୍ୟୟରେ ତା'ର କାଗଜପତ୍ର ଫାଇଲ୍‌ଟା ଡେମାରେତ୍‌ଙ୍କ ହାତକୁ ବଢ଼ାଇଦେଲା । ସେ କାଗଜପତ୍ର ଆମୂଳଚୂଳ ପଢ଼ି ଦେଖିଲେ, ଏ ଭଦ୍ରଲୋକଙ୍କ ନାମ ହେଉଛି ହୁଜନ । ଏ ଜଣେ ମିଷ୍ଟାନ୍ନ ବ୍ୟବସାୟୀ । କାଗଜପତ୍ରରେ ସନ୍ଦେହ କରିବାର କିଛି ନପାଇ ସେ ଫାଇଲ୍‌ଟି ଲା ସ୍ୟାଲ୍‌କୁ ଫେରାଇ ଦେଉ ଦେଉ ପଚାରିଲେ– ''ଲେସିୟାର୍ସ ଯିବେ ବୋଲି କହୁଥିଲେ ଯେ ?''

''ହଁ, ମୁଁ ତ ସେଇଆ ସ୍ଥିର କରିଛି । କିଛିଦୂର ଆଗକୁ ଗଲେ ଏହି ପ୍ରଧାନ ସଡ଼କରୁହିଁ ଲେସିୟାର୍ସକୁ କଚାରାସ୍ତା ପଡ଼ିଛି । ଆପଣଙ୍କ ଘୋଡ଼ା ତ ଚେଙ୍ଗା ଅଛନ୍ତି । ମୋ ଗାଡ଼ି ସଙ୍ଗରେ ଆସନ୍ତୁ ନା । ଦେଖିବେ ଭୋଲାଣ୍ଡ ଇନ୍‌ରେ ଖାଇପିଇ ମୁଁ ସେହି ରାସ୍ତାରେହିଁ ଚାଲିବି । ସେଇଠି ଜଣେ ଆତ୍ମୀୟ ରହନ୍ତି । ଅନେକ ଦିନହେଲା ଦେଖାସାକ୍ଷାତ୍ ନାହିଁ । ଏ ବାଟରେ ଆସିଛି ଯେତେବେଳେ, ଥରେ ଦେଖାକରିଦେଇ ଯାଏ । ସେଇଠୁ ମୁଁ ଜେନେଭା ଚାଲିଯିବି ।''

ଅନ୍ୟ କିଛି ବା ' ନପାଇ ଡେମାରେତ୍ କହିଲେ, ''କିଛି ମନେକରିବେ ନାହିଁ । ତିନିଜଣ ସନ୍ଦେହ ଚକ୍ରାନ୍ତର ଲୋକ ଖଣ୍ଡେ ନାଲିଆ-ଧଳା ଗାଡ଼ିରେ ସୀମାନ୍ତ ଆଡ଼େ ପଳାଉଛନ୍ତି ଶୁଣି...ମୁଁ... ।''

''ହେଇଥିବ । ଆଜିକାଲି ଅଧିକାଂଶ ଗାଡ଼ିର ରଙ୍ଗ ନାଲିଆ-ଧଳା । ସେ ରଙ୍ଗଟା ଗାଡ଼ିକି ଭାରି ମାନେ ।'' – କହିଲା ସ୍ୟାଲ୍ ଗାଡ଼ି ଭିତରକୁ ମୁହଁ ଫେରାଇ ନେଲା । ତା'ପରେ ପରେ କଟୁଆନ ଗାଡ଼ି ଛାଡ଼ିଦେଲା ଜୋର୍‌ରେ ।

ଆଗେ ଆଗେ ଗାଡ଼ି ଚାଲିଥାଏ । ପଛରେ ଆସୁଥାନ୍ତି ପୋଲିସ୍ । ଭୋଲାଣ୍ଡ ଇନ୍‌ରେ ଖିଆପିଆ ସାରି ଲା ସ୍ୟାଲ୍ ତା' ଗାଡ଼ି ଛାଡ଼ିଦେଲା । ସେହି ଏକା ଇନ୍‌ରେ ଖିଆପିଆ ସାରି ପୋଲିସ୍ ବି ବାହାରିଲେ ତା' ପଛରେ । ଏପରି ଆଗ ପଛ ହୋଇ ଚାଲୁ ଚାଲୁ ବାଟରେ ପଡ଼ିଲା ତେମାଥା; ସେହିଠାରୁ ଲେସିୟାର୍ସକୁ କଚାରାସ୍ତା ପଡ଼ିଛି । ଲା ସ୍ୟାଲ୍‌ର ଗାଡ଼ି ଚାଲିଗଲା ସେହି କଚାରାସ୍ତା ଦେଇ । ଡେମାରେତ୍ ଚାଲିଗଲେ ସିଧା ଜେନେଭା ରାସ୍ତାରେ । ଏତେଦୂର ଯେତେବେଳେ ଆସିଲେଣି, ଜେନେଭା ନଯାଇ ଫେରିଯିବାଟା ଉଚିତ ହେବନାହିଁ । ପଳାତକ ଡଫିନ୍‌କୁ ଯଦି ସେ ଅନ୍ତତଃ ଜେନେଭାରେ ପାଆନ୍ତି, ତେବେ ଯାହା ହେବାର ହେଉ ପଛେ ସେ ତାକୁ ସେଠାରୁ ଧରିଆଣିବେ ।

ଲା ସ୍ୟାଲ୍ ଯାଇ ଲେସିୟାର୍ସରେ ପହଞ୍ଚିବାବେଳକୁ ଆକାଶ ମେଘାଚ୍ଛନ୍ନ । ସେଇଟା ଝଡ଼ିବର୍ଷା ସମୟ ନୁହେଁ । ତେଣୁ ସେ ଭାବିଲା ସାମାନ୍ୟ ଟିକିଏ ବର୍ଷା ହେବା ପରେ

Digitized by srujanika@gmail.com

ଆକାଶ ନିର୍ମଳ ହୋଇଯିବ । ନା, ଯଦି ବଡ଼ଧରଣର ଝଡ଼ ବର୍ଷା ହୁଏ, ତେବେ ଲେମାନ ହ୍ରଦ ପାର ହେବାକୁ ଇନେଜ୍ ସାହସ କରିବେ ନାହିଁ; ଲେବାସଙ୍କ ଘରେ ତା' ପାଇଁ ଅପେକ୍ଷା କରିବେ । କିନ୍ତୁ ଡେମାରେଡ୍ ବି ପୋଲିସ୍ ଦଳ ନେଇ ଜେନେଭା ଯାଉଛନ୍ତି; ସେ ନିଶ୍ଚୟ ଲେବାସଙ୍କ କୋଠିରେ ଖୋଜ ଲଗାଇବେ । କାରଣ ସବୁ ରାଜତନ୍ତ୍ରୀ ପଳାତକ ଯେ ତାଙ୍କରି ଘରେ ଆଶ୍ରୟ ନିଅନ୍ତି, ସେକଥା ପୋଲିସ୍ ଅଫିସର ହିସାବରେ ଡେମାରେଡ୍ ନିଶ୍ଚୟ ଜାଣିଥିବେ ।

ଲେସିୟାର୍ସରେ ଆତ୍ମୀୟ ଜଣେ ଥିବା କଥାଟା ତ ଲା ସ୍ୟାଲ୍‌ର ମନଗଢ଼ା କଥା । ବର୍ଷା ପବନ ବନ୍ଦ ନ ହେବାରୁ ସେ ରାତିଟା ଗାଆଁ ଇନ୍‌ରେ ରହିଗଲା । ତା' ପରଦିନ ଏପରି ପ୍ରବଳଭାବରେ ଝଡ଼ବର୍ଷା ଚାଲିଲା ଯେ ଗାଡ଼ିବାଲା ଗାଡ଼ି ବାହାର କରିବାକୁ ସାହସ କରିପାରିଲାନାହିଁ । ଶେଷରେ ଲେସିୟାର୍ସରେ ପହଞ୍ଚିବାର ତୃତୀୟ ଦିନ ଆକାଶ ଟିକିଏ ନିର୍ମଳ ହେବାରୁ ଲା ସ୍ୟାଲ୍ ଜେନେଭା ବାହାରିଲା । ମନରେ ଦୁଶ୍ଚିନ୍ତା । ଅଯଥାରେ ଦୁଇଟା ଦିନ ନଷ୍ଟ ହୋଇଗଲା । ଡେମାରେଡ୍ ଜେନେଭା ଯାଇଛନ୍ତି । ସେଠାରେ ସେ କି ଅନର୍ଥ ଘଟାଇଥିବେ, କିଏ କହିବ ? ଇନେଜ୍ ବଡ଼ିଆଲୋକ; କିନ୍ତୁ ତାଙ୍କୁ ଫନ୍ଦିବାଜୀ ଆସେନି । ବିପଦରେ ପଡ଼ିଲେ ସେ ଯେ ସମ୍ଭାଳିପାରିବେ, ଲା ସ୍ୟାଲ୍‌ର ସେ ବିଶ୍ୱାସନାହିଁ ।

ଯାହାହେଉ ଗାଡ଼ି ଆସି ଜେନେଭାରେ ପହଞ୍ଚିଗଲା । କାଳ ବିଳମ୍ବ ନକରି ସେ ଧାଇଁଲା ଲେବାସଙ୍କ ଘରକୁ । କିନ୍ତୁ ଶୁଣିଲା ଲେବାସ ଘରେନାହାନ୍ତି । ଗଲେ କୁଆଡ଼େ ? କେହି ଜାଣେନି । ଫେରିବେ କେବେ ? ସେକଥା ବି କେହି କହିପାରିଲେ ନାହିଁ । ସେଠାରେ ରହି ଆଉ ଲାଭ କ'ଣ ? ବାଧହୋଇ ଲା ସ୍ୟାଲ୍ ଲେମାନ ହ୍ରଦ କୂଳକୁ ଚାଲିଲା । ବାଟରେ ସମସ୍ତଙ୍କ ମୁହଁରେ ସେହି ଗୋଟିଏ କଥା— କି ଝଡ଼, କି ତୋଫାନ ବହିନଗଲା ସତେ ! — କେତେ ଡଙ୍ଗା ବୁଡ଼ିନଗଲା ହ୍ରଦରେ !!

'ଡଙ୍ଗା ବୁଡ଼ିଗଲା ! ଆହା ! ତୋଫାନ ଉଠିଥିବାବେଳେ କାହିଁକି ଯେ ହ୍ରଦରେ ଡଙ୍ଗା ଚଳାଉଥିଲେ ! ଇନେଜ୍‌ଙ୍କ ପରି ଲୋକ ଏପରି ଦୁର୍ଯୋଗ ବେଳରେ କଦାପି ହ୍ରଦରେ ପଶିନଥିବେ ।' — ଲା ସ୍ୟାଲ୍ ନିଜକୁ ଆଶ୍ୱାସନା ଦେଇ ଦେଇ ଚାଲିଥାଏ ।

ସେ ଯାଇ ହ୍ରଦ କୂଳରେ ପହଞ୍ଚିବାବେଳକୁ ଖଣ୍ଡିଏ ଛୋଟ ଡଙ୍ଗା କୂଳରେ ଲାଗିଲା । ଡଙ୍ଗାରେ ଆସିଥାଏ ଗୋଟିଏ ମୁର୍ଦ୍ଦାର । ନାଉରୀମାନେ ମୁର୍ଦ୍ଦାରଟାକୁ କୂଳକୁ ବୋହିଆଣିଲେ । କୂଳ ଲୋକେ ମୁର୍ଦ୍ଦାର ପାଖକୁ ଧାଇଁଗଲେ କୌତୂହଳୀ ହୋଇ । ଲା ସ୍ୟାଲ୍ ବି ଦେଖିବ ବୋଲି ଧାଇଁଲା; କିନ୍ତୁ ମୁର୍ଦ୍ଦାର ମୁହଁଟାକୁ ଚାହିଁ ଦେଉ ଦେଉ ତା' ଆଖି ଦୁଇଟା ବୁଜିହୋଇଗଲା । ତା' ମୁଣ୍ଡରେ ଅକାଳ ଚଡ଼କ ପଡ଼ିଗଲା ଜାଣ । ସେ ମୁର୍ଦ୍ଦାର ତ ଅନ୍ୟ କାହାର ମୁର୍ଦ୍ଦାରନଥିଲା । ଥିଲା ଇନେଜ୍‌ଙ୍କର ମୁର୍ଦ୍ଦାର ।

Digitized by srujanika@gmail.com

# ସାତ : ନୂତନ ଜୀବନ

ଝଡ଼ବିକ୍ଷୁବ୍ଧ ଲେମାନ ହ୍ରଦ ପାର ହେବାବେଳେ ଡଙ୍ଗା ଓଲଟିପଡ଼ିବାରୁ ୧୭୯୫ରେ ଇନେଜ୍ ପ୍ରାଣ ହରାଇଥିଲେ । ତା'ପରେ କୋଡ଼ିଏ ବର୍ଷ ବିତିଯାଇଛି ନାନା ବିପର୍ଯ୍ୟୟ ମଧ୍ୟଦେଇ । ବିପର୍ଯ୍ୟୟ ଘଟିଯାଇଛି ଲା ସ୍ୟାଲ୍‌ର ଜୀବନରେ, ବିପର୍ଯ୍ୟୟ ଘଟିଯାଇଛି ଫରାସୀ ଦେଶ ଭାଗ୍ୟରେ; ବିପର୍ଯ୍ୟୟ ଘଟିଯାଇଛି ସମଗ୍ର ୟୁରୋପରେ ।

ଇନେଜ୍‌ଙ୍କର ମୃତ୍ୟୁ ଦେଖିବା ପରେ ଲା ସ୍ୟାଲ୍ ଆଉ ଫ୍ରାନ୍ସ ଫେରିଲାନାହିଁ । ଫେରିଥିଲେ ଡେମାରେତ୍‌ଙ୍କ ହାତରେ ନିଶ୍ଚିତଭାବରେ ଧରାପଡ଼ିଥାନ୍ତା; ତାଙ୍କ ପରି ପୋଖତ ପୋଲିସ୍ ଅଫିସରଙ୍କୁ ତ ସେ ଆଉ ଦ୍ୱିତୀୟ ଥର ଧପ୍‌ପା ଦେଇପାରି ନଥାନ୍ତା । ଫ୍ରାନ୍ସ ଫେରିନଯାଇ ଇନେଜ୍‌ଙ୍କୁ କିପରି ଭଲଭାବରେ କବର ଦିଆଯିବ ସେ ତା'ର ବ୍ୟବସ୍ଥା କଲା । କାରଣ ଇନେଜ୍‌ଙ୍କୁ କବର ଦେଇ ତା' ଉପରେ ନାମ ଫଳକଟିଏ ସ୍ଥାପନ କରିବାକୁ ଜେନେଭାରେ ଦ୍ୱିତୀୟ କେହି ନଥିଲେ ।

ଡେମାରେତ୍ ବି ତୁରନ୍ତ ଜେନେଭା ଛାଡ଼ିଲେନାହିଁ । ପଳାତକ ହ୍ୟାଗେନ ବ୍ୟାକଙ୍କ ସହିତ ଡଙ୍ଗା ବୁଡ଼ିଯିବା ଫଳରେ ମରିଯାଇଥିବା ବ୍ୟାରେନ୍ ଇନେଜ୍‌ଙ୍କର ଅଭିନ୍ନତା ଅଛି କି ନାହିଁ ଜାଣିବାଲାଗି ସେ ଅନେକ ଅନୁସନ୍ଧାନ କଲେ; କିନ୍ତୁ ସତ୍ୟ ଉଦ୍‌ଘାଟନ କରିପାରିଲେନାହିଁ । କେବଳ ଏତିକି ଜାଣିଲେ ଯେ ଇନେଜ୍‌ଙ୍କ ସହିତ ନଅ ଦଶ ବର୍ଷର ଗୋଟିଏ ପୁଅ ମଧ୍ୟ ଡଙ୍ଗାରେ ଚଢ଼ିଥିଲା । ଝଡ଼ ଉଠୁଥିବା ଦେଖି କୂଳଲୋକେ ଏ ଦୁହିଁଙ୍କୁ ହ୍ରଦରେ ପଶିବାକୁ ମନାକରୁଥିଲେ; କିନ୍ତୁ କେଜାଣି କାହିଁକି ଇନେଜ୍ ବଡ଼ ବ୍ୟସ୍ତ ହୋଇ ଡଙ୍ଗା ଖୋଲିଦେଲେ । ପିଲାଟି ଗୋଟିଏ ଲମ୍ବା ବର୍ଷାତି କୋଟ ପିନ୍ଧିଥିବାରୁ ଲୋକେ ତା' ଚେହେରା ଦେଖିପାରିନାହାନ୍ତି; କିନ୍ତୁ ସମସ୍ତେ ଲକ୍ଷ୍ୟ କରିଛନ୍ତି ଯେ ସେ ପିଲା ଅତି ସାହସର ସହିତ ଡଙ୍ଗାରେ ଉଠିଛି । ମଣିଷ ହୋଇ ଏତେ ଦୁଃସାହସ କରିବା ଉଚିତନୁହେଁ । ଦୁଃସାହସ ହେତୁହିଁ ଇନେଜ୍ ମଝି ଦରିଆରେ ବୁଡ଼ିମଲେ । ତେବେ ପିଲାଟାର ପ୍ରକୃତରେ କ'ଣ ହେଲା କହି ହେଉ ନାହିଁ । ତା' ମୃତ୍ୟୁର ତ ମିଳିଲା ନାହିଁ, କୌଣସି ଡଙ୍ଗାବାଲା ତାକୁ ଉଦ୍ଧାର କରିଥିବା କଥା ମଧ୍ୟ ଜଣାପଡ଼ିଲାନାହିଁ । ଯାହାହେଉ, ଏକଥା ନିଶ୍ଚିତ ଯେ ଇନେଜ୍ ଓ ସେ ପିଲାଟି ସହିତ ତୃତୀୟ ବ୍ୟକ୍ତି ହୋଇ କେହିନଥିଲେ ।

ସଂଗୃହୀତ ତଥ୍ୟକୁ ବିଶ୍ଳେଷଣ କରି ଡେମାରେତ୍ ଦେଖିଲେ ଯେ ସେ ଯେଉଁ ତିନିଜଣଙ୍କୁ ଧରିବାକୁ ଆସିଥିଲେ, ଇନେଜ୍ ଓ ଏହି ବାଳକ ସେମାନଙ୍କ ମଧ୍ୟରୁ ଦୁଇଜଣ କି ନା ସନ୍ଦେହ । ଯଦି ଏମାନେ ସେ ଭିତରୁ ଦୁଇଜଣ ହୋଇଥାନ୍ତି, ତେବେ ବାଳକଟି ନିଶ୍ଚିତଭାବରେ ସପ୍ତଦଶ ଲୁଇ । ବର୍ତ୍ତମାନ ବାଳକଟିର ପତ୍ତା ମିଳୁନାହିଁ । ସେ ହୁଏତ ହ୍ରଦରେ ବୁଡ଼ିଯାଇ ଥାଇପାରେ କିମ୍ବା ଉଦ୍ଧାର ପାଇଯାଇଥାଇପାରେ । ଏହି ସମ୍ବାଦ ଧରି ଡେମାରେତ୍ ପ୍ୟାରି ଫେରିଆସିଲେ । ଫୋକେଙ୍କୁ ସମସ୍ତ ବିବୃତି ପ୍ରଦାନ କରି ସେ ମତ

Digitized by srujanika@gmail.com

ଦେଲେ ଯେ ରାଜତନ୍ତ୍ରୀମାନେ ଯାହାଙ୍କୁ ସପ୍ତଦଶ ଲୁଇ ବୋଲି ଘୋଷଣା କରି ଲୋକଙ୍କ ଆଗରେ ଥୋଇବାକୁ ଚେଷ୍ଟା କରୁଥିଲେ, ସେ ବର୍ତ୍ତମାନ ଜୀବିତ କି ମୃତ କିଛି କହିହେଉନାହିଁ ।

ଲା ସ୍ୟାଲ୍ ଏକାଟିଆ ଲୋକ । ସେ ଏତେ ଖୋଜଖବର ନେଇପାରିଲା ନାହିଁ । ଡେମାରେତ୍ ଓ ତା' ଦଳ ଜେନେଭାରେ ପଇଁତରା ମାରୁଛନ୍ତି ଦେଖି ସେ ବିଶେଷ ବାହାରକୁ ମୂର୍ଖତା ଦେଖାଇପାରିଲାନାହିଁ । କାରଣ ଜେନେଭା ଫରାସୀ ଅଞ୍ଚଳ ନହୋଇଥିଲେ ବି ସେଠାରେ ଫରାସୀ ପୋଲିସ୍ ଜୁଲମକରନ୍ତି । ତା' ପକ୍ଷରେ ବଡ଼ ନୈରାଶ୍ୟର କଥା ହୋଇଥାଏ ଯେ ଲେବାସ ଆଉ ଘରକୁ ଫେରି ନଥାନ୍ତି । ଦୁଇଦିନ ଭିତରେ ଲା ସ୍ୟାଲ୍ ତାଙ୍କ ଘରକୁ ଚାରିଥର ଯାଇଛି ଏବଂ ପ୍ରତ୍ୟେକ ଥର ଫେରିଆସିଛି ନିରାଶ ହୋଇ । ସପ୍ତଦଶ ଲୁଇଙ୍କୁ ନେଇ ନିର୍ବିଘ୍ନରେ ସ୍ୱୀଜରଲାଣ୍ଡରେ ପହଞ୍ଚାଇଦେବାକୁ ଯାହାଙ୍କୁ ଦାୟିତ୍ୱ ଦିଆଯାଇଥିଲା, ହ୍ରଦରେ ଡଙ୍ଗା ବୁଡ଼ିଯିବା ପରଠାରୁ ତାଙ୍କର ଆଉ ପତ୍ତାନାହିଁ । ସେ ଯେ ଡଙ୍ଗାରେ ଥିଲେ, ସେକଥା ତ କେହି କହୁନାହାନ୍ତି ! ତା'ହେଲେ ଏହାର ଅର୍ଥ କ'ଣ ? ଏହି ସବୁ କାରଣରୁ ସେ ଏକାକୀ ନିଃସହାୟ ଅବସ୍ଥାରେ ନଅଜଣ ପୋଲିସ୍‌ଙ୍କର ମୁକାବିଲା କରିବା ମୂର୍ଖତା ମାତ୍ର— ଏହା ଜାଣି ସେ କୌଣସିପ୍ରକାରେ ଲୁଚି ରହିଲା ।

ଡେମାରେତ୍ ଜେନେଭାରୁ ଚାଲିଯିବା ପରେ ଲା ସ୍ୟାଲ୍ ମଧ୍ୟ ଜେନେଭାରୁ ପଳାଇଗଲା । ପଳାଇଗଲା ସ୍ୱୀଜରଲାଣ୍ଡ ଅତିକ୍ରମ କରି ଉତ୍ତରକୁ । ଯାଇ ପହଞ୍ଚିଗଲା ପ୍ରୁସିଆର ବ୍ରାଣ୍ଡନବୁର୍ଗରେ । ସେଠାରେ ସେ ବୋଧହୁଏ ରାଜା ଫ୍ରେଡେରିକଙ୍କ ସହିତ ସାକ୍ଷାତ୍ କରି ତାଙ୍କରି ଆଶ୍ରୟରେ ରହିବାକୁ ମନସ୍ଥ କରିଥିଲା; କିନ୍ତୁ ସେତେବେଳକୁ ରାଜା ବ୍ରାଣ୍ଡନବୁର୍ଗରେ ନଥାନ୍ତି । ସେ ସୀମାନ୍ତ ଅଞ୍ଚଳରେ ସୈନ୍ୟ ଚାଳନା କରିବାରେ ବ୍ୟସ୍ତ ଥାଆନ୍ତି । ତେଣୁ ରାଜାଙ୍କ ସହିତ ତା'ର ସାକ୍ଷାତ ହୋଇପାରିଲାନାହିଁ ।

ବ୍ରାଣ୍ଡନବୁର୍ଗରେ ତା'ର ସାକ୍ଷାତ୍ ହୋଇଗଲା ଅନ୍ୟ ଜଣକ ସହିତ । ସେ ଜଣକ ହେଉଛନ୍ତି ବ୍ୟାରେନ୍ ଇନେଜ୍‌ଙ୍କର ପୁତୁରା କାର୍ଲଥିଓଡର ଫନ୍ ଇନେଜ୍ । ସେ ହିଁ ବର୍ତ୍ତମାନ ଇନେଜ୍‌ଙ୍କ ସମ୍ପତ୍ତିର ଉତ୍ତରାଧିକାରୀ । ଯୁବକ ବୟସ । ଲା ସ୍ୟାଲ୍‌ର ସମବୟସ୍କ କହିଲେ ଚଳେ । ତାଙ୍କ ବିଷୟରେ ସେ ବ୍ୟାରେନ୍‌ଙ୍କ ମୁହଁରୁ ପୂର୍ବରୁ ଶୁଣିଥିଲେ । ମ୍ୟୁଡ଼ନରୁ ଜେନେଭା ଆସିବା ବାଟରେ ସେ ତାଙ୍କର ଠିକଣାପତ୍ର ମଧ୍ୟ ବ୍ୟାରେନ୍‌ଙ୍କଠାରୁ ସଂଗ୍ରହ କରିଥିଲା । ବର୍ତ୍ତମାନ ସେ ଯେତେବେଳେ 'ଆପଣଙ୍କ କକାଙ୍କ ଖବର ଆଣିଛି' କହି କାର୍ଲ ଥିଓଡ଼ରଙ୍କ ଆଗରେ ନିଜର ପରିଚୟ ଦେଇଦେଲା, ଥିଓଡ଼ର ସେତେବେଳେ ତାକୁ ବଡ଼ ଆଦରରେ ଗ୍ରହଣ କଲେ । ଥିଓଡ଼ର ସମ୍ଭବତଃ ତାଙ୍କ କକାଙ୍କ ପରି ରାଜନୈତିକ କାର୍ଯ୍ୟକଳାପରେ ସଂପୃକ୍ତ ହେବାକୁ ଚାହୁଁନଥିଲେ । ତଥାପି ସେ ଲା ସ୍ୟାଲ୍‌କୁ ସମସ୍ତପ୍ରକାର ସହାନୁଭୂତି ଦେଖାଇଲେ । ସେ ଯେ ତାଙ୍କ କକାଙ୍କର ସହକର୍ମୀ ଥିଲା ତା' ନୁହେଁ, କକା

Digitized by srujanika@gmail.com

ଶୋଚନୀୟଭାବରେ ପ୍ରାଣତ୍ୟାଗ କରିବା ପରେ ସେ ତାଙ୍କୁ ସମାଧି ଦେବା ସଙ୍ଗେ ସଙ୍ଗେ ସମାଧି ଉପରେ ଗୋଟିଏ ସ୍ମୃତିଫଳକ ମଧ୍ୟ ସ୍ଥାପନ କରିଛି । ବନ୍ଧୁ ଆଉ କାହାକୁ କହନ୍ତି ? ...ରାଜଦ୍ୱାରେ ଶ୍ମଶାନେ ଚ' ତ ? ତେଣୁ ସେ କୃତଜ୍ଞତାର ସହିତ ଲା ସ୍ୟାଲ୍‌କୁ ବ୍ରାଣ୍ଡନବୁର୍ଗରେ ରହିଯିବାରେ ସାହାଯ୍ୟ କଲେ । ଲା ସ୍ୟାଲ୍ ହାତରେ ସେପର୍ଯ୍ୟନ୍ତ କିଛି ପଇସାପତ୍ର ଥାଏ । ଥିଓଡ଼ର ତାକୁ ଆଉ କିଛି ଆର୍ଥିକ ସାହାଯ୍ୟ ଦେଇ ଏବଂ କିଛି କରଜ ଦେଇ ତା' ପାଇଁ ସହରରେ ଗୋଟିଏ ଇନ୍ ବା ହୋଟେଲ ଖୋଲାଇଦେଲେ । ଲା ସ୍ୟାଲ୍ ଥଇଥାନ ହୋଇଯିବା ପରେ ଥିଓଡ଼ର ଚାଲିଗଲେ ଜେନେଭା । ମୃତ କକାଙ୍କ ସମାଧିରେ ପୁଷ୍ପାର୍ଘ୍ୟ ଅର୍ପଣ କରି ତାଙ୍କପାଇଁ ଗୋଟିଏ ସ୍ମୃତିସ୍ତମ୍ଭ ନିର୍ମାଣ କରିଦେବାହିଁ ଥିଲା ତାଙ୍କର ପରମ ପବିତ୍ର କର୍ତ୍ତବ୍ୟ ।

ଛୋଟ ହୋଟେଲଟିଏ ଖୋଲି ଲା ସ୍ୟାଲ୍ ନୂତନ ଜୀବନ ଆରମ୍ଭ କରିଦେଲା । କାରବାର ମନ୍ଦ ହେଲାନାହିଁ । ଯାହା ଆୟ ହେଲା, ସେତକ ତା' ପରି ଏକାଟିଆ ଲୋକ ପକ୍ଷରେ ଯଥେଷ୍ଟ ହେଲା । ବ୍ୟବସାୟ ବଢ଼ିବା ସଙ୍ଗେ ସଙ୍ଗେ ତା' ମୁଣ୍ଡରେ ପଶିଗଲା ଏକ ଦୁଷ୍ଟବୁଦ୍ଧି । ହୋଟେଲରେ ଖାଦ୍ୟ ପାନୀୟକୁ ଉପଲକ୍ଷ୍ୟ କରି ସେ ଭିତରେ ଗୋଟିଏ ଜୁଆଆଡ୍ଡା ଖୋଲିଦେଲା । ଏଥର ପ୍ରଚୁର ଆୟର ବାଟ ଖୋଲିଗଲା । ହାତରେ ବେଶ୍ ଦି'ପଇସା ସେ ସଞ୍ଚିପାରିଲା । ପ୍ରୁସିଆ ଦେଶରେ ପ୍ରଚଳିତ ଥିଲା ଏକ ବିଚିତ୍ର ଆଇନ— ଜୁଆ ଖେଳିବା ଅପରାଧନୁହେଁ; କିନ୍ତୁ ଜୁଆଆଡ୍ଡା ଖୋଲିବା ଅପରାଧ । ଫଳରେ ମଝିରେ ମଝିରେ ପୋଲିସ୍ ଆସି ଲା ସ୍ୟାଲ୍ ହୋଟେଲ ଉପରେ ଚଢ଼ାଉ କରେ । ଯେତେବେଳେ ନିଜ ବୁଦ୍ଧି ଓ ଅର୍ଥ ବଳରେ ପୋଲିସ୍ ହାତରୁ ଖସିବା କଷ୍ଟକର ହୁଏ, ଲା ସ୍ୟାଲ୍ ସେତେବେଳେ ଥିଓଡ଼ରଙ୍କର ଶରଣ ପଶେ । ଥିଓଡ଼ର ଜୁଆ ଆଡ୍ଡା ପରି ଖରାପ କାମକୁ ପସନ୍ଦ କରନ୍ତିନାହିଁ ସତ, ତଥାପି କକାଙ୍କ ଦୁର୍ଦ୍ଦିନର ବନ୍ଧୁ ବୋଲି ଲା ସ୍ୟାଲ୍‌କୁ ଯଥାସମ୍ଭବ ସାହାଯ୍ୟ କରନ୍ତି । ରାଜମହଲରେ ତାଙ୍କର ଯଥେଷ୍ଟ ପ୍ରତିପତ୍ତି ଥାଏ; ଦଣ୍ଡ ବେଶି ହୁଏନାହିଁ ।

ଏପରିଭାବରେ କୋଡ଼ିଏ ବର୍ଷ ବିତିଗଲାଣି । ଏ ଭିତରେ ଆପଦ ବିପଦ ପଡ଼ିଛି, ଜୁଆ ଆଡ୍ଡା ଚଳାଇବା ଅପରାଧରେ ଥରେ ଅଧେ ଜେଲ୍ ଦଣ୍ଡ ମଧ୍ୟ ଖଟିଛି; କିନ୍ତୁ ସେଥିକି ଲା ସ୍ୟାଲ୍‌ର ପରବାୟନାହିଁ । ଜୁଆ ଆଡ୍‌ଡାରେ ପଣ୍ଡାଗିରି କରି ଯଥେଷ୍ଟ ପଇସା ମିଳେ । ଅର୍ଥ ବଳରେ ମାନଅପମାନ ସବୁ ଜୀର୍ଣ୍ଣ କରି ସେ ସ୍ୱଚ୍ଛନ୍ଦରେ ଜୀବନ କାଟାଇ ଚାଲିଛି । ବିବାହ ଆଡ଼େ ମନ ଯାଇନାହିଁ । କେବଳ ଥରଟିଏ ବସନ୍ତର କୁହୁତାନ ତା' ମନକୁ ଥରାଇଦେଇଥିଲା । ବେଳେ ବେଳେ ମନେ ପଡ଼ିଯାଏ ସେ ଦିନ କେତେ କ—

ସେତେବେଳକୁ ସେ ରୋଗଶଯ୍ୟାରେ, ଅବସ୍ଥା ସାଙ୍ଘାତିକ । ବଞ୍ଚିବାର ଆଶା ନଥାଏ । ତଥାପି ଲା ସ୍ୟାଲ୍ ବଞ୍ଚିଗଲା ପାଖ ଫ୍ଲାଟର ବାସିନ୍ଦା ଜଣେ ମଧ୍ୟବୟସ୍କା ମହିଳାଙ୍କର ଅକ୍ଳାନ୍ତ ସେବା ଫଳରେ । ସେହି ସେବାଲାଭ କରି ଲା ସ୍ୟାଲ୍‌ର ହୃଦୟତନ୍ତ୍ରୀ ଥରିଉଠିଲା । ସେ ଭାବିଥିଲା କୃତଜ୍ଞତାର ନିଦର୍ଶନସ୍ୱରୂପ ତାଙ୍କୁ ବିବାହ କରିବାର ପ୍ରସ୍ତାବ ଦେବ; କିନ୍ତୁ ଭାଗ୍ୟ ତାହା କରାଇଦେଲାନାହିଁ । ଲା ସ୍ୟାଲ୍ ସୁସ୍ଥ ହୋଇ ବସିବା ବେଳକୁ

Digitized by srujanika@gmail.com

ସ୍ନେହଶୀଳା ସେବାକାରିଣୀ ରୋଗଶଯ୍ୟାରେ ପଡ଼ିଗଲେଣି । ଲା ସ୍ୟାଲ୍ ଆଖିରୁ ତତଲା ଲୁହ ବୁହାଇଦେଇ ମନୋହାରିଣୀ ସେହି ରୋଗଶଯ୍ୟାରେହିଁ ଚିରଦିନ ଲାଗି ଆଖି ବୁଜିଦେଲେ । ବାସ୍, ସେତିକି । ସେହିଦିନୁ ବିଦାୟ ନେଇଯାଇଛି ବସନ୍ତ ।

ତା'ହେଲେ ଲା ସ୍ୟାଲ୍ କରେ କ'ଣ ? କରେ ରାଜନୀତି– ଜୁଆଖେଳର ପରମ ଆତ୍ମୀୟ ରାଜନୀତି । ସାରା ୟୁରୋପରେ ତ ବୋହି ଚାଲିଥିଲା ପରିବର୍ତ୍ତନର ଝଡ଼ । ସମସ୍ତ ଝଡ଼ର ଗତି ପ୍ରତି ବିଶେଷ ଦୃଷ୍ଟି ଦେଇପାରି ନଥିଲେ ମଧ୍ୟ ଫ୍ରାନ୍ସର ରାଜନୈତିକ ରଙ୍ଗମଞ୍ଚରେ ଯେଉଁ ଝଡ଼ ଦୃଶ୍ୟ ପରେ ଦୃଶ୍ୟ ବଦଳାଇ ଚାଲିଥିଲା, ସେ ଝଡ଼ ପ୍ରତି ତା'ର ବିଶେଷ ଦୃଷ୍ଟି ରହିଥିଲା ।

ଏହି କୋଡ଼ିଏ ବର୍ଷ ମଧ୍ୟରେ ଫ୍ରାନ୍ସରେ ଦେଖାଦେଇଥାନ୍ତି, ଜଣେ ଅତ୍ୟାଶ୍ଚର୍ଯ୍ୟ ମନୁଷ୍ୟ । ସେହି ଅଦ୍ଭୁତକର୍ମାଙ୍କର ଅପୂର୍ବ କୀର୍ତ୍ତିକଳାପକୁ ବିସ୍ମୟ ବିମୁଗ୍ଧ ହୋଇ ଚାହିଁ ରହିଥିଲା ଲା ସ୍ୟାଲ୍ । ସେହି ଅଦ୍ଭୁତକର୍ମା ବୀରପୁରୁଷ ହେଉଛନ୍ତି ନେପୋଲିୟନ ବୋନାପାର୍ଟ । କର୍ସିକାର ଏକ ନିମ୍ନ-ମଧ୍ୟବିତ୍ତ ପରିବାରର ଜଣେ ସାଧାରଣ ଯୁବକ । ସାମାନ୍ୟ ସୈନିକ ପଦରୁ ଉଠି ସେ ଆଜି କର୍ଣ୍ଣେଲ୍ । ଫରାସୀ ଦେଶର ଶାସନ କର୍ତ୍ତୃତ୍ୱ ହସ୍ତଗତ କରି ସେ ଆଜି କନସଲ୍‌ରୂପେ ଅଧିଷ୍ଠିତ । ୟୁରୋପର ବିଭିନ୍ନ ପ୍ରତିଷ୍ଠିତ ଦେଶର ସମ୍ରାଟମାନଙ୍କୁ ପରାସ୍ତ କରି ସେ ଆଜି ସେହିମାନଙ୍କଦ୍ୱାରା ଫ୍ରାନ୍ସର ସମ୍ରାଟ୍ ବୋଲି ପରିଚିତ । ରାଜନୈତିକ ରଙ୍ଗମଞ୍ଚର ଦୃଶ୍ୟ ପରେ ଦୃଶ୍ୟ ଏହିପରି ଅଧିକରୁ ଅଧିକତର ରୋମାଞ୍ଚକର ହୋଇ ଚାଲିଥାଏ । ସେହି ରଙ୍ଗମଞ୍ଚକୁ ପରମ ଆଗ୍ରହରେ ଚାହିଁରହିଥାଏ ଲା ସ୍ୟାଲ୍ । ୧୮୧୫ରେ ସେହି ନାଟକର ଶେଷ କରୁଣ ଦୃଶ୍ୟ ଅଭିନୀତ ହୋଇଗଲା । ନେପୋଲିୟନ୍ ପରାସ୍ତ ହୋଇ ଫରାସୀ ସିଂହାସନରୁ ଓହ୍ଲାଇପଡ଼ିଲେ । ତାଙ୍କୁ ନିର୍ବାସନ କରିଦିଆଗଲା କ୍ଷୁଦ୍ର ଏଲ୍‌ବା ଦ୍ୱିପରେ ।

ନେପୋଲିୟନ୍‌ଙ୍କର ଦୁଃଖ ବୋର୍ବୋ ରାଜଭକ୍ତମାନଙ୍କର ଆନନ୍ଦର କାରଣ ହେଲା । କାରଣ ସେତେବେଳକୁ ଫ୍ରାନ୍ସରେ ବିପ୍ଳବୀ ସରକାର ନାହିଁ କି ସେ ସରକାରକୁ ବିତାଡ଼ିତ କରିଥିବା ନେପୋଲିୟନ୍ ସରକାରନାହିଁ । ଦେଶ ଅରାଜକ ହୋଇପଡ଼ିଛି । ସିଂହାସନ ଶୂନ୍ୟ । ବୋର୍ବୋ ଭକ୍ତମାନଙ୍କ ପକ୍ଷରେ ଏହା ଏକ ସୁଯୋଗର ବେଳ । ସେପଟେ ଷୋଡ଼ଶ ଲୁଇଙ୍କର ସାନଭାଇ, ଯେ କି ଫରାସୀ ବିପ୍ଳବର ସୂଚନା ପାଇବା ମାତ୍ରେ ସର୍ବପ୍ରଥମେ ଦେଶ ଛାଡ଼ି ଇଂଲଣ୍ଡ ପଳାଇଯାଇଥିଲେ, ନିଜର କେତେଜଣ ତୋଷାମଦକାରୀଙ୍କ ସହିତ ଇଂଲଣ୍ଡ ଆଶ୍ରୟରେ ରହି ନିଜକୁ ଅଷ୍ଟାଦଶ ଲୁଇ ବୋଲି ଘୋଷଣା କରିସାରିଥାନ୍ତି । ଅଷ୍ଟାଦଶ, ସପ୍ତଦଶ ନୁହେଁ; କାରଣ ସପ୍ତଦଶ ଲୁଇ ଓରଫ ଚାର୍ଲସ୍ ଲୁଇ ବା ଲୁଇ କ୍ୟାପେଟ ବିପ୍ଳବୀ ସରକାରଙ୍କ ଅମଳରୁ ମୃତ ବୋଲି ଘୋଷିତ ଏବଂ ଫ୍ରାନ୍ସରେ ଥିବା ବୋର୍ବୋ ରାଜଭକ୍ତମାନଙ୍କ ବିଶ୍ୱାସ ଅନୁଯାୟୀ ଲେମାନ୍ ହ୍ରଦର ଅତଳ ଜଳରେ ଚିରଦିନଲାଗି ଲୁକ୍‌କାୟିତ । ଫଳରେ ବର୍ତ୍ତମାନ ବୋର୍ବୋ ରାଜବଂଶର ଏକମାତ୍ର ପ୍ରତିନିଧି ଅଷ୍ଟାଦଶ ଲୁଇ । ଇଂଲଣ୍ଡ ସରକାରଙ୍କର ସାମାନ୍ୟ ଭତ୍ତାଭିକ୍ଷା ଉପରେ ନିର୍ଭର କରି

Digitized by srujanika@gmail.com

ଚଳୁଥିଲେ ମଧ୍ୟ ସେ ଗଢ଼ିଥାନ୍ତି ଏକ କଣ୍ଢେଇ ଦରବାର । ଦୀନହୀନ ଅବସ୍ଥାରେ ଥିବା ଭକ୍ତ ପାରିଷଦମାନଙ୍କର ମଧ୍ୟ ଅଭାବ ନଥାଏ ସେ ଦରବାରରେ । ଗିଲୋଟିନ୍ ମୁହଁରୁ କୌଣସିପ୍ରକାରେ ଖସିଯାଇ ଇଂଲଣ୍ଡରେ ଆଶ୍ରୟ ନେଇଥିବା ସେହି ପାରିଷଦମାନଙ୍କ ମଧ୍ୟରୁ କିଏ ହୋଇଥାଏ ବୈଦେଶିକ ମନ୍ତ୍ରୀ, କିଏ ହୋଇଥାଏ ସେନାପତି, କିଏ ବା ହୋଇଥାଏ କୋଷାଧ୍ୟକ୍ଷ । ଏହିପରି ଏକ ମିଛିମିଛିକା ଦରବାର ଗଢ଼ି ଦୀର୍ଘ କୋଡ଼ିଏ ବର୍ଷ କଟିଯାଇଥାଏ ସେହି ବୋର୍ବୋକୁଳଧୁରନ୍ଧରଙ୍କର । ନେପୋଲିୟନ୍‌ଙ୍କର ପତନ ପରେ ପରେ ସେହି କୋଡ଼ିଏ ବର୍ଷର ଉଷୁନା ଧାନ ଏବେ ଗଜା ମାରିଲା । ଇଂଲଣ୍ଡରେ ପ୍ରଧାନମନ୍ତ୍ରୀ ଆସି ତାଙ୍କୁ କହିଲେ, ''ମହାରାଜ, ଆପଣ ଏଥର ପ୍ୟାରି ପଳାନ୍ତୁ, ସଦରବାର ଯଥାଶୀଘ୍ର ପଳାଇଯାଆନ୍ତୁ; ଫରାସୀ ସିଂହାସନ ଖାଲିପଡ଼ିଛି ।''

ଖଣ୍ଡିଏ ବ୍ରିଟିଶ ଜାହାଜ ଚଢ଼ି କେତେଜଣ ବ୍ରିଟିଶ ଦେହରକ୍ଷୀ ଧରି ଅଷ୍ଟାଦଶ ଲୁଇ ସଦରବାର ଅଣନିଃଶ୍ୱାସୀ ହୋଇ ଫ୍ରାନ୍ସକୁ ଧାଇଁଲେ । ଫ୍ରାନ୍ସ ଉପକୂଳରେ ତାଙ୍କୁ ସମ୍ବର୍ଦ୍ଧନା ଜଣାଇ ରାଜଭବନକୁ ପାଛୋଟି ନେଲେ ମୁଷ୍ଟିମେୟ କେତେଜଣ ପ୍ରାଚୀନ ଜମିଦାର ବଂଶର ବଂଶଧର । ସେମାନଙ୍କର ଜମିଦାରି ବାଜ୍ୟାପ୍ତ ହୋଇଯାଇଛି, ସମ୍ପତ୍ତି ସରିଯାଇଛି, କର୍ପୂର ଉଡ଼ିଯାଇ ପଡ଼ିରହିଛି କନା– ଛିଣ୍ଡାକନା । ନବାଗତ ଅଷ୍ଟାଦଶ ଲୁଇଙ୍କ କୃପା କଟାକ୍ଷ ପଡ଼ିଲେ କାଳେ ସେସବୁ ଫେରିଆସିବ, ସେହି ଆଶାରେ ଛିଣ୍ଡାକୋଟ ଓ ଫଟାଜୋତା ପିନ୍ଧି ରାଜପଥ କରରେ ଠିଆ ହୋଇ ଜୟଧ୍ୱନି ଦେଇଥିଲେ ସେହି ସାମାନ୍ୟ କେତେଜଣ ଆଶାୟୀ ନରନାରୀ ।

ସୁଦୂର ବ୍ରାଣ୍ଡନବୁର୍ଗର ଜୁଆ ଆଡ୍‌ଡା ଭିତରେ ବସି ମଧ୍ୟ ଲା ସ୍ୟାଲ୍ ଏସବୁର ଖବର ରଖିଛି । ଧନ୍ୟ ସେହି ଅଷ୍ଟାଦଶ ଲୁଇଙ୍କୁ ! ଅନ୍ତଲା ପେଟ, ଗୋଟମା ଦେହ, ଓଜନ ଦି କୁଇଣ୍ଟାଲରୁ ବେଶି । ଦିନ କେତେଟା ଯାଇଛି କି ନାହିଁ, ତାଙ୍କୁ ଘୃଣାକରି କିଏ ନାମ ଦେଲା ତେଲ ପିଁପା, କିଏ ନାମ ଦେଲା ଅକାଳକୁଷ୍ମାଣ୍ଡ । ସେ ପୋଟଳ ମଣିଷ ନିଜ ଭୋଗବିଳାସ ବ୍ୟତୀତ ଅନ୍ୟ କିଛି ବୁଝିଲାନାହିଁ କି ଅନ୍ୟ କାହା ମୁହଁକୁ ଚାହିଁଲାନାହିଁ । ଲା ସ୍ୟାଲ୍ ସବୁ ଶୁଣିଲା, ଶୁଣି କପାଳରେ କର ମାରିଲା । ହାୟରେ କପାଳ ! ଦେଶଟାର ସର୍ବନାଶ କରିଦେଲା ସେ ଲେମାନ ହ୍ରଦ !! ସପ୍ତଦଶ ଲୁଇଙ୍କୁ ଯଦି ସେ ଗ୍ରାସ କରିନଥାନ୍ତା, ତେବେ ସପ୍ତଦଶ ଲୁଇ ଏ ଅକାଳକୁଷ୍ମାଣ୍ଡଠାରୁ କେତେ ଗୁଣ ଭଲ ହୋଇନଥାନ୍ତେ ! ମାତ୍ର ଦଶ ବର୍ଷ ବୟସରେ ଯେଉଁ ପିଲା କହିଥିଲା, ''ଖସାଇ ନେବାର ଉପାୟ ନପାଇଲେ ମୁଁ ଧରାପଡ଼ିଯିବା ପୂର୍ବରୁ ଆପଣ ମୋ ଛାତିରେ ଛୁରା ଭୁଷିଦେବେ'', ସେ ପିଲା ଯେ ନିଶ୍ଚିତଭାବରେ ସୁଦକ୍ଷ ସମ୍ରାଟ୍ ହୋଇଥାନ୍ତା, ସେଥିରେ ସନ୍ଦେହ କରିବାର କ'ଣ ଅଛି ?

ଲୋକମୁଖରେ ସିନା ଫ୍ରାନ୍ସର ଏ ବର୍ଣ୍ଣନା, ଫ୍ରାନ୍ସର ପ୍ରକୃତ ରୂପ ବର୍ତ୍ତମାନ କିପରି ହୋଇଥିବ ସତେ ? ଏତେଦିନଧରି ରାଜତନ୍ତ୍ରର ପୁନରୁତ୍ଥାନପାଇଁ ଯେଉଁମାନେ ଆପ୍ରାଣ ଚେଷ୍ଟା ଚଳାଇଥିଲେ; ସେମାନଙ୍କର ଅବସ୍ଥା ନିଶ୍ଚୟ ବଦଳିଯାଇଥିବ । ଗଲା କୋଡ଼ିଏବର୍ଷଧରି ଲା ସ୍ୟାଲ୍ ଦେଶ ମାଟିରୁ ଦୂରରେ ରହିଥିଲା । ଅନ୍ତତଃ ଥରଟିଏ ଯାଇ

Digitized by srujanika@gmail.com

ଫ୍ରାନ୍ସ ଦେଖି ଆସିବାକୁ ତା'ର ଇଚ୍ଛା ହୋଇ ନଥିଲା । କିନ୍ତୁ କେଜାଣି କାହିଁକି ଦିନେ ହଠାତ୍ ତା' ମନରେ ଏକ ଝୁଙ୍କ ଉଠିଲା— ସେ ଯାଇ ଅନ୍ତତଃ ପ୍ୟାରି ନଗରଟା ଦେଖିଆସିବ । ଯେତେ ଯାହା ଅସୁବିଧା ହେଉ ପଛେ ସେ ନିଶ୍ଚୟ ଯାଇ ଦେଖିଆସିବ ।

କୋଡ଼ିଏ ବର୍ଷ କିଛି କମ୍ ସମୟ ନୁହେଁ; ଏକ ବିରାଟ ଯୁଗ କହିଲେ ଚଳେ । ଆଜି ବୋଧହୁଏ ପ୍ୟାରିରେ ତାକୁ ଆଉ କେହି ଚିହ୍ନିବେନାହିଁ । ତଥାପି ଯଦି ଦ ବ୍ୟାଜ୍ ଥିବେ, ସେ ନିଶ୍ଚୟ ଚିହ୍ନିବେ। ସେ ଯଦି ଏ ଭିତରେ ମରିଯାଇ ନଥିବେ ତେବେ ତାଙ୍କପରି ସିଂହ ବିକ୍ରମ ରାଜଭକ୍ତ ନିଶ୍ଚୟ ସିଂହାସନର ଅତି ନିକଟରେ କୌଣସି ଏକ ଗୌରବମୟ ଆସନ ଲାଭ କରିଥିବେ । କିନ୍ତୁ ସେ ଯେତେ ବଡ଼ ଆସନରେ ବସିଥାନ୍ତୁ ନା କାହିଁକି, ଲା ସ୍ୟାଲ୍‌କୁ ସେ ଅସମ୍ମାନ ପ୍ରଦର୍ଶନ କରିବେ ନାହିଁ, ହତାଦର କରିବେ-ନାହିଁ । ତାଙ୍କ ପରି ଲୋକ ପକ୍ଷରେ ଏପରି କଳ୍ପନା କରାଯାଇନପାରେ । ନା; ସେ ଥରେ ଯାଇ ଦେଖିଆସିବ ତା'ର ଅତୀତର ପ୍ୟାରିକୁ, ଯେଉଁଠାରେ ସେ ନିଜ ଜୀବନକୁ ପାଣି ଛଡ଼ାଇ ବର୍ଷା ଅନ୍ଧାର ରାତିରେ ପ୍ରହରୀଘେରା ଟେମ୍ପଲ୍ ଜେଲ୍‌ଖାନାରୁ ଚୋରାଇ ଆଣିଥିଲା ରାଜକୁମାର ଡଫିନ୍‌କୁ, ଯେଉଁଠାରେ ସେ ଛିଣ୍ଡା ଜୋତାରେ କାଦୁଅ ଭରି କରି ଅନ୍ଧାରୁଆ ଗଳିକନ୍ଦି ଧରି ଚାଲିଯାଉଥିଲା ଦ ବ୍ୟାଜ୍‌ଙ୍କଠାରୁ ଦାକ୍ଷିଣ୍ୟ ଗ୍ରହଣ କରିବାକୁ । ଦ ବ୍ୟାଜ୍ ତାକୁ କଦାପି ଭୁଲିନଥିବେ; ତାଙ୍କୁ ପାଇଗଲେ ସେ ତା' ଜୀବନର ସବୁ ଦୁଃଖ ପାସୋରିଯିବ ।

ଅବଶେଷରେ ଲା ସ୍ୟାଲ୍‌ର ଫ୍ରାନ୍ସ ଯିବା ସ୍ଥିର ହୋଇଗଲା । ଜଣେ ବିଶ୍ୱସ୍ତ କର୍ମଚାରୀ ହାତରେ ହୋଟେଲ ପରିଚାଳନା ଭାର ଛାଡ଼ିଦେଇ ସେ ପ୍ୟାରି ଅଭିମୁଖେ ବାହାରିପଡ଼ିଲା । ଜୁଆ ଆଡ୍‌ଡା ? ବର୍ତ୍ତମାନପାଇଁ ସେଇଟା ବନ୍ଦ ରହିଲା । ସେ କାମ କରିବାକୁ ହେଲେ ଭୀଷଣ ଚାଲାକ ଚତୁର ଲୋକ ଦରକାର । ସେପରି ଲୋକ ହାତରେନାହାନ୍ତି ।

ଫ୍ରାନ୍ସ ଯିବାରେ ଆଉ କୌଣସି ଅସୁବିଧାନାହିଁ । ସୀମାରେ ପାସ୍‌ପୋର୍ଟ ତଦାରଖର ପ୍ରଶ୍ନନାହିଁ । ଦେଶର ଯେକୌଣସି ଅଂଶରେ ପ୍ରବେଶ କରିହେବ । ସରକାର ତ କାମ କରୁନାହିଁ, ପାସ୍‌ପୋର୍ଟ ଦେଖିବାକୁ କାହିଁକି କାହାର ମୁଣ୍ଡ ବଥାଇବ ?

ପ୍ୟାରିରେ ପହଞ୍ଚି ଲା ସ୍ୟାଲ୍ ବାଟବଣା ହୋଇଗଲା । ଦେଖିଲା ସମସ୍ତ ସହରଟାର ଚେହେରା ବଦଳିଯାଇଛି । ନୂଆ ନୂଆ କୋଠାବାଡ଼ି ନୂଆ ନୂଆ ରାସ୍ତାଘାଟ ପ୍ରଶସ୍ତ, ପରିଷ୍କାର । ସ୍ଥାନେ ସ୍ଥାନେ ବିଜୟ ତୋରଣ । ମଝିରେ ମଝିରେ କୀର୍ତ୍ତିସ୍ତମ୍ଭ । ସବୁ ନୂଆ ଚକ୍ ଚକ୍ କରୁଛି । ଅଳ୍ପ କିଛି ଦିନ ତଳେ ଗଢ଼ା ହୋଇଛି ନିଶ୍ଚୟ । ଆଉ ରାସ୍ତାର କରେ କରେ ଫୁଲଗଛ, ଛୋଟ ଛୋଟ ବଗିଚା । ସେ ଭିତରେ ଧାଡ଼ି ଧାଡ଼ି ଫୁଆରା । ସବୁଠାରେ ଲାଗିଯାଇଛି ନୂତନତାର ସ୍ପର୍ଶ । କିଏ ସେ ଯେପରି କାଉଁରୀ କାଠି ବୁଲାଇଦେଇଛି । ଲା ସ୍ୟାଲ୍ ପଥଚାରୀଙ୍କୁ ପଚାରିଲା, ''ଏସବୁ କେବେ ହେଲା ମସିୟାଉ୍ ? କିଏ କଲା ?'' ସବୁରି ମୁହଁରେ ସେହି ଗୋଟିଏ ଉତ୍ତର, ''ଏ ସବୁ ସେହି ଜଣେ ଲୋକଙ୍କ କୀର୍ତ୍ତି । ସେହି ଯୋଗଜନ୍ମା ନେପୋଲିୟନ୍‌ହିଁ ଏ ସବୁର କର୍ତ୍ତା ।''

Digitized by srujanika@gmail.com

ସହରଟା ଏପରିଭାବରେ ବଦଳିଯାଇଛି ଯେ ସେଥିରେ ଦ ବ୍ୟାଜଙ୍କର ପୁରୁଣା ଘର ଖଣ୍ଡିକ ଖୋଜି ପାଇବାକୁ ଲା ସ୍ୟାଲ୍‌କୁ ଅନେକ ପରିଶ୍ରମ କରିବାକୁ ପଡ଼ିଲା । ଶେଷରେ ସେ ଯେତେବେଳେ ଯାଇ ସେ ଘରେ ପହଞ୍ଚିଗଲା, ସେତେବେଳେ ସୃଷ୍ଟି ହୋଇଗଲା ଆହୁରି ଏକ ସମସ୍ୟା । ସେ ଦେଖିଲା ଦ ବ୍ୟାଜ୍ ସେଠାରେ ନାହାନ୍ତି । ଗଲେ କୁଆଡ଼େ ? ସେକଥା କେହି ଜାଣନ୍ତିନାହିଁ । ବର୍ତ୍ତମାନ ସେ ଘରେ ଯେଉଁମାନେ ଅଛନ୍ତି, ସେମାନେ ଦ ବ୍ୟାଜ୍‌ଙ୍କର ନାମ ଗନ୍ଧ ପର୍ଯ୍ୟନ୍ତ ଜାଣନ୍ତିନାହିଁ ।

କ'ଣ କରାଯାଏ ?

ଭାବୁ ଭାବୁ ଲା ସ୍ୟାଲ୍ ଦେଖିଲା, ତା' ପରି ବୋକା ଜଗତରେ ନଥିବେ । ଏ କୋଡ଼ିଏ ବର୍ଷ ଧରି ସେ ତ ଦ ବ୍ୟାଜ୍‌ଙ୍କର ଖବର ରଖିନାହିଁ । ବର୍ତ୍ତମାନ ବୋର୍ବୋ ବଂଶ ଯେତେବେଳେ ପୁଣି ଥରେ ସିଂହାସନରେ ବସିଛନ୍ତି, ସେମାନେ ଆଉ ଦ ବ୍ୟାଜ୍‌ଙ୍କ ପରି ରାଜଭକ୍ତଙ୍କୁ ତାଙ୍କର ସେହି ମାନଧାତା ଅମଳର ପୁରୁଣା ଘରେ ପଡ଼ି ରହିବାକୁ ଛାଡ଼ିଦେଇଥିବେ ନା ? ସେମାନେ ନିଶ୍ଚୟ ତାଙ୍କୁ ଅନ୍ୟ କୌଣସି ଭଲ ସ୍ଥାନରେ ନେଇ ରଖାଇଥିବେ । ରାଜଭବନକୁ ନଯାଇ ସେ ଯେଉଁ ଏ ଗଳିକନ୍ଦିରେ ଆସି ଖୋଜୁଛି, ଧିକ୍ ତା' ବୁଦ୍ଧିକି !!

ଆଉ ଏଣେତେଣେ ନବୁଲି ସେ ସିଧା ଚାଲିଲା ରାଜପ୍ରାସାଦକୁ– ଟୁଇଲାରୀ ପ୍ରାସାଦକୁ । ଯାଇ ପଚାରିଲା, "ମସିୟାର ଦ ବ୍ୟାଜ୍ କେଉଁଠାରେ ଥିବେ ? –ବ୍ୟାରନ ଅର୍ମାନ ଥ୍ୟୁ ?"

ଉତ୍ତର ଯାହା ମିଳିଲା, ସେଥିରୁ ସେ ହଠାତ୍ ବୁଝିପାରିଲାନାହିଁ । ସେ ମର୍ତ୍ତ୍ୟରେ ଅଛି ନା ପାତାଳରେ ଅଛି, କିଛି ସ୍ଥିର କରିପାରିଲାନାହିଁ । କି ସାମରିକ କି ଅସାମରିକ– କୌଣସି କର୍ମଚାରୀ, କୌଣସି ଅଫିସର ଦ ବ୍ୟାଜ୍‌ଙ୍କର କିଛି ଖବର ଦେଇପାରିଲେନାହିଁ । ଏପରିକି ସେମାନେ କହିଲେ, ଏଭଳି ନାଆଁ ସେମାନେ କେବେ ଶୁଣିଥିବା ପରି ମନେ-ପଡୁନାହିଁ ।

ବାଧହୋଇ ସେ ଶେଷକୁ ଡିଉକ୍ ବ୍ଲାକ୍‌ସଙ୍କ ସହିତ ସାକ୍ଷାତ୍ କରିବାକୁ ଚାହିଁଲା । ଏହି ବ୍ଲାକ୍‌ସହିଁ ବର୍ତ୍ତମାନ ଅଷ୍ଟାଦଶ ଲୁଇଙ୍କର ସବୁ କିଛି । ସେ ଏକାଧାରରେ ପ୍ରଧାନମନ୍ତ୍ରୀ, ବୈଦେଶିକ ମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ଅର୍ଥ ମନ୍ତ୍ରୀ– ସବୁ କିଛି । ଗତ କୋଡ଼ିଏ ବର୍ଷ ଧରି ସେ ତାଙ୍କ ବାପ-ଗୋସେଇଁବାପଙ୍କ ଅମଳର କୋପଲା ଉପାଧି ଧରି ହିଁ ଆତ୍ମପରିଚୟ ଦେଇଆସିଥିଲେ– ସିଭାଲିୟର ଦ କୋପ୍‌ଲା । ରହୁଥିଲେ ଇଂଲଣ୍ଡର ବ୍ରାଉଟନରେ । ସେଠାରେ ଅଷ୍ଟାଦଶ ଲୁଇଙ୍କର କଣ୍ଢେଇ ଦରବାରରେ ଦରବାରିଆ ହେବାହିଁ ଥିଲା ତାଙ୍କର ଏକମାତ୍ର କାମ । ସେହି ଦରବାରିଆ ଜୀବନରେ ସେ ତାଙ୍କ ମୁନିବଙ୍କୁ ଏପରି ମନେଇ ରଖି ଆସନ ଜମାଇଥିଲେ ଯେ ସେ ମୁନିବ ଆସି ଫରାସୀ ସିଂହାସନରେ ବସିବାମାତ୍ରେ ତାଙ୍କୁ ଆଣି କୋଳରେ ବସାଇଦେଲେ । ଦିନ କେତେଟା ଭିତରେ ତାଙ୍କୁ ପାଞ୍ଚ ସାତଟି

Digitized by srujanika@gmail.com

ଜମିଦାରିର ମାଲିକ କରିଦେଇ ଡିଉକ୍ ଉପାଧିରେ ଭୂଷିତ କରିଦେଲେ ଏବଂ ସେହି ନୂତନ ଡିଉକ୍‌ଙ୍କୁ ନେଇ ବସାଇଦେଲେ ପ୍ରଶାସନର ଶୀର୍ଷରେ । ଏହି ନୂତନ ନିଯୁକ୍ତିବେଳେ କୋପଲା ଓରଫ ଡିଉକ୍ ଦୃଷ୍ଟିକୁ ଆଣିଥିଲେ; କିନ୍ତୁ ରାଜା ତ ବୁଝିବାକୁ ଖମ୍‌ଆଲୁ, ସେ ବୁଝିବେ କ'ଣ ? ସେ ଓଲଟି ଅଭିଯୋଗକାରୀମାନଙ୍କ ପ୍ରତି କ୍ରୋଧ ପ୍ରକାଶ କରି କହିଥିଲେ, ''ଆହେ, ଆମ ଦରବାରରେ ଯେ ପୋଖତ ହୋଇ ରହିଛନ୍ତି, ତାଙ୍କୁ ନଆସେ କ'ଣ ମୁଁ ବୁଝିପାରୁନାହିଁ । ସେ ଟାଲିରାଣ୍ଡ ଲୋକଟାକୁ ଦେଖୁଥିବ; ସେ କାଳେ ନେପୋଲିୟନ୍‌ର ଡାହାଣ ହାତ ଥିଲା ; ମୁଁ ବି ତାକୁ ନିଯୁକ୍ତି ଦେଇଛି । କିନ୍ତୁ ତୁମେ ପରୀକ୍ଷା କରି ଦେଖିପାରିବ— ସେ ଆମ ବ୍ଲାକ୍‌ସଙ୍କର ଗୋଡ଼ଧୁଆ ପାଣିକୁ ମଧ ସରି ହେବନାହିଁ ।'' ଅବୁଝାମଣା ରାଜାକୁ ପାଳବିଣ୍ଡା ମନ୍ତ୍ରୀ । ଲୋକେ ଆଉ କହିବେ କ'ଣ ? ଚୁପ୍ ରହିଲେ ।

ଯାହାହେଉ ସେହି ଡିଉକ୍ ବ୍ଲାକ୍‌ସଙ୍କ ସହିତ ସାକ୍ଷାତ୍ କରିବାକୁ ଚାହିଁଲା ଲା ସ୍ୟାଲ୍, କିନ୍ତୁ ସେଭଳି ବଡ଼ଲୋକଙ୍କ ସାକ୍ଷାତ୍ କ'ଣ ସହଜରେ ମିଳେ ? ଅନେକ ସମୟ ପରେ ସାକ୍ଷାତ ମିଳିଲା ବ୍ଲାକ୍‌ସଙ୍କର ଜଣେ ବିଶିଷ୍ଟ ସେକ୍ରେଟେରୀଙ୍କ ସହିତ । ସେ ଜଣେ ଧର୍ମଯାଜକ । ଜାତିରେ ଇଟାଲୀୟ । ଇଂଲଣ୍ଡରେ ବାସ କରିବା ସମୟରେ ଧର୍ମଯାଜକ ହିସାବରେ କୋପଲାର ଓ ଅଷ୍ଟାଦଶ ଲୁଇଙ୍କ ସଙ୍ଗେ ତାଙ୍କର ସମ୍ପର୍କ ରହିଥିଲା । ସେହି ଅତୀତ ସମ୍ପର୍କର ସୁଯୋଗ ବଳରେ ମିଳିଛି ବର୍ତ୍ତମାନ ଏହି ସେକ୍ରେଟେରୀ ପଦ ।

ଯାଜକ ସେକ୍ରେଟେରୀ ପଚାରିଲେ, ''କେଉଁ ଉଦ୍ଦେଶ୍ୟରେ ଆପଣ ମହାମାନ୍ୟ ଡିଉକ୍‌ଙ୍କର ସାକ୍ଷାତ୍ ଚାହୁଁଛନ୍ତି ?''

''ମୁଁ ବ୍ୟାରେନ୍ ଦ ବ୍ୟାଜ୍‌ଙ୍କ ଖବର ଜାଣିବାକୁ ଚାହୁଁଥିଲି ।''

''ବ୍ୟାରେନ୍ ଦ ବ୍ୟାଜ୍ ? ସେ ପୁଣି କିଏ ? ଧର୍ମଯାଜକ ସତେଯେପରି ଆକାଶରୁ ଖସିପଡ଼ିଲେ ।

ଦେଶ-କାଳ-ପାତ୍ର ଦୃଷ୍ଟିରୁ ଲା ସ୍ୟାଲ୍ ଟିକିଏ ଆତ୍ମସମ୍ବରଣ କରିନେଲା, ନଚେତ୍ ସେ ସେଇଠି ଧର୍ମଯାଜକଙ୍କର ଗାଲ ସିଝାଇଦେଇଥାନ୍ତା । କୌଣସିପ୍ରକାରେ ଧୈର୍ଯ୍ୟଧରି ସେ କହିଲା, ''ଦ ବ୍ୟାଜ୍ ଥିଲେ ଅତୀତର ଆତଙ୍କମୟ ଯୁଗର ଜଣେ ଶ୍ରେଷ୍ଠ ଫରାସୀ ରାଜଭକ୍ତ । ଏ ଦେଶର ଆତଙ୍କମୟ ଯୁଗ ଯେ କେଉଁଟା, ତାହା ବୋଧହୁଏ ଆପଣ ଜାଣନ୍ତିନାହିଁ । ସେ ଯୁଗ ହେଉଛି ଦାନ୍ତେ, ମାରା, ରୋବସ୍‌ପିୟରଙ୍କ ଯୁଗ; ଯେତେବେଳେ କି ପ୍ୟାରିର ସାହି ସାହିରେ ରାଜଭକ୍ତମାନଙ୍କର ମୁଣ୍ଡ କାଟିବାଲାଗି ବସିଥିଲା ଧାରୁଆ ଗିଲୋଟିନ୍ ।

ଧର୍ମଯାଜକ ବୋଧହୁଏ ଗିଲୋଟିନ ନାମଟା ଶୁଣିଥିଲେ । ସେ ଆଉ ଦ୍ୱିତୀୟ ପ୍ରଶ୍ନ ନ ପଚାରି ଖଣ୍ଡିଏ ମୋଟା ବନ୍ଧେଇ ଖାତା ଟାଣିଆଣି ତା'ର ପୃଷ୍ଠା ଓଲଟାଇବାକୁ ଲାଗିଲେ । ପୃଷ୍ଠା ଓଲଟାଉ ଓଲଟାଉ କହିଲେ, ''ଦ ବ୍ୟାଜ୍— ନା ? ବ୍ୟାରନ୍ ଅର୍ମାନ୍ ଥ୍ୟୁ— ତାଙ୍କ ନାଆଁରେ ସରକାରଙ୍କ ପାଖରେ ଯଦି କିଛି ନଥିପତ୍ର ଥିବ, ତେବେ ତାହା ଏହି ଖାତାରୁହିଁ ଜଣାପଡ଼ିଯିବ ।''

Digitized by srujanika@gmail.com

'ହାୟରେ ବିଧାତା ! ଯେଉଁମାନେ ନଥିପତ୍ର ନଦେଖିଲେ ଦ ବ୍ୟାଜ୍‌ଙ୍କ ପରି ବ୍ୟକ୍ତିମାନଙ୍କର ପରିଚୟ ଜାଣିପାରିବେନାହିଁ, ସେହିମାନେ ଆଜି ଦେଶର ଦାୟିତ୍ୱଶୀଳ କର୍ମକର୍ତ୍ତା !' କିନ୍ତୁ ଲା ସ୍ୟାଲ୍ କ୍ରୋଧ ପ୍ରକାଶ କରିବ କାହା ଉପରେ ? ଏ ଭିତରେ ଗୋଟିଏ ବିଶେଷ ପୃଷ୍ଠା ଉପରେ ସେକ୍ରେଟାରୀଙ୍କର ଆଖି ପଡ଼ିଯାଇଛି । ମନଦେଇ ପୃଷ୍ଠାଟି ପଢ଼ିସାରି ସେ ବଡ଼ଲୋକି କାଇଦାରେ କହିଲେ, ''ମିଳିଲା; ବୁଝିଲେ ? ଆମର ଏ ଅଫିସରେ ସବୁ କାମ ଶୃଙ୍ଖଳାର ସହିତ ହୁଏ । ଯାହା ପାଇବା ଯୋଗ୍ୟ, ତାହା ଏଠାରେ ନିଶ୍ଚୟ ମିଳିବ । ବ୍ୟାରେନ୍ ଅର୍ମାନ୍ ଥ୍ୟୁ, ସେଣ୍ଟ୍ ଗେବ୍ରିୟଲ୍ ପଡ଼ା, ୧୯ ନମ୍ବର ଘର– ଏହି ହେଲା ଠିକଣା । ଏଥିରେ ତାଙ୍କର ସମସ୍ତ ବିବରଣୀ ଲେଖାଯାଇଛି । ଡିଉକ୍‌ଙ୍କର ଆଦେଶ ମଧ୍ୟ ହେଇଟି ଲେଖାରହିଛି । ଆଉ କିଛି ଅସୁବିଧାନାହିଁ । ଅର୍ମାନ୍ ଥ୍ୟୁ ରାଜକୀୟ ସେନାରେ ସେତେବେଳେ କର୍ଣ୍ଣେଲ୍ ଥିଲେ । ବର୍ତ୍ତମାନ ପ୍ରଥମ ସୁଯୋଗ ମିଳିବା ମାତ୍ରେ ତାଙ୍କୁ ସେ ପଦରେ ନିଯୁକ୍ତି ମିଳିଯିବ ।''

ଲା ସ୍ୟାଲ୍ ଆଉ ଧୈର୍ଯ୍ୟ ଧରିପାରିଲାନାହିଁ । ତିକ୍ତ ସ୍ୱରରେ ପଚାରିଦେଲା, ''ପ୍ରଥମ ସୁଯୋଗ ? ମାନେ ଦୁଇ ତିନି ବର୍ଷ ବି ଲାଗିଯାଇପାରେ !''

''ତା'ଠାରୁ ବେଶି ମଧ୍ୟ ଲାଗିଯାଇପାରେ । ଯୁଦ୍ଧ ତ ଆଉ ଏବେ ଲାଗୁନାହିଁ ! ତଥାପି ସୈନ୍ୟବାହିନୀରେ ଲୋକ ଯେ ନିଆନଯିବେ, ସେପରି ନୁହେଁ । କିନ୍ତୁ ହଠାତ୍ ନେଇହେଉନି ।''

''ସେପର୍ଯ୍ୟନ୍ତ ଦ ବ୍ୟାଜ୍ ବଞ୍ଚିବେ କିପରି ? ତାଙ୍କ ବୟସ ବର୍ତ୍ତମାନ ସତୁରି ପର୍ଯ୍ୟନ୍ତ ହୋଇଯିବ ।''

ଖାତା ବନ୍ଦକରି ଯଥାସ୍ଥାନରେ ସଜାଇ ରଖି ଦେଉ ଦେଉ ଏକପ୍ରକାର ହେୟଜ୍ଞାନ ପ୍ରକାଶପୂର୍ବକ ସେକ୍ରେଟାରୀ କହିଦେଲେ, ''ନବଞ୍ଚିଲେ ଆଉ ଉପାୟ କ'ଣ ଡିଉକ୍ ବ୍ଲାକ୍‌ସ ଅନେକ ବିଦ୍ୟା ଜାଣନ୍ତି; କିନ୍ତୁ ବୁଢ଼ାଙ୍କୁ ଅମର କରି ରଖିଦେବା ବିଦ୍ୟା ତାଙ୍କୁ ମାଲୁମ୍‌ନାହିଁ ।''

ଲା ସ୍ୟାଲ୍ ଆଉ ଆତ୍ମସମ୍ବରଣ କରିପାରିଲାନାହିଁ । ବସିଥିବା ଚଉକିରୁ ଉଠିପଡ଼ି ସେ ସେକ୍ରେଟେରୀଙ୍କ ଟେବୁଲ ଉପରକୁ ଝୁଙ୍କିପଡ଼ିଲା । କଣ୍ଠସ୍ୱର ଚାପିଦେଇ ରୁକ୍ଷଭାବରେ କହିଲା, ''ପୋଷାକରୁ ଦେଖାଯାଉଛି ତୁମେ ଜଣେ ଧର୍ମଯାଜକ; ପିଲାଦିନେ ଆମମାନଙ୍କୁ ପାଦ୍ରିମାନଙ୍କୁ ସମ୍ମାନ ଦେବାର ଶିକ୍ଷା ଦିଆଯାଇଥିଲା; ନଚେତ୍ ମୁଁ ଏଇଠି ତୁମ କାନମୋଡ଼ି ଛିଣ୍ଡାଇଦେଇଥାନ୍ତି ।'' କହୁ କହୁ ହାତ ବଢ଼ାଇ କାନମୋଡ଼ିବା ମୁଦ୍ରାଟି ମଧ୍ୟ ଦେଖାଇଦେଲା । ସେତେବେଳକୁ ଲା ସ୍ୟାଲ୍‌ର ହାତ ପାଆନ୍ତାରୁ କାନଟାକୁ ଦୂରେଇ ନେବାଲାଗି ସେକ୍ରେଟେରୀ ପଛପଟ କାନ୍ଥ ପର୍ଯ୍ୟନ୍ତ ଢଳିପଡ଼ିଥିଲେ । ସେହି ଅଷ୍ଟବକ୍ର ଅବସ୍ଥାରେ ରହିହିଁ ସେ ଆତୁର ହୋଇ କଲିଂ ବେଲ୍ ବଜାଇଦେଲେ । ବେହେରା ଆସୁ ଆସୁ ତାଙ୍କୁ ଆଦେଶ ଦେଇଦେଲେ, ''ଏ-ଏ ଲୋକଟାକୁ ବାହାର କରିଦେଲୁ !''

Digitized by srujanika@gmail.com

ଲା ସ୍ୟାଲ୍ ବାହାରି ଆସିଲା । ଯାହାହେଉ ଆସିବାଟା ବ୍ୟର୍ଥ ହୋଇଯାଇନାହିଁ । ଅନ୍ତତଃ ଦ ବ୍ୟାଜ୍‌ଙ୍କର ବର୍ତ୍ତମାନର ଠିକଣାଟା ମିଳିଗଲା ତ ! ଲେଖି ଆଣିବାର ସମୟ ନଥିଲା । କିନ୍ତୁ ସେ ମନେରଖି ଆସିଛି – ୧୯ ନମ୍ବର, ସେଣ୍ଟ୍ ଗାବ୍ରିୟଲ୍ ପଡ଼ା ।

ସେଣ୍ଟ୍ ଗାବ୍ରିୟଲ୍ ପଡ଼ାଟା ଖୋଜି ବାହାର କରିବାକୁ ତାକୁ ଦୁଇଦିନ ଲାଗିଗଲା । ଛୋଟ ଗୋଟିଏ ସହରତଳି ବସ୍ତି, ଭଙ୍ଗାରୁଜା ଘର, ଅପରିଷ୍କାର ରାସ୍ତାଘାଟ, ଯେଣେ ଚାହିଁବ ତେଣେ ଅରମା, ଅଳିଆଗଦା, ଠାଏ ଠାଏ ନର୍ଦ୍ଦମା ପାଣି ଆସି ରାସ୍ତା ଉପରେ ଜମିଛି । ଏଭଳି ବସ୍ତି ବି ପ୍ୟାରିରେ ରହିଛି ?

୧୯ ନମ୍ବର ଘର । ଗୋଟିଏ ଭଙ୍ଗା ସିଡ଼ି ଦେଇ ଉପରକୁ ଉଠିବାକୁ ପଡ଼ିଲା । କବାଟରେ ହାତ ମାରୁ ମାରୁ ସ୍ୱୟଂ ଦ ବ୍ୟାଜ୍ ଆସି କବାଟ ଖୋଲିଦେଲେ ।

ଏହି ସେହି ଦ ବ୍ୟାଜ୍ ? ସପ୍ତଦଶ ଲୁଇଙ୍କୁ, ପୁଣି ତାଙ୍କର ଅଭାଗିନୀ ମାଆଙ୍କୁ ଗିଲୋଟିନ୍‌ର ନିଷ୍ଠୁର କବଳରୁ ଛଡ଼ାଇ ନେବାଲାଗି ଯେଉଁ ଦ ବ୍ୟାଜ୍ ସେଦିନ ବିପ୍ଳବୀ ସରକାର ବିରୁଦ୍ଧରେ ଏକାକୀ ସଂଗ୍ରାମ ଚଳାଇଯାଇଥିଲେ ଏ ସେହି ଲୋକ ? କୋଡ଼ିଏ ବର୍ଷର ଘାତ-ପ୍ରତିଘାତ ସେ ଚେହେରାର ଛାପ ଅବଶ୍ୟ ପୂରାପୂରି ଲିଭାଇ ଦେଇ-ପାରିନାହିଁ । କିନ୍ତୁ ଲିଭାଇଦେଇଛି ଚକ୍ଷୁର ଦୀପ୍ତି, ଭାଙ୍ଗିଦେଇଛି ମୁଖଭଙ୍ଗୀର ଦୃଢ଼ତା । ଛଡ଼ାଇ ନେଇଛି ପ୍ରତି ପଦକ୍ଷେପରେ ଖେଳିଯାଉଥିବା ମହାନାୟକସୁଲଭ ଗାମ୍ଭୀର୍ଯ୍ୟ ଓ ଗରିମା । ଦେହରେ ଖଣ୍ଡିଏ ଛିଣ୍ଡା ଜାମା । ମୁହଁରେ ଅଙ୍ଗୁଳେ ଅଙ୍ଗୁଳେ ଦାଢ଼ି ।

''ଜାଁ ! ଆପଣ ? ସତେ କ'ଣ ଆପଣ ସେହି ? ସେଦିନର ବ୍ୟାରନ୍ ଆଉ ଆଜିର ଆପଣ– !!'' ବିସ୍ମୟର ସୀମା ରହିଲାନାହିଁ ଲା ସ୍ୟାଲ୍‌ର ।

''ତୁମେ କିଏ ?'' ଦ ବ୍ୟାଜ୍ ହଠାତ୍ ଚିହ୍ନିପାରିଲେନାହିଁ ।

''ମୁଁ ଫ୍ଲୋରେନ୍ସ, ଆପଣଙ୍କର ସେହି ଫ୍ଲୋରେନ୍ସ ଲା ସ୍ୟାଲ୍ ।'' କହୁ କହୁ ସେ ଧାଇଁଯାଇ ଦ ବ୍ୟାଜ୍‌ଙ୍କୁ କୁଣ୍ଢାଇ ଧରିଲା ନିଜର ଛାତି ଉପରେ ।

ଛୋଟ ବଖରାଏ ଘର । ଦି'ପଟେ ଦୁଇଟି ଖଟିଆ । ଚାରିକାନ୍ଥରେ ନିଃସ୍ୱ ଦାରିଦ୍ର୍ୟର ଛାପ । ଖଟିଆ ଦୁଇଟିକୁ ଚାହିଁରହିଲା ଲା ସ୍ୟାଲ୍ । ଦ ବ୍ୟାଜ୍ ବୁଝାଇଦେଲେ, ''ସେ ଖଟିଆଟି ଭର୍ଣ୍ଣିଲ୍‌ର । ମନେପଡୁଛି ? ସେହି– ଯେ ଦିନେ ରାଣୀ ଆଁତୋୟାନେତ୍‌ଙ୍କୁ ଟେମ୍ପଲ୍‌ରୁ ଉଦ୍ଧାର କରି ଆଣିବାକୁ ଚେଷ୍ଟା କରିଥିଲା ! ସେହି ଭର୍ଣ୍ଣିଲ । ସେ ଚେଷ୍ଟା ବ୍ୟର୍ଥ ହୋଇଗଲା କେବଳ ରାଣୀଙ୍କ ଏକଜିଦିଆ ପଣରୁ । ପୁଅଝିଅଙ୍କୁ ଗାରଦଖାନାରେ ଛାଡ଼ିଦେଇ ଏକାଟିଆ ପଳାଇବାକୁ ସେ ମନା କରିଦେଇଥିଲେ, ମନେପଡୁଛି ?''

''ହଁ । ଭର୍ଣ୍ଣିଲ୍ ପଳାଇବାବେଳେ ତାକୁ ପୋଲିସ୍ ଗୋଡ଼ାଉଥିଲା । ଅଳ୍ପକେ ଖସି ଚାଲିଗଲେ– ସବୁ ମନେପଡୁଛି ।''

''ଠିକ୍ । ସେହି ଭର୍ଣ୍ଣିଲ । ସେ ଓ ମୁଁ– ଆମେ ଦୁଇଜଣ ଏ ବଖରାଟିରେ ରହୁ । କେତେ ସପ୍ତାହର ଭଡ଼ା ଯେ ବାକି ପଡ଼ିଲାଣି, ମୁଁ ହିସାବ ରଖିନାହିଁ ।''

Digitized by srujanika@gmail.com

''କିନ୍ତୁ ଆସବାବପତ୍ର କିଛିନାହିଁ । ଚାକର ଜଣେ ବି ନାହିଁ । ଇଏ କି ଅବସ୍ଥା ?'' କହୁ କହୁ ଆଖିରେ ଲୁହ ଜମିଗଲା ଲା ସ୍ୟାଲ୍‌ର ।

''ଆସବାବପତ୍ର ? ସବୁ ବିକିଦେଇଛି । ରାଜତନ୍ତ୍ରର ସେବା କରିକରି ଜମିଦାରି, ଘରଦ୍ୱାର– ସେସବୁ ଅନେକ ଆଗରୁ ଚାଲିଯାଇଥିଲା । ବର୍ତ୍ତମାନ ଦେଖୁଛ ତ ଦେହର କୋଟଖଣ୍ଡିକ ବି ବିକିଦେଲିଣି । ଅତୀତର ଚିହ୍ନ ହୋଇଅଛି କେବଳ ଏହି ତରୁଆଲ ଖଣ୍ଡିକ ।'' କାଛରେ ଝୁଲୁଥିବା ଖଣ୍ଡିଏ ତରବାରି ଦେଖାଇଦେଲେ ଦ ବ୍ୟାଜ୍ । ''ତା' ବେଣ୍ଟଟି ରୁପାର । ବିକିଦେଲେ ଦି ପଇସା ମିଳନ୍ତା; କିନ୍ତୁ ବିକି ନାହିଁ । ଏ ଅବସ୍ଥାରେ ବି ସେଖଣ୍ଡକ କିଛି କାମ ଦେବ, ସେହି ଆଶାରେ ବିକି ନାହିଁ ।''

କିଛି ସମୟ ପର୍ଯ୍ୟନ୍ତ ଲା ସ୍ୟାଲ୍ ପାଟିରୁ କଥା ବାହାରିପାରିଲାନାହିଁ । କିଛି ସମୟ ପରେ ସେ କହିଲା, ''ସେସବୁ କଥା ଥାଉ । ଆସିଛି ଯେତେବେଳେ ସେ ସବୁ ଶୁଣିବି । କିନ୍ତୁ ବର୍ତ୍ତମାନ ଆପଣ ଦାଢ଼ିଟା ଖିଅର ହୋଇପଡ଼ିଲେ ! ଦୀର୍ଘ କୋଡ଼ିଏ ବର୍ଷ ପରେ କୌଣସି ହୋଟେଲକୁ ଯାଇ ଏକାଠି ବସି ଦି'ଟା କ'ଣ ଖାଇବା ।''

ଦ ବ୍ୟାଜ୍ ମୁଣ୍ଡହଲାଇ ମନାକଲେ, ''ଦାଢ଼ି ଖିଅର ହେବା ସହଜ; କିନ୍ତୁ ଆଜି ଆଉ ବାହାରକୁ ଯାଇହେବନାହିଁ । ଆଜି ଭର୍ଣ୍ଣିଲର ପାଳି ।''

''ପାଳି ? କି ପାଳି ?'' ଆଶ୍ଚର୍ଯ୍ୟ ହୋଇଗଲା ଲା ସ୍ୟାଲ୍ ।

''ବାହାରକୁ ବାହାରିବା ପାଳି । ବୁଝିପାରିଲନାହିଁ ବୋଧହୁଏ । ସବୁ ତ ବିକା ସରିଛି ମୋର ଓ ଭର୍ଣ୍ଣିଲର– ଉଭୟଙ୍କର । ଅଛି ମାତ୍ର ଖଣ୍ଡିଏ କୋଟ୍ ଓ ଖଣ୍ଡିଏ ଟୋପି । ତାହାହିଁ ଆମ ଦିହିଁଙ୍କର ସମ୍ବଳ । ଦିହେଁ ପାଳିକରି ପିନ୍ଧୁଛୁ । ଦିନେ ମୁଁ ପିନ୍ଧି ବାହାରକୁ ଯାଏ; ସେଦିନ ସେ ଘରେ ରହେ । ତା' ପରଦିନ ସେ ପିନ୍ଧି ବାହାରକୁ ଯାଏ; ମୁଁ ଘରେ ରହେ । ଆଜି ତା'ର ପାଳି, ତେଣୁ–''

ଲା ସ୍ୟାଲ୍ ଆଉ ଶୁଣିପାରିଲାନାହିଁ । ଖଟିଆରୁ ଉଠି ଠିଆ ହେଉ ହେଉ କହିଲା, ''ଆପଣ ଖିଅର ହେଉଥାନ୍ତୁ; ମୁଁ ଯାଇ ଟୋପି ଓ କୋଟ୍ କିଣିଆଣୁଛି ।''

ଲା ସ୍ୟାଲ୍ ସେଦିନ ହୋଟେଲରେ ବସି ଦ ବ୍ୟାଜ୍‌ଙ୍କର କୋଡ଼ିଏ ବର୍ଷର ଇତିହାସ ଶୁଣିଲା । ଶୁଣିଲା ଫରାସୀ ଦେଶର ବିଗତ କୋଡ଼ିଏ ବର୍ଷର ଇତିହାସ । ଦ ବ୍ୟାଜ୍‌ଙ୍କ ହୃଦୟରେ ବଡ଼ ଆଘାତ ଲାଗିଛି । କପାଳରେ ହାତମାରି ସେ ଦୁଃଖରେ କହିଲେ, ''ଏ ଦେଶଟା ବଡ଼ ଅଭାଗା । ନହେଲେ କି ସପ୍ତଦଶ ଲୁଇ ବୁଡ଼ିମରନ୍ତେ ! ସେ ପିଲାଟି ଯଦି ବଞ୍ଚିଥାନ୍ତା, ଯେତେ ଅପଦାର୍ଥ ହେଉ ପଛେ ସେ ଏ ଅକାଳ କୁଷ୍ମାଣ୍ଡଟା ପରି ହୁଅନ୍ତାନାହିଁ ।''

ତାଙ୍କ କଥାରେ ଦୃଢ଼ ସମର୍ଥନ ଜଣାଇ ଲା ସ୍ୟାଲ୍ ମନ୍ତବ୍ୟ କଲା, ''ଏଇଟା ବେଶିଦିନ ସିଂହାସନରେ ବସିପାରିବନାହିଁ ଆଜ୍ଞା !''

''କିନ୍ତୁ ଫ୍ଲୋରେନ୍ସ, ମୋର ତ ଆଉ ବେଶିଦିନ ନାହିଁ !'' କଣ୍ଠରେ ନୈରାଶ୍ୟ ଫୁଟିଉଠିଲା ଦ ବ୍ୟାଜ୍‌ଙ୍କର, ''ଦାରିଦ୍ର୍ୟ କ'ଣ, ମୁଁ ତାହା ଜାଣିନଥିଲି । ସେହି ଦାରିଦ୍ର୍ୟ ସହିତ ମୁଁ ଗଲା ଦଶବର୍ଷ ହେଲା ଲଢ଼େଇ କରି ଆସିଛି । ଅଭାବର ଉତ୍ପୀଡ଼ନ, ମନସ୍ତାପର

Digitized by srujanika@gmail.com

ଅନ୍ତର୍ଦାହରେ ଜଳିପୋଡ଼ି ମଧ ମୁଁ ଜୀବନ ପ୍ରତି ଦରଦ ରଖି ଆସିଥିଲି । କିନ୍ତୁ ଏ ଅକାଳ କୁଷ୍ମାଣ୍ଡଟାର ଅକୃତଜ୍ଞତା ଦେଖିଦେବା ଦିନୁ ମୋର ଆଉ ବଞ୍ଚିବାକୁ ଇଚ୍ଛାନାହିଁ ।''

''ସେଇଟାକୁ ତଡ଼ିଦେବାକୁ ପଡ଼ିବ ।'' ଦୃଢ଼କଣ୍ଠରେ କହିବାକୁ ଲାଗିଲା ଲା ସ୍ୟାଲ୍ । ''ଆପଣ ଅତୀତରେ ଅନେକ ଖେଳ ଦେଖାଇଛନ୍ତି । ଗୋଟିଏ ଶେଷ ଖେଳ ଦେଖାଇଦିଅନ୍ତୁ । ଅଭାବ ଅନଟନକୁ ମୁଁ ଅଛି; ମତେ ବିଶ୍ୱାସ କରନ୍ତୁ । ମୁଁ ଅନେକ ଧନ ସମ୍ପତ୍ତି ନେଇ ଆସିଛି । ଅତୀତରେ ଆପଣଙ୍କଠାରୁ ମୁଁ କମ୍ ନେଇ ନାହିଁ, କମ୍ ଖାଇନାହିଁ । ମୁଁ ତ ଆପଣଙ୍କ ନିକଟରେ ଚିରଋଣୀ; ବର୍ତ୍ତମାନ ସେ ଋଣରୁ ଅନ୍ତତଃ କିଛି ବୁଝିବାକୁ ସୁଯୋଗ ଦିଅନ୍ତୁ । ଆପଣ, ମୁଁ ଭର୍ଣ୍ଣିଲ୍— ତିନିଜଣ ଯାକ ରହିବା ପରି ଖଣ୍ଡିଏ ଭଲ ଘର ମୁଁ ଆଜି ହିଁ ଠିକ୍ କରିନେଉଛି; କାଲି ସକାଳୁ ସକାଳୁ ଆସି ଆପଣମାନଙ୍କୁ ସେଠାକୁ ନେଇଯିବି ।''

ଦ ବ୍ୟାଜ୍ କୌଣସି ମନ୍ତବ୍ୟ ଦେଲେନାହିଁ । କେବଳ ବିଦାୟ ନେବାବେଳେ ଲା ସ୍ୟାଲ୍‌ର ହାତ ଧରିପକାଇ ଟିକିଏ ଜୋର୍‌ରେ ଚାପିଦେଲେ ।

ତା'ପରଦିନ ସକାଳ । ଲା ସ୍ୟାଲ୍ ଆସି ସେଣ୍ଟ୍ ଗାବ୍ରିୟଲ୍‌ରେ ପହଞ୍ଚିଗଲା । ଗତକାଲିଠାରୁ ସେ ତିନିଟି ବଖରା ଥିବା ଗୋଟିଏ ଘର ଭଡ଼ା ନେଇସାରିଛି, ଆଜି ସେ ବନ୍ଧୁମାନଙ୍କୁ ଏହି ଅପନ୍ତରା ବସ୍ତିରୁ ସେଠାକୁ ନେଇଯିବ ।

କିନ୍ତୁ କାହାକୁ ଆଉ ନେବ ? ୧୯ ନମ୍ବର ଘରେ ପଶୁ ପଶୁ ଦେଖିଦେଲା ଖଟିଆରେ ପଡ଼ିଛନ୍ତି ଦ ବ୍ୟାଜ୍ । ଛାତିରେ ଭୁସି ହୋଇଯାଇଛି ତାଙ୍କର ସେହି ଅତୀତର ସ୍ମୃତି-ସମ୍ପଦ ରୁପାବେଣ୍ଟବାଲା ତରୁଆଲ୍‌ଟି ।

ଦରକାରବେଳେ କାମରେ ଆସିବ, ସେହି ଆଶାରେ ସେ ତରବାରିଟି ବିକିଦେଇ ନଥିଲେ । ଆଜି ସେହି ତରବାରି ତା'ର କାର୍ଯ୍ୟ ପୂର୍ଣ୍ଣ କରିଦେଇଛି । ସେହି ତରବାରି ହାତରେ ଧରି ଆତ୍ମହତ୍ୟା କରିଛନ୍ତି ବୃଦ୍ଧ ଦ ବ୍ୟାଜ୍ । ତାଙ୍କର ସେ ହାତ ଚିରଦିନ ଦେଇ ଆସିଥିଲା । ଆଜି ହାତପାତି ଲା ସ୍ୟାଲ୍‌ର ଦାକ୍ଷିଣ୍ୟ ଗ୍ରହଣ କରିବାକୁ ତାଙ୍କର ଅନ୍ତରାତ୍ମା ସ୍ୱୀକାର କରିପାରିଲାନାହିଁ ।

କିନ୍ତୁ ଏହି ଆଜୀବନ ରାଜଭକ୍ତଙ୍କର ଅପମୃତ୍ୟୁପାଇଁ ଦାୟୀ କିଏ ? କ'ଣ ଏ ଅପମୃତ୍ୟୁର ପ୍ରତିଶୋଧ ନେଇହେବନାହିଁ ?

## ଆଠ : ହଜିଲା ସୂତାର ଖିଅ

ଦ ବ୍ୟାଜ୍‌ଙ୍କର ଅପମୃତ୍ୟୁ ପରେ ପ୍ୟାରିର ବାୟୁମଣ୍ଡଳ ବିଷାକ୍ତ ମନେହେଲା । ଲା ସ୍ୟାଲ୍ ଆଉ ସେ ବାୟୁମଣ୍ଡଳରେ ରହିପାରିଲାନାହିଁ । ସେ ଅସ୍ଥିର ହୋଇ ଫେରିଆସିଲା ପ୍ରୁସିଆକୁ, ଫେରିଆସିଲା ତା'ର ବ୍ରାଣ୍ଡନ୍‌ବୁର୍ଗସ୍ଥିତ ହୋଟେଲକୁ ।

Digitized by srujanika@gmail.com

କିନ୍ତୁ ଫେରିଆସିଲା ପୁଣି ଥରେ ସେ ଫ୍ରାନ୍ସ ଫେରିଯିବାର ଦୁର୍ଜେୟ ସଂକଳ୍ପ ନେଇ । ଦ ବ୍ୟାଜ୍‌ଙ୍କର ଅପମୃତ୍ୟୁର ସେ ନିଶ୍ଚୟ ପ୍ରତିଶୋଧ ନେବ । ଅକାଳକୁଷ୍ମାଣ୍ଡ ଅଷ୍ଟାଦଶ ଲୁଇଙ୍କୁ ସିଂହାସନଚ୍ୟୁତ କରାଇ ସେ ତା'ର ସଂକଳ୍ପ ସିଦ୍ଧ କରିବ । ସେ ସଂକଳ୍ପ ସିଦ୍ଧ କରିବା ଅସାଧ ହେବନାହିଁ କେବଳ ଯଦି... ଯଦି ।

ଯଦି ସପ୍ତଦଶ ଲୁଇଙ୍କୁ କିଛି ଗୋଟିଏ ସଂଜୀବନ ମନ୍ତ୍ରରେ ବଞ୍ଚାଇ ହୁଅନ୍ତା ! କିମ୍ବା ଯଦି ଜଣାପଡ଼ିଯାଆନ୍ତା ଯେ କୋଡ଼ିଏ ବର୍ଷ ତଳର ସେହି ଝଡ଼ରେ ଲେମାନ ହ୍ରଦରେ ବାଳକ ଲୁଇ ଚାର୍ଲସ୍ ବୁଡ଼ିମଲେ ବୋଲି ଯାହା କୁହାଯାଉଛି ତାହା ମିଛ । ଯଦି ହଠାତ୍ ଆବିଷ୍କାର କରିହୁଅନ୍ତା ଯେ ଫରାସୀ ରାଜସିଂହାସନର ନ୍ୟାଯ୍ୟ ଅଧିକାରୀ ପ୍ରୁସିଆ କି ସ୍ୱୀଜରଲାଣ୍ଡର କୌଣସି ଅଜ୍ଞାତ ଗ୍ରାମରେ ଦୀନହୀନଭାବରେ ଆତ୍ମଗୋପନ କରିଛନ୍ତି— ତେବେ କି ସୁନ୍ଦର ନହୁଅନ୍ତା ସତେ !

ସପ୍ତଦଶ ଲୁଇଙ୍କୁ ଫେରିପାଇଲେ ସେ ତାଙ୍କୁ ଫରାସୀ ସିଂହାସନରେ ବସାଇଦେବ, ନିଶ୍ଚୟ ବସାଇଦେବ— ସେ ଆତ୍ମବିଶ୍ୱାସ ତା'ର ରହିଛି । ଅନେକ ଦିନର ଅଧ୍ୟବସାୟ ଫଳରେ ଦିନରାତି ଭାବି ଭାବି ସେ ଏକ ନିଖୁଣ ଯୋଜନା ଗଢ଼ିସାରିଛି । ଅବଶ୍ୟ ବେଳେ ବେଳେ ବିବେକ କହୁଛି— ''ଆରେ, ମୁଣ୍ଡଟାକୁ ଏତେ ଖଟାଇଲେ ପାଗଳ ହୋଇଯିବୁ ରେ !'' କିନ୍ତୁ ଉପାୟ କ'ଣ ? ମନକୁ ଯେ ବୁଝାଇ ହେଉନାହିଁ ।

ମୁଖ୍ୟ କଥା ହେଲା— ଲୁଇ ଚାର୍ଲସ୍ ଯେ ସେଦିନ ବୁଡ଼ିମଲେ, ତା'ର କୌଣସି ପ୍ରମାଣନାହିଁ । ଲୋକେ ଧରିନେଲେ ଯେ ଏତେ ଲୋକ ଯେତେବେଳେ ବୁଡ଼ିମଲେ, ପିଲାଟା ଆଉ ବଞ୍ଚିନଥିବ । ବ୍ୟାରେନ୍ ଇନେକ୍‌ଙ୍କ ପରି ପାଞ୍ଚହାତିଆ ମରଦ ପହଁରି ଆସିପାରିଲେନାହିଁ, ଆଉ ସେ ମେଞ୍ଚଡ଼ ଟୋକାଟା, ତା'ର ବା କୁ କେତେ ଯେ ସେ ବର୍ତ୍ତିଯାଇଥିବ ! ଡଙ୍ଗା ବୁଡ଼ିଗଲେ ତ ସ୍ଥିର ଜଳରେ ବି ମଣିଷ ବୁଡ଼ିମରୁଛି, ଆଉ ସେପରି ପ୍ରଳୟଙ୍କରୀ ଝଡ଼ବେଳେ ରକ୍ଷା ପାଇବ କିଏ ? ଏହାହିଁ ସାଧାରଣ ଧାରଣା ।

କିନ୍ତୁ ଯେଉଁମାନେ ଆଶାବାଦୀ, ସେମାନେ କହିପାରନ୍ତି 'ଏତେ ଝଡ଼, ଏତେ ମୃତ୍ୟୁ ସତ୍ତ୍ୱେ ସେ ପିଲା ଉଦ୍ଧାର ପାଇଯାଇଥିବ ।' ତେଣୁ ଲା ସ୍ୟାଲ୍ ମନରେ ପ୍ରଶ୍ନ ଉଠିଛି, ''ଲୁଇ ଚାର୍ଲସ୍ ଉଦ୍ଧାର ପାଇଯାଇନାହାନ୍ତି ବୋଲି ଜିଦ୍ ପକାଇ କିଏ କହିବ ?''

ନା, ସେପରି ଜିଦ୍ ପକାଇ କେହି କହିପାରିବେନାହିଁ । କଥାରେ ଅଛି, 'ପଙ୍ଗୁ ଲଙ୍ଘୟତେ ଗିରି' । ବାଳକ ସପ୍ତଦଶ ଲୁଇ ବଞ୍ଚି ନଯାଇଥିବେ କାହିଁକି ? ବିଶେଷତଃ ମରିଯାଇଥିବାର କୌଣସି ପ୍ରମାଣ ଯେତେବେଳେ ନାହିଁ, ବଞ୍ଚିଛନ୍ତି ବୋଲି ଧରିନେଇ ତାଙ୍କପାଇଁ ଗୋଟିଏ ଯୋଜନା ଗଢ଼ିବସିଲେ ଦୋଷ କ'ଣ ? ଏପରି ଯୋଜନା କ'ଣ କରାଯାଇ ନପାରେ ? ତା'ହେଲେ ଯଦି ସତ ଲୁଇ ଚାର୍ଲସ୍ ମିଳୁନାହାନ୍ତି, ତେବେ ଜଣେ ମିଛ ଲୁଇ ଚାର୍ଲସ୍‌ଙ୍କୁ ଜଗତ ଆଗରେ ସତ ବୋଲି ଠିଆ କରାଇଦେଲେ କ୍ଷତି କ'ଣ ? ପ୍ରୁସିଆର ଭୂତପୂର୍ବ ପ୍ରଧାନମନ୍ତ୍ରୀ ଫନ୍ ଷ୍ଟେନ୍‌ଙ୍କ ଭଳି ଲୋକ ତ ପୁଣି ଦିନେ ଏପରି ଯୋଜନା କରିଥିଲେ ! ଅବଶ୍ୟ ସେ ଯୋଜନାଟି କାର୍ଯ୍ୟକାରୀ କଲେନାହିଁ । କଲେନାହିଁ

Digitized by srujanika@gmail.com

କାରଣ, ସେତେବେଳେ ଫରାସୀ ଦେଶର ସର୍ବୋମୟ କର୍ତ୍ତା ହୋଇ ସ୍ୱୟଂ ନେପୋଲିୟନ୍ ରହିଥିଲେ । ପ୍ରାୟ ପ୍ରତ୍ୟେକ ଫରାସୀ ନାଗରିକର ହୃଦୟ ସିଂହାସନରେ ବିରାଜମାନ କରିଥିଲେ ଯେଉଁ ପ୍ରଥିତଯଶା ମହାବୀର, ତାଙ୍କର ବିରୁଦ୍ଧାଚରଣ କରି କେଉଁ ଫରାସୀ ଲୋକ ବା ବୋର୍ବୋ ରାଜବଂଶକୁ ସମର୍ଥନ କରନ୍ତା ଯେ ସେ ଏପରି ଏକ ଯୋଜନା ନେଇ ଅଗ୍ରସର ହୁଅନ୍ତେ ? କିନ୍ତୁ ବର୍ତ୍ତମାନ ? ବର୍ତ୍ତମାନ ସେ ଅବସ୍ଥା ଆଉ ଅଛି ?

ନା, ସେ ଅବସ୍ଥା ଆଉ ନାହିଁ । ବର୍ତ୍ତମାନ ପାଲି ବଦଳିଯାଇଛି । ଯୁଗପୁରୁଷ ନେପୋଲିୟନ୍ ବର୍ତ୍ତମାନ ଏଲ୍‌ବା ଦ୍ୱୀପରେ ନିର୍ବାସିତ । ପ୍ରଦୀପ୍ତ ସୂର୍ଯ୍ୟର ତିରୋଧାନ ପରେ ଫରାସୀ ଆକାଶରେ ବର୍ତ୍ତମାନ ଦେଖାଦେଇଛି ଏକ ମଳିନ ଚନ୍ଦ୍ରର ଦୁର୍ବଳ କ୍ଷୀଣ ରେଖା । ଫରାସୀ ସିଂହାସନକୁ ଅପବିତ୍ର କରିଦେଇଛି ଏହି ଅକାଳକୁଷ୍ମାଣ୍ଡ ଅଯୋଗ୍ୟ ଅଷ୍ଟାଦଶ ଲୁଇ । ଏପରି ଅବସ୍ଥାରେ ଯଦି କେହି ଏ ତେଲପିଁପାଟାକୁ ଗୋଇଠା ମାରି ତଳକୁ ଗଡ଼ାଇଦେଇ ତା' ସ୍ଥାନରେ ଆଣି ସପ୍ତଦଶ ଲୁଇଙ୍କୁ ଅଧିଷ୍ଠିତ କରିବାର ଯୋଜନା ବାଢ଼େ, ତେବେ କୌଣସି ଲୋକ ତାକୁ ପାଗଳ ବୋଲି କହିପାରିବନାହିଁ ।

ସୁତରାଂ ଏ ହଜିଲା ସୂତାର ଖିଅ ଧରିବାରେ କୌଣସି ବାଧା ନାହିଁ ।

ବାଧା ନାହିଁ ସତ; କିନ୍ତୁ ସେ ଖିଅ କାହିଁ ? ଅସଲି ନହେଲେ ବି ଅନ୍ତତଃ ନକଲି ସପ୍ତଦଶ ଲୁଇ ହୋଇ ଅଭିନୟ କରିବାକୁ ଲୋକଟାଏ ଖୋଜି ପାଉନାହିଁ ଲା ସ୍ୟାଲ୍ । ଲୁଇ ଚାର୍ଲସ୍‌ଙ୍କ ଚେହେରା ସହିତ ଅନ୍ତତଃ କିଛିଟା ସାଦୃଶ୍ୟ ଥିବା ଚେହେରାର ଲୋକଟା କ'ଣ ପ୍ରଭୁ ଜୁଟାଇଦେବେନାହିଁ ? ଆଚ୍ଛା, ଏ କୋଡ଼ିଏ ବର୍ଷ ପରେ ପ୍ରକୃତ ଲୁଇ ଚାର୍ଲସ୍‌ଙ୍କର ଚେହେରାଟି କିପରି ହୋଇଥିବ ସତେ ?

ସେହି କୋଡ଼ିଏ ବର୍ଷ ତଳେ ବାଳକ ଡଫିନ୍‌ଠାରୁ ନିରାପତ୍ତା ସମିତି ସଦସ୍ୟମାନେ ଯେତେବେଳେ ତା' ମାଆ ରାଣୀ ଆଁତୋୟାନେଟ୍‌ଙ୍କ ବିରୁଦ୍ଧରେ ସାକ୍ଷ୍ୟ ଗ୍ରହଣ କରୁ-ଥିଲେ, ସେତେବେଳେ ଡଫିନ୍‌ର ଜମାନବନ୍ଦି ଶୁଣୁ ଶୁଣୁ ଲା ସ୍ୟାଲ୍ ତା'ର କେତୋଟି ପ୍ରତିକୃତି ଅଙ୍କନ କରିଥିଲା । ସେ ଭିତରୁ ଗୋଟିଏ ପ୍ରତିକୃତି ଏଡ଼େ ସୁନ୍ଦର ହୋଇଥିଲା ଯେ ଶମେତ୍ ପରି ଲୋକ ବି ଶତମୁଖ ହୋଇ ସଦସ୍ୟମାନଙ୍କ ଆଗରେ ତା'ର ପ୍ରଶଂସା ଗାଇ ବୁଲିଥିଲା । ସାଧାରଣ ପେନସିଲ୍ ଓ କାଗଜରେ ଅଙ୍କା ହୋଇଥିଲେ ବି ଲା ସ୍ୟାଲ୍ ତାହା ଫୋପାଡ଼ିଦେଇ ନାହିଁ । ଏପର୍ଯ୍ୟନ୍ତ ସାଇତି ରଖିଥିବା ସେହି ଛବି ଆଡ଼େ ସେ ଏବେ ବି ମଝିରେ ମଝିରେ ଚାହେଁ ।

ସେ ପ୍ରତିକୃତି ହେଉଛି ଡଫିନ୍‌ର ଦଶ ବର୍ଷରୁ କମ୍ ବୟସର ପ୍ରତିକୃତି । ସେ ଯଦି ବଞ୍ଚିଥିବ, ତେବେ ବର୍ତ୍ତମାନ ତା'ର ବୟସ ହେବ ପ୍ରାୟ ତିରିଶ । ବୟସ ବଢ଼ିବା ସଙ୍ଗେ ସଙ୍ଗେ ଚେହେରା ବି ଅନେକ ବଦଳିଯାଇଥିବ । ପିଲାଦିନର ସେହି ପ୍ରତିକୃତିକୁ ଚାହିଁ ଚାହିଁ ବର୍ତ୍ତମାନ ତା'ର ଚେହେରା କିପରି ହୋଇଥିବ ଭାବିବସିଲା ଲା ସ୍ୟାଲ୍ ।

କ୍ରମାଗତ ଚେଷ୍ଟା ଫଳରେ ଆଖି ବୁଜିଦେଲେ ସେ ତା'ର କଳ୍ପନାର ଡଫିନ୍‌କୁ ଦେଖେ । ମୁଣ୍ଡର ନାଲିଆ କହରାବାଳ କାନ୍ଧପର୍ଯ୍ୟନ୍ତ ଲମ୍ବିଯାଇଛି । ଅସମାନ ଜାନୁଦ୍ୱୟଟି

Digitized by srujanika@gmail.com

ଲୁଚାଇବାକୁ ଏହା ଏକ ଫେସନ୍ । ତା'ପରେ ନାକ, ପିଲାଦିନର ଚଉଡ଼ା ନାକ ବୟସ ବଢ଼ିବା ସଙ୍ଗେ ସଙ୍ଗେ ବୋଧହୁଏ ଉଚ ହୋଇଥିବ, ନାକ କମିବା ବଢ଼ିବା ପଛରେ ନାନା ବୈଜ୍ଞାନିକ ତତ୍ତ୍ୱ ରହିଛି । ଆପତ୍ତି କରିବା ଲୋକକୁ ଅବସ୍ଥା ଅନୁଯାୟୀ ବୁଝାଇ ଦିଆଯିବ । ଆଉ କାନ ? କାନ ତ ଲମ୍ବା ବାଳ ତଳେ ଲୁଚି ରହିଥିବ । ସେ କାନ ବିଷୟରେ ବା କିଏ ଜାଣେ ? ଏହି କଳ୍ପିତ ରୂପର ଲୋକଟି ମିଳିଗଲେ ତାକୁ ସପ୍ତଦଶ ଲୁଇ ବୋଲି ଚଳାଇ ନିଆଯିବ ।

ଲୋକ ଖୋଜିବାକୁ ସମୟ ଦରକାର । ଲା ସ୍ୟାଲ୍ ହାତରେ ଏତେ ସମୟ ନାହିଁ । ଦିନସାରା ହୋଟେଲ୍‌ରେ ଖାଇବା ଗରାଖ । ରାତିସାରା ଜୁଆଖେଳ । ଉଭୟ ଦିଗକୁ ଦୃଷ୍ଟି ଦେବାକୁ ପଡ଼ିବ । ତେବେ ହଁ, ଯେତେ ଲୋକ ହୋଟେଲକୁ ଆସୁଛନ୍ତି, ସମସ୍ତଙ୍କ ମୁହଁକୁ ସେ ଚାହୁଁଛି । ସମସ୍ତଙ୍କୁ ତା'ର କଳ୍ପିତ ସପ୍ତଦଶ ଲୁଇ ସହିତ ମନେ ମନେ ତୁଳନା କରୁଛି । କିନ୍ତୁ କାହିଁ ? ଏପର୍ଯ୍ୟନ୍ତ ସେପରି ଲୋକ ତା' ଦୃଷ୍ଟିରେ ପଡ଼ିନାହାନ୍ତି । ସେ ତା ପାରୁପର୍ଯ୍ୟନ୍ତ ଚେଷ୍ଟା କରି ନକଲି ସପ୍ତଦଶ ଲୁଇ ଖୋଜୁଛି । ଏ ଭିତରେ ଦିନେ ତା' ଜୁଆ ଆଡ୍‌ଡାରେ ଏକ ଅପ୍ରୀତିକର ଘଟଣା ଘଟିଗଲା । ଜୁଆ ଖେଳୁଥିବା ଜଣେ ଭଦ୍ରଲୋକ ପ୍ରତିପକ୍ଷକୁ ଦୋଷ ଦେଇ ହଠାତ୍ ପାଟିକରି ଉଠିଲେ, ''କିହୋ, ଇଏ କ'ଣ ? ଜାଲ୍ ମାର୍କ ପକାଉଛ କାହିଁକି ?'' ମାର୍କ ହେଉଛି ପ୍ରୁସିଆ ଦେଶର ମୁଦ୍ରା ।

ଜାଲ୍ ମାର୍କ ପଦ ଶୁଣି ସମସ୍ତେ ଚକିତ ହୋଇଗଲେ । ଖେଳରେ ଜିମାଦାର ହୋଇ ଲା ସ୍ୟାଲ୍ ବସିଥାଏ । ଗଣ୍ଡଗୋଳ ଉଠିଲା ଦେଖି ସେ ହାତଟେକି ଖେଳ ବନ୍ଦ କରିବାକୁ ଅନୁରୋଧ ଜଣାଇଲା । ଯେଉଁ ଲୋକଟା ଜାଲ୍ ମାର୍କ ପକାଉଛି ବୋଲି ଅଭିଯୋଗ ଉଠିଥିଲା, ସେ ଏ ଜୁଆ ଆଡ୍‌ଡାରେ ନୂଆଁ ନୁହେଁ । ନାଆଁ ତା'ର ନନ୍‌ଡର୍ଫ, ସେ ସୈନ୍ୟ ବିଭାଗରେ ଚାକିରି କରୁଥିଲା । ଯୁଦ୍ଧରେ ଆହତ ହୋଇ ଅସମୟରେ ଅବସର ନେଇଛି । ଏହି ତିନି ଚାରିମାସ ତଳେ ଡାକ୍ତରଖାନାରୁ ଛୁଟି ପାଇଛି । ଡାକ୍ତରଖାନାରୁ ଆସିବାଦିନୁ ପ୍ରାୟ ପ୍ରତିଦିନ ଏଠିକି ସେ ଖେଳିବାକୁ ଆସେ ।

ଆଜି ଖେଳରେ ସେ ଯେଉଁ ମାର୍ଗଗୁଡ଼ାକ ଦେଇଛି, ଅନ୍ୟମାନେ ସେଗୁଡ଼ାକ କୌତୂହଳୀ ହୋଇ ପରୀକ୍ଷା କରି ପକାଇଲେ । ଚିହ୍ନିବାବାଲା ସଙ୍ଗେ ସଙ୍ଗେ ଚିହ୍ନିଗଲେ ଯେ ସେଗୁଡ଼ାକ ଜାଲ୍ । ଫଳରେ ଲୋକଟାର ପୋଷାକପତ୍ର ତଲାସ କରାଗଲା । ତା' ପୋଷାକର ବିଭିନ୍ନ ପକେଟରୁ ଗୁଡ଼ାଏ ଜାଲ୍ ମୁଦ୍ରା ବାହାରିଲା । ଜାଲ୍ ମୁଦ୍ରା ବାହାରିବାବେଳେ ଯଦି ଅନ୍ୟମାନେ ନଥାନ୍ତେ, ଲା ସ୍ୟାଲ୍ ଏକା ଥାଆନ୍ତା, ତେବେ ସେ ନନ୍‌ଡର୍ଫକୁ ଛାଡ଼ିଦିଅନ୍ତା । ଚିତ୍ତ ଜାଣେ ପାପ । ଜାଲ୍ ନୋଟ୍ ଓ ଜାଲ୍ ମୁଦ୍ରା ଚଳାଇବାରେ ଦିନେ ସେ ବି ଓତପ୍ରୋତଭାବେ ଜଡ଼ିତ ଥିଲା । କିନ୍ତୁ ଘଟଣା ଘଟିବାବେଳକୁ ସେ ଏକା ନଥିଲା, ଅନ୍ୟମାନେ ବି ଥିଲେ । ସେ ସମସ୍ତେ ପ୍ରାୟ ସମ୍ଭ୍ରାନ୍ତ ଘରର ଲୋକ । ସେମାନେ ଏପରି ଜାଲିଆତିର ବିରୋଧୀ । ନନ୍‌ଡର୍ଫକୁ ଛାଡ଼ିଦେଲେ ସେମାନେ

Digitized by srujanika@gmail.com

ଅସନ୍ତୁଷ୍ଟ ହେବେ । ତାହା ମଧ ବ୍ୟବସାୟ ଦୃଷ୍ଟିରୁ ଅନୁଚିତ ହେବ । ସେ ଜାଲିଆତିକୁ ପ୍ରଶ୍ରୟ ଦେଲେ ଏ ଆଡ୍‌ଡାକୁ ଆଉ କେହି ଆସିବେନାହିଁ । ଫଳରେ ନନ୍‌ଡର୍ଫକୁ ସେ ପୋଲିସ ହାତରେ ଦେଇଦେଲା ।

ସଙ୍ଗେ ସଙ୍ଗେ କେଶ୍ ଡାଇରି ହୋଇଗଲା । ବିଚାରପାଇଁ ଦିନ ବି ଧାର୍ଯ୍ୟ ହୋଇଗଲା । ଲା ସ୍ୟାଲ୍‌କୁ ରାଜସାକ୍ଷୀ ହୋଇ ଅଦାଲତକୁ ଯିବାକୁ ହେଲା । ଅନ୍ୟ ସାକ୍ଷୀ ବି ଥିଲେ । କିନ୍ତୁ ପୋଲିସ୍ କହିଲା, ''ଲା ସ୍ୟାଲ୍ ରାଜସାକ୍ଷୀ ହେଲେ ତା'ର ଜୁଆ ଆଡ୍‌ଡା ଖୋଲିବା ଅପରାଧ ଉପରେ ଗୁରୁତ୍ୱ ଦିଆଯିବନାହିଁ; ସେ ପାପଟି ପ୍ରାୟଶ୍ଚିତ୍ତରେ ଖଣ୍ଡନ ହୋଇଯିବ । ଲା ସ୍ୟାଲ୍ ଦେଖିଲା ଏ ସୁଯୋଗ ହରାଇବାର ନୁହେଁ । ଯାହାହେଉ, ବିଚାରରେ ନନ୍‌ଡର୍ଫ ଦୋଷୀ ସାବ୍ୟସ୍ତ ହେଲା । ବିଚାରପତି ତାକୁ ଦୁଇବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରି ଜେଲ ପଠାଇଦେଲେ ଏବଂ ଲା ସ୍ୟାଲ୍‌କୁ ସତର୍କ କରାଇଦେଇ କହିଲେ, ''ଆପଣ ବିଦେଶୀ ହେଲେ ବି ହୋଟେଲ ଖୋଲିଛନ୍ତି । ଖୋଲନ୍ତୁ; ଆପତ୍ତିନାହିଁ । କିନ୍ତୁ ଦେଶର ଆଇନ୍ ଅମାନ୍ୟ କରି ଏପରି ଜୁଆ ଆଡ୍‌ଡା ଖୋଲିଲେ ଭବିଷ୍ୟତରେ ଆପଣଙ୍କୁ କ୍ଷମା ଦିଆଯିବନାହିଁ ।''

ପ୍ରହରୀ ଆସି ନନ୍‌ଡର୍ଫକୁ ଜେଲଖାନାକୁ ନେଇଯିବା ପରେ ଜୁଆଡ଼ି ପୃଷ୍ଠପୋଷକମାନେ ଲା ସ୍ୟାଲ୍‌କୁ ଅଦାଲତ ବାରଣ୍ଡାରେ ଘେରିଗଲେ । ସାହସ ଓ ଆଶ୍ୱାସନା ଦେଇ ସମସ୍ତେ କହିବାକୁ ଲାଗିଲେ, ''ଆପଣ ନିଶ୍ଚିନ୍ତରେ ରହନ୍ତୁ ମ ! ଆମେ ଅଛୁ । କିଏ କ'ଣ କରିବ ଦେଖାଯିବ । ଏଥିରେ ଡରିବାର କ'ଣ ଅଛି ଯେ !'' ଏସବୁ ଭରସା ଦେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା– ଲା ସ୍ୟାଲ୍‌ଙ୍କ ଜୁଆ ଆଡ୍ଡାଟା ବନ୍ଦ ନହେଉ ବନ୍ଦ ହୋଇଗଲେ ସେମାନେ ରାତି କଟାଇବେ କିପରି ? ସେମାନଙ୍କ ସହିତ ଆଳାପ ଆଲୋଚନା ଚାଲିଛି, ଲା ସ୍ୟାଲ୍ ଦେଖିଲା, ଜଣେ ସୁସ୍ଥ ସୁନ୍ଦର ଯୁବକ ବଡ଼ ବ୍ୟସ୍ତ ହୋଇ ପ୍ରହରୀମାନଙ୍କ ପାଖରେ ବୁଲୁଛି । ଶୁଣାଗଲା ସେ ଜଣକୁ ପଚାରୁଛି, ''ଆଜ୍ଞା, ନନ୍‌ଡର୍ଫକୁ ଜେଲ୍‌କୁ ନେଇଗଲେଣି ? ଏଁ ? ସତେ ? କେତେବେଳେ ମ ? ଏହି ଦଶ ମିନିଟ୍ ତଳେ ?''

ପ୍ରଶ୍ନ କରୁ କରୁ ଯୁବକ ହା-ହତାଶ ହୋଇ କହିପକାଇଲା, ''ଓଃ ! ଆଉ ଦଶଟା ମିନିଟ୍ ଆଗରୁ ଚାଲିଆସିପାରିଥିଲେ ଆଉ ଚିନ୍ତାନଥିଲା । ମୋ ଜୀବନଟା ସବୁବେଳେ ଏପରି ଦଶଟା ମିନିଟ୍ ଫରକ ନେଇ ସମସ୍ୟା ସୃଷ୍ଟି କରୁଛି । ସେହି ଦଶଟା ମିନିଟ୍ ଏପଟ ସେପଟ ହୋଇଗଲା ବୋଲି ଅକାତକାତ ପାଣିରେ ବୁଡ଼ିଗଲି । ଧିକ୍ ମୋ ଜୀବନ !''

ତା'ପରେ ସେଠାରେ ଠିଆହୋଇଥିବା ଜଣେ ମୁଖିଆ ପୋଲିସ୍‌ଙ୍କୁ ଅନୁନୟ କରି ଯୁବକ କହିଲା, ''ଦେଖନ୍ତୁ ଅଫିସର୍, ସେ ଯେଉଁ ଲୋକଟା କଥା ପଚାରୁଥିଲି, ତା' ସହିତ ମୋର ଟିକିଏ ଜରୁରୀ କାମ ଥିଲା । ତାକୁ ନଦେଖିଲେ ମୋର ସର୍ବନାଶ ହୋଇଯିବ ଜାଣନ୍ତୁ । କ'ଣ କଲେ ତା' ସହିତ ଟିକିଏ ଦେଖାହୋଇପାରନ୍ତା କହିଲେ ?''

Digitized by srujanika@gmail.com

ପୋଲିସ୍ ଜଣକ କହିଲେ, ''ତାକୁ ଆଉ ଦେଖିପାରିବେନାହିଁ । ସେ ଯେତେବେଳ ପର୍ଯ୍ୟନ୍ତ ଅଦାଲତରେ ଥିଲା, ସେତେବେଳ ପର୍ଯ୍ୟନ୍ତ ଦେଖା କରିବାରେ ବିଶେଷ ବାଧା ନଥିଲା । କିନ୍ତୁ ସେ ଏ ଭିତରେ ଜେଲ୍‌ଖାନାକୁ ଚାଲିଗଲାଣି । ତାକୁ ଆଉ ଦେଖିବେ କିପରି ?''

''କ'ଣ ମୋଟେ ଦେଖିହେବନାହିଁ ? ଦେଖାକରିବାକୁ ଅନୁମତି ଦେବାପାଇଁ ତ ପୁଣି କାହାର ହେଲେ କ୍ଷମତା ଥିବ ? କାହା ପାଖକୁ ଗଲେ ଅନୁମତି ମିଳିବ ?''

''ତା'ହେଲେ ଆପଣଙ୍କୁ ମାର୍ସ ଟାୱାରକୁ ଯିବାକୁ ପଡ଼ିବ । ସେଇଟା ହେଲା ଜେଲ୍‌ଖାନା । ସେଠାରେ ଗଭର୍ଣ୍ଣର ଅଛନ୍ତି । ତାଙ୍କୁ ଦେଖାକରି ଅନୁମତି ମାଗନ୍ତୁ । ସେ ଆପଣଙ୍କୁ ନାନା କଥା ପଚାରିବେ; ଆପଣଙ୍କ ଉତ୍ତରରେ ସନ୍ତୁଷ୍ଟ ହେଲେ ଏବଂ ଦେଖାକରିବା ଉଚିତ ମନେକଲେ ସେ ଅନୁମତି ଦେବେ । ସବୁ ତାଙ୍କ ଉପରେ ନିର୍ଭର କରେ ।''

ଯୁବକ ସହିତ ପୋଲିସ୍‌ର ଏହି ଆଲୋଚନା ଶୁଣୁ ଶୁଣୁ ଲା ସ୍ୟାଲ୍ ମନରେ କୌତୂହଳ ଜାଗିଉଠିଲା । 'ନନ୍‌ଡର୍ଫ ସହିତ ଏ ଲୋକଟାର କି ସମ୍ପର୍କ ଯେ ଦେଖା ନକଲେ ନଚଳେ ବୋଲି କହୁଛି ?' ଏ ଭିତରେ ତା'ର ଜୁଆଡ଼ି ବନ୍ଧୁମାନେ ଜଣ ଜଣ ହୋଇ ବିଦାୟ ନେଲେଣି । ଲା ସ୍ୟାଲ୍ ଦେଖିଲା, ଯୁବକଜଣକ ମାର୍ସ ଟାୱାରକୁ ବାଟ ପଚାରି ବୁଝୁଛି । ଗଭର୍ଣ୍ଣରଙ୍କ ସହିତ ଦେଖାକରିବାକୁ ହେଲେ କିପରି କ'ଣ କରିବାକୁ ହେବ ପଚାରି ବୁଝୁଛି । ପୋଲିସ୍‌ମାନେ ତାକୁ ବାଟ ବିଷୟରେ କିଛି ଧାରଣା ଦେଇ ନିଜ କାମରେ ଚାଲିଗଲେ । ଠିକ୍ ସେତିକିବେଳକୁ ଲା ସ୍ୟାଲ୍ ଯାଇ ଯୁବକ ପାଖରେ ପହଞ୍ଚିଗଲା । କହିଲା, ''ଆପଣ ବୋଧହୁଏ ଏ ସହରକୁ ନୂଆ ଆସିଛନ୍ତି । ଯଦି କିଛି ଜାଣିବାକୁ ଚାହୁଁଛନ୍ତି, ମୁଁ ଆପଣଙ୍କୁ ସାହାଯ୍ୟ କରିପାରିଲେ ଖୁସି ହେବି ।''

''ଖୁସି ହେବେ ?'' ସନ୍ଦିଗ୍ଧ ଦୃଷ୍ଟିରେ ଚାହିଁଦେଇ ଯୁବକଜଣକ ପଚାରିଲା, ''ଖୁସି ହେବେ କାହିଁକି ?''

ଲା ସ୍ୟାଲ୍ ସେତେବେଳକୁ ଯୁବକର ମୁଣ୍ଡ ଉପରେ ଦୃଷ୍ଟି ନିବଦ୍ଧ କରିସାରିଲାଣି । ନାଲିଆ କହରିଆ ବାଳ । କାନ୍ଧପର୍ଯ୍ୟନ୍ତ ଲମ୍ବିଯାଇଛି । ଏପର୍ଯ୍ୟନ୍ତ ମୁଣ୍ଡରେ ଟୋପି ଥିବାରୁ ସେ ବାଳ ଦେଖିହୋଇନଥିଲା । ଏ ଭିତରେ ଟିକିଏ ଅନ୍ୟମନସ୍କ ହୋଇ ସେ ମୁଣ୍ଡରୁ ଟୋପିଟି ବାହାର କରି ହାତରେ ଧରିଲାଣି । ମୁଣ୍ଡର ସେ ବାଳତକ ଦେଖି ଦେଉ ଦେଉ ଲା ସ୍ୟାଲ୍‌ର ଛାତି ଭିତରଟା ଦାଉଁକିନା ପଡ଼ିଗଲା । ଏ ତ ଠିକ୍ ଲୁଇ ଚାର୍ଲସ୍‌ଙ୍କ ମୁଣ୍ଡବାଳ ପରି ହୋଇଛି ! ଯୁବକଟାର ବୟସ ବି ତିରିଶ ପାଖାପାଖି ହେବ । ଯୁବକ ମନରେ ବିଶ୍ୱାସ ଆଣିଦେବାଲାଗି ସେ ଦୁଇଗୁଣ ଉତ୍ସାହରେ କହିଲା, ''ଖୁସି ହେବି କାହିଁକି ମାନେ, ଆପଣ ଯଦି ବିଦେଶୀ ହୋଇଥାନ୍ତି, ତେବେ ଆମେ ଉଭୟେ ଏକାଗୋଷ୍ଠୀର ବୋଲି ଜାଣନ୍ତୁ । ଗତ କୋଡ଼ିଏ ବର୍ଷ ହେଲା ମୁଁ ଏ ଦେଶରେ ରହିଛି ସତ, ହେଲେ ମୁଁ

Digitized by srujanika@gmail.com

ବିଦେଶୀ । ସତ କହିବାକୁ ଗଲେ ମୁଁ ହେଉଛି ଫରାସୀ; ଆପଣ ବି ବୋଧହୁଏ ଆମରି... ?''

''ଫରାସୀ...ହଁ, ନା, ମୁଁ ସ୍ୱୀଜରଲାଣ୍ଡର ଲୋକ ।'' ଦ୍ୱିଧା ପ୍ରକାଶ କରି ଯୁବକ ଜଣାଇଲା ।

ଯୁବକ ଏପରି ଅଙ୍ଗେଇ ଅଙ୍ଗେଇ କଥାକହୁଛି କାହିଁକି ? ଯେଉଁ ବାକ୍ୟରେ 'ହଁ' ସେହି ବାକ୍ୟରେ 'ନାହିଁ' !! ମନକଥା ମନରେ ରଖି ଲା ସ୍ୟାଲ୍ କହିଲା, ''ସ୍ୱୀଜରଲାଣ୍ଡ ? ସେ ଦେଶ ବି ଆମ ଦେଶକୁ ଲାଗି ରହିଛି । ଯାହାହେଉ ଆପଣ ବିଦେଶୀ, ମୁଁ ବିଦେଶୀ । ତେଣୁ ଆମ ଭିତରେ ସ୍ନେହ ସହାନୁଭୂତି ରହିବା ଉଚିତ ।' ମାର୍ସ ଟାୱାରକୁ ବାଟ ପଚାରୁଥିଲେ ନା ? ଆସନ୍ତୁ, ମୁଁ ଆପଣଙ୍କୁ ସେଠାକୁ ନେଇଯିବି ।''

ଯୁବକର ସନ୍ଦେହ ଆହୁରି ବଢ଼ିଗଲା । ତଥାପି ସେ ଲା ସ୍ୟାଲ୍‌ର ଅଯାଚିତ ସାହାଯ୍ୟ ପ୍ରତ୍ୟାଖ୍ୟାନ କରିପାରିଲାନାହିଁ । ମାର୍ସ ଟାୱାରରେ ଯଥାଶୀଘ୍ର ପହଞ୍ଚିବାକୁ ହେଲେ ଏହି ଅପରିଚିତ ଲୋକଟିର ସାହାଯ୍ୟ ନେବାକୁହିଁ ପଡ଼ିବ ଭାବି ଯୁବକ ଲା ସ୍ୟାଲ୍ ସହିତ ଚାଲିଲା ।

ମାର୍ସ ଟାୱାର ଜେଲଖାନାଟା ସହରଠାରୁ ଟିକିଏ ଦୂରରେ । ଛୋଟ ହେଲେ ବି ଜେଲଖାନାଟିର ନାଆଁ ଅଛି । ସାଧାରଣ କଏଦୀ ତ ରହନ୍ତି, ତା'ଛଡ଼ା ବଡ଼ ବଡ଼ ରାଜନୈତିକ ବନ୍ଦୀ ମଧ୍ୟ ରହନ୍ତି । ତେଣୁ ଏଠିକା ବ୍ୟବସ୍ଥା ବଡ଼ କଡ଼ା । ସ୍ଥାନଟି ଦୂର ବୋଲି ଶୁଣିବା ପରେ ମଧ୍ୟ ଯୁବକ ଗାଡ଼ି ଖଣ୍ଡିଏ କରିବା ପ୍ରସ୍ତାବ ଉଠାଇଲାନାହିଁ । ଲା ସ୍ୟାଲ୍ ଗାଡ଼ି ଡାକିପାରିଥାନ୍ତା; କିନ୍ତୁ ଡାକିବା ଅର୍ଥ ନିଜେ ଗାଡ଼ି ଭଡ଼ା ଦେବା । ଗାଡ଼ିଭଡ଼ା ଦେବାକୁ ସେ ଡରୁନଥିଲା, ଡରୁଥିଲା ଯଦି ଏ ଯୁବକ ଆତ୍ମସମ୍ମାନରେ ବାଧା ଆସିଲା ଭାବି ସଙ୍ଗ ଛାଡ଼ି ପଳାଏ, ତେବେ ସେ ଯେଉଁ ହଜିଲା ସୂତାର ଖିଅ ଧରିଛି, ସେ ଖିଅଟି ହାତରୁ ଖସିଯିବ । ତେଣୁ ଦିହେଁ ଚାଲି ଚାଲିହିଁ ଗଲେ । କଥାଭାଷା ନକରି ଦୁଇଜଣ ଲୋକ ଏକାଠି ବା ଚାଲିବେ କିପରି ? ଲା ସ୍ୟାଲ୍ ହିଁ କଥା ଆରମ୍ଭ କଲା ଏବଂ ତା'ର ସତର୍କ ପ୍ରଶ୍ନର ଉତ୍ତରରେ ପଦେ ଅଧେ କହୁ କହୁ ଯୁବକ ତା' ନିଜ ସମ୍ବନ୍ଧରେ ଅନେକ କିଛି କହିଗଲା । ତା'ର ମୋଟାମୋଟି କାହାଣୀ ହେଲା—

ଦୁଇବର୍ଷ ତଳେ ସେ ଜର୍ମାନ ସୈନ୍ୟଦଳରେ ଯୋଗ ଦେଇଥିଲା— ଜୀବିକା ଅର୍ଜନପାଇଁ ନୁହେଁ, ଯୋଗଦେଇଥିଲା ଯୁଦ୍ଧବିଦ୍ୟା ଶିଖିବାକୁ । ଜୀବିକାପାଇଁ ତା'ର ଚିନ୍ତାନାହିଁ । ବାପ ମାଆ ନାହାନ୍ତି ମୃତ, ହେଲେ ସେ ଅନାଥ ନୁହେଁ । ମାମୁ ତାକୁ ମଣିଷ କରିଛନ୍ତି । ବର୍ତ୍ତମାନ ମଧ୍ୟ ସେ ହିଁ ଯାବତୀୟ ଖର୍ଚ୍ଚ ଯୋଗାଉଛନ୍ତି । ଏହି ଛଅମାସ ତଳେ ସେ ଯୁଦ୍ଧରେ ଗୁରୁତରଭାବରେ ଆହତ ହୋଇ ଫ୍ରାଙ୍କଫୁଟର ସାମରିକ ଡାକ୍ତରଖାନାରେ ଚିକିତ୍ସାପାଇଁ ଭର୍ତ୍ତି ହୋଇଥିଲା । ସେଠାରେ ଅବସ୍ଥା ଏପରି ହୋଇଗଲା ଯେ ସେ ଆଉ ବଞ୍ଚିବନାହିଁ ବୋଲି ଧରିନେଲା । ଡାକ୍ତରମାନେ ବି ହତାଶ ହୋଇଗଲେ । ସେତେବେଳକୁ

Digitized by srujanika@gmail.com

ତା' ପଡ଼ିଶା ବେଡ୍‌ର ରୋଗୀଟି ବେଶ୍ ସୁସ୍ଥ ହୋଇ ଉଠୁଥାଏ । ଏ ଯୁବକ ସେହି ପଡ଼ିଶା ବେଡ୍‌ର ରୋଗୀ ହାତରେ ନିଜର କିଛି ମୂଲ୍ୟବାନ୍ ଜିନିଷପତ୍ର ଧରାଇଦେଇ ନିଜେ ଶେଯରେ ପଡ଼ିଗଲା । ସେହି ରୋଗୀଟି ହେଉଛି ଏହି ନନ୍‌ଡର୍ଫ ।

ଯୁବକ ସାଙ୍ଘାତିକ ଅବସ୍ଥାରେ ପଡ଼ିଥାଏ; ନନ୍‌ଡର୍ଫ ସୁସ୍ଥ ହୋଇ ଡାକ୍ତରଖାନାରୁ ଚାଲିଆସିଲା । ଆସିବାବେଳେ ନିଜର ବ୍ରାଣ୍ଡନବୁର୍ଗ ଠିକଣା ଦେଇ ଆସିଥିଲା । ଯୁବକର ଆଶା ଓ ବିଶ୍ୱାସ ଥିଲା ଯେ ସେ ଯଦି ସୁସ୍ଥ ହୁଏ, ତେବେ ଏଠାକୁ ଆସି ନନ୍‌ଡର୍ଫଠାରୁ ନିଜ ଜିନିଷପତ୍ର ନେଇଯିବ । ଡାକ୍ତରଖାନାରେ ଯମ ସହିତ ତା'ର ଦୀର୍ଘ ଛଅମାସ ଧରି ଟଣା-ଓଟରା ଚାଲିଲା । ଶେଷରେ ଯମର ପରାଜୟ ଘଟିଲା ଏବଂ ସୁସ୍ଥହେବା ପରେ ଯୁବକ ଏହି ଗଲା ସପ୍ତାହରେ ଡାକ୍ତରଖାନାରୁ ଅବ୍ୟାହତି ପାଇ ବ୍ରାଣ୍ଡନବୁର୍ଗ ପଥରେ ବାହାରିପଡ଼ିଛି । ନନ୍‌ଡର୍ଫଠାରୁ ଜିନିଷପତ୍ରତକ ନେଇଯିବ ବୋଲି ସେ ଆସି ଆଜି ଏଠାରେ ପହଞ୍ଚିଛି ।

ଲା ସ୍ୟାଲ୍ ପଚାରିଲା, ''ବୋଧହୁଏ ସେସବୁ କିଛି ମୂଲ୍ୟବାନ୍ ଜିନିଷପତ୍ର ହେବ ? ନନ୍‌ଡର୍ଫ କ'ଣ ସେସବୁ ଫେରାଇବ ? ମତେ କାହିଁକି ବିଶ୍ୱାସ ଲାଗୁନି ।''

ଯୁବକ ମୁଣ୍ଡହଲାଇ କହିଲା, ''ମୂଲ୍ୟବାନ୍ ମୋ ପାଖରେ; କିନ୍ତୁ ଅନ୍ୟ ପାଖରେ ସେ ସବୁ ମୂଲ୍ୟହୀନ । ଜିନିଷ କିଛି ନୁହେଁ ମ; ମାତ୍ର କେତେଖଣ୍ଡ କାଗଜ, କେତୋଟି ଦଲିଲ । ନନ୍‌ଡର୍ଫର ସେଗୁଡ଼ାକ କ'ଣ ହେବ ? ସେ ଦେଇଦେବ ।''

ଲା ସ୍ୟାଲ୍ ପଚାରିଲା, ''ଦଲିଲଗୁଡ଼ାକ ତ ମାମୁଙ୍କ ପାଖରେ ରଖିଦେଇ ଆସିଥିଲେ ଭଲ ହୋଇଥାନ୍ତା; ସେଗୁଡ଼ାକ ସାଙ୍ଗରେ ନେଇ ଯୁଦ୍ଧକୁ କାହିଁକି ଆସିଥିଲେ ?''

''ହୋଇଥାନ୍ତା, କିନ୍ତୁ ମୁଁ ଉଚିତ ମନେକଲିନାହିଁ । ସେସବୁ ଏପରି ଦଲିଲ ଯେ କୌଣସି ଆତ୍ମୀୟଙ୍କୁ ବି ଦେଇହେବନାହିଁ । ବଞ୍ଚିବାର ଆଶା ଛାଡ଼ିଦେଇଥିବାରୁ ହିଁ ଅପରିଚିତ ନନ୍‌ଡର୍ଫକୁ ଦେଇ ଦେଇଥିଲି । ବର୍ତ୍ତମାନ ଅନୁଭବ କରୁଛି, ମରିଯାଇଥିଲେ ବରଂ ସେଗୁଡ଼ାକ ମୋ ସହିତ କବରକୁ ଯାଇଥାନ୍ତା, ଅନ୍ୟକୁ ଦେଇ ଭୁଲ କରିଛି ।

ସେଗୁଡ଼ିକ କି ଦଲିଲ ବୋଲି ପଚାରିବାକୁ ଲା ସ୍ୟାଲ୍‌ର ସାହସ ହେଲାନାହିଁ । ଭାବିଲା, ପଚାରିବା ଅନଧିକାର ଚର୍ଚ୍ଚା ହେବ । ଯାହାହେଉ ଏପରି କଥାବାର୍ତ୍ତା ହୋଇ ଚାଲୁ ଚାଲୁ ଦିହେଁ ଆସି ମାର୍ସ ଟାୱାରରେ ପହଞ୍ଚିଗଲେ । ଗଭର୍ଣ୍ଣରଙ୍କ ସହିତ ଦେଖାକରିବାକୁ ଚାହିଁବାରୁ ଜଣେ ଜେଲର୍ ଆସି ଜେରା କରି ବସିଲେ, ''ନନ୍‌ଡର୍ଫ ସହିତ ଆପଣଙ୍କର କାମ କ'ଣ ?''

ଯୁବକ କହିଲା, ''ତାଙ୍କ ପାଖରେ ମୋର କେତେଖଣ୍ଡ ଦରକାରୀ କାଗଜପତ୍ର ରହିଯାଇଛି, ସେତକ ମାଗି ନେଇଥାନ୍ତି ।''

''କି କାଗଜପତ୍ର ?''

''କେତେ ଖଣ୍ଡ ଦଲିଲ, କିଛି ଚିଠିପତ୍ର ।''

Digitized by srujanika@gmail.com

"କି ଦଲିଲ ? କି ପ୍ରକାର ଚିଠିପତ୍ର ? ଆପଣ ସେସବୁର ପୂର୍ଣ୍ଣ ବିବରଣୀ ଦେଇ ଦରଖାସ୍ତ କରନ୍ତୁ । ଗଭର୍ଣ୍ଣରଙ୍କ ପାଖରେ ଦରଖାସ୍ତ ପେଶ୍ କରାଯିବ । ସେ ସବୁ ପଢ଼ି ଯଦି ସେ ଉଚିତ ମନେକରିବେ ତେବେ କଏଦୀ ସହିତ ଦେଖାକରିବାକୁ ଅନୁମତି ଦେବା ବିଷୟ ବିଚାର କରାଯିବ । ଆପଣ ଯଦି କାଗଜପତ୍ରର ସନ୍ତୋଷଜନକ ବିବରଣୀ ନଦିଅନ୍ତି, ତେବେ ଆପଣଙ୍କ ଦରଖାସ୍ତ ଗଭର୍ଣ୍ଣରଙ୍କ ପାଖକୁ ବି ପଠାଯିବନାହିଁ ।"

ଯୁବକ ଯୁକ୍ତି ଆରମ୍ଭ କଲା, "ସେଗୁଡ଼ାକ ମୋର ଅତି ବ୍ୟକ୍ତିଗତ କାଗଜ; ପୂର୍ଣ୍ଣ ବିବରଣୀ ତ ଦେଇହେବନାହିଁ । କେତୋଟି କାଗଜ ତ ଅତି ଗୋପନୀୟ । ବୋଧହୁଏ କାହାର ବ୍ୟକ୍ତିଗତ ଗୁପ୍ତକଥା ଜାଣିବାକୁ ଆଇନ ଅଡ଼ିବସିବନାହିଁ ।"

"ଆଗେ ଅଡ଼ି ବସୁନଥିଲା; କିନ୍ତୁ ଆଜିକାଲି ଆଇନ୍ ବଦଳିଗଲାଣି । ସହଜେ ତ ଆପଣ ବିଦେଶୀ ।" ଜେଲର୍ ଯେପରି ଭାବରେ କଥାଟି କହିଲେ, ସେଥିରୁ ମନେହେଲା, ବିଦେଶୀମାନଙ୍କୁ ସେ ଗୁପ୍ତଚର ବୋଲିହିଁ ଧରିନିଅନ୍ତି । ତଥାପି ଯୁବକ ଜିଦ୍ ଛାଡ଼ିଲା ନାହିଁ– "ମୋ କାଗଜପତ୍ର, ମତେ ଦେବାକୁ ମନାକରୁଛନ୍ତି କାହିଁକି ? ଈଶ୍ୱରଙ୍କୁ ସାକ୍ଷୀ ରଖି କହୁଛି ସେ କାଗଜପତ୍ର କେବଳ ମୋ ବ୍ୟତୀତ ଅନ୍ୟ କାହାର କୌଣସି କାମରେ ଲାଗିବନାହିଁ । ଅନ୍ୟ ପାଖରେ ସେସବୁ ଛିଣ୍ଡା ରଦି କାଗଜ ଅଥଚ ମୋ ପାଖରେ ସେସବୁ ଅତି ମୂଲ୍ୟବାନ୍; ବିଶ୍ୱାସ କରନ୍ତୁ ।"

ଜେଲର୍ ସହିଷ୍ଣୁତା ଦେଖାଇ ବୁଝାଇଦେଲେ, "ଆପଣଙ୍କର ବୟସ ହେଲାଣି; ନିଶ୍ଚୟ ବୁଝିପାରୁଥିବେ । ଆମେ ଏଠାରେ ଆଇନକୁ ମାନିବାକୁ ବାଧ୍ୟ । ବିଶଦ ବିବରଣୀ ନଦେଲେ ପାଦଟିଏ ବି ଆଗକୁ ଯାଇହେବନାହିଁ ।"

ଏତିକିରେ ସାକ୍ଷାତ୍କାର ଶେଷ । ଜେଲର୍ ତାଙ୍କ କାମରେ ଚାଲିଗଲେ । ଲା ସ୍ୟାଲ୍ ଯୁବକକୁ ନେଇ ବାହାରକୁ ଚାଲିଆସିଲା । ପଚାରିଲା, "ଏଥର କ'ଣ କରିବେ ?"

"ଏ ପାଖରେ ନଦୀ ଅଛି ?"

"କାହିଁକି ?"

"ନଈରେ ବୁଡ଼ି ଆତ୍ମହତ୍ୟା କରି ମରିଯିବି ।" ଯୁବକ କହିଲା ।

ଲା ସ୍ୟାଲ୍ ଟିକିଏ ରସିକତା କରି କହିଲା, "ନଈ ଥାଇପାରେ; କିନ୍ତୁ ଆପଣ ବୁଡ଼ି ମରିପାରିବେନାହିଁ ।"

"କାହିଁକି ପାରିବିନାହିଁ ? ମୋର ଯଦି ଜୀବନ ଧରିବାର ପ୍ରୟୋଜନ ନାହିଁ, ବୁଡ଼ି ମରିବାକୁ ଡରିବି କାହିଁକି ? ବୁଡ଼ି ମଲେ ବାଧାଦେବ କିଏ ?" – ଯୁବକ କଣ୍ଠରେ ଦୃଢ଼ତା ଫୁଟିଉଠିଲା ।

"ବାବୁ, ବାଧାଦେବାକୁ ଲୋକ ଅଭାବ ହେବେନାହିଁ । ମୁଁ ଜାଣେ ପ୍ରବଳ ଝଡ଼ ତୋଫାନ ଭିତରେ ଯେତେବେଳେ ହ୍ରଦରେ ବିରାଟ ବିରାଟ ଲହଡ଼ି ଉଠୁଥିଲା, ସେତେବେଳେ ପାଣିରେ ବୁଡ଼ି ଉବୁଟୁବୁ ହେଉଥିବା ଲୋକକୁ ମଧ୍ୟ ଉଦ୍ଧାର କରିବାପାଇଁ

Digitized by srujanika@gmail.com

ଲୋକ ଅଭାବ ନଥିଲେ ।'' – ଅନ୍ଧାରରେ ଟିକିଏ ବାଡ଼ି ବୁଲାଇଦେଲା ଲା ସ୍ୟାଲ୍ । ସେ ବାଡ଼ି ଠିକ୍ ସ୍ଥାନରେ ବାଜିଲା କି ନା ଜଣାପଡ଼ିଲାନାହିଁ । କିନ୍ତୁ ଯୁବକ ଅବାକ୍ ହୋଇ ଲା ସ୍ୟାଲ୍ ମୁହଁକୁ ଚାହିଁରହିଲା । ଏ ଅପରିଚିତ ଲୋକଟାର ଏପ୍ରକାର ମନ୍ତବ୍ୟ ପଛରେ କି ଉଦ୍ଦେଶ୍ୟ ରହିଛି ବୋଲି ସେ ଜାଣିବାକୁ ଚେଷ୍ଟାକଲା । କିନ୍ତୁ ସେ ଉଦ୍ଦେଶ୍ୟ ସେ ଜାଣିପାରିଲା କି ନା, ଲା ସ୍ୟାଲ୍ ବୁଝିପାରିଲାନାହିଁ ।

ଶେଷରେ ଯୁବକ ସମ୍ପୂର୍ଣ୍ଣ ଏକ ଭିନ୍ନ ପ୍ରସଙ୍ଗ ଆରମ୍ଭ କଲା, ''ମୁଁ ଆଜି ସକାଳେ ଆସି ଏ ସହରରେ ପହଞ୍ଚିଲି । ସଙ୍ଗେ ସଙ୍ଗେ ନନ୍‌ତର୍ଫ ଘରକୁ ଗଲି । ସେଠାରୁ ଖବର ପାଇ ଧାଇଁଆସିଲି ଅଦାଲତକୁ । ଅଦାଲତରୁ ବାହାରି ତ ହେଇଟି ଆପଣଙ୍କ ସହିତ ଏଠିକି ଆସିଛି ! କେଉଁଠି ରହିବି, ଏପର୍ଯ୍ୟନ୍ତ ଠିକ୍ କରିପାରିନାହିଁ । ଆପଣ ଯଦି ମୋ ଭଳି ଗରିବ ଲୋକ ଦୁଇ ଚାରି ଦିନ ରହିଯିବା ଭଳି ଖଣ୍ଡିଏ ଜାଗା ବୁଝିଦିଅନ୍ତେ, ମୁଁ ବଡ଼ ଉପକୃତ ହୁଅନ୍ତି ।''

ଲା ସ୍ୟାଲ୍‌ର ମନ ଆନନ୍ଦରେ ନାଚିଉଠିଲା । କହିଲା, ''ମୋ ନିଜର ଛୋଟ ହୋଟେଲ ଖଣ୍ଡିଏ ଅଛି । ସବୁପ୍ରକାର ଲୋକ ଚଳିବାପାଇଁ ସେଠାରେ ସୁବିଧା ଅଛି । ଆପଣ ଯେତେ କମ୍ ଭଡ଼ା ଦିଅନ୍ତୁ, ତାକୁ ଚାହିଁ ମୁଁ ଘର ବଖରାଏ ଯୋଗାଇଦେଇପାରିବି । ମୋ ସହିତ ଆସନ୍ତୁ । ଈଶ୍ୱରଙ୍କର ଇଚ୍ଛାନୁହେଁ ଯେ ଆମେ ଏତେ ଶୀଘ୍ର ଛାଡ଼ବାଡ଼ ହୋଇଯାଉ । ଦେଖନ୍ତୁ ଏପର୍ଯ୍ୟନ୍ତ ମୁଁ ଆପଣଙ୍କୁ ମୋ ନାଆଁଟି କହିନାହିଁ; ମୋ ନାଆଁ ହେଉଛି ଫ୍ଲୋରେନ୍ସ ଲା ସ୍ୟାଲ୍ ।''

ଏହା ଫଳରେ ଯୁବକକୁ ବି ନିଜର ନାମ କହିବାକୁ ପଡ଼ିଲା, ''ମୋ ନାଁ ଚାର୍ଲସ୍ ଡେସ୍‌ଲିସ୍ ପେରିନ୍ ।''

ହୋଟେଲରେ ପହଞ୍ଚୁ ପହଞ୍ଚୁ ଲା ସ୍ୟାଲ୍ ପେରିନ୍‌କୁ ବୈଠକଖାନାରେ ବସାଇଦେଇ କହିଲା, ''ଟିକିଏ ବସନ୍ତୁ; ଆପଣଙ୍କୁ କେଉଁ କୋଠରିଟି ଦେଇହେବ, ମୁଁ ଯାଇ ଟିକିଏ ଦେଖିଆସେ ।''

ପେରିନ୍ ବସିଲା । ପନ୍ଦର କୋଡ଼ିଏ ମିନିଟ୍ ପରେ ଲା ସ୍ୟାଲ୍ ଆସି କହିଲା, ''ଆସନ୍ତୁ, ଆପଣଙ୍କର ସେ କୋଠରିଟି ଚଳିବ କି ନାହିଁ ଦେଖିବେ ।''

ଉଠୁ ଉଠୁ ପେରିନ୍ କହିଲା, ''ନଚଳିବା ପ୍ରଶ୍ନ ଆସିଲା କେଉଁଠୁ ? ଚାରି କାନ୍ଥ ଉପରେ ଚାଳିଆ ଖଣ୍ଡେ ହେଲେ ବି ଚଳିବ ।''

ଲା ସ୍ୟାଲ୍ ତାକୁ ନେଇ ଯେଉଁ କୋଠରିଟି ଦେଖାଇଲା, ସେଥିରେ ଯେ କେବଳ ଚାରିଟି କାନ୍ଥ ଥିଲା ତାହା ନୁହେଁ; ଦୁଆର ଝରକା ସାଙ୍ଗକୁ ସେ କୋଠରିରେ କିଛି ଆସବାବପତ୍ର ମଧ୍ୟ ରହିଥିଲା । ଏପରିକି କାନ୍ଥରେ ଛୋଟ ଦର୍ପଣଟିଏ ମଧ୍ୟ ଝୁଲୁଥିଲା । ଭିତରେ ପଶୁ ପଶୁ ପେରିନ୍ କହିଲା, ''ମୁଁ ତ ଏତେ କଥା ଆଶା କରି ନଥିଲି । କିନ୍ତୁ ଭଡ଼ା କ'ଣ ପଡ଼ିବ ?''

Digitized by srujanika@gmail.com

''ଯାହା ଦେଲେ ବି ଚଳିବ। ବର୍ତ୍ତମାନ ଆପଣ ବସନ୍ତୁ; ଖରାବେଳେ କିଛି ଖାଇନାହାନ୍ତି । ଲଞ୍ଜ୍‌ର କିଛି ବଳିଛି କି ନାହିଁ ମୁଁ ଦେଖେ ।'' – କହୁ କହୁ ଘରର କବାଟ ଆଉଜାଇଦେଇ ଲା ସ୍ୟାଲ୍ ଚାଲିଗଲା ।

ପେରିନ୍ ଏକୁଟିଆ ବସିରହିଲା । ଏ ଅବସ୍ଥାରେ ମଣିଷ କରେ କ'ଣ ? ସ୍ୱଭାବତଃ ମୁହଁଟାକୁ ଟିକିଏ ଦର୍ପଣରେ ଦେଖିନିଏ । ଦର୍ପଣ ଆଗରେ ଠିଆହୋଇ ନିଜର ମୁହଁ ଦେଖୁ ଦେଖୁ ତା'ର ଦୃଷ୍ଟି ପଡ଼ିଗଲା ଦର୍ପଣ ପାଖରେ ଟଙ୍ଗା ହୋଇଥିବା ଖଣ୍ଡିଏ ପେନ୍‌ସିଲ୍ ଚିତ୍ର ଉପରେ । ଦର୍ପଣରେ ଦେଖାଯାଉଥିବା ନିଜ ମୁହଁର ପ୍ରତିବିମ୍ବ ସହିତ ବାହାରେ ଝୁଲୁଥିବା ପେନ୍‌ସିଲ୍ ଚିତ୍ରର ଏତେ ସାମଞ୍ଜସ୍ୟ ରହିଥାଏ ଯେ ତାହା ଦେଖି ପେରିନ୍ ବିସ୍ମିତ ହୋଇଗଲା । ଘରର ଚଉକିଟି ଟାଣିନେଇ ସେ ଦର୍ପଣ ଆଗରେ ବସି ବାରମ୍ବାର ଚାହିଁବାକୁ ଲାଗିଲା ପ୍ରତିବିମ୍ବ ଓ ଚିତ୍ରକୁ । ପ୍ରତିବିମ୍ବରେ ଯୁବକର ମୁହଁ । ପେନ୍‌ସିଲ ଚିତ୍ରରେ ବାଳକର ମୁହଁ । ତଥାପି ଏତେ ସାମଞ୍ଜସ୍ୟ ! ଏତେ ସାଦୃଶ୍ୟ ସେ ଦୁଇଟି ମୁହଁ ମଧ୍ୟରେ !!

## ନଅ : ଅତୀତର ସାକ୍ଷୀ

କିଛିଦିନ ପରେ ଦେଖାଗଲା ଲା ସ୍ୟାଲ୍ ଆସି ପହଞ୍ଚିଯାଇଛି ଦକ୍ଷିଣ ସ୍ୱୀଜରଲାଣ୍ଡର ପାସାଭାଁ ଗ୍ରାମରେ । ସାଥିରେ ଆସିଛି ଯୁବକ ପେରିନ୍ । ଲା ସ୍ୟାଲ୍ ସହିତ ପେରିନ୍ ଆସିନାହିଁ, ବରଂ ପେରିନ୍ ସହିତ ଲା ସ୍ୟାଲ୍ ଆସିଛି ବୋଲି କହିବା ଠିକ୍ ହେବ । କାରଣ ଲା ସ୍ୟାଲ୍ ପେରିନ୍‌କୁ ଛାଡ଼ିବାକୁ ନାରାଜ । ସେଥିପାଇଁ ହୋଟେଲର ଦାୟିତ୍ୱ ଜଣେ କର୍ମଚାରୀ ହାତରେ ଅନିର୍ଦ୍ଦିଷ୍ଟ କାଳପାଇଁ ଛାଡ଼ିଦେଇ ସେ ପେରିନ୍ ସହିତ ଚାଲିଆସିଛି । ଫରାସୀ ସିଂହାସନରୁ ଅଯୋଗ୍ୟ ଅଷ୍ଟାଦଶ ଲୁଇଙ୍କୁ ହଟାଇଦେଇ ତାଙ୍କ ସ୍ଥାନରେ ସପ୍ତଦଶ ଲୁଇଙ୍କୁ– ଅସଲି ନହେଲେ ଅନ୍ତତଃ ନକଲି ସପ୍ତଦଶ ଲୁଇଙ୍କୁ ବସାଇଦେବାହିଁ ଏ ଆଗମନର ପ୍ରକୃତ ଉଦ୍ଦେଶ୍ୟ ।

ଲା ସ୍ୟାଲ୍‌ର ଚଉଦଣା ବିଶ୍ୱାସ ଯେ ତା' ଉଦ୍ଦେଶ୍ୟ ସଫଳ ହେବ । ଜୁଆଡ଼ି ଲୋକ, ତେଣୁ ଅବଶିଷ୍ଟତା ଛାଡ଼ିଦେଇଛି ଭାଗ୍ୟ ଉପରେ । ଏ କାମରେ କେବଳ ଯେ ତା'ର ଭାଗ୍ୟ ଜଡ଼ିତ ତା' ନୁହେଁ; ଏହା ସହିତ ଯୁବକ ପେରିନ୍‌ର ଭାଗ୍ୟ ମଧ୍ୟ ଜଡ଼ିତ । ଜଡ଼ିତ ସମସ୍ତ ଫରାସୀ ଜାତିଟାର ଭାଗ୍ୟ । ଭାଗ୍ୟ କ'ଣ ଏକାଥରକେ ଏ ସମସ୍ତଙ୍କ ପ୍ରତି ଅପ୍ରସନ୍ନ ହୋଇଯିବ ? ତେଣୁ ସାଫଲ୍ୟର ବିଶ୍ୱାସ ନେଇ ନିଜର ବ୍ୟବସାୟ ଧନ୍ଦା ଛାଡ଼ିଦେଇ ସେ ଚାଲିଆସିଛି ଯୁବକ ପେରିନ୍ ସହିତ ।

ସମସ୍ତ ବିଷୟଟି ପେରିନ୍‌କୁ ବୁଝାଇଦେବା କଷ୍ଟକର ହୋଇନାହିଁ । ଚେହେରାରେ ଯେଉଁ ସାଦୃଶ୍ୟ ଅଛି, ତାହା ସମସ୍ତଙ୍କ ଦୃଷ୍ଟିରେ ପଡ଼ିବ । ଯେଉଁତକରେ ଅସାଦୃଶ୍ୟ

Digitized by srujanika@gmail.com

ରହିଛି– ଧର ନାକ; ଡଫିନ୍‌ର ନାକ ଟିକିଏ ଚଉଡ଼ା ଓ ଛୋଟ ଥିଲା ଅଥଚ ପେରିନ୍‌ର ନାକ ଖଣ୍ଡାଭଳି ଲମ୍ବା । ସେସବୁର ବୈଜ୍ଞାନିକ କାରଣ ବୁଝାଇ ଦିଆଯିବ । ଆଉ କାନ । କାନ ବିଷୟରେ ବିଚାର କରିବାର କିଛିନାହିଁ । ଅସମାନ କାନ ଦୁଇଟାକୁ ତ ଘୋଡ଼ାଇ ରଖିବାକୁ ପିଲାଟିଦିନୁ ଡଫିନ୍‌ର ଲମ୍ବାବାଳ ରଖାଯାଇଥିଲା । ପେରିନ୍‌ର ଲମ୍ବାବାଳ ତଳେ ଲୁଚିରହିଥିବା କାନଦୁଇଟା ବି ଯେ ଅସମାନ ହୋଇଥିବ, ସେ ଆଶା ନିଜେ ଲା ସ୍ୟାଲ୍ କରିନାହିଁ । ଅନ୍ୟମାନେ ଏତେ ଭିତିରି କଥା ଜାଣିନଥିବେ କି ଲକ୍ଷ୍ୟ କରିନଥିବେ । ଯଦି ବା କିଏ ଲକ୍ଷ୍ୟ କରିଥିବ, ରାଜପଦପାଇଁ ଦାବି କରୁଥିବା ଲୋକର ମୁଣ୍ଡବାଳ ଟେକି ନାକ ମାପିବାକୁ ଯେ ସେ ଆସ୍ପର୍ଦ୍ଧା କରିପାରିବ, ସେପରି କଥା ଲା ସ୍ୟାଲ୍ କଳ୍ପନାହିଁ କରିପାରିନାହିଁ । ତେଣୁ ସେ ବିଷୟରେ ସେ ନିଶ୍ଚିନ୍ତ ।

ତେଣୁ ପେରିନ୍‌କୁ ବୁଝାଇବାରେ କୌଣସିପ୍ରକାର ଅସୁବିଧା ହୋଇନାହିଁ । ଜାଲ୍ ମଣିଷ ହେବାରେ ଅସୁବିଧା କ'ଣ ଯେ ? ଧରାପଡ଼ିଲେ ଖସି ପଳାଇବାକୁ ପଡ଼ିବ, ଖସିଯାଇ ନପାରିଲେ ମୃତ୍ୟୁ । ମୃତ୍ୟୁକୁ ଯେ ଡରୁଥିଲା, ସେ ପୁଣି ଯୁଦ୍ଧରେ ମିଶିଥିଲା କିପରି ? ନିଜର ଭାଗ୍ୟ ଗଢ଼ିବାକୁହିଁ ତ ଯୁଦ୍ଧବିଦ୍ୟା ସେ ଶିଖିବାକୁ ଯାଇଥିଲା ? ସେହି ଭାଗ୍ୟ ଗଢ଼ିବାକୁହିଁ ବର୍ତ୍ତମାନ ଜାଲ୍ ସପ୍ତଦଶ ଲୁଇ ସାଜିବାକୁ ପଡ଼ିବ । ଧରାନପଡ଼ିଲେ ଫରାସୀ ସିଂହାସନର ଅଧୀଶ୍ୱର । ଧରାପଡ଼ିଗଲେ, ମିଛ ବୋଲି ପ୍ରମାଣିତ ହୋଇଗଲେ ଗିଲୋଟିନ୍ । ପେରିନ୍ ସେଥିକି ରାଜି । ତଥାପି ମଝିରେ ମଝିରେ ତା' ମୁହଁରୁ ବାହାରିପଡୁଛି, ନନ୍‌ଡର୍ଫ ପାଖରୁ ଯେତେବେଳେ କାଗଜପତ୍ରତକ ଆଣିପାରିଲିନାହିଁ, ଏହାଛଡ଼ା ଆଉ ଉପାୟ କ'ଣ ?''

ଏତେ ଘନିଷ୍ଠତା ଜମିଲା; ତଥାପି ଏ କାଜଗପତ୍ର ଯେ କି କାଗଜପତ୍ର, ସେ ବିଷୟ ବୁଝିପାରିଲାନାହିଁ ଲା ସ୍ୟାଲ୍ । ପେରିନ୍‌କୁ ପଚାରିଲେ ସେ ଗମ୍ଭୀର ହୋଇ ବସିପଡ଼େ । କୌଣସି ଉତ୍ତର ନଦେଇ ଦୀର୍ଘନିଃଶ୍ୱାସ ମାରି ଉଠି ପଳାଏ । ସେଗୁଡ଼ିକ ଯେକୌଣସି କାଗଜ ହୋଇଥାଉ ନା କାହିଁକି, ରାଜସିଂହାସନରେ ବସି ରାଜା ଅଭିନୟ କରିବା ସହିତ ସେଗୁଡ଼ିକର ଯେ କି ସମ୍ପର୍କ, ଲା ସ୍ୟାଲ୍ ତାହା ଅନେକ ଭାବି ଭାବି ମଧ୍ୟ ସ୍ଥିର କରିପାରିଲାନାହିଁ ।

ଯେ ନାହାହେଉ, ସପ୍ତଦଶ ଲୁଇ ଭୂମିକାରେ ଅବତରଣ କରିବାଲାଗି ପେରିନ୍ ସ୍ୱୀକୃତ– ସେତିକି ଯଥେଷ୍ଟ । ବର୍ତ୍ତମାନ ଲା ସ୍ୟାଲ୍‌କୁ ସଙ୍ଗରେ ନେଇ ଯେରିନ୍ ପାସାଭାଁ ଚାଲିଆସିଛି । ଏଠାରେ ତା'ର ମାମୁ ଅଛନ୍ତି, ମାଇଁ ଅଛନ୍ତି; ଆଉ ଅଛି ମାମୁଙ୍କର ଏକମାତ୍ର ସନ୍ତାନ ଓ ଏକମାତ୍ର ଝିଅ ଜଷ୍ଟିନା । ଏହିମାନଙ୍କ ସହିତ ଦେଖା କରି, ଏହିମାନଙ୍କଠାରୁ ବିଦାୟ ନେଇ ସେ ଲା ସ୍ୟାଲ୍ ସହିତ ଫ୍ରାନ୍ସ ଚାଲିଯିବ । ଫ୍ରାନ୍ସରେ ସେ ସିଂହାସନ ପାଇବ କି ଗିଲୋଟିନ୍ ପାଇବ, ତାହା ଭବିତବ୍ୟହିଁ ଜାଣେ ।

ଲା ସ୍ୟାଲ୍ ଏଠାକୁ ଆସି ଦେଖୁଛି, ଏଠାରେ ଆକର୍ଷଣ ଫରାସୀ ସିଂହାସନର ଆକର୍ଷଣଠାରୁ କୌଣସି ଗୁଣରେ କମ୍‌ନୁହେଁ । ମାମୁଙ୍କର ସମ୍ପତ୍ତିବାଡ଼ି, ଘରଦ୍ୱାର, ଚାକର-

Digitized by srujanika@gmail.com

ଚାକରାଣୀ କୌଣସିଟିର ଅଭାବନାହିଁ । ଚାର୍ଲସ୍ ହେଉଛି ଅପୁତ୍ରିକ ମାମୁ ମାଇଁଙ୍କର ଆଦରର ଧନ । ଅନିନ୍ଦ୍ୟଯୌବନା ଜଷ୍ଟିନାର ହୃଦୟ-ଦେବତା । ଚାର୍ଲସ୍ ପ୍ରତି ତା'ର ଯେ କେତେ ଅନୁରାଗ, କେତେ ପ୍ରେମ; ତାହା ଘରେ ପଶୁ ପଶୁହିଁ ଲା ସ୍ୟାଲ୍ ପାଖରେ ସ୍ପଷ୍ଟ ହୋଇଗଲା । ଚାର୍ଲସ୍‌କୁ ଦେଖୁ ଦେଖୁ ଜଣେ ଦାସୀ ତ ପାଟି କରି ଡାକ ପକାଇଦେଲା, ''ଦିଦି, ଆଗୋ ଦିଦି, କିଏ ଆସିଲେଣି ଦେଖିଲଣି ? ଆଗୋ, ମାଷ୍ଟର ଚାର୍ଲସ୍ ଆସିଲେଣି ଗୋ !''

''କିଏ ? କିଏ ? କିଏ ?'' – କହି ପ୍ରଜାପତି ପରି ଉଡ଼ି ଉଡ଼ି ଧାଇଁଆସିଲା ଜଷ୍ଟିନା । ''ଚାର୍ଲି ! ଚାର୍ଲି !!'' କହି କହି ସେ ତାକୁ ପାଗଳିନୀ ପରି ଭିଡ଼ିଧରିଲା ବୁକୁ ଉପରେ । ମଣିଷ ଚରିତ୍ର ଚିହ୍ନିବାକୁ ଲା ସ୍ୟାଲ୍‌ର ତ ଆଉ ବାକି ନଥିଲା । ଏ ଘରେ ଚାର୍ଲସ୍ ପେରିନ୍‌କୁ ଯେ କେତେ ସ୍ନେହ, କେତେ ପ୍ରେମ, କେତେ ଆଶା-ଆକୁଳ ନୟନରେ ଚାହିଁରହିଛି, ଲା ସ୍ୟାଲ୍ ତାହା ଭଲଭାବରେ ବୁଝିଗଲା । ମାମୁଙ୍କର ପାସାଭାଁର ଜମିବାଡ଼ିର ଉତ୍ତାରାଧିକାରୀତ୍ୱ; ଗାଈଗୋରୁ, ଛେଳି, ମେଣ୍ଢା, କୁକୁଡ଼ା, ବତକ ଆଦି ହଜାର ହଜାର ଜୀବଙ୍କର ମାଲିକାନା, ପ୍ରାଚୀନ ଓ ନୂତନର ସମନ୍ୱୟରେ ଗଢ଼ିଉଠିଥିବା ଏହି କୋଠା ଘରଟିର ସମସ୍ତ ସୁଖ-ସମ୍ପଦର ଷୋଳଣା ଅଧିକାର ଚାର୍ଲସ୍‌ର ।

ଫରାସୀ ସିଂହାସନର ଏକ ସ୍ୱତନ୍ତ୍ର ଗୌରବ ରହିଛି ସତ କିନ୍ତୁ ଚାର୍ଲସ୍‌ପାଇଁ ଏ ଘରେ ସ୍ନେହ, ପ୍ରୀତି, ପ୍ରେମ ଅନୁରାଗର ଯେଉଁ ସ୍ୱର୍ଗ ରଚିତ ହୋଇ ରହିଛି, ତା' ତୁଳନାରେ ରାଜସିଂହାସନ ଆରୋହଣର ଗୌରବ ନିତାନ୍ତ ତୁଚ୍ଛ ହେବା କଥା ।

ତଥାପି ଚାର୍ଲସ୍ ପେରିନ୍ ଫ୍ରାନ୍ସ ଯିବାକୁ ଇଚ୍ଛୁକ । ବଡ଼ ଦୁର୍ବୋଧ ଏ ମଣିଷର ମନ ! ଭୂ-ସମ୍ପତ୍ତିର ଉତ୍ତରାଧିକାର, ମାମୁ ମାଇଁଙ୍କର ସ୍ନେହସୁଧାର ମାଧୁର୍ଯ୍ୟ, ସୁନ୍ଦରୀ ଜଷ୍ଟିନାର ପ୍ରେମବନ୍ଧନର ସ୍ୱର୍ଗୀୟ ସୌଭାଗ୍ୟ– ଏସବୁର ମୂଲ୍ୟ ଯେ ଚାର୍ଲସ୍ ବୁଝିନାହିଁ, ତା' ନୁହେଁ । ଏସବୁ ସ୍ୱତଃ ତା'ର ହୋଇଯାଉଛି । ସେ କେବଳ ଟିକିଏ ମୁଣ୍ଡ ଟୁଙ୍ଗାରିଦେଲେ ହେଲା । ମାମୁ ଏହି ମୁହୂର୍ତ୍ତରେ ତାକୁ ରାଜ୍ୟ ସହିତ ରାଜକନ୍ୟା ଅର୍ପଣ କରିଦେବାକୁ ପ୍ରସ୍ତୁତ । ସେହି ଲୋଭରେ ତ ଅପୁତ୍ରିକ ଶ୍ରୀଯୁକ୍ତ ପେରିନ୍ ଚାର୍ଲସ୍‌ର ପ୍ରକୃତ ନାମ ଚାର୍ଲସ୍ ଡେସିଲିସ୍ ସହିତ ଅନେକଦିନୁ ନିଜର ପେରିନ୍ ସଂଜ୍ଞାଟା ଯୋଡ଼ିଦେଇଛନ୍ତି; କିନ୍ତୁ ଚାର୍ଲସ୍ ଦ୍ୱିଧାଗ୍ରସ୍ତ । ତା' ପକ୍ଷରେ ଫରାସୀ ଦେଶର ଆକର୍ଷଣ ଦୁର୍ନିବାର । ତେଣୁ ସେ ମାମୁଙ୍କୁ, ଜଷ୍ଟିନାକୁ ମଧ୍ୟ ବାରମ୍ବାର ବୁଝାଇଦେବାରେ ବ୍ୟସ୍ତ– ''ପ୍ୟାରି ଯିବି ବୋଲି ଏ ଭଦ୍ରଲୋକଙ୍କୁ ମୁଁ କଥାଦେଇଛି । ସେଠାରେ ଗୋଟିଏ ଜରୁରୀ କାମ ରହିଛି । କଥା ଯେତେବେଳେ ଦେଇଛି, ନଯିବାଟା ଉଚିତ ହେବନାହିଁ । ଗଲେ ରହିଯିବିନାହିଁ, ନିଶ୍ଚୟ ଫେରି ଆସିବି ।''

ଜଷ୍ଟିନାର ଭୀଷଣ ଆପତ୍ତି । ଦୃଢ଼କଣ୍ଠରେ ଆପତ୍ତି କରୁଛି, ''କଥା ଦେଇଛ ? ମତେ ଯେଉଁ କଥା ଦେଇଛ, ତା'ର ବୋଧହୁଏ କିଛି ମୂଲ୍ୟନାହିଁ ? – ନା, ମୁଁ ତୁମକୁ ଯିବାକୁ ଦେବିନାହିଁ ।'' ଆପତ୍ତି ସହିତ ଅଳି ମଧ୍ୟ ।

Digitized by srujanika@gmail.com

ଚାର୍ଲସ୍ କିଛି କହିପାରୁନାହିଁ । ଶେଷରେ ମାମୁ ତାକୁ ସମର୍ଥନ କରି କହୁଛନ୍ତି, ‘‘ଚାର୍ଲସ୍ ଯାହା କହୁଛି, ସେଇଆ ହେବ । ମୁଁ ତାକୁ କୌଣସିଦିନ କୌଣସି କଥାରେ ବାଧା ଦେଇନାହିଁ; ଏବେ ବି ବାଧା ଦେବିନାହିଁ । ତୁମେସବୁ ବି ବାଧା ଦେବା ଠିକ୍ ହେବନାହିଁ । ଯଦି ପ୍ରଭୁଙ୍କର ଇଚ୍ଛା ଥିବ, ତେବେ ସେ ନିଶ୍ଚୟ ଫେରି ଆସିବ । ଆଉ ଯଦି ନଆସେ–’’ ବୁଢ଼ା ଆଉ ମନର କୋହକୁ ଚାପି ରଖିପାରୁ ନାହାନ୍ତି । ଆଖି ସଜଳ ହୋଇଯାଉଛି । କାନ୍ଦ କାନ୍ଦ ହୋଇ ସେ ବାକ୍ୟ ପୂର୍ଣ୍ଣ କରୁଛନ୍ତି, ‘‘ସେଇଟା ଆମ ଭାଗ୍ୟ ।’’

ଥରେ ନୁହେଁ । ଏପରି ଅନେକ ଥର ଚାଲିଲା । ପାସାଭାଁରୁ କେଉଁଦିନ ଯେ ବାହାରିବ, ଲା ସ୍ୟାଲ୍ ଠିକ୍ କରିପାରିଲାନାହିଁ । ପ୍ରତିଥର ଜଷ୍ଟିନାର କାନ୍ଦକଟା । ଫଳରେ ପ୍ରସ୍ତାବ ଆପାତତଃ ସ୍ଥଗିତ ରହେ । ଏ ଭିତରେ ଲା ସ୍ୟାଲ୍ ଲକ୍ଷ୍ୟ କଲାଣି, ଶ୍ରୀଯୁକ୍ତ ପେରିନ୍ ଭଣଜାକୁ କୌଣସି ସମୟରେ ବିରକ୍ତ ହୋଇ ପଦେ ହେଲେ କଥା କହୁନାହାନ୍ତି । ସବୁବେଳେ ଆଦର, ସବୁବେଳେ ସମ୍ମାନ । ତା’ ପାଖରେ ସେ ଅତିମାତ୍ରାରେ ନରମ । ଅନାଥ ଭଣଜାକୁ ସାଧାରଣ ମାମୁମାନେ ଯେଉଁ ଦୃଷ୍ଟିରେ ଦେଖନ୍ତି, ଏହା ତା’ ଅପେକ୍ଷା ସମ୍ପୂର୍ଣ୍ଣ ଭିନ୍ନ । ଶ୍ରୀଯୁକ୍ତ ପେରିନ୍ କହନ୍ତି, ‘‘ତୋ ଇଚ୍ଛା, ସେ ଯାହା କରିବ କରୁ; କେହି ତାକୁ ବାଧା ଦିଅନାହିଁ ।’’

ଲା ସ୍ୟାଲ୍ ଏହାର କାରଣ ଖୋଜି ପାଏନା । କେବଳ ଭାବେ, ହାୟ ବିଚରା ! ନିଜର ବୋଲି ତ ପୁଅ ନାହିଁ । ସେଇଥିପାଇଁ ବୋଧହୁଏ ଭଣଜା ପ୍ରତି ଏ ଅପାର ସ୍ନେହ; ଏ ଅମାପ ଆଦର ।

ଯାହାହେଉ, ଦିନେ ରାତିରେ ଲା ସ୍ୟାଲ୍ ଚାର୍ଲସ୍‌ର କୋଠରିରେ ପଶିଲା । ଅନ୍ୟ କେହି ନଥାନ୍ତି । ଦୀର୍ଘ ସମୟ ଆଲୋଚନା ପରେ କହିଲା, ‘‘କାଲି ନିଶ୍ଚୟ ବାହାରି-ପଡ଼ିବା ।’’ ନିମ୍ବ ପିତା ଖାଇବା ପରି ମୁହଁ କରି ଚାର୍ଲସ୍ କହିଲା, ‘‘ଠିକ୍ ଅଛି, କାଲି ବାହାରିପଡ଼ିବା ।’’ କିନ୍ତୁ ତା’ପରଦିନ ସକାଳେ ମତ ବଦଳିଗଲା, ‘‘କ’ଣ କରିବି ! ଜଷ୍ଟିନା ମତେ ଛାଡ଼ିବାକୁ ନାରାଜ । ଆଜି ଦିନକ ଯାଉ । କାଲିକି ନିଶ୍ଚୟ ବାହାରିପଡ଼ିବା । ସତ କହୁଛି–’’

ଶେଷରେ ଜଷ୍ଟିନାର ଆଖି ଲୁହ ଆଉ ଚାର୍ଲସ୍‌କୁ ବାନ୍ଧି ରଖିପାରିଲାନାହିଁ । ଲା ସ୍ୟାଲ୍‌କୁ ସଙ୍ଗରେ ନେଇ ଦିନେ ସେ ଫ୍ରାନ୍ସ ପଥରେ ବାହାରିପଡ଼ିଲା ।

ଶ୍ରୀଯୁକ୍ତ ପେରିନ୍‌ଙ୍କ ଗାଡ଼ିହିଁ ସେମାନଙ୍କୁ ଆଣି ଲେମାନ ହ୍ରଦ କୂଳରେ ପହଞ୍ଚାଇଦେଲା । ଡଙ୍ଗାରେ ବସି ହ୍ରଦ ପାର ହେଉଛନ୍ତି, ଲା ସ୍ୟାଲ୍ ଲକ୍ଷ୍ୟ କଲା ଚାର୍ଲସ୍ ବରାବର ତଳମୁହାଁ ହୋଇ ପାଣିକି ଚାହିଁଛି । ଅତଳ ଜଳ ଗର୍ଭରେ ସେ ଯେପରି କିଛି ଗୋଟିଏ ଜିନିଷ ଖୋଜୁଛି । କୌତୂହଳ ପ୍ରକାଶ କରି ଲା ସ୍ୟାଲ୍ ପଚାରିଲା, ‘‘କ’ଣ ଦେଖୁଛ ଚାର୍ଲି ?’’

ସେହି ପାଣିକି ଚାହିଁରହି ଚାର୍ଲସ୍ ଉତ୍ତରଦେଲା, ‘‘ଯେଉଁ ସପ୍ତଦଶ ଲୁଇଙ୍କ ଭୂମିକାରେ ଅଭିନୟ କରିବି ବୋଲି ମୁଁ ବାହାରିଛି, ସେ ଏ ହ୍ରଦ ଭିତରେ ଅଛନ୍ତି ନା ନାହିଁ ବୋଲି

Digitized by srujanika@gmail.com

ଦେଖୁଛି। ଅନ୍ତତଃ ତାଙ୍କ କଙ୍କାଳଟା ଯଦି ଥାଏ, ତେବେ ବି ତ ଦେଖିପାରିବି ! ସେଇଥିପାଇଁ ଚାହିଁ ରହିଛି.।''

ଇଏ କି ପ୍ରକାର ପାଗଳାମି, ବୁଝି ହେଲାନାହିଁ କିଛି ! ଲା ସ୍ୟାଲ୍ ବା କି ମନ୍ତବ୍ୟ ଦିଅନ୍ତା ! ଯାହାହେଉ ହ୍ରଦ ପାର ହୋଇ ଦିହେଁ ଆର କୂଳରେ ପହଞ୍ଚିଲେ। ଫରାସୀ ମାଟି ଉପରେ ପାଦ ପଡୁ ପଡୁ ଚାର୍ଲସ୍ ଏପରି ଆଚରଣ ଦେଖାଇଲା ଯେ ଲା ସ୍ୟାଲ୍‌ର ମନେହେଲା, ସେ ଏ ପଥ ସହିତ ସୁପରିଚିତ। ଦିହେଁ ଗାଡ଼ି କରିବା ଲାଗି ଚାଲିଛନ୍ତି, ଲା ସ୍ୟାଲ୍ ପଚାରିଲା, ''ତୁମେ କ'ଣ ଏହି ବାଟଦେଇ ଆଗରୁ କେବେ ଫ୍ରାନ୍ସ ଆସିଥିଲ ନା ?''

ଚାର୍ଲସ୍ ଲା ସ୍ୟାଲ୍ ମୁହଁକୁ ଚାହିଁଲା। ସତେ ଯେପରି ତା' ହୃଦୟରୁ ଏକ ସତ୍ୟ ଉଦ୍‌ବେଳିତ ହୋଇଉଠୁଛି। କହିଲା, ''ଜାତିସ୍ମର କହିଲେ କ'ଣ ବୁଝାଏ ଜାଣିଛ ? ମୋର ମନେହେଉଛି ପୂର୍ବ ଜନ୍ମରେ– ଯଦି ତୁମର ପୂର୍ବ ଜନ୍ମରେ ବିଶ୍ୱାସ ନଥିବ, ମୋର କହି ଲାଭନାହିଁ– ପୂର୍ବ ଜନ୍ମରେ ମୁଁ... ।''

ସପ୍ତାହକ ପରେ ଦେଖାଗଲା ଲା ସ୍ୟାଲ୍ ଓ ଚାର୍ଲସ୍ ଆସି କ୍ଲେରୀ ନଦୀ କୂଳରେ ପହଞ୍ଚିଛନ୍ତି। ନଦୀ କୂଳରେ ଫେରିଆର୍ସ ଗୋଟିଏ ବଡ଼ ଗାଆଁ। ଗାଆଁ ମୁଣ୍ଡରେ ଆବାକ୍ ଦ ଲିଲିକ୍ ବୋଲି ଗୋଟିଏ ଛୋଟ ହୋଟେଲ୍। ହୋଟେଲ୍‌ର ଦୁଇଟି କୋଠରି ଭଡ଼ା ନେଇଛନ୍ତି ଏ ଦିହେଁ।

ଦିନେ ଚାର୍ଲସ୍‌କୁ ହୋଟେଲରେ ବସାଇଦେଇ ଲା ସ୍ୟାଲ୍ ଚାଲିଗଲା ଡିଉକ୍ ଅଫ୍ ଅଟ୍ରାଣ୍ଟୋଙ୍କୁ ସାକ୍ଷାତ୍ କରିବାକୁ। ଏହି ଡିଉକ୍‌ଙ୍କ ସହାୟତାରେ କିଛି ଗୋଟିଏ ବଡ଼ କାମ କରିହେବ– ଏହି ଆଶା ଓ ବିଶ୍ୱାସ ନେଇହିଁ ଲା ସ୍ୟାଲ୍ ଫେରିଆର୍ସ ଆସିଛି।

କିଏ ଏହି ଡିଉକ୍ ଅଫ୍ ଅଟ୍ରାଣ୍ଟୋ ? କି ଆଶା ନେଇ ଲା ସ୍ୟାଲ୍ ଚାଲିଆସିଛି ଏଠାକୁ ? ଡିଉକ୍‌ଙ୍କର ଇତିହାସ ପର୍ଯ୍ୟାଲୋଚନା ନକଲେ ତାଙ୍କର ମହତ୍ତ୍ୱ ବୁଝିହେବ ନାହିଁ।

ଗତ କୋଡ଼ିଏ ବର୍ଷର ଘଟଣାପ୍ରବାହ ସହିତ ଡିଉକ୍ ଅଫ୍ ଅଟ୍ରାଣ୍ଟୋ ମଧ୍ୟ ଓତପ୍ରୋତଭାବରେ ଜଡ଼ିତ। କୋଡ଼ିଏ ବର୍ଷ ତଳେ ଏହି ମହାଶୟହିଁ ସିଟିଜେନ୍ ଫୋକେ ନାମରେ ପରିଚିତ ଥିଲେ। ବିପ୍ଳବୀ ସରକାର ଅମଳରେ ପ୍ରଥମେ ଏହି ଫୋକେହିଁ ଥିଲେ ଟାଲୋଁର କନ୍‌ସଲ୍। ସାରା ଦେଶରେ ସନ୍ତ୍ରାସର ରାଜତ୍ୱ ଖେଳାଇଦେଇ ଏକାଧିପତ୍ୟ କ୍ଷମତା ହସ୍ତଗତ କରିବାକୁ ଯେଉଁ ରୋବସ୍‌ପିୟର ଆସ୍ପର୍ଦ୍ଧା କରିଥିଲେ, ସେହି ରୋବସ୍‌ପିୟରଙ୍କୁ ଦାନବୀୟ କ୍ଷମତାରୁ ବିଚ୍ୟୁତ କରି ଗିଲୋଟିନ୍‌ରେ ମୁଣ୍ଡ ବଳିଦେବାକୁ ତାଙ୍କୁ ବାଧ୍ୟ କରିଥିଲେ ଏହି ଫୋକେ। ଏସବୁ ସେ କରିଥିଲେ ନିଜର ବିଚକ୍ଷଣ ବୁଦ୍ଧି ଓ ଚତୁର କୂଟନୀତି ବଳରେ। ବିପ୍ଳବୀ ସରକାର ଆସିବା ପୂର୍ବରୁ ଏ ଥିଲେ ମସିଆର ଫୋକେ, ପ୍ରଫେସର ଫୋକେ– ବିଶ୍ୱବିଦ୍ୟାଳୟର ଗଣିତ ଅଧ୍ୟାପକ ଫୋକେ। ହିସାବ ଓ ଦୂରଦୃଷ୍ଟିରେ ସେ କୌଣସି ଦିନ ଭୁଲ କରିନଥିଲେ– ଅଧ୍ୟାପକ ଜୀବନରେ ନୁହେଁ କି

Digitized by srujanika@gmail.com

ରାଜନୈତିକ ଜୀବନରେ ନୁହେଁ । ତେଣୁ ନେପୋଲିୟନ୍ ଯେତେବେଳେ ଏକ ନବୀନ ଅରୁଣ ରୂପରେ ଫ୍ରାନ୍ସର ଭାଗ୍ୟ ଆକାଶରେ ଉଦିତ ହେଲେ, ସେତେବେଳେ ଏହି ଫୋକେ ସେହି ନବାରୁଣରୁ ସ୍ୱାଗତିକା ଗାନ କରିଥିଲେ ସର୍ବପ୍ରଥମେ, ସବୁରିଠାରୁ ଅଧିକ ଉଚ୍ଚସ୍ୱରରେ । ବିପ୍ଲବୀ ସରକାରଙ୍କ ପ୍ରିୟ ନେତା ଫୋକେ ନେପୋଲିୟନ୍‌ଙ୍କର ମଧ ପ୍ରିୟପାତ୍ର ହୋଇଗଲେ । ବିପ୍ଲବୀ ସରକାରରେ ଫୋକେ ଥିଲେ ପୋଲିସ୍ ବିଭାଗର ଅଧକ୍ଷ । ଏହି ଫୋକେ ହିଁ ସେତେବେଳେ ଡଫିନ୍ ଓ ତା'ର ଅପହରଣକାରୀମାନଙ୍କୁ ଗିରଫ କରିବାଲାଗି ତତ୍ପର ହୋଇ ମାଡ଼ିଯାଇଥିଲେ ମ୍ୟୁଡନ୍ ପର୍ଯ୍ୟନ୍ତ । ଏ ହିଁ ପଳାତକମାନଙ୍କର ପଶ୍ଚାଦ୍ଧାବନ କରିବାକୁ ପଠାଇଦେଇଥିଲେ ନିଜର ବିଶ୍ୱସ୍ତ ସହକର୍ମୀ ଡେମାରେତ୍‌ଙ୍କୁ ।

ନେପୋଲିୟନ୍ ବି ଫୋକେଙ୍କ ହାତରେ ସମର୍ପିଦେଲେ ପୋଲିସ୍ ବିଭାଗ । ଏଥର ସେ ହୋଇଗଲେ ଫ୍ରାନ୍ସର ପୋଲିସ୍ ମନ୍ତ୍ରୀ । କେବଳ ପୋଲିସ କାହିଁକି, ବୈଦେଶିକ ବିଭାଗଟି ଛାଡ଼ିଦେଲେ ଅନ୍ୟ ସମସ୍ତ ବିଭାଗରେ ତାଙ୍କର ଆଧିପତ୍ୟ ସ୍ୱୀକାର କରାଗଲା । ନେପୋଲିୟନ୍‌ଙ୍କର ସୁଦକ୍ଷ ବୈଦେଶିକ ମନ୍ତ୍ରୀ ହୋଇ ରହିଥିଲେ ଟେଲିରାଣ୍ଡ । ସେତିକିବେଳେ ଏହି ବିଚକ୍ଷଣ ବୁଦ୍ଧି ଆଧାପକ-କୂଟନୀତିଜ୍ଞଙ୍କ କାର୍ଯ୍ୟକଳାପରେ ପରମ ସନ୍ତୋଷ ପ୍ରକାଶ କରି ଗୁଣଗ୍ରାହୀ ନେପୋଲିୟନ୍ ତାଙ୍କୁ ପ୍ରଦାନ କରିଥିଲେ ଡିଉକ ଅଫ୍ ଅଟ୍ରାଣ୍ଟୋର ଉପାଧି । ସେ ମହାବୀର ତ ଥିଲେ ଦୟାର ଅବତାର ! ଯାହା ଉପରେ ସେ ପ୍ରସନ୍ନ ହୋଇଯାଉଥିଲେ, ତାକୁ କରିଦେଉଥିଲେ ରାଜା ମହାରାଜାଙ୍କ ଅନୁରୂପ । ତେଣୁ ଫୋକେ ଲାଭ କରିଥିଲେ ପ୍ରଚୁର ଧନସମ୍ପଦ । ସ୍ଥାବର ଅସ୍ଥାବର କୌଣସି ସମ୍ପଦର ଅଭାବ ନଥିଲା ସେହିଦିନୁ । ନେପୋଲିୟନ୍ ଯେତେଦିନ ଥିଲେ, ଅଟ୍ରାଣ୍ଟୋଙ୍କ ପରି ବିଶ୍ୱସ୍ତଭକ୍ତ ଆଉ ଦ୍ୱିତୀୟ କେହି ନଥିଲେ । କିନ୍ତୁ ଯେତେବେଳେ ନେପୋଲିୟନ୍‌ଙ୍କର ସ୍ଥିତି ବଦଳିଗଲା, ସେତେବେଳେ ସେ ନିଜେ ଫ୍ରାନସ୍‌ରୁ ବିତାଡିତ ହୋଇଗଲେ ।

ସେତେବେଳେ ଅଟ୍ରାଣ୍ଟୋ ଚେଷ୍ଟାକଲେ ଦେଶରେ କୌଣସିପ୍ରକାରେ ଅରାଜକତା ପ୍ରବେଶ କରାଇ ନଦେବାକୁ । ସେ ଲାଗିପଡ଼ିଲେ ଇଂଲଣ୍ଡରେ ଆଶ୍ରୟ ନେଇଥିବା ଅଷ୍ଟାଦଶ ଲୁଇଙ୍କୁ ଫେରାଇ ଆଣିବାକୁ । ତାଙ୍କର ସେ ଚେଷ୍ଟା ଶେଷରେ ସଫଳ ହେଲା । ଅଷ୍ଟାଦଶ ଲୁଇ ଆସି ଫରାସୀ ସିଂହାସନରେ ଅଧିଷ୍ଠିତ ହେଲେ । ଫଳତଃ ଲୋକେ ଆଶା କରିଥିଲେ, ଆଉ ନିଜେ ଅଟ୍ରୋଣ୍ଟୋ ମଧ ପ୍ରତ୍ୟାଶା କରିଥିଲେ ନୂତନ ନରପତି ତାଙ୍କୁ ନିଶ୍ଚୟ ପ୍ରଧାନମନ୍ତ୍ରୀ ପଦରେ ସ୍ଥାପିତ କରିବେ ।

କିନ୍ତୁ ସେ ପ୍ରତ୍ୟାଶା ପାଣିଫାଟିଗଲା । ଯାହାଙ୍କୁ ସେ ଇଂଲଣ୍ଡର କଣ୍ଢେଇ ଦରବାରରୁ ଆଣି ଫ୍ରାନ୍ସର ପ୍ରକୃତ ଦରବାରର ଅଧିଶ୍ୱର କରାଇଥିଲେ, ଦେଖାଗଲା ସେ ଏକ ଅକାଳ-କୁଷ୍ମାଣ୍ଡ । ସେ ଅକାଳ-କୁଷ୍ମାଣ୍ଡ ମଣିଷ ଚିହ୍ନିବାକୁ ଅକ୍ଷମ । ତାଙ୍କର ପାଳବିଣ୍ଡା ମନ୍ତ୍ରୀ କୋପଲା ଓରଫ ଡିଉକ୍ ଅଫ୍ ବ୍ଲାକ୍‌ସଙ୍କୁହିଁ ସେ ଚିହ୍ନନ୍ତି । ତେଣୁ କୋପଲା ହେଲେ

Digitized by srujanika@gmail.com

ଫ୍ରାନ୍ସର ପ୍ରଧାନମନ୍ତ୍ରୀ । ଆଉ ଆଟ୍ରାଣ୍ଟୋ ? ଅଟ୍ରାଣ୍ଟୋଙ୍କୁ ମନ୍ତ୍ରୀ ସଭାରେ କୌଣସି ସ୍ଥାନ ମିଳିଲାନାହିଁ । କ୍ଷୋଭରେ, କ୍ରୋଧରେ ଜର୍ଜରିତ ହୋଇ ଅଟ୍ରାଣ୍ଟୋ ଚାଲିଗଲେ ଅକୃତଜ୍ଞ ଅଷ୍ଟାଦଶ ଲୁଇଙ୍କର ରାଜଧାନୀ ଛାଡ଼ି । ଚାଲିଗଲେ ତାଙ୍କର ବହୁ ପୂର୍ବରୁ ନିର୍ମିତ ପଲ୍ଲୀସ୍ୱର୍ଗ ଫେରିଆର୍ସକୁ ।

ସତରେ ଅଟ୍ରାଣ୍ଟୋଙ୍କର ଫେରିଆର୍ସରେ ଥିବା ପଲ୍ଲୀ ନିବାସଟି ଥିଲା ଗୋଟିଏ ସ୍ୱର୍ଗ ପରି । ଧନସମ୍ପଦ, ମାନସମ୍ମାନ, ସୁଖଶାନ୍ତି ଆନନ୍ଦଉତ୍ସବର କୌଣସି ଅଭାବ ନଥିଲା ସେଠାରେ । ସେତେବେଳକୁ ଅଟ୍ରାଣ୍ଟୋ ଯେ କେତେ କୋଟିର ଅଧିପତି, ତାହା ତାଙ୍କ ନିଜ ବ୍ୟତୀତ ଅନ୍ୟ କେହି କଳନା କରିପାରୁନଥିଲେ । କିନ୍ତୁ ତାଙ୍କର ମନୋବେଦନା ଯେ କେତେ ଗଭୀର, ତାହା କଳନା କରିସାରିଥିଲା ଲା ସ୍ୟାଲ୍ । ସୁଦୂର ପ୍ରୁସିଆରେ ରହି ମଧ୍ୟ ଫ୍ରାନ୍ସ ରାଜନୈତିକ ପରିସ୍ଥିତିର ସାମ୍ପ୍ରତିକ ପରିବର୍ତ୍ତନର ବହୁ ହିସାବକିତାବ ସେ ରଖିଥିଲା । ସେ ଜାଣେ ଅଟ୍ରାଣ୍ଟୋଙ୍କ ପରି ଲୋକର ଅସନ୍ତୋଷ ବା ସନ୍ତୋଷ ବେଶିଦିନ ଲୁଚି ରହିବନାହିଁ । ଅଷ୍ଟାଦଶ ଲୁଇଙ୍କୁ ସିଂହାସନଚ୍ୟୁତ କରିବାକୁ ସେ ବିଳମ୍ବ କରିବେନାହିଁ । ଅକାଳ-କୁଷ୍ମାଣ୍ଡ ଯେତେବେଳେ ସିଂହାସନରୁ ହଟିଯିବ, ସେତେବେଳେ ସିଂହାସନରେ ବସିବାକୁ ସପ୍ତଦଶ ଲୁଇଙ୍କ ଅପେକ୍ଷା ଅଧିକ ଯୋଗ୍ୟଲୋକ ଆସିବ କେଉଁଠୁ ? ତେଣୁ ସପ୍ତଦଶ ଲୁଇଙ୍କ ବିଷୟରେ ଲା ସ୍ୟାଲ୍ ଯେଉଁ ପ୍ରସ୍ତାବ ଦେବ, ସେଥିରେ ଅଟ୍ରାଣ୍ଟୋ ନିଶ୍ଚୟ ରାଜି ହେବେ ।

ହଁ, ପ୍ରକୃତ-ଅପକୃତ ପ୍ରଶ୍ନ ଉଠିପାରେ । କିନ୍ତୁ ଏ ଯେଉଁ ଚାଲର୍ସ, ଏ ଯୁବକ ପ୍ରକୃତ ସପ୍ତଦଶ ଲୁଇ ନା ଜାଲ୍, ସେ ପ୍ରଶ୍ନ ଅଟ୍ରାଣ୍ଟୋଙ୍କ ମନରେ କାହିଁକି ଉଠିବ ? ଡଫିନ୍ ସହିତ ଚାର୍ଲ୍ସର ତ ଅନେକ ସାଦୃଶ୍ୟ ରହିଛି । ଡଫିନ୍‌ର ଶୈଶବ କାଳର ସମସ୍ତ ଇତିହାସ ଗୋଟି ଗୋଟି କରି ଲା ସ୍ୟାଲ ଶିଖାଇ ଦେଇଛି ଚାର୍ଲ୍ସ୍‌କୁ । ସେଗୁଡ଼ାକ ସେ ଶୁଆପାଠୁଆ କରି ଘୋଷି ପକାଇଛି କହିଲେ ଚଳେ । ରାଜପରିବାରର ଯେଉଁମାନେ ଡଫିନ୍‌କୁ ଅତି ପିଲାଟି ଦିନରୁ ଘନିଷ୍ଠଭାବରେ ଜାଣିଥିଲେ, ସେମାନେ ସମସ୍ତେ ମରିହଜି ଗଲେଣି । ବଞ୍ଚିଛନ୍ତି କେବଳ ଜଣେ । ସେ ହେଉଛନ୍ତି ଡଫିନ୍‌ର ବଡ଼ଭଉଣୀ, ଷୋଡ଼ଶ ଲୁଇଙ୍କର ଝିଅ ମେରୀ ଥେରେସ । ବର୍ତ୍ତମାନ ତାଙ୍କୁ ଡକାଯାଉଛି ମାଡାମ୍ ରୟେଲ୍ ବୋଲି । ଡଫିନ୍ ପଳାଇଯିବା ପରେ ଆହୁରି ଅଧିକ କଡ଼ା ପ୍ରହରୀ ଜଗାଇ ତାଙ୍କୁ ଟେମ୍ପଲ୍‌ରେ ରଖାଯାଇଥିଲା । ତା'ପରେ ତାଙ୍କୁ ପଠାଇଦିଆଯାଇଥିଲା ଅଷ୍ଟ୍ରିଆ । ତାଙ୍କ ମାମୁ ଅଷ୍ଟିଆର ସମ୍ରାଟ୍, ସେତେବେଳକୁ ସେ ମରିଗଲେଣି । ମାମୁପୁଅ ଭାଇ ବସିଥାନ୍ତି ସିଂହାସନରେ । ସେ ଚେଷ୍ଟାକଲେ ତାଙ୍କ ସାନଭାଇଙ୍କ ସହିତ ମେରୀ ଥେରେସ୍‌ଙ୍କୁ ବିବାହ କରାଇଦେବେ, ଫଳରେ ଫରାସୀ ରାଜସିଂହାସନ ଉପରେ ଅଷ୍ଟ୍ରିଆ ରାଜବଂଶର ଗୋଟିଏ ଦାବି ରହିଯିବ; କିନ୍ତୁ ଅଡୁଆ କଲେ ଅଷ୍ଟିଆର ମାଡାମ୍ ରୟେଲ୍ । ତାଙ୍କ ଆଖିକୁ ମେରୀ ଥେରେସ୍ ସୁନ୍ଦରୀ ଦେଖାଗଲେନାହିଁ । ସେ ବିବାହ ପ୍ରସ୍ତାବରେ ରାଜିହୋଇପାରିଲେ ନାହିଁ । ତେଣୁ ମେରୀ

Digitized by srujanika@gmail.com

ଥେରେସ୍ ଆଉ ରାଜଧାନୀ ଭିଏନାରେ ବି ସୁଖରେ ରହିପାରିଲେନାହିଁ । ଶେଷରେ ଅନ୍ୟ ଉପାୟ ନଦେଖି ତାଙ୍କୁ ଇଂଲଣ୍ଡ ପଠାଇଦିଆଗଲା । ସେଠାରେ ସେ ନିଜ କକା ଅଷ୍ଟାଦଶ ଲୁଇଙ୍କ ପାଖରେ ରହିଲେ । ଫ୍ରାନ୍ସର ଭାଗ୍ୟ ବିପର୍ଯ୍ୟୟ ସହିତ ଯେତେବେଳେ ଅଷ୍ଟାଦଶ ଲୁଇଙ୍କର ଭାଗ୍ୟ ଉଦୟ ହେଲା, ସେତେବେଳେ ସେ ଫ୍ରାନ୍ସ ସିଂହାସନରେ ବସିବାର ସୁଯୋଗ ପାଇଲେ ଏବଂ ସେହି ସୁଯୋଗରେ ମେରୀ ଥେରେସ୍ ମଧ ନିଜ ବାପାଙ୍କ ନଅରକୁ ଚାଲିଆସିଲେ । ସେହିଦିନଠାରୁ ତାଙ୍କର ନୂଆ ଉପାଧି ହେଲା ମାଡାମ୍ ରୟେଲ । ବର୍ତ୍ତମାନ ଦରବାରରେ ତାଙ୍କର ପ୍ରତିପତ୍ତି ରହିଛି । କିନ୍ତୁ ତାଙ୍କ ସ୍ୱଭାବରେ କୋମଳତା ବୋଲି କିଛିନାହିଁ । ନିତାନ୍ତ ଦାମ୍ଭିକ । ଅତି ଏକଜିଦିଆ । ନହୁଅନ୍ତେ ବା କିପରି ? ଟେମ୍ପଲ୍ ଜେଲରେ ତାଙ୍କୁ ଯେଉଁ ଲାଞ୍ଛନା, ଯେଉଁ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଥିଲା, ସେସବୁର ତ ପୁଣି କିଛି ପ୍ରଭାବ ଦେଖାଯିବ ଚରିତ୍ରରେ !

ସେ ଯାହାହେଉ, ବର୍ତ୍ତମାନ ସେ ହିଁ ଏକମାତ୍ର ବ୍ୟକ୍ତି ଯେ ଡଫିନ୍ ବା ସପ୍ତଦଶ ଲୁଇଙ୍କୁ ଚିହ୍ନଟ କରିପାରିବେ । ସେ ହୁଏତ କହିପାରନ୍ତି ଯେ ଏ ଚାର୍ଲସ୍ ଲୋକଟା ପ୍ରକୃତ ସପ୍ତଦଶ ଲୁଇ ନୁହେଁ । ତାଙ୍କର ପ୍ରକୃତ ଭାଇ ନୁହେଁ । କିନ୍ତୁ ସେତେବେଳେ ଚାର୍ଲସ ପକ୍ଷରୁ କି ଯୁକ୍ତି କରାଯିବ ଲା ସ୍ୟାଲ ତାହା ଭାବିଚିନ୍ତି ରଖିଛି । ତାହା ଏକ ଅକାଟ୍ୟ ଯୁକ୍ତି । ଅଷ୍ଟାଦଶ ଲୁଇ ବୃଦ୍ଧପ୍ରାୟ ଏବଂ ଅପୁତ୍ରିକ । ତାଙ୍କ ମୃତ୍ୟୁ ପରେ କିପରି ଫରାସୀ ସିଂହାସନରେ ନିଜେ ବସିବେ, ମାଡାମ୍ ରୟେଲ୍ ଲୁଇଙ୍କୁ ଜାଲ୍ ବୋଲି ଘୋଷଣା କରିବାଟା ତାଙ୍କ ପକ୍ଷରେ ସ୍ୱାଭାବିକ । ସୁତରାଂ ମାଡାମ୍ ରୟେଲ୍‌ଙ୍କୁ ଭୟ କରିବାର କିଛିନାହିଁ ।

ଲା ସ୍ୟାଲ୍ ଅତି ବିଶ୍ୱସ୍ତତାର ସହିତ ଅଗ୍ରାଣ୍ଟୋଙ୍କ ଆଗରେ ସମସ୍ତ ପ୍ରସ୍ତାବଟି ଆଗତ କଲା । ଅଗ୍ରାଣ୍ଟୋ ଧୀରସ୍ଥିର ହୋଇ ସବୁ ଶୁଣିଲେ । କିଛି ସମୟ ଭାବିଲେ, ଦେଖିଲେ ଆହୁରି ଭାବିବାକୁ ପଡ଼ିବ । କହିଲେ, ''ଠିକ୍ ଅଛି, କାଲି ସକାଳେ ଆବାଜ ଦ ଲିଲିଜରେ ମୋର ଉତ୍ତର ପହଞ୍ଚିଯିବ ।'' ତା'ପରେ ଅଧରରେ ଟିକିଏ ମୃଦୁହସ ଖେଳାଇ ଦେଇ କହିଲେ, ''ଲିଲି ହେଉଛି ଫରାସୀ ରାଜାମାନଙ୍କର ରାଜସଙ୍କେତ । ସେହି ଲିଲିଫୁଲର ହୋଟେଲ୍‌ରେହିଁ ତୁମର ସାଥୀ ରହିଛନ୍ତି । ତାହା ଏକ ଶୁଭ ଲକ୍ଷଣ ।''

ତା ପରଦିନ ସକାଳ । ଲା ସ୍ୟାଲ୍ ଓ ଚାର୍ଲସ୍ ଜଳଖିଆ ଖାଇବାକୁ ଯାଉଛନ୍ତି, ଏକ ଚମକଦାର ଗାଡ଼ି ଆସି ହୋଟେଲ ଦୁଆର ମୁହଁରେ ଠିଆହୋଇଗଲା । ବିରାଟ ଘୋଡ଼ାଗାଡ଼ି । ସୁନ୍ଦର ପାଲିସ କରାଯାଇଥିବା କଳାକାଠ ଉପରେ ସୁନାର ଡାଳିଲତା । କବାଟରେ ଡିଉକ୍‌ଙ୍କର ସୁନାର ମୁକୁଟ ଚିହ୍ନ । ଯୋଚା ହୋଇଛନ୍ତି ଚାରିଟା ହୃଷ୍ଟପୁଷ୍ଟ ବିରାଟ କଳାଘୋଡ଼ା । ଲା ସ୍ୟାଲ୍ ଓ ଚାର୍ଲସ୍ ଚାହିଁଛନ୍ତି, ଝଲମଲିଆ ପୋଷାକ ପିନ୍ଧିଥିବା ଜଣେ ବାର୍ତ୍ତାବହ ଆସି ସସମ୍ଭ୍ରମ ପ୍ରଣାମ କରି ଲା ସ୍ୟାଲ୍ ହାତରେ ଖଣ୍ଡିଏ ପତ୍ର ଦେଇଦେଲା । ପତ୍ର ଉପରେ ମଧ ଡିଉକ୍ ଅଗ୍ରାଣ୍ଟୋଙ୍କର ମୁକୁଟ ମୋହର । ପତ୍ରବାହକ

Digitized by srujanika@gmail.com

ଦୂରରେ ଠିଆହୋଇ ଅପେକ୍ଷା କରିଥାଏ । ଲା ସ୍ୟାଲ୍ ପତ୍ର ଖୋଲି ପଢ଼ିବସିଲା । ଚାର୍ଲସ୍ ଚାହିଁରହିଲା ସେହି ପତ୍ର ପୃଷ୍ଠାକୁ–

'ବନ୍ଧୁ ବରେଷୁ,

ହୋଟେଲରେ ଆପଣଙ୍କର ସମ୍ମାନନୀୟ ବନ୍ଧୁଙ୍କର ଅସୁବିଧା ହେଉଥିବ । ତାଙ୍କୁ ଅତିଥିରୂପେ ପାଇଲେ ମୋର ବାସଭବନ ନିଜକୁ ଗୌରବାନ୍ୱିତ ମନେକରିବ ।

ଅଟ୍ରାଷ୍ଟୋ ପତ୍ରର ବିଷୟବସ୍ତୁ ଜାଣିଦେବା ପରେ ଚାର୍ଲସ୍‌ର ଭାବାନ୍ତର ଉପସ୍ଥିତ ହେଲା । ଥରେ ବାହାରେ ଅପେକ୍ଷା କରିଥିବା ଗାଡ଼ିକୁ ଚାହିଁଲା, ତା' ପରମୁହୂର୍ତ୍ତରେ ଚାହିଁଲା ନିଜର ସାଦାସିଧା ଦରିଦ୍ର ପୋଷାକକୁ । ଏ ପୋଷାକ ପିନ୍ଧି ଏପରି ଗାଡ଼ିରେ ଚଢ଼ିବା କି ହାସ୍ୟାସ୍ପଦ ନହେବ ସତେ ! ଚଢ଼ିବାବେଳେ ଅବଶ୍ୟ ବାହାର ଲୋକ ଦେଖିବେ-ନାହିଁ; କିନ୍ତୁ ଓହ୍ଲାଇବାବେଳେ ? ଡିଉକ୍‌ଙ୍କ ଘର ଲୋକେ କ'ଣ ନଭାବିବେ ସତେ ?

ଲା ସ୍ୟାଲ ଏହି ଭାବାନ୍ତର ଲକ୍ଷ୍ୟ କରି ଟିକିଏ ହସିଦେଲା । ପରମୁହୂର୍ତ୍ତରେ ଚାଲିଗଲା ନିଜର କୋଠରିକୁ । କିଛି ସମୟ ପରେ ଗୋଟିଏ ବଡ଼ ଲୁଗା-ପ୍ୟାକେଟ ଆଣି ସେ ଚାର୍ଲସ୍ ପାଖରେ ଥୋଇଦେଲା । କହିଲା, ''ଶୀଘ୍ର ଶୀଘ୍ର ଜଳଖିଆ ଖାଇଦିଅ । ତା ପରେ ପୋଷାକ ପିନ୍ଧିବ ।''

ଏ ପ୍ୟାକେଟରେ ତା'ହେଲେ ପୋଷାକ ଅଛି ! ଚାର୍ଲସ୍ ବ୍ରାଣ୍ଡେନବୁର୍ଗରୁ ବାହାରିବାବେଳୁ ଏ ପ୍ୟାକେଟ ଦେଖିଛି; କିନ୍ତୁ ସେଥିରେ କ'ଣ ଅଛି ସେକଥା ସେ ଜାଣିବାକୁ ଚାହିଁନଥିଲା । ବର୍ତ୍ତମାନ ଲା ସ୍ୟାଲ୍ ମୁହଁରୁ 'ପୋଷାକ' ପଦ ଶୁଣି ସେ ବିସ୍ମୟରେ ପଚାରିଦେଲା, ''ପୋଷାକ ?''

''ହଁ, ସମ୍ରାଟ୍ ସପ୍ତଦଶ ଲୁଇ ନିଶ୍ଚୟ ଏକ ସମ୍ରାଟସୁଲଭ ପୋଷାକ ପିନ୍ଧି ବାହାରିବେ । ଘର ଭିତର କଥା ଅଲଗା, ସମ୍ରାଟ୍ ଏପରି ସାଧାରଣ ପୋଷାକ ପିନ୍ଧି ବାହାରେ ବୁଲିବେ ନା ?''

ଏପରି ଏକ ପରିସ୍ଥିତି ଯେ ଆସିପାରେ, ଲା ସ୍ୟାଲ୍ ତାହା ବହୁପୂର୍ବରୁ ଜାଣିପାରିଥିଲା । ତେଣୁ ଜୁଆ ଆଡ୍‌ଡା ଆୟରୁ ସେ ଚାର୍ଲସ୍ ମାପରେ ରାଜକୀୟ ପୋଷାକପତ୍ର ପ୍ରସ୍ତୁତ କରି ସାଙ୍ଗରେ ନେଇଆସିଥିଲା । କହିଲା, ''ଠିକ୍ ତୁମରି ମାପର ପୋଷାକପତ୍ର । ଦିଅ, ଖାଇବା ଆରମ୍ଭ କର, ଆଉ ଖାଉ ଖାଉ ତୁମ ଜୀବନର ଯେଉଁ କାହାଣୀ ମୁଁ ତୁମକୁ ଘୋଷାଇ ଦେଇଛି, ସେଇଟା ଟିକିଏ ରିହାର୍ସଲ୍ କରିଦିଅ । ତୁମେ କିପରି ଅବସ୍ଥାରେ ଟେମ୍ପଲ୍ ଜେଲ୍‌ରେ ଥିଲ; କିପରି ଉଦ୍ଧାର ପାଇଲ; ତା ପର କୋଡ଼ିଏ ବାଇଶ ବର୍ଷ କିପରି କଟିଲା; ସେସବୁ ଡିଉକ୍‌ଙ୍କ ଆଗରେ ତୁମକୁ ନିଜ ମୁହଁରେ କହିବାକୁ ପଡିବ । – ହୁଁ; ଆରମ୍ଭ କର...।''

ଜଳଖିଆ ଖାଉ ଖାଉ ଉଦାସୀନଭାବରେ ଚାର୍ଲସ୍ କହିଲା, କେତେଥର ଆଉ କହିବି ? ଲେମାନ ହ୍ରଦରେ ଡଙ୍ଗା ବୁଡ଼ିଯିବା ପରେ ଯାହାସବୁ ଘଟିଗଲା, ସେଥି ତ

Digitized by srujanika@gmail.com

ମୋର ଅଙ୍ଗେ ଲିଭାଇଥିବା କଥା । ସେଥିରେ ତ ଆଉ ଭୁଲ ହେବନାହିଁ । ଯଦି କହୁଛ, ତେବେ ଡଙ୍ଗା ବୁଡ଼ିବାର ପୂର୍ବବର୍ତ୍ତୀ ଘଣଟାସବୁ ତୁମେ ଯେପରି କହିଛ, ସେପରି ମୁଖସ୍ଥ ଦେଇଦେବି । ମାନେ ମୁଁ ନିଶାରେ ଶୋଇଥିବା ବେଳେ କିପରି ଟେମ୍ପଲ୍‌ରୁ ମତେ ଠେଲାଗାଡିରେ ପକାଇ ବର୍ଷା-ଅନ୍ଧାର ଭିତରେ ଦ ବ୍ୟାଞ୍ଜ୍‌ଙ୍କ ଘରକୁ ନେଇଗଲେ । ନିଶାରେ ତ ଶୋଇଥିଲି, ମୁଁ ନିଜେ କ'ଣ ସେସବୁ ଜାଣିଥିଲି କି ? ତୁମଠାରୁ, ବ୍ୟାରେନ୍ ଇନେଜ୍‌ଙ୍କଠାରୁ ପରେ ଯାହା ଶୁଣିଥିଲି, ସେହିସବୁ କଥା ମୋର ପୂରାପୂରି ମନେଅଛି । ତା' ପରେ କ'ଣ ହେଲା କହିବି ?'' ''ହେଲା, ସେହିତକ ଆଗ କହିଲ...?'' ଲା ସ୍ୟାଲ୍ ନଶୁଣି ଛାଡ଼ିବନାହିଁ । ଡିଉକ୍‌ଙ୍କ ଆଗକୁ ଯିବା ପୂର୍ବରୁ ସେ ଟିକିଏ ସବୁ ବିଷୟରେ ନିଶ୍ଚିତ ହୋଇଯିବାକୁ ଚାହେଁ ।

ଚାର୍ଲସ୍ ଆରମ୍ଭ କଲା, ''ମୁଁ ଅଚେତ ହୋଇପଡ଼ିଥାଏ । ସେହି ଅଚେତ ଅବସ୍ଥାରେହିଁ ବ୍ୟାରେନ୍ ଇନେଜ୍ ମୋତେ ନେଇ ମ୍ୟୁଡନ୍ ଚାଲିଗଲେ । ସେଠାରେ ବ୍ୟାଙ୍କର୍ ପୋର୍ଟିଭାଲଙ୍କ ଆଶ୍ରୟରେ ମୋତେ ରଖିଦେଇ ସେ ନିଜ ଦେଶ ପ୍ରୁସିଆ ଚାଲିଗଲେ । ମ୍ୟୁଡନରେ ମୁଁ ପ୍ରାୟ ଦଶ ମାସ ରହିଥିବି । ଦଶମାସ ପରେ ବ୍ୟାରେନ୍ ଇନେଜ୍ ଆସି ପୁଣିଥରେ ସେଠାରେ ପହଞ୍ଚିଗଲେ । ତାଙ୍କ ପରେ ପରେ ଲା ସ୍ୟାଲ୍ ମଧ୍ୟ ଆସିଗଲେ । ପୋର୍ଟିଭାଲ ଆମପାଇଁ ଖଣ୍ଡିଏ ଚାରିଘୋଡ଼ାଟଣା ଗାଡ଼ି ଯୋଗାଡ଼ କରିଦେଲେ । ଆମେ ତିନିଜଣ ମାନେ, ଇନେଜ୍, ଲା ସ୍ୟାଲ ଓ ମୁଁ ଜେନେଭା ପଥରେ ବାହାରିପଡ଼ିଲୁ । ପାହାଡ ଉପର ଦେଇ ରାସ୍ତା, ଆମ ଗାଡ଼ି ଧୀରେ ସୁସ୍ଥେ ଚାଲିଥାଏ । ଦିନେ ସକାଳେ ଅକ୍‌ସେୟାର ସରେଇଖାନାରୁ ଜଳଖିଆପତ୍ର ଖାଇସାରି ଆମେ ସ୍ଥିର କଲୁ ଯେ ମୁଁ ଓ ଇନେଜ୍ ଗାଡିରେ ବସି ଆଗରେ ଆଗରେ ଯାଉଥିବୁ, ପଛରେ ଲା ସ୍ୟାଲ୍ ଗୋଟିଏ ଭଡା ଘୋଡା ଚଢ଼ି ଆସିବେ । ଆମ ଗାଡି ଚାଲିଥାଏ, ପ୍ରାୟ ଘଣ୍ଟାଏ ଖଣ୍ଡେ ପରେ ସେ ଘୋଡାଚଢ଼ି ଆସି ଇନେଜ୍‌ଙ୍କୁ ଗୋଟିଏ ଦୁଃସମ୍ବାଦ ଦେଲେ ଯେ ଆମ ପଛରେ ଗୁଇନ୍ଦା ଲାଗିଛନ୍ତି । ସେମାନେ କାଳେ ଚାରିଜଣ; ଘୋଡ଼ାଚଢ଼ି ପବନ ବେଗରେ ମାଡିଆସୁଛନ୍ତି ଆମକୁ ଧରିବାକୁ । ଧରାପଡିଗଲ ସେ ଦୁଇଜଣଙ୍କର ତ ନିଶ୍ଚୟ ଗିଲୋଟିନ୍‌ରେ ମୁଣ୍ଡ କଟିବ, ମୋ ଦଶା ବି ପ୍ରାୟ ସେଇଆ ହେବ । ଏ ଖବର ପାଇ ଆମେ ଚିନ୍ତାରେ ପଡ଼ିଗଲୁ ।

କ'ଣ କରାଯାଏ ବୋଲି ଆମେ ଚିନ୍ତା କରୁଛୁ; ଏତିକିବେଳେ ପ୍ୟାରି ଜେନେଭା ଡାକଗାଡ଼ି ଆସି ପହଞ୍ଚିଗଲା । ଆମେ ଦୁଇଜଣ— ଇନେଜ୍ ଓ ମୁଁ ସେହି ଡାକଗାଡ଼ିରେ ଚଢ଼ିଗଲୁ । ଲା ସ୍ୟାଲ୍ ଆମ ସହିତ ଆସିଲେନାହିଁ । ତାଙ୍କୁ ବାଟରେ ଛାଡିଦେଇଁ ଆମେ ଜେନେଭା ପଳାଇଗଲୁ । ଦୀର୍ଘ କୋଡିଏ ବର୍ଷ ପରେ ମୁଁ ତାଙ୍କୁ ପୁଣିଥରେ ଦେଖିବାକୁ ପାଇଲି ବ୍ରାଣ୍ଡେନ୍‌ବୁର୍ଗରେ ।

ଲା ସ୍ୟାଲ୍ ଆଉ ଶୁଣିବାକୁ ଅପେକ୍ଷା ନକରି ଉଠି ଠିଆହୋଇପଡ଼ିଲା । କହିଲା, ''ସୁନ୍ଦର ମନେରଖିଛ । କଥା ଏଇଠି ଥାଉ । ଶୀଘ୍ର, ଶୀଘ୍ର ପୋଷାକ ପିନ୍ଧିପକାଅ । ଡିଉକ୍‌ଙ୍କ ଗାଡ଼ିଟାକୁ ବେଶି ସମୟ ଅଟକାଇ ରଖିବା ସୁନ୍ଦର ହେବନାହିଁ । ତୁମେ ତୁମ

Digitized by srujanika@gmail.com

କାହାଣୀର ଏହି ଯେଉଁ ଅଂଶଟା ମନେରଖିଛ; ଏତକ ଯଥେଷ୍ଟ । କାରଣ ଏହା ତ ଆଉ ତୁମ ନିଜ ଅନୁଭୂତିନୁହେଁ; ମୁଁ ବତାଇଥିବା କାହାଣୀ । ଠିକ୍ ଅଛି, ବାହାରିପଡ଼ ।''

ଚାର୍ଲସ୍ ରାଜପରିଚ୍ଛଦ ପିନ୍ଧି ବାହାରିପଡ଼ିଲା । ହୋଟେଲ ଛାଡ଼ିବାବେଳେ ଲିଲିକ୍ ହୋଟେଲର ମାଲିକ ଯେଉଁ ସମ୍ମାନ ଦେଖାଇଲା, ସେଠାକୁ ଆସିବାବେଳେ ତା'ର ଦଶଭାଗରୁ ଭାଗେ ସମ୍ମାନ ବି ଦେଖାଇନଥିଲା । ଲା ସ୍ୟାଲ୍ ହୋଟେଲ ଭଡ଼ା ସହିତ ମାଲିକକୁ କିଛି ବକ୍‌ସିସ୍ ମଧ୍ୟ ଦେଇଆସିଲା ।

ମାତ୍ର କେତୋଟି ମିନିଟ୍ ଭିତରେ ଗାଡ଼ି ସେମାନଙ୍କୁ ଆଣି ଅବ୍ରାଣ୍ଟୋଙ୍କ ବାସଭବନ ସମ୍ମୁଖରେ ପହଞ୍ଚାଇଦେଲା । ଗାଡ଼ି ଯାଇ ଘରର ଅର୍ଦ୍ଧଚନ୍ଦ୍ରାକାର ବାରଣ୍ଡାକୁ ଲାଗି ଠିଆହୋଇଗଲା । ସେଠାରେ ଡିଉକ୍‌ଙ୍କର ଛାମୁଘରିଆମାନେ ଉତ୍ସବକାଳୀନ ପୋଷାକପତ୍ର ପିନ୍ଧି କରପତ୍ର ଯୋଡ଼ି ଠିଆହୋଇଥାନ୍ତି । ମୁଖ୍ୟ ଛାମୁଘରିଆ ଧାଇଁ ଆସି ଗାଡ଼ିର କବାଟ ଖୋଲିଦେଲା । ଘରକୁ ଶଙ୍ଖମଲମଲ ପଥରର ଚଉଡ଼ା ପାହାଚ ପଡ଼ିଥାଏ । ଦେଖାଗଲା ସ୍ୱୟଂ ଡିଉକ୍ ଅବ୍ରାଣ୍ଟୋ ଚାଲି ଆସୁଛନ୍ତି ଅତିଥିଙ୍କୁ ପାଛୋଟି ନେବାଲାଗି । ଲା ସ୍ୟାଲ୍‌ର ଶିକ୍ଷା ଅନୁଯାୟୀ ସେ ଆସି ନଡାକିବା ପର୍ଯ୍ୟନ୍ତ ଚାର୍ଲସ୍ ଗାଡ଼ିରୁ ଓହ୍ଲାଇ ନଥାଏ । ଡିଉକ୍ ଆସି ତା'ର ହାତ ଧରି ଗାଡ଼ିରୁ ଓହ୍ଲାଇଦେଲେ ।

ରାଜାଙ୍କ ଆଗରେ ସମସ୍ତେ ନତଜାନୁ ହେବା କଥା । କିନ୍ତୁ ଚାର୍ଲସ୍ ତ ରାଜା ବୋଲି କେହି ଜାଣିନାହାନ୍ତି । ତେଣୁ ତାଙ୍କୁ ନତଜାନୁ ହୋଇ ଅଭ୍ୟର୍ଥନା ଜଣାଇଲେ ଲୋକେ ବିସ୍ମିତ ହୋଇଯିବେ । ଏ ନିଶ୍ଚୟ ରାଜା ଆସିଛନ୍ତି ବୋଲି ଚାରିଆଡ଼େ ପ୍ରଚାର ହୋଇଯିବ; ଲୋକ ରାଜଦର୍ଶନପାଇଁ ଛୁଟିଆସିବେ । ଦିଅଁ ଗଜୁ ଗଜୁ ମାଙ୍କଡ଼ ହୋଇଯିବ । ଅଥଚ ଚାର୍ଲସ୍ ମନରେ ବିଶ୍ୱାସ ଜନ୍ମାଇବାକୁ ହେବ ଯେ ସେ ରାଜା, ସେ ସମ୍ମାନନୀୟ । ତେଣୁ ଅବ୍ରାଣ୍ଟୋ ଉଭୟ ଦିଗକୁ ପାଇଲା ପରି ଏକ ଅଭିନୟ କରିଦେଲେ । ସେ ନତଜାନୁ ନହୋଇ ମୁଣ୍ଡନୁଆଁଇ ପିଠିଟାକୁ ପ୍ରାୟ ଧନୁପରି ବଙ୍କାଇଦେଲେ ଏବଂ ସେହି ଅବସ୍ଥାରେ କହିଲେ, ''ମହାମାନ୍ୟ, ଏଇ ହେଉଛି ମୋର ପ୍ରାସାଦ । ଏ ଯେଉଁମାନେ ଠିଆ ହୋଇଛନ୍ତି, ସେମାନେ ମୋର ବନ୍ଧୁ ଓ ଭୃତ୍ୟବର୍ଗ । ଏସବୁକୁ ଆପଣ ନିଜର ବୋଲି ବ୍ୟବହାର କଲେ ମୁଁ କୃତାର୍ଥ ହେବି ।''

ଏ ପରିସ୍ଥିତିରେ ଅତିଥିଙ୍କୁ ନିଶ୍ଚୟ କିଛି ଉତ୍ତର ଦେବାକୁ ହେବ । କିନ୍ତୁ ଚାର୍ଲସ୍ ଯେ କି ଉତ୍ତରଦେବ, ଲା ସ୍ୟାଲ୍ ସେତକ ଶିଖାଇପାରି ନଥାଏ । କାରଣ ଡିଉକ୍‌ଙ୍କଠାରୁ ହଠାତ୍ ଏତେ ସମ୍ମାନ ମିଳିବ ବୋଲି ସେ ଆଶା କରିନଥିଲା । କିନ୍ତୁ ଚାର୍ଲସ୍ ମୌନ ନରହି ଧୀର ଗମ୍ଭୀର ଶାନ୍ତ କଣ୍ଠରେ ଉତ୍ତର ଦେଲା, ''ଧନ୍ୟବାଦ ! ମୋର ଆଶା ଓ ବିଶ୍ୱାସ, ମୁଁ ଆପଣଙ୍କର ଏ ସୌଜନ୍ୟର ଯୋଗ୍ୟ ବୋଲି ପ୍ରମାଣ କରିପାରିବି ।''

ଚମତ୍କାର ! ଚାର୍ଲସ୍ ଯଦି ସତରେ ସପ୍ତଦଶ ଲୁଇ ହୋଇଥାନ୍ତା, ସେ ଯଦି ରାଜନଅର ଭିତରେ ରାଜକୀୟ ଆଦବକାଇଦା ଭିତରେ ବଢ଼ିଥାନ୍ତା, ତେବେ ବି ଯେ ସେ ଏଡ଼େ ସୁନ୍ଦର ଉତ୍ତର ଦେଇପାରିଥାନ୍ତା– ସେଥିରେ ସନ୍ଦେହ ରହିଛି ।

Digitized by srujanika@gmail.com

ଡିଉକ୍ ଅତି ଆନନ୍ଦରେ ଅତିଥିଙ୍କୁ ନେଇ ପ୍ରାସାଦରେ ପ୍ରବେଶ କଲେ । ଅତିଥିଙ୍କ ପାଇଁ ପ୍ରାସାଦର ଦୋତାଲା ଉପରେ ଏକ ସ୍ୱତନ୍ତ୍ର ମହଲ ନିର୍ଦ୍ଦିଷ୍ଟ କରିଦିଆଯାଇଥାଏ । ସେଥିରେ ଅନେକଗୁଡ଼ିଏ ପ୍ରକୋଷ୍ଠ । ସବୁଗୁଡ଼ିକ ରାଜକୀୟ ଢଙ୍ଗରେ ସଜ୍ଜିତ । ଏହି ଜଣେ ଅତିଥିଙ୍କର ସେବା କରିବାପାଇଁ ଡିଉକ୍ ପାଞ୍ଚ ଛଅଜଣ ଛାମୁଘରିଆ ନିଯୁକ୍ତ କରିଦେଇଥାନ୍ତି । ପୁଣି ଅତିଥିଙ୍କପାଇଁ ଦୁଇଟି ଭଲ ଜାତିଆ ଘୋଡ଼ା ମଧ୍ୟ ଯୋଗାଇଦିଆଯାଇଥାଏ । ମସିଆର ଡେସ୍‌ଲିସ୍ ଡିଉକ୍‌ଙ୍କର ଶହେ ଏକର ପରିମିତ ଖମାରରେ କିମ୍ବା କ୍ଲେରୀ ନଦୀ କୂଳରେ ଯେଉଁସବୁ ବିସ୍ତୀର୍ଣ୍ଣ ପ୍ରାନ୍ତର ରହିଛି, ସେଠାରେ ଇଚ୍ଛାନୁମତ ଘୋଡ଼ା ଚଢ଼ି ବୁଲିବାରେ କୌଣସି ଆପତ୍ତି ନାହିଁ । ଅତିଥିଙ୍କର କୌଣସି ପ୍ରକାର ଅସୁବିଧା ଯେପରି ନହୁଏ, ସେଥିପ୍ରତି ପ୍ରାସାଦର ସମସ୍ତେ ତତ୍ପର ।

ପ୍ରାଥମିକ ବ୍ୟବସ୍ଥା ସବୁ ନ୍ୟସ୍ତ ହୋଇଯିବା ପରେ ଡିଉକ୍ ଲା ସ୍ୟାଲ୍‌ଙ୍କୁ ପଚାରିଲେ, ''ମହାରାଜା ଆଜିକାଲି କେଉଁ ନାମରେ ପରିଚିତ ହେଉଛନ୍ତି ?''

ପ୍ରଶ୍ନଟା ଭିତରେ କି ପ୍ରକାର ସୂକ୍ଷ୍ମ ଶ୍ଳେଷପୂର୍ଣ୍ଣ ହୋଇ ରହିଥିଲା, ଲା ସ୍ୟାଲ୍ ତାହା ଧରିପାରିଲାନାହିଁ । ସେ ଏକ ସାଦାସିଧା ଉତ୍ତରଦେଲା, ''ଚାର୍ଲସ୍ ଡେସ୍‌ଲିସ୍ ପେରିନ୍ । ପେରିନ୍ ହେଉଛନ୍ତି ତାଙ୍କର ବର୍ତ୍ତମାନ ଆଶ୍ରୟଦାତା । ତା' ପୂର୍ବରୁ ହ୍ରଦରୁ ଉଦ୍ଧାର ପାଇବାମାତ୍ରେ ଯେଉଁ ଅଳ୍ପ କିଛିଦିନ ତାଙ୍କୁ ଅନ୍ୟ ଜଣଙ୍କ ଆଶ୍ରୟରେ ରହିବାକୁ ପଡ଼ିଥିଲା, ସେ ମହାଶୟଙ୍କର ନାମ ଥିଲା ଡେସ୍‌ଲିସ୍ ।''

ଡିଉକ୍ ଟିକିଏ ଚିନ୍ତା କରିବା ପରେ ମନ୍ତବ୍ୟ କଲେ, ''ଡେସ୍‌ଲିସ୍ ସୁନ୍ଦର ନାମଟିଏ । କିନ୍ତୁ ପେରିନ୍ ନାମଟା ନିତାନ୍ତ ଗାଉଁଲିଆ । ସେ ନାଆଁଟାକୁ ତାଙ୍କୁ ଏଠାରେ ବାଦ୍ ଦେବାକୁ ପଡ଼ିବ । ବର୍ତ୍ତମାନ ଅର୍ଥାତ୍ ସପ୍ତଦଶ ଲୁଇ ନାମରେ ପ୍ରତିଷ୍ଠିତ ନହେଲା ପର୍ଯ୍ୟନ୍ତ ତାଙ୍କର ନାମ ଚାର୍ଲସ୍ ଡେସ୍‌ଲିସ୍ ବୋଲିହିଁ ରହୁ ।''

ଲା ସ୍ୟାଲ୍‌ର ଆପତ୍ତି କରିବାର କିଛି ନଥିଲା । ତେଣୁ ଅଟ୍ରାଣ୍ଟୋଙ୍କ ବାସ ଭବନରେ ରହିବା ଦିନୁ ଚାର୍ଲସ୍‌ର ନାମ ହୋଇଯାଇଛି ଚାର୍ଲସ୍ ଡେସ୍‌ଲିସ୍ । ଚାର୍ଲସ୍ ଡେସ୍‌ଲିସ୍‌ଙ୍କର ଗତ କୋଡ଼ିଏ ବର୍ଷର ଇତିହାସ ଡିଉକ୍ ଅତି ବିଶଦଭାବରେ ଲା ସ୍ୟାଲ୍ ମୁହଁରୁ ଶୁଣିସାରିଛନ୍ତି । ଗୋପନ ଆଲୋଚନାବେଳେ ଦ୍ୱିତୀୟ ଥର ମଧ୍ୟ ସେ କାହାଣୀ ସେ ଶୁଣିନେଲେ ସ୍ୱୟଂ ମସିଆର ଡେସ୍‌ଲିସ୍‌ଙ୍କ ମୁହଁରୁ । ଲିଲିଜ୍ ହୋଟେଲ ଛାଡ଼ିବା ପୂର୍ବରୁ ଚାର୍ଲସ୍ କିପରି ନିଜ କାହାଣୀର ପ୍ରଥମ ଅଂଶଟା ଲା ସ୍ୟାଲ୍ ଆଗରେ ମୁଖସ୍ଥ ଦେଇଥିଲା ତାହା ଆମେ ଜାଣିଥାଇଁ । ତାଙ୍କ କାହାଣୀର ଦ୍ୱିତୀୟ ଅଂଶଟା ହେଉଛି ମୋଟାମୋଟି ଏହିପରି—

ଇଜେନ୍ ଓ ଚାର୍ଲସ୍ ଡାକଗାଡ଼ିରେ ଆସି ନିରାପଦରେ ଜେନେଭାରେ ପହଞ୍ଚିଗଲେ । କିନ୍ତୁ ସେଠାରେ ଦେଖାଗଲା ଆକାଶ ମେଘାଚ୍ଛନ୍ନ । ଝଡ଼ ପବନ ଆରମ୍ଭ ହୋଇଗଲାଣି । ଏପରି ଅବସ୍ଥାରେ ହ୍ରଦ ପାରିହେବା କଥା ନୁହେଁ । ତଥାପି ଇଜେନ୍ ଭାବିଲେ ଜେନେଭାରେ ଅପେକ୍ଷା କରିବା ଦୀର୍ଘସୂତ୍ରିତା ହେବ । ଏହିପରି ଦୀର୍ଘସୂତ୍ରିତା କରିହିଁ ସେମାନେ ବାଟରେ

Digitized by srujanika@gmail.com

ପୋଲିସ୍ ହାତରେ ପଡ଼ିବାକୁ ଯାଉଥିଲେ । ଭାଗ୍ୟ ଭଲ, ଲା ସ୍ୟାଲ୍‌ର ଉପସ୍ଥିତ ବୁଦ୍ଧି ହେତୁ ରକ୍ଷା ମିଳିଗଲା । ତଥାପି ଜେନେଭାକୁ ଯେ ଫରାସୀ ପୋଲିସ୍ ପଶିଆସି ଝାମେଲା ନକରନ୍ତି ତା' ନୁହେଁ । ତେଣୁ ହ୍ରଦ ପାର ହୋଇ ଚାଲିଯିବାହିଁ ଉଚିତ । କିନ୍ତୁ ଯିବା ପୂର୍ବରୁ ଲେବାସ୍‌ଙ୍କୁ ଦେଖାନକଲେ ନଚଳେ । ସେ ହିଁ ବିଶ୍ୱାସୀ ନାବିକ ଯୋଗାଡ଼ କରିଦେବେ । ପୁଣି ସେ ହିଁ ଲା ସ୍ୟାଲ୍‌କୁ ଖବର ଦେବେ । ତେଣୁ ଦିହେଁ ଯାଇ ଲେବାସ୍‌ଙ୍କୁ ଦେଖାକଲେ । ଲେବାସ୍ ଇନେଜ୍‌ଙ୍କ ସହିତ ଏକମତ ହେଲେ । କହିଲେ, ''ପୋଲିସ୍ ଯେତେବେଳେ ପଛରେ ଲାଗିଛନ୍ତି, ସେମାନେ ଜେନେଭା ଆସି ନିଶ୍ଚୟ ଲେବାସ୍‌ଙ୍କ ଘର ଖାନତଲାସ କରିବେ । ଧରାପଡ଼ିଯିବାର ଅନେକ ଭୟ ରହିଛି । ତେଣୁ ଯଃ ପଳାୟତି ସ ଜୀବତି । ଝଡ଼ ଉଠିଛି ସତ; କିନ୍ତୁ ଏ ସମୟରେ ଝଡ଼ ପ୍ରାୟ ହୁଏନାହିଁ । ହେଲେ ସାମାନ୍ୟ ଝଡ଼ ହେବ । ସେଥିରେ ଡଙ୍ଗା ଓଲଟିବାର ସମ୍ଭାବନାନାହିଁ । ସେ ପୋଖତ ନାଉରୀ ଯୋଗାଡ଼ କରିଦେବେ ।

ଖୁବ୍ କମ୍ ସମୟ ଭିତରେ ହ୍ରଦ ପାର ହେବାର ବନ୍ଦୋବସ୍ତ ହୋଇଗଲା । ଡଙ୍ଗାରେ ଚଢ଼ିବା ପୂର୍ବରୁ ଇନେଜ୍ ଓ ଲେବାସ୍ ମିଶି କ'ଣ ସବୁ ଚିଠିପତ୍ର ଲେଖାଲେଖି କଲେ । ଚାର୍ଲସ୍ ସେତେବେଳେ ସେସବୁର ଅର୍ଥ କିଛି ବୁଝିନଥିଲା । ପରେ ଅବଶ୍ୟ ସେ ବିଷୟ ଜାଣିବାକୁ ପାଇଲା । ଯଥାଶୀଘ୍ର ଲେଖାଲେଖି କାମ ଶେଷ କରି ଏ ଦିହେଁ ଡଙ୍ଗାରେ ବସିଲେ । ଡଙ୍ଗା ଛାଡ଼ିଦେଲା, ଲେବାସ୍ ଚିନ୍ତିତ ମନରେ ବିଦାୟ ନେଲେ ।

କିନ୍ତୁ ଡଙ୍ଗା ଯେତେ ଆଗକୁ ଚାଲିଲା, ଝଡ଼ ସେତେ ବଢ଼ିଲା । ପାଖଆଖର ଅନ୍ୟ କେତୋଟି ଡଙ୍ଗା ବି ଉବୁଟୁବୁ ଅବସ୍ଥାରେ ଚାଲିଥାଏ । ଝଡ଼ କ୍ରମେ ପ୍ରବଳରୁ ପ୍ରବଳତର ହେଲା । ଚାହୁଁ ଚାହୁଁ ଆଖି ଆଗରେ ଦୁଇଚାରିଟା ଡଙ୍ଗା ବୁଡ଼ିଗଲା । ଏମାନଙ୍କ ଡଙ୍ଗା କିନ୍ତୁ ଉବୁଡୁବୁ ଅବସ୍ଥାରେ ବି କୂଳ ଆଡ଼କୁ ଚାଲିଥାଏ । ତଥାପି ଶେଷପର୍ଯ୍ୟନ୍ତ ଆଉ ସମ୍ଭାଳି ହେଲାନାହିଁ । କୂଳ ଆଉ ଅଳ୍ପଦୂର ଅଛି, ଲହରି ମାଡ଼ରେ ଡଙ୍ଗାଟା ବୁଡ଼ିଗଲା । କିଏ କେଉଁଠି ବୁଡ଼ିଗଲେ ଦେଖିହେଲାନାହିଁ । ଚାର୍ଲସ୍ ବୁଡ଼ିଯାଉ ଯାଉ ତା' ହାତରେ ଗୋଟିଏ ଆହୁଲା ଦଣ୍ଡା ପଡ଼ିଗଲା । ସେହି ଆହୁଲାଟା ଧରି ସେ ଭାସିଲା । ଲହରି ମାଡ଼ରେ ତା'ର ଚେତା ବୁଡ଼ିଆସୁଥାଏ । ସେ ଜାଣିନାହିଁ କେତେବେଳେ ଲହରି ତାକୁ ଠେଲିଆଣି କୂଳରେ ଲଗାଇଦେଲା ।

ଠିକ୍ ସେତିକିବେଳକୁ ପାଖ ଗିର୍ଜାର ଜଣେ ଧର୍ମଯାଜକ ଦୁଇଚାରିଜଣ ସହକର୍ମୀଙ୍କୁ ନେଇ କୂଳ ପାଖରେ ଜଗିଥାନ୍ତି । ଏତେ ଡଙ୍ଗା ତ ବୁଡ଼ିଯାଉଛି; କେହି ବିପନ୍ନ ଯଦି ଆସି କୂଳରେ ଲାଗିଯାଏ, ତେବେ ତାକୁ ପାଣିରୁ ଉଠାଇ ନେଇ ଶୁଶ୍ରୂଷା କରିବେ । ସେ ହ୍ରଦକୁ ଚାହିଁ ରହିଥାନ୍ତି । ଭାଗ୍ୟକୁ ତାଙ୍କ ଦୃଷ୍ଟି ଚାର୍ଲସ୍ ଉପରେ ପଡ଼ିଗଲା । ସେ ତାକୁ ଉଦ୍ଧାର କରି ଶୁଶ୍ରୂଷା ପାଇଁ ନେଇଗଲେ । ସେତେବେଳକୁ ଚାର୍ଲସ୍‌ର ଚେତା ନାହିଁ ।

ତା'ର ଚେତା ଆସିଲା ତା' ପରଦିନ ଖରାବେଳକୁ । ସେ ଦେଖିଲା, ସେ ସିନା ଦୁର୍ଘଟଣାରୁ ଉଦ୍ଧାର ପାଇଗଲା ; ହେଲେ ଘଟଣାଚକ୍ରର କବଳରୁ ସେ ଉଦ୍ଧାର ପାଇନାହିଁ ।

Digitized by srujanika@gmail.com

ତେଣୁ ଧର୍ମଯାଜକଙ୍କ ଆଗରେ ନିଜର ପ୍ରକୃତ ପରିଚୟ ଦେଇ ସେ ସମସ୍ତ କଥା କହିଦେଲା ।

ଧର୍ମଯାଜକ ଜଣକ ପ୍ରକୃତରେ ଜଣେ ଧାର୍ମିକ ଲୋକ ଥିଲେ । ସେ ଚାର୍ଲସ୍‌ର ଯଥାସାଧ୍ୟ ସେବାଶୁଶ୍ରୂଷା କଲେ । କିନ୍ତୁ ରାଜନୀତି କାଦୁଅ ଭିତରେ ପଶିବାକୁ ସେ ଆଦୌ ଚାହୁଁନଥିଲେ । ତେଣୁ ରାଜକୁମାରଙ୍କୁ ନିଜ ପାଖରେ ନରଖି ସେହିଦିନ ରାତିରେ ସେ ହ୍ରଦ ପାର କରାଇ ଜେନେଭା ନେଇଆସିଲେ । ଆଣି ଛାଡ଼ିଦେଲେ ମାର୍ଟିନ୍ ଲେବାସ୍‌ଙ୍କ ଦାୟିତ୍ୱରେ । 'ଚାର୍ଲସ୍ ବଞ୍ଚିଛି' ଦେଖି ଲେବାସ୍ ଆନନ୍ଦ ହୋଇଗଲେ । କଥାଟାକୁ ଗୋପନ ରଖିବାଲାଗି ପ୍ରତିଜ୍ଞାବଦ୍ଧ କରାଇ ଧର୍ମଯାଜକଙ୍କୁ ସେ ବିଦାୟ ଦେଲେ ସତ, ହେଲେ ନିଶ୍ଚିନ୍ତ ହୋଇ ରହିପାରିଲେନାହିଁ । କାରଣ ସେତେବେଳକୁ ସେ ଜାଣିଗଲେଣି ଯେ ଡେମାରେତ୍ ଆସି ଜେନେଭାରେ ଖୋଜାଖୋଜି ଆରମ୍ଭ କରିଦେଲେଣି । ଚାର୍ଲସ୍ ଆଉ ଜେନେଭାରେ ରହିବା ନିରାପଦ ନୁହେଁ । ତେଣୁ ସେ ରାତାରାତି ତାକୁ ନେଇ ଚାଲିଗଲେ ଏକ ସୁଦୂର ମଫସଲ ଗାଆଁକୁ । ଘର ଛାଡ଼ି ଗଲାବେଳେ କେଉଁଠିକି ଯାଉଛନ୍ତି, ତାହା ନିଜ ଚାକରକୁ ବି କହିଗଲେନି । କାରଣ କଥାଟା ଯଦି ପ୍ରକାଶ ହୋଇଯିବ, ତେବେ ଚାର୍ଲସ୍ ସ୍ୱର୍ଗରେ ଥିଲେ ବି ଡେମାରେତ୍ ଯାଇ ତାକୁ ଧରିଆଣିବେ । ସେ କିଛି ସାଧାରଣ ପୋଲିସ୍ ନୁହଁନ୍ତି । ଦୁନିଆର ଯେକୌଣସି ପ୍ରାନ୍ତକୁ ଯାଇ କର୍ମକୌଶଳ ଦେଖାଇବାକୁ ସେ ପ୍ରସ୍ତୁତ ।

ହଁ, ସେହି ସୁଦୂର ମଫସଲରେ ରହୁଥିଲେ ଲେବାସ୍‌ଙ୍କର ଶଳା ଡେସ୍‌ଲିସ୍ । ଚାର୍ଲସ୍‌ଙ୍କୁ ନେଇ ସେ ଡେସ୍‌ଲିସ୍‌ଙ୍କ ଆଶ୍ରୟରେ ରଖିଦେଲେ । ସେଠାରୁ ବିଦାୟ ନେଇ ଆସିବାବେଳେ ସେ ଚାର୍ଲସ୍‌କୁ ଦୁଇଟି ବିବରଣୀପତ୍ର ଦେଇ ଆସିଥିଲେ । ଦୁଇଟିଯାକ ବିବରଣୀରେ ଚାର୍ଲସ୍‌ର ପ୍ରକୃତ ପରିଚୟ ତା'ର ଦେହର ବିଶିଷ୍ଟ ଗଠନ ବିଷୟ ଲେଖାଯାଇଥିଲା । ଗୋଟିଏ ବିବରଣୀ ଲେଖିଥିଲେ ଇନେଜ୍, ଅନ୍ୟଟି ଲେଖିଥିଲେ ଲେବାସ୍ । ଗୋଟିଏ ସିଲ୍ କରାଯାଇଥିବା ପ୍ୟାକେଟ୍‌ରେ ବିବରଣୀ ପତ୍ର ଦୁଇଟି ରଖାଯାଇଥିଲା । ପ୍ୟାକେଟ୍‌ଟିକୁ ଅତି ଯତ୍ନରେ ରଖିବାକୁ ସେ ବାଳକ ଚାର୍ଲସ୍‌କୁ ବାରମ୍ବାର କହିଆସିଥିଲେ । ସେହିଦିନଠାରୁ ଆଉ ଲେବାସ୍‌ଙ୍କ ସହିତ ଚାର୍ଲସ୍‌ର ଦେଖାହୋଇନାହିଁ । କାରଣ ବିଦାୟ ନେଇ ଆସିବାର କିଛିଦିନ ପରେ ସେ ମରିଗଲେ । ଚାର୍ଲସ୍‌ର ବିପଦ କିନ୍ତୁ ସେତିକିରେ ସରିଲାନାହିଁ । ଲେବାସ୍‌ଙ୍କ ମୃତ୍ୟୁର ଅଳ୍ପ କିଛିଦିନ ପରେ ଚାର୍ଲସ୍‌ର ଆଶ୍ରୟଦାତା ଡେସ୍‌ଲିସ୍ ମଧ୍ୟ ମରିଗଲେ । ଅବଶ୍ୟ ରୋଗଶଯ୍ୟାରେ ପଡ଼ି ସେ ଚାର୍ଲସ୍ ବିଷୟରେ ଚିନ୍ତିତ ହୋଇଯାଇଥିଲେ । ତେଣୁ ମରିବା ପୂର୍ବରୁ ସେ ତାକୁ ପଠାଇଦେଇଥିଲେ ନିଜର ଅନ୍ୟଜଣେ ଭିଣୋଇ ପେରିନ୍‌ଙ୍କ ପାଖକୁ— ପାସାଭାଁ ଗାଆଁକୁ । ସେତେବେଳକୁ ତା'ର ନାମ ହୋଇଯାଇଥାଏ ଚାର୍ଲସ୍ ଡେସ୍‌ଲିସ୍ ।

ପେରିନ୍‌ଙ୍କ ଘରେହିଁ ଚାର୍ଲସ୍‌ର ବହୁତ ଦିନ କଟିଗଲା । ପେରିନ୍ ଦମ୍ପତିଠାରୁ ସେ ପିତୃମାତୃ ସ୍ନେହ ଲାଭକରି ଛୋଟରୁ ବଡ଼ ହେଲା । ସେହିମାନଙ୍କର ଆଶ୍ରୟରୁ ସେ ମାତ୍ର ଦୁଇବର୍ଷ ତଳେ ଚାଲିଆସିଥିଲା ପ୍ରୁସିୟା ସୈନ୍ୟବାହିନୀରେ ଯୋଗଦେଇ ଯୁଦ୍ଧବିଦ୍ୟା

Digitized by srujanika@gmail.com

ଶିଖିବ ବୋଲି । ନିଜର ଅତୀତଗୌରବ ସେ ଭୁଲିନାହିଁ । ଗ୍ରାମ୍ୟକୃଷକ ଜୀବନରେ ସକଳ ଆନନ୍ଦ ରହିଥିଲା ସତ, ହେଲେ ଆନନ୍ଦ ସହିତ ଦୈନ୍ୟ ମଧ୍ୟ ରହିଥିଲା । ରାଜପୁତ୍ର ହୋଇ ଚିରଦିନ ଦୈନ୍ୟ ଭିତରେ ବୁଡ଼ିରହିବାକୁ ସେ ଶ୍ରେୟସ୍କର ମନେ କରିପାରିନଥିଲା । ତେଣୁ ଅସ୍ତ୍ର ବଳରେ ନିଜର ଭବିଷ୍ୟତ ଗଢ଼ିବା ଆଶାରେହିଁ ସେ ସୈନ୍ୟବାହିନୀରେ ଯୋଗଦେଇଥିଲା । କିନ୍ତୁ ତା'ର ସେ ଆଶା ପ୍ରତିହତ ହୋଇଗଲା । ସେହି ଯୁଦ୍ଧ କ୍ଷେତ୍ରରେହିଁ ଗୁରୁତରଭାବରେ ଆହତ ହୋଇ ସେ ଚିକିତ୍ସାପାଇଁ ଚାଲିଆସିଲା ଫ୍ରାଙ୍କ୍‌ଫୁଟ୍‌ର ସାମରିକ ଡାକ୍ତରଖାନାକୁ ।

ଡାକ୍ତରଖାନାର ଖଟିଆରେ ପଡ଼ି ପଡ଼ି ତା'ର ଯେତେବେଳେ ଜୀବନର ଆଶା କ୍ଷୀଣ ହୋଇଗଲା, ସେତେବେଳେ ତା'ର ପରିଚୟ ତଥା ବିବରଣୀପତ୍ର ସମ୍ବଳିତ ସେହି ପ୍ୟାକେଟ୍‌ଟି ସେ ପାଖ ଖଟିଆର ଜଣେ ସୁସ୍ଥ ହୋଇ ଆସୁଥିବା ସୈନ୍ୟ ଜିମା ଦେଇ ଅଚେତ ହୋଇ ପଡ଼ିଗଲା । ସେ ପ୍ୟାକେଟ୍‌ଟି ସେପର୍ଯ୍ୟନ୍ତ ତା' ବେକରେ ଏକ ରେଶମ ଫିତାରେ ଝୁଲୁଥିଲା । ସେହି ସୈନ୍ୟଟିର ନାମ ନନ୍‌ଡର୍ଫ । ଚାର୍ଲସ୍ ତା'ର ଠିକଣା ମନେରଖିଥିଲା; କିନ୍ତୁ ଏ ଘଟଣାର ତିନି ଚାରିଦିନ ପରେ ନନ୍‌ଡର୍ଫ ସୁସ୍ଥ ହୋଇଗଲା । ସେ ଡାକ୍ତରଖାନା ଛାଡ଼ି ବ୍ରାଣ୍ଡେନ୍‌ବୁର୍ଗ ଚାଲିଆସିବାବେଳକୁ ଚାର୍ଲସ୍ ଶଯ୍ୟାଶାୟୀ ।

ଅନେକ ଦିନର ଚିକିତ୍ସା ପରେ ଚାର୍ଲସ୍ ମଧ୍ୟ ସୁସ୍ଥ ହେଲା । ସେ ଆସି ବ୍ରାଣ୍ଡେନ୍‌ବୁର୍ଗରେ ପହଞ୍ଚିବାବେଳକୁ ନନ୍‌ଡର୍ଫ ଜେଲ୍‌ରେ ପଶିସାରିଲାଣି । ଅଦାଲତ ବାରଣ୍ଡାରେ ଏ ଖବର ପାଇ ବ୍ୟତିବ୍ୟସ୍ତ ହେଉଥିବାବେଳେ ଦୈବାତ୍ ଲା ସ୍ୟାଲ୍ ସହିତ ତା'ର ସାକ୍ଷାତ୍ ହୋଇଗଲା । ଜେଲଖାନା ଯାଇ ନନ୍‌ଡର୍ଫଠାରୁ ସେହି ଗୁରୁତ୍ୱପୂର୍ଣ୍ଣ ପ୍ୟାକେଟ୍‌ଟି ଆଣିବାକୁ ସେ ବହୁ ଚେଷ୍ଟା କରିଥିଲା; କିନ୍ତୁ ସବୁ ଚେଷ୍ଟା ବ୍ୟର୍ଥ ହୋଇଗଲା । ଯାହାହେଉ, ଲା ସ୍ୟାଲ୍‌କୁ ସଙ୍ଗରେ ନେଇ ସେ ଆଜି ଚାଲିଆସିଛି ତା'ର ନିଜର ଦେଶ ଫ୍ରାନ୍ସକୁ– ଚାଲିଆସିଛି ତା'ର ନ୍ୟାଯ୍ୟ ପ୍ରାପ୍ୟ ଫରାସୀ ସିଂହାସନ ଦାବି କରିବାକୁ । ଡିଉକ୍ ଅଡ୍ରାଣ୍ଟୋ ଚାର୍ଲସ୍ ଡେସ୍‌ଲିସ୍ ମୁହଁରୁ ସମସ୍ତ କାହାଣୀଟି ମନଧ୍ୟାନ ଦେଇ ଶୁଣିଗଲେ । ତାଙ୍କ ମୁଖଭଙ୍ଗୀରୁ ଜଣାଗଲା, ସେ ସମସ୍ତ କାହାଣୀଟି ସତ୍ୟ ବୋଲି ବିଶ୍ୱାସ କରୁଛନ୍ତି । କିଛି ସମୟ ପରେ ଡିଉକ୍‌ଙ୍କୁ ଏକାନ୍ତରେ ପାଇ ଲା ସ୍ୟାଲ୍ ପଚାରିଲା; ''ଅତିଥିଙ୍କ ମୁହଁରୁ ଯେଉଁ ବିବରଣୀ ଶୁଣିଲେ, ସେଥିରେ କିଛି ଅସଙ୍ଗତି ଦେଖିଲେ କି ?''

ଏ ପ୍ରଶ୍ନର କୌଣସି ସ୍ପଷ୍ଟ ଉତ୍ତର ନଦେଇ ଡିଉକ୍ କହିଲେ, ''ସବୁ ସଙ୍ଗତ, ସବୁ ସମ୍ଭବ ବୋଲି ମନେକରିବାକୁ ପଡ଼ିବ । ମନେକରି ନପାରିଲେ ଅନ୍ତତଃ ମାନିବାକୁ ପଡ଼ିବ ଯେ ତାଙ୍କର କଳ୍ପନା ଶକ୍ତି ଅତି ପ୍ରଖର, ବୁଦ୍ଧି ତୀକ୍ଷ୍ଣ ।''

''ଅର୍ଥାତ୍ ସେ ଯାହାସବୁ କହିଲେ, ସେଥିରେ ଆପଣଙ୍କର ପୂର୍ଣ୍ଣ ବିଶ୍ୱାସ ଆସିଗଲା ?'' ଲା ସ୍ୟାଲ୍ ଆଗ୍ରହାନ୍ୱିତ ହୋଇ ପଚାରିଲେ ।

Digitized by srujanika@gmail.com

ଡିଉକ୍‌ଙ୍କ ମୁହଁରୁ କିନ୍ତୁ ଏକ ଗମ୍ଭୀର ଉତ୍ତର ବାହାରିଲା; ''ମୁଁ ଥରେ ଡେମାରେତ୍‌କୁ ପଠାଇଥିଲି ପଳାତକ ଡଫିନ୍‌କୁ ଧରିଆଣିବାଲାଗି । ଏଥର ମୁଁ ସେହି ଡେମାରେତ୍‌କୁ ପଠାଇଛି ମୋ ଅତିଥିଙ୍କ ବିବରଣୀର ସତ୍ୟତାର ପ୍ରମାଣ ବିଷୟରେ କିଛି ଖୋଜିବାଲାଗି । ତୁମର ମନେଥିବ, ପ୍ରଥମ ଥର ସେ ବିଫଳ ହୋଇ ଫେରିଆସିଥିଲା । ଦେଖାଯାଉ ଏଥର ସେ ସଫଳ ହେଉଛି କି ବିଫଳ ହେଉଛି । ତା'ଠାରୁ କିଛି ନଶୁଣିବା ପୂର୍ବରୁ ମୁଁ ତୁମ ପ୍ରଶ୍ନର ଉତ୍ତର ଦେଇପାରୁ ନାହିଁ ।''

## ଦଶ : ମୋହମୁକ୍ତି

ଡିଉକ୍‌ଙ୍କ ପ୍ରାସାଦରେ ଚାର୍ଲସ୍‌ର ଆଦର ଅଭ୍ୟର୍ଥନା ଦିନୁଦିନ ବଢ଼ିଚାଲିଲା । ପାଖଆଖର ଯେତେ ଅଭିଜାତ ପରିବାର ଥିଲେ, ନାନା ଉତ୍ସବର ଉପଲକ୍ଷ୍ୟ ଦେଇ ସମସ୍ତଙ୍କୁ ବାରମ୍ବାର ନିମନ୍ତ୍ରଣ କରାଗଲା । ଉଦ୍ଦେଶ୍ୟ ହେଲା, ଚାର୍ଲସ୍ ସହିତ ସମସ୍ତଙ୍କୁ ପରିଚିତ କରାଇଦେବା । ଚାର୍ଲସ୍ ଡେସ୍‌ଲିସ୍ ଯେ ଏକ ଛଦ୍ମ ନାମ, ସେ ନାମ ପଛରେ ଯେ ଏକ ରୋମାଞ୍ଚକର ମହତ୍ତର ତଥ୍ୟ ରହିଛି, ତାହା ଏହିସବୁ ଉତ୍ସବ କାଳରେ ବିଭିନ୍ନ ଇଙ୍ଗିତ ମାଧ୍ୟମରେ ପ୍ରଚାର କରିଦିଆଗଲା । ଚାର୍ଲସ୍‌ର ଆସ୍ଥାନ ଗ୍ରାମାଞ୍ଚଳରେ ଏପରିଭାବରେ ସୁଦୃଢ଼ କରିସାରିବା ପରେ ଡିଉକ୍ ଅଟ୍ରାଣ୍ଟୋ ତାଙ୍କର କୂଟନୈତିକ ଅଭିଯାନ ପଥରେ ଆହୁରି ଗୋଟିଏ ପାଦ ଆଗକୁ ଚାଲିଗଲେ । ପଲ୍ଲୀ ନିବାସ ଛାଡ଼ି ସେ ଚାର୍ଲସ୍‌କୁ ନେଇ ଚାଲିଆସିଲେ ରାଜଧାନୀ ପ୍ୟାରିରେ ଥିବା ନିଜର ଅଟ୍ରାଣ୍ଟୋ ନିବାସକୁ ।

ଅଟ୍ରାଣ୍ଟୋ ନିବାସ ପ୍ୟାରିର ଏକ ବିରାଟ ପ୍ରାସାଦ । ଚାରିପଟେ ପାଚେରି ଭିତରେ ଉଦ୍ୟାନ-ପ୍ରାନ୍ତର ପୂର୍ଣ୍ଣ ବିରାଟ ହତା । ଡିଉକ୍ ଫେରିଅର୍ସରେ ଯେଉଁ ଖେଳ ଖେଳୁଥିଲେ, ପ୍ୟାରିକୁ ଆସି ଆହୁରି ଅଧିକ ସମାରୋହରେ ସେହି ଖେଳ ଆରମ୍ଭ କରିଦେଲେ । ପ୍ରତିଦିନ ଚାଲିଲା ଉତ୍ସବ । ନିମନ୍ତ୍ରିତ ହୋଇ ଆସିଲେ ବିଭିନ୍ନ ଅଞ୍ଚଳର ଗଣ୍ୟମାନ୍ୟ ବ୍ୟକ୍ତି । ଉତ୍ସବ ଭିତରେ ସମସ୍ତଙ୍କ ସହିତ ପରିଚିତ କରାଇଦିଆଗଲା ଚାର୍ଲସ୍‌କୁ— ଛଦ୍ମବେଶୀ ସପ୍ତଦଶ ଲୁଇଙ୍କୁ ।

ଏସବୁର ଅର୍ଥ ବୁଝିନପାରି ଲା ସ୍ୟାଲ୍ ଦିନେ ଡିଉକ୍‌ଙ୍କୁ ପଚାରିଲା, ''ଆପଣଙ୍କର ଆଚରଣ କହୁଛି ଯେ ଆପଣ ଚାର୍ଲସ୍‌କୁ ସପ୍ତଦଶ ଲୁଇ ବୋଲି ଗ୍ରହଣ କରନ୍ତି; କିନ୍ତୁ ବିଶ୍ୱାସ କରିବା କଥା ପଚାରିଲେ କହୁଛନ୍ତି ଡେମାରେତ୍ ଆସିବା ପର୍ଯ୍ୟନ୍ତ ଅପେକ୍ଷା କର । ମୁଁ ଏଥିରୁ କିଛି ବୁଝିପାରୁନାହିଁ ।''

ଡିଉକ୍ କହିଲେ, ''ତା' ଅର୍ଥ ତୁମେ ଏପର୍ଯ୍ୟନ୍ତ କୂଟନୀତିରେ ପୋଖତ ହୋଇନାହଁ । ଆଚରଣ ସହିତ ବିଶ୍ୱାସର କୌଣସି ସମ୍ପର୍କ ନଥାଏ । ଆମର ଉଦ୍ଦେଶ୍ୟ କ'ଣ ? ଅସଲ

Digitized by srujanika@gmail.com

ହେଉ ବା ନକଲ ହେଉ, ଜଣେ ସପ୍ତଦଶ ଲୁଇଙ୍କୁ ଆଣି ଫରାସୀ ସିଂହାସନରେ ବସାଇବାହିଁ ଆମର ଉଦ୍ଦେଶ୍ୟ । ଯଦି ଚାର୍ଲସ୍‌କୁ ନେଇ ଆମର ସେ ଉଦ୍ଦେଶ୍ୟ ସିଦ୍ଧ ହୁଏ, ତେବେ ସେ ରାଜାପୁଅ ହେଲେ କେତେ, ଚଷାପୁଅ ହେଲେ କେତେ ?''

ଅଟ୍ରାଣ୍ଟୋ ନିବାସର ଉତ୍ସବ ମାଧ୍ୟମରେ ଏକ ଛୋଟ ଧରଣର ପ୍ରଚାର ଆରମ୍ଭ ହୋଇଗଲା । ଛୋଟ ପ୍ରଚାର କ୍ରମେ ବଡ଼ ଆକାର ଧାରଣ କଲା । ଏ କାନରୁ ସେ କାନକୁ ଚୁପ୍‌ଚାପ୍‌ଭାବରେ ଚାଲିଥିବା ପ୍ରଚାର ଏଥର ଜନରବରେ ପରିଣତ ହୋଇଗଲା । ''ଏତେ ଦିନକେ ଆସିଛନ୍ତି ! ସିଂହାସନର ନ୍ୟାଯ୍ୟ ଅଧିକାରୀ ସପ୍ତଦଶ ଲୁଇ ଫେରିଆସିଛନ୍ତି !'' —ଏହି ଜନରବରେ ପ୍ୟାରିର ବାୟୁମଣ୍ଡଳ ସରଗରମ ହୋଇଉଠିଲା ।

ଚାର୍ଲସ୍‌କୁ ଏଥର ଅଟ୍ରାଣ୍ଟୋ ନିବାସର ଚୌହଦୀ ମଧ୍ୟରେ ଆବଦ୍ଧ ନରଖି ଗୋଟିଏ ସୁନ୍ଦର ଆରବୀୟ ଅଶ୍ୱରେ ନଗର ଭ୍ରମଣ କରିବାର ସୁବିଧା ଯୋଗାଇଦିଆଗଲା । ଅଙ୍ଗରେ ବହୁମୂଲ୍ୟ ରାଜକୀୟ ପୋଷାକ, ପଛରେ ପୋଷାକଧାରୀ ଅଙ୍ଗରକ୍ଷୀ— ଅବଶ୍ୟ ସେମାନଙ୍କର ପୋଷାକ ସବୁ ଡିଉକ୍‌ଙ୍କର ଘରୋଇ ପୋଲିସ୍‌ର ପୋଷାକ । ଫଳରେ ପ୍ୟାରି ପୋଲିସ୍ ପକ୍ଷରୁ ଆପତ୍ତି କରିବାର ପ୍ରଶ୍ନ ଉଠିପାରିଲାନାହିଁ; ଅଥଚ ଚାର୍ଲସ୍ ମୁକୁଟବିହୀନ ସମ୍ରାଟ୍ ପରି ପ୍ୟାରିର ରାଜପଥରେ ସ୍ୱଚ୍ଛନ୍ଦ ବିହାର କରିବାକୁ ଲାଗିଲେ । ସେ ଅଶ୍ୱାରୋହଣ କରି ଗଲାବେଳେ ତାକୁ ଦେଖିବାଲାଗି ନଗରର ପ୍ରାସାଦ ଓ ଅଟ୍ଟାଳିକାମାନଙ୍କରେ ଏଥର କୋଳାହଳ ଉଠିଲା, ''ଦେଖ, ଦେଖ, ହେଇଟି ସପ୍ତଦଶ ଲୁଇ ଯାଉଛନ୍ତି ।''

ଦିନେ ଅବସ୍ଥା ଚରମକୁ ଉଠିଗଲା । ରାଜଧାନୀର ସର୍ବଶ୍ରେଷ୍ଠ ପ୍ରମୋଦଭବନ ଅପେରା ପ୍ୟାରିରେ ସେଦିନ ନଗରର ସବୁ ଅଭିଜାତ ପରିବାରର ଲୋକେ ଉପସ୍ଥିତ । ଅଟ୍ରାଣ୍ଟୋହିଁ ସମସ୍ତ ଆୟୋଜନର ପୁରୋଧା । ମନୋରଞ୍ଜନ କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଚାର୍ଲସ୍ ଡେସ୍‌ଲିସ୍ ଯାଇ ସେଠାରେ ପହଞ୍ଚିଗଲେ । ଡିଉକ୍ ଅଟ୍ରାଣ୍ଟୋଙ୍କ ଇଙ୍ଗିତକ୍ରମେ ହଜାର ହଜାର ଦର୍ଶକ ଏକସଙ୍ଗରେ ନତମସ୍ତକ ହୋଇ ଠିଆ ହୋଇଗଲେ ଏବଂ ଚାର୍ଲସ୍ ନିଜର ସମ୍ମାନିତ ଆସନ ଗ୍ରହଣ କରିବା ପର୍ଯ୍ୟନ୍ତ ସମସ୍ତେ ସେହିପରି ଠିଆହୋଇ ରହିଲେ ।

ଏପ୍ରକାର ସମ୍ମାନ କେବଳ ରାଜାଙ୍କର ପ୍ରାପ୍ୟ ।

ଏହା ଫଳରେ ଅକାଳ-କୁଷ୍ମାଣ୍ଡ ଅଷ୍ଟାଦଶ ଲୁଇଙ୍କ ଦରବାରରେ ଚହଳ ପଡ଼ିଗଲା । ସିଂହାସନ ପାଇବା ଲାଳସାରେ କେହି ଜଣେ ଜାଲ୍ ଦାବିଦାର ଆସିଥିବା ସମ୍ବାଦ କିଛିଦିନ ତଳେ ଦରବାରରେ ପହଞ୍ଚିଥିଲା । ଯେଉଁଠି ରାଜାଙ୍କର ତତ୍ପରତାନାହିଁ, ସେଠାରେ ମନ୍ତ୍ରୀ-ସେନାପତି କାହିଁକି ତତ୍ପର ହେବେ ? ଏ ପର୍ଯ୍ୟନ୍ତ ସମସ୍ତେ ଲହଡ଼ି ଗଣି ବସିଥିଲେ । କିନ୍ତୁ ବର୍ତ୍ତମାନ ସେମାନେ ଆଉ ନିଶ୍ଚିନ୍ତ ହୋଇ ବସିପାରିଲେନାହିଁ । ରାଜା ମନ୍ତ୍ରୀ ବସି ଆଲୋଚନା କରୁଛନ୍ତି, ଏହି ସମୟରେ ମାଡାମ୍ ରୟେଲ୍ ମଧ୍ୟ ଆଲୋଚନାରେ ଅଂଶ ଗ୍ରହଣ କରିବେ ବୋଲି ଆସି ସେଠାରେ ବସିଗଲେ । ଅଷ୍ଟାଦଶ ଲୁଇ ଶୀଘ୍ର ମରିଗଲେ ନିଜେ କିପରି ରାଜସିଂହାସନରେ ବସିବେ ବୋଲି ମାଡାମ୍

Digitized by srujanika@gmail.com

ରୟେଲ୍ ଆକାଙ୍‌କ୍ଷିତ ହୋଇ ରହିଥିଲେ। ତେଣୁ ରାଜସିଂହାସନର ଜଣେ ନୂଆ ଦାବିଦାର ଆସିଛନ୍ତି ବୋଲି ଶୁଣିଦେବା ବେଳୁ ସେ ଆଉ ଶାନ୍ତିରେ ଶୋଇନଥିଲେ। ବର୍ତ୍ତମାନ ଆଲୋଚନାରେ ହସ୍ତକ୍ଷେପ କରି ସେ ଏକ ଅଭୟ ବାଣୀ ଶୁଣାଇଦେଲେ, "ଆପଣ ବ୍ୟସ୍ତ ହୁଅନ୍ତୁନାହିଁ। ମୁଁ ଏପରି ମନ୍ତ୍ର ପଢ଼ିଦେବି ଯେ ସେମାନଙ୍କର ସବୁ ଚକ୍ରାନ୍ତ ଫସରଫାଟିଯିବ। ସପ୍ତଦଶ ଲୁଇ ଅର୍ଥାତ୍ ମୋ ଭାଇ ଲୁଇ ଚାର୍ଲସ୍ ବିଷୟରେ ମୋ ଛଡ଼ା ଜଗତରେ ଅଧିକ ଜାଣେ କିଏ ? ହଁ ପରା, ମୁଁ ଜିଦ୍ ପକାଇ କହୁଛି କେହି ଜାଣିନାହାନ୍ତି କି କେହି ଜାଣିପାରିବେନାହିଁ। ମୁଁ ଏପରି କିଛି ଗୁପ୍ତ ତଥ୍ୟ ରଖିଛି, ଯାହା ଜାଣିବା ଅନ୍ୟ ସମସ୍ତଙ୍କ ଶକ୍ତିର ବାହାରେ। ଏ ଯେଉଁ ବ୍ୟାରେନ୍, କାଉଣ୍ଟ, ଡିଉକ୍‌ମାନଙ୍କର ନିମକହାରାମ ଦଳ ସେ ଅଦିନ ଛତୁଟାକୁ ସପ୍ତଦଶ ଲୁଇ ବୋଲି ସ୍ୱପ୍ନ ଦେଖୁଛନ୍ତି ମୁଁ ଏମାନଙ୍କର ସେ ସ୍ୱପ୍ନ ଭାଙ୍ଗିଦେବି। ଏମାନଙ୍କ ଆଖିଆଗରେ ମୁଁ ସେ ଧପ୍‌ପାଦିଆଟାର ଅସଲ ସ୍ୱରୂପ ଖୋଲିଦେବି। ତାକୁ ଏପରି ଅପଦସ୍ଥ କରାଇଦେବି ଯେ ସେ ପ୍ୟାରି ଛାଡ଼ି ପଳାଇଯିବାକୁ ବାଟ ପାଇବନାହିଁ। ଆପଣ ନିଶ୍ଚିନ୍ତ ରହନ୍ତୁ; ଆଜି ସଂଧ୍ୟାରେ ହିଁ ମୁଁ ଅଟ୍ରାଣ୍ଟୋ ନିବାସକୁ ଯାଉଛି।"

ଦୈବାତ୍ ସେହି ସନ୍ଧ୍ୟାରେହିଁ ଅଟ୍ରାଣ୍ଟୋ ନିବାସରେ ଅଭିଜାତ ମଣ୍ଡଳୀର ଏକ ପୂର୍ଣ୍ଣାଙ୍ଗ ଅଧିବେଶନ ବସିଥାଏ। ରାଜକୀୟ ବସନଭୂଷଣ ପରିଧାନ କରି ଚାର୍ଲସ୍ ବସିଥାଏ ଏକ ଉଚ୍ଚ ଆସନରେ। ତା'ର ବାମ ଦକ୍ଷିଣ ଉଭୟ ପାର୍ଶ୍ୱରେ ଅଦୂରରେ ଧାଡ଼ି ଧାଡ଼ି ପଡ଼ିଥିବା ଆସନମାନଙ୍କର ବସିଥାନ୍ତି ମାର୍ଶାଲ ନେ, ଜେନେରାଲ୍ ଡାଭ୍ରୁ୍ୟଟ, ବ୍ୟାଙ୍କର୍ ଓଭେରାର୍ଡ୍, ଡଚେସ୍ କ୍ୟାଷ୍ଟିଲନ୍ ଫୋକେୟାର ଏବଂ ତାଙ୍କର ସୁନ୍ଦରୀ କନ୍ୟା ପଲୀନା ତଥା ଅନ୍ୟ ବହୁ ବିଶିଷ୍ଟ ବ୍ୟକ୍ତି। ଏ ଭିତରେ ଡଚେସ୍ କ୍ୟାଷ୍ଟିଲନ୍ ନିଜ କନ୍ୟା ପଲୀନା ସହିତ ଚାର୍ଲସ୍ ଅର୍ଥାତ୍ ସପ୍ତଦଶ ଲୁଇଙ୍କର ବିବାହ ପ୍ରସ୍ତାବ ଆଣିସାରିଥାନ୍ତି। ସେ ପ୍ରସ୍ତାବ ଡିଉକ୍ ଅଟ୍ରାଣ୍ଟୋଙ୍କ ପାଖରେ ବିଚାରାଧୀନ ଥାଏ।

ଏହି ଅଧିବେଶନରେ ଏ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଚାଲିଥାଏ। ସ୍ଥିର ହୋଇଥାଏ ଯେ ଆଉ ଅଳ୍ପ କେତେଦିନ ଭିତରେ ସପ୍ତଦଶ ଲୁଇ ନିଜକୁ ଫରାସୀ ସିଂହାସନର ଏକମାତ୍ର ଅଧୀଶ୍ୱର ବୋଲି ଘୋଷଣା କରିବେ। କିନ୍ତୁ ଉପଲବ୍ଧି କରାଯାଇଥାଏ ଯେ ସେହି ଘୋଷଣା ସହିତ ତାଙ୍କୁ ସମର୍ଥନ କରି ଦେଶରେ ଏକ ସାମରିକ ଅଭ୍ୟୁତ୍‌ଥାନ ହେବା ଆବଶ୍ୟକ। ସେ ଦାୟିତ୍ୱ ଦିଆଯାଇଥାଏ ଜେନେରାଲ୍ ଡାଭ୍ରୁ୍ୟଟଙ୍କୁ। କିଛିଦିନ ହେଲା ତାଙ୍କର ସୈନ୍ୟଦଳ ପ୍ୟାରିଠାରୁ ମାତ୍ର କୋଡ଼ିଏ ମାଇଲ ଦୂରରେ ନିର୍ଦ୍ଦେଶପାଇଁ ଅପେକ୍ଷା କରିଥାନ୍ତି; ନିର୍ଦ୍ଦେଶ ପାଇବା ମାତ୍ରେ ସେମାନେ ରାତାରାତି ମାଡ଼ିଆସି ଟ୍ୟୁଲାରି ପ୍ରାସାଦ ଅବରୋଧ କରିବେ; ଅଷ୍ଟାଦଶ ଲୁଇଙ୍କୁ ସେହିମାନେହିଁ ରାତାରାତି ବନ୍ଦୀ କରିବେ। ତା' ପରଦିନ ସକାଳୁ ସକାଳୁ ସପ୍ତଦଶ ଲୁଇ ସିଂହାସନରେ ଅଧିଷ୍ଠିତ ହେଲେ ବୋଲି ଘୋଷଣା କରିଦିଆଯିବ। ତା' ସହିତ ମନ୍ତ୍ରୀସଭାର ପରିଚୟ ମଧ୍ୟ ଦେଇଦିଆଯିବ। ପ୍ରତିରକ୍ଷା ମନ୍ତ୍ରୀ ହେବେ ମାର୍ଶାଲ ନେ, ଯେ କି ଦିନେ ନେପୋଲିଅନ୍‌ଙ୍କର

Digitized by srujanika@gmail.com

ଦକ୍ଷିଣ ହସ୍ତରୂପେ ପରିଚିତ ଥିଲେ । ଦେଶରେ ଅର୍ଥନୀତିର ଯାଦୁକର ନାମରେ ଖ୍ୟାତ ବ୍ୟାଙ୍କର୍ ଓଭେରାର୍ଡ଼ ହେବେ ଅର୍ଥମନ୍ତ୍ରୀ । ବୈଦେଶିକ ମନ୍ତ୍ରୀ ପଦପାଇଁ ଟେଲିରାଣ୍ଡ ହିଁ ଯୋଗ୍ୟତମ ବ୍ୟକ୍ତି ବୋଲି ସମସ୍ତେ ମତ ଦେଲେ; ତଥାପି ଏକ ଲଘୁ ଆପତ୍ତି ଉଠାଇ ଡିଉକ୍ ଅଗ୍ରାଣ୍ଟୋ କହିଲେ, ''ଆପଣମାନେ ଉପଯୁକ୍ତ ଲୋକଙ୍କୁହିଁ ବାଛିଛନ୍ତି; କିନ୍ତୁ ମତେ କାହିଁକି ଲାଗେ ଟେଲିରାଣ୍ଡ ଟିକିଏ ସୁବିଧାବାଦୀ ଲୋକ । ତେଣୁ ମୁଁ ଆପଣମାନଙ୍କ ଆଗରେ ଆଉ ଗୋଟିଏ ନାମ ପ୍ରସ୍ତାବ କରିବାକୁ ଚାହେଁ । ଯାହାଙ୍କ ନାମ ମୁଁ ପ୍ରସ୍ତାବ କରିବାକୁ ଯାଉଛି, ସେ ନିଜର କର୍ମଶକ୍ତି ଏବଂ କୂଟନୈତିକ ଦକ୍ଷତାର ଯଥେଷ୍ଟ ପରିଚୟ ଦେଇସାରିଛନ୍ତି; ସତରେ ମୁଁ ତାଙ୍କର ପରିଚୟ ପାଇ ମୁଗ୍ଧ ହୋଇଛି । ପୁଣି ସେ ହେଉଛନ୍ତି ଆମ ନୂତନ ମହାରାଜାଙ୍କର ଏକାନ୍ତ ସୁହୃଦ । ଯେଉଁ ଭଦ୍ର ମହାଶୟଙ୍କ ନାମ ମୁଁ ପ୍ରସ୍ତାବ କରିବାକୁ ଯାଉଛି ସେ ହେଉଛନ୍ତି''– ଏଠାରେ ବାକ୍ୟ ଶେଷ ନକରି ଡିଉକ୍ ସପ୍ତଦଶ ଲୁଇ ରୂପେ ଆସନ ଗ୍ରହଣ କରିଥିବା ଚାର୍ଲସର ଠିକ୍ ପଛରେ ବସିଥିବା ଲା ସ୍ୟାଲ୍ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ବାକ୍ୟ ଶେଷ କଲେ, ''ମସିୟାର୍ ଫ୍ଲୋରେନ୍ସ ଦ ଲା ସ୍ୟାଲ୍ । ଏକ ପ୍ରାଚୀନ ଅଭିଜାତ ବଂଶର ସୁଯୋଗ୍ୟ ସନ୍ତାନ– ଆପଣମାନେ ତାଙ୍କୁ ଚିହ୍ନିବାକୁ ପାଇ ନିଜକୁ ଧନ୍ୟ ମନେକରିବେ । କାରଣ ଏ ହେଉଛନ୍ତି ସେହି ନିରୁଣ ରାଜଭକ୍ତ, ଯେ ଲୁଇ ଚାର୍ଲସ୍‌ଙ୍କୁ ଟେମ୍ପଲ୍ କାରାଗାରରୁ ଉଦ୍ଧାର କରି ନେଇଥିଲେ ।''

ବିସ୍ମିତ-ବିମୁଗ୍ଧ ଅଭିଜାତମଣ୍ଡଳୀ ଏକଦୃଷ୍ଟିରେ ଚାହିଁ ରହିଲେ ଲା ସ୍ୟାଲ୍‌କୁ । ଲା ସ୍ୟାଲ୍ ନିଜେ ଏହି ପ୍ରସ୍ତାବ ଶୁଣି ହତବାକ୍ ହୋଇଗଲା; କିନ୍ତୁ ପରକ୍ଷଣରେ ଆତ୍ମବିଶ୍ୱାସ ଫେରାଇଆଣି ସେ ନିଜ ଆସନରୁ ଉଠି ଠିଆହୋଇପଡ଼ିଲା । କହିଲା, ''ଆପଣମାନେ ମୋତେ ଯଦି କୌଣସି ସମ୍ମାନର ପଦ ପ୍ରଦାନ କରନ୍ତି, ତାହା ମୋର ଶିରୋଧାର୍ଯ୍ୟ ହେବ । କୌଣସି ପଦ ପଦବୀ ନମିଳିଲେ ମଧ ମହାରାଜାଙ୍କ ସେବାରେ ମୋର ଆନ୍ତରିକତା ଅତୁଟ ରହିବ ।''

ଏହା ଶୁଣି ଭଦ୍ରମଣ୍ଡଳୀ ସାଧୁବାଦ କଲେ ।

ଏବଂ ସେହି ସାଧୁବାଦ ମଧ୍ୟରେହିଁ ପ୍ରହରୀ ଦ୍ୱାର ଖୋଲି ଜଣାକଲା, ''ମହାମାନ୍ୟା ମାଡାମ୍ ରୟେଲ୍ ପ୍ରିନ୍‌ସେସ୍ ମେରୀ ଥେରେସ୍ ବିଜେ କରୁଛନ୍ତି ।''

ବଡ଼ ଅପ୍ରତ୍ୟାଶିତ ଭାବରେ ମାଡାମ୍ ରୟେଲ୍ ଚାଲି ଆସିଲେ । ସେତେବେଳକୁ ସେ କକ୍ଷଦ୍ୱାରର ଆଉ ପାଖରେ ପହଞ୍ଚିଗଲେଣି । ଏହି ଅଯାଚିତ ଆଗମନ ନିତାନ୍ତ ଅସ୍ୱସ୍ତିକର ବୋଧହେଲେ ମଧ ପ୍ରହରୀ ତାଙ୍କର ଗତିରୋଧ କରିବା କଥା ଭାବିପାରିଲାନାହିଁ । ତାଙ୍କୁ ଅଭ୍ୟର୍ଥନା ଜଣାଇବା ଲାଗି ଡିଉକ୍ ଆସନ ଛାଡ଼ି ଉଠିବା ପୂର୍ବରୁ ସେ ଆସି କକ୍ଷ ଭିତରେ ପଶିଗଲେ । ଡିଉକ୍ ମଞ୍ଚର ପାଦରେ ଆଗେଇ ଯାଇ ନିରୁଦ୍‌ବେଗ କଣ୍ଠରେ କହିଲେ, ''ଆଜି ମୋର ବଡ଼ ଭାଗ୍ୟର ଦିନ, ରାଜଭଗ୍ନି !''

''ରାଜ ଭ-ଗ୍ନି ?''–ମାଡମ୍ ରୟେଲ୍‌ଙ୍କ କଣ୍ଠରେ ବିସ୍ମୟ ଓ କ୍ରୋଧର ଦାବାନଳ ଜଳିଉଠିଲା । ସେ ଗର୍ଜନ କରିଉଠିଲେ, ''ରାଜଭଗ୍ନୀ ନୁହେଁ, କହ ରାଜକନ୍ୟା ।''

Digitized by srujanika@gmail.com

ଶାନ୍ତ-ସଂଯତ କଣ୍ଠରେ ଡିଉକ୍ କହିଲେ, ''ଏପର୍ଯ୍ୟନ୍ତ ରାଜକନ୍ୟା ଥିଲେ, କିନ୍ତୁ ବର୍ତ୍ତମାନଠାରୁ ଆପଣ ରାଜଭଗ୍ନୀ ହୋଇଗଲେ ମହାମାନ୍ୟା । ବର୍ତ୍ତମାନ ଯେ ଫରାସୀ ଦେଶର ଅଧୀଶ୍ୱର ସେ ଆପଣଙ୍କର ଭାଇ, ସହୋଦର— ମହାରାଜା ସପ୍ତଦଶ ଲୁଇ । ହେଇଟି ସେ ସ୍ୱୟଂ ଆପଣଙ୍କ ସମ୍ମୁଖରେ ଉପବିଷ୍ଟ ।''

ଚାର୍ଲସ୍‌ଙ୍କୁ ଥରଟିଏ ମାତ୍ର ତୀର୍ଯ୍ୟକ ନୟନରେ ଚାହିଁଦେଇ ମାଡାମ୍ ରୟେଲ୍ ଘୃଣା ଓ ଅବଜ୍ଞାରେ ଏକ ତୀକ୍ଷ୍ଣ ହସ ହସିଦେଲେ ଏବଂ ତା'ପରେ ସମଗ୍ର କକ୍ଷକୁ ଚକିତ କରିଦେଇ ଆକ୍ଷେପ କରିବସିଲେ, ''ଆପଣମାନେ ତା'ହେଲେ ଯୋଡ଼ି ଛାଡ଼ି ଦୌଡ଼ିବାକୁ ଆରମ୍ଭ କରିଦେଲେଣି ।''

କିନ୍ତୁ ଡିଉକ୍ ଏ ପ୍ରଶ୍ନବାଣ ମାରି ମାଡାମ୍ ରୟେଲଙ୍କର ଆକ୍ଷେପଟିକୁ ପଙ୍ଗୁ କରିଦେଲେ— ''କେତେଦିନ ଆଉ ଅଥର୍ବ ହୋଇ ପଡ଼ିଥାନ୍ତୁ ?'' – ଘୃଣା ଓ ଅବଜ୍ଞା ପ୍ରକାଶ କରିବାକୁ ତାଙ୍କର ଆଉ ତୀକ୍ଷ୍ଣ ହସ ହସିବା ଆବଶ୍ୟକ ପଡ଼ିଲାନାହିଁ । ସେହି ଗୋଟିଏ ମାତ୍ର ତାତ୍ପର୍ଯ୍ୟପୂର୍ଣ୍ଣ ସଂଯତ ବାକ୍ୟରେ ରାଜନନ୍ଦିନୀଙ୍କର ଦର୍ପ ଓ ଅଭିମାନ ଆହତ ହୋଇଗଲା । ସେ ଦଳିତ ଫଣିନୀ ପରି ଗର୍ଜନ କରିଉଠିଲେ, ''ସ-ପ୍ତ-ଦ-ଶ-ଲୁଇ ? ହୀନ ପ୍ରତାରକ ଦାସୀପୁତ୍ର କହୁଛି ମୁଁ ସ-ପ୍ତ-ଦ-ଶ-ଲୁ-ଇ !! ମୁଁ ଓ ମୋ ଭାଇ ଟେମ୍ପଲ୍ ଜେଲଖାନାର ଗୋଟିଏ ମହଲାରେ ବନ୍ଦୀ ହୋଇ ରହୁଥିଲୁ । ସେଇଠି ମୋ ଆଖି ଆଗରେ ମୋ ଭାଇ ରୋଗଗ୍ରସ୍ତ ହୋଇ ମୃତ୍ୟୁବରଣ କରିଛି । ସେ ମରିବାଦିନହିଁ ସେତେବେଳର ବିପ୍ଳବୀ ସରକାର ତାକୁ କବର ଦେଇଦେଲେ । ସେ କବର ବର୍ତ୍ତମାନ ସୁଦ୍ଧା ରହିଛି ।''

''ରହିଛି ସତ; କିନ୍ତୁ ସପ୍ତଦଶ ଲୁଇଙ୍କର ମୃତ୍ୟୁର ସତ୍ୟତା ପ୍ରମାଣ କରିବାକୁ ସେ କବରଟି ଖୋଳି ମୃତ ଦେହଟି ପରୀକ୍ଷା କରନ୍ତୁ ବୋଲି ଜନସାଧାରଣଙ୍କ ପକ୍ଷରୁ ଏତେଥର ପ୍ରସ୍ତାବ ଦିଆଗଲାଣି, ଅଥଚ ଆପଣଙ୍କର କକେଇ ସେଥିରେ ସ୍ୱୀକୃତ ହେଉନାହାନ୍ତି କାହିଁକି ?'' – ଏକ ଯୁକ୍ତିଗତ ପ୍ରଶ୍ନ ପଚାରିଦେଲେ ଅନ୍ତ୍ରାଣ୍ଟୋ ।

''କବର ଖୋଳି ମୃତ ଦେହ ପରୀକ୍ଷା କରାଯିବ ?? ଏପରି ନିତାନ୍ତ ଶାସ୍ତ୍ର ବିରୋଧୀ କାର୍ଯ୍ୟ କରିବାକୁ ମଣିମା କଦାପି ସ୍ୱୀକୃତି ଦେଇନପାରନ୍ତି ।'' ଶାସ୍ତ୍ରର ଦ୍ୱାହିଦେଇ ଡିଉକ୍‌ଙ୍କୁ ସଂଯତ କରିବାକୁ ଚେଷ୍ଟା କଲେ ମେରୀ ଥେରେସ୍ ।

ସାମାନ୍ୟ ହାସ୍ୟ ପ୍ରକାଶ କରି ଡିଉକ୍ ମନ୍ତବ୍ୟ କଲେ, ''ଶିରୋନାସ୍ତି ଶିରଃ ବ୍ୟଥା ! ଶାସ୍ତ୍ର ଉପରେ ଡୋର ବାନ୍ଧିଦେଇଥିବା ବିପ୍ଳବୀ ସରକାର କେଉଁ ଶାସ୍ତ୍ରସମ୍ମତ ବିଧିରେ ଏବେ କବର ଦେଇଥିଲେ ଯେ କବରଟା ଖୋଳିଦେବା ଶାସ୍ତ୍ରବିରୁଦ୍ଧ କାର୍ଯ୍ୟ ହେବ ? କବର ଖୋଳି ମୃତ ଦେହଟାକୁ ପରୀକ୍ଷା କରନ୍ତୁ ବା ନକରନ୍ତୁ, ସେଇଟିକୁ ଶାସ୍ତ୍ରସଙ୍ଗତ ବିଧିରେ ପୁନର୍ବାର କବର ଦେଇଦେଲେ ଅନ୍ତତଃ ଅଭାଗା ବାଳକଟିର ସଦ୍‌ଗତି ହୋଇଯାଆନ୍ତା ।''

Digitized by srujanika@gmail.com

ମାଡାମ ରୟେଲ୍ ଆଉ ଏ ଯୁକ୍ତିତର୍କ ଭିତରେ ଆବଦ୍ଧ ହୋଇ ରହିପାରିଲେ ନାହିଁ । ସେ ଅଗ୍ନିବାଣ ହୋଇ ଚାର୍ଲସ୍ ଉପରେ ସମସ୍ତ କ୍ରୋଧ ଢାଳିଦେବାକୁ ବସିଲେ– "ଏ ପ୍ରତାରକଟାକୁ ମୁଁ ଧୂଳିସାତ୍ କରିଦେବି, ବର୍ତ୍ତମାନ ମୁଁ ଯଦି ଗୋଟିଏ ମାତ୍ର କଥା ଉଠାଇବି– ସେ କଥାଟି ମୁଁ ଓ ମୋ ଭାଇ ବ୍ୟତୀତ ଅନ୍ୟ କେହି ଜାଣନ୍ତି ନାହିଁ; ତା'ହେଲେ ଆପଣମାନେ ଏ ପ୍ରତାରକଟାର ଆସ୍ପର୍ଦ୍ଧା ଦେଖି ହସିଉଠିବେ । ଅବଶ୍ୟ ନହସିପାରନ୍ତି, ଆପଣମାନେ ତ ଜାଣିଶୁଣି ପ୍ରତାରଣାକୁ ସମର୍ଥନ କରୁଛନ୍ତି ନା !"

ଜେନେରାଲ ଡାଭ୍ରୁ୍ୟଟ ଆଉ ସମ୍ଭାଳିପାରିଲେନାହିଁ । ସେ ଦୃଢ଼କଣ୍ଠରେ ପ୍ରତିବାଦ କରିଉଠିଲେ, "ଆପଣଙ୍କର ସାହସ ଥିଲେ ଆମ ବିରୁଦ୍ଧରେ ରାଜଦ୍ରୋହ ଅଭିଯୋଗ କରିପାରନ୍ତି; କିନ୍ତୁ ଆମକୁ ପ୍ରତାରଣାର ସମର୍ଥକ ବୋଲି ଆପଣ ଏପରି ଅପଦସ୍ଥ କରିପାରିବେନାହିଁ । ହୋଇପାରନ୍ତି ଆପଣ ମାଡାମ୍ ରୟେଲ୍ !"

ମାଡ଼ାମ୍ ରୟେଲ ସମ୍ଭବତଃ ଏ ପ୍ରତିବାଦର ଏକ କ୍ରୁଦ୍ଧ ଉତ୍ତର ଦେଇଥାନ୍ତେ, କିନ୍ତୁ ତାଙ୍କୁ ବାଧାଦେଇ ଚାର୍ଲସ୍ ବିଷର୍ଣ୍ଣ-ଗମ୍ଭୀର ସ୍ୱରରେ କହିଲା, "ଭଉଣୀ, ତୁମର ଏହି ଆଗମନର କୌଣସି ଯଥାର୍ଥତାନାହିଁ । ତମ ଧମନୀରେ ଯେଉଁ ରାଜରକ୍ତ ପ୍ରବାହିତ, ମୋ ଧମନୀରେ ମଧ ସେହି ଏକା ରାଜରକ୍ତ ପ୍ରବାହିତ । ତୁମର ଏହା ଭିତରେ ଯୁକ୍ତିତର୍କ ଚାଲିଲେ, ଭର୍ତ୍ସନା ପ୍ରତିଭର୍ତ୍ସନା ଚାଲିଲେ କାହାରି ଉଦ୍ଦେଶ୍ୟ ସିଦ୍ଧ ହୋଇପାରିବନାହିଁ । ମୁଁ ଯାହା କହିବି, ତୁମେ କହିବ ସେସବୁ ମିଥ୍ୟା; କାରଣ ମୋତେ ମିଥ୍ୟାବାଦୀ ବୋଲି ପ୍ରମାଣ କରିପାରିଲେ ତୁମରହିଁ ସର୍ବାଧିକ ଲାଭ ହେବ । କକେଇ ମହାଶୟ ଆସି ବୃଦ୍ଧ ହେଲେଣି; ଆଉ ବା କେତେ ଦିନ ସିଂହାସନ ଅଳଙ୍କୃତ କରିବେ ? ମୋତେ ପ୍ରତାରକ-ମିଥ୍ୟାବାଦୀ ବୋଲି ଅନ୍ତର କରିଦେଇପାରିଲେ ସେ ସିଂହାସନ ଅବାଧରେ ତୁମର ହୋଇଯିବ । ତେଣୁ ଏ କ୍ଷେତ୍ରରେ ଏ ବ୍ୟାପାରରେ ତୁମ ମୁହଁରୁ ସତ୍ୟ ବାହାରିବା ଅସମ୍ଭବ, ଅସ୍ୱାଭାବିକ । ତୁମେ ଯେ ଆଜି ଏଠାକୁ ଖୋଲାମନରେ ନିରପେକ୍ଷ ଦୃଷ୍ଟି ନେଇ ଚାଲିଆସିଛ, ସେ କଥାସେ ଭଦ୍ରମଣ୍ଡଳୀ ମଧରୁ କୌଣସି ବ୍ୟକ୍ତି ବିଶ୍ୱାସ କରନ୍ତିନାହିଁ ।"

ଜଣେ ଗ୍ରାମ୍ୟ କୃଷକର ଆଶ୍ରୟପାଳିତ ଏକ ଶିକ୍ଷାଦୀକ୍ଷାହୀନ ଯୁବକ ମୁଖରୁ କିପରି ଏପ୍ରକାର ଭଦ୍ର ଭର୍ତ୍ସନା ବାହାରିପଡ଼ିଲା, ଲା ସ୍ୟାଲ୍ ତାହା କଳ୍ପନା କରି ପାରିଲାନାହିଁ । ଅନ୍ୟମାନେ ଜାଣିଥାନ୍ତୁ ବା ନଜାଣିଥାନ୍ତୁ, ଅନ୍ତତଃ ସେ ଜାଣେ ଯେ ଚାର୍ଲସ୍ ଡେସ୍‌ଲିସ୍ ଲୁଇ ଚାର୍ଲସ୍ ନୁହେଁ । ସେ ପରା ନିଜେ ତାକୁ ସିଂହାସନରେ ବସାଇବ ବୋଲି ରାସ୍ତାକରରୁ ଗୋଟାଇ ଆଣିଛି ! ତେବେ ଏପ୍ରକାର ଭାଷଣ ଦେବା ଚାର୍ଲସ୍ ପକ୍ଷରେ କିପରି ସମ୍ଭବ ହେଲା ?

ମାଡାମ୍ ରୟେଲଡ୍ ଆଉ ତାଙ୍କର ସେହି ସ୍ୱୟଂସିଦ୍ଧ ଭାଇ ମୁହଁକୁ ଚାହିଁ ପାରିଲେ ନାହିଁ । ସେ ଏଥର ଅଟ୍ରାଣ୍ଟୋଙ୍କୁ ଚାହିଁ ପ୍ରଶ୍ନ କଲେ, "ଏ ଯୁବକ ଯେ ପ୍ରକୃତ ସପ୍ତଦଶ ଲୁଇ ତା'ର କିଛି ପ୍ରମାଣ ଅଛି ?"

Digitized by srujanika@gmail.com

ଏହା ଏକ ପ୍ରଶ୍ନ ପରି ପ୍ରଶ୍ନ । ଉପସ୍ଥିତ ଅଭିଜାତମଣ୍ଡଳୀର ଅଧିକାଂଶ ସଦସ୍ୟ ଏକାଧିକବାର ଏ ପ୍ରଶ୍ନ ଡିଉକ୍‌ଙ୍କୁ ପଚାରିଛନ୍ତି । କିନ୍ତୁ ସମସ୍ତଙ୍କୁ ଆଶ୍ୱାସନା ଦେଇ ଡିଉକ୍ ସବୁବେଳେ ଗୋଟିଏ ମାତ୍ର କଥା କହିଆସିଛନ୍ତି, ''ମୋତେ ବିଶ୍ୱାସ କରନ୍ତୁ; ମୁଁ ଯଥାସମୟରେ ପ୍ରମାଣ ଯୋଗାଇ ଦେବି ।'' ତେଣୁ ବର୍ତ୍ତମାନ ଉତ୍ତର ଶୁଣିବାକୁ ସମସ୍ତେ ଉନ୍ମୁଖ ହୋଇ ଡିଉକ୍‌ଙ୍କ ମୁଖକୁ ଚାହିଁରହିଲେ । ସେ ତ ଆଉ ମାଡ଼ାମ୍ ରୟେଲ୍‌ଙ୍କୁ 'ମୋତେ ବିଶ୍ୱାସ କରନ୍ତୁ' ବୋଲି କହିପାରିବେନାହିଁ !

ଡିଉକ୍ ଆଖିବୁଜି ଠିଆ ହୋଇଗଲେ । ଏକପ୍ରକାର ସ୍ୱଗତୋକ୍ତି କରିବା ଭଙ୍ଗୀରେ ସେ କହିଲେ, ''ବର୍ତ୍ତମାନ ମୋ ହାତରେ ଦୁଇଟି ଦଲିଲ ରହିଛି । ଏ ଭିତରୁ ଗୋଟିଏ ଦଲିଲ ମୋ ପାଖରେ ରହିଆସିଛି ଅନେକ ଦିନ ଧରି– ମୁଁ ଯେତେବେଳେ ବିପ୍ଳବୀ ସରକାରଙ୍କର ପୋଲିସ୍ ଅଧକ୍ଷ ଥିଲି, ସେତିକିବେଳୁ । ଅନ୍ୟଟି ମୋର ହସ୍ତଗତ ହୋଇଛି ଆଜି ମଧ୍ୟାହ୍ନରେ । ଆପଣ ଦେଖି ଆଶ୍ଚର୍ଯ୍ୟ ହୋଇଯିବେ ମାଡାମ୍ ରୟେଲ୍, ଏ ଦୁଇଟିଯାକ ଦଲିଲର ବିଷୟବସ୍ତୁ ଏକ, ଉଦ୍ଦେଶ୍ୟ ମଧ ଏକ ଏବଂ ଏ ଉଭୟ ଦଲିଲ ପ୍ରମାଣ କରିଦେଉଛି ଯେ ଆମ ସମ୍ମୁଖରେ ସମ୍ମାନିତ ଆସନରେ ଏ ଯେଉଁ ଯୁବକ ଉପବେଶନ କରିଛନ୍ତି, ଏ ହେଉଛନ୍ତି ଆମର ଭୂତପୂର୍ବ ମହାରାଜ ଷୋଡ଼ଶ ଲୁଇଙ୍କର ଏକମାତ୍ର ପୁତ୍ର ଲୁଇ ଚାର୍ଲସ୍ ।''

କକ୍ଷ ନୀରବ । କାହାରି ଶ୍ୱାସକ୍ରିୟାର ଶବ୍ଦ ମଧ ଶୁଣାଯାଉନଥାଏ । ସମସ୍ତେ ଏକଧ୍ୟାନରେ ଚାହିଁରହିଛନ୍ତି ଅଟ୍ରାଣ୍ଟୋଙ୍କ ମୁହଁକୁ । ଅଟ୍ରାଣ୍ଟୋ କହିଚାଲିଲେ, ''ଉଭୟ ଦଲିଲ ସେହି ଗୋଟିଏ ବିଷୟ ପ୍ରମାଣ କରିବା ଉଦ୍ଦେଶ୍ୟରେ ଲେଖା ଯାଇଛି । ଗୋଟିଏ ଲେଖିଛନ୍ତି ଜେନେଭାର ପରମ ରାଜଭକ୍ତ ଘଡ଼ି ବ୍ୟବସାୟୀ ମାର୍ଟିନ୍ ଲେବାସ୍ । ଅନ୍ୟଟି ଲେଖିଛନ୍ତି ପ୍ରୁସିଆର ସ୍ୱର୍ଗତ ବ୍ୟାରେନ୍ ଫନ୍ ଇନେକ୍ । ମୁଁ ଯାହା କହିଲି, ଏ ଉଭୟ ଦଲିଲ ଗୋଟିଏ ମାତ୍ର ସତ୍ୟ ପ୍ରତିପାଦନ କରୁଛି ଯେ ଏହି ସମ୍ମାନିତ ଯୁବକହିଁ ସପ୍ତଦଶ ଲୁଇ ।

''ଦଲିଲ ଦୁଇଟିର ଇତିହାସ ମୁଁ ଟିକିଏ ସ୍ପଷ୍ଟ କରିଦିଏଁ । ପ୍ରଥମଟି ମାର୍ଟିନ ଲେବାସ୍ ପଠାଇଥିଲେ ସ୍ପେନର ସମ୍ରାଟ୍‌ଙ୍କ ପାଖକୁ । ଆପଣମାନେ ଜାଣନ୍ତି ଯେ ସ୍ପେନ ସମ୍ରାଟ୍ ମଧ ଫରାସୀ ରାଜବଂଶର ଜ୍ଞାତି । ତେଣୁ ଫରାସୀ ବିପ୍ଳବ ପରେ ସେ ବିପ୍ଳବୀ ସରକାରଙ୍କୁ ଅନେକଥର ଲେଖିଲେ ଯେ ଡଫିନ୍‌କୁ ତାଙ୍କ ପାଖକୁ ପଠାଇ ଦିଆଯାଉ । ଏହିସବୁ କାରଣରୁ ଲେବାସ୍ ଯେତେବେଳେ ଦେଖିଲେ ଯେ ଝଡ଼ ବେଳେ ଲୁଇ ଚାର୍ଲସ୍‌ଙ୍କୁ ନେଇଯାଉଥିବା ଡଙ୍ଗାଟି ଲେମାନ ହ୍ରଦରେ ବୁଡ଼ିଗଲା ସତ; କିନ୍ତୁ ଲୁଇ ଚାର୍ଲସ୍ ରକ୍ଷା ପାଇଗଲେ, ସେତେବେଳେ ସେ ଏଇ ରାଜକୁମାରଙ୍କ ସମ୍ବନ୍ଧରେ ଏକ ବିବୃତି ଲେଖି ଘୋଡ଼ସବାର ଡାକଦ୍ୱାରା ସ୍ପେନ୍ ପଠାଇଦେଲେ । କିନ୍ତୁ ସେହି ବିବୃତି ସମ୍ବଳିତ ଦଲିଲ ଖଣ୍ଡିକ ଫରାସୀ ପୋଲିସ୍ ଡାକମୁଣିରୁ ଅପହରଣ କରି ଆଣିଥିଲା । ମୁଁ ତ ପୋଲିସ୍ ଅଧକ୍ଷ ଥାଏ, ଦିନେ ଅଫିସରେ ସେ ଦଲିଲଟି ଉପରେ ମୋ ନଜର ପଡ଼ିଗଲା । ମୁଁ ତା'ର ଗୋଟିଏ ନକଲ କରି ଫାଇଲ୍‌ରେ ରଖିଦେଲି ଏବଂ ଅସଲ ଦଲିଲଟିଆଣି ନିଜ ପାଖରେ

Digitized by srujanika@gmail.com

ରଖିଲି କେବଳ କୌଶଳବଶତଃ । ବର୍ତ୍ତମାନ ଆପଣମାନେ ପୋଲିସ୍ ଫାଇଲ ଖୋଜିଲେ ସେ କାଗଜପତ୍ର ଦେଖି ପାରିବେ ।

"ଏଥର ଦ୍ୱିତୀୟ ଦଲିଲଟି କଥା କହେ । ଏ ଖଣ୍ଡିକ ଲେବାସ୍ ଲୁଇ ଚାର୍ଲସ୍ଙ୍କ ହାତରେ ଦେଇଥିଲେ । ହ୍ରଦ ପାର ହେବାପାଇଁ ଡଙ୍ଗାରେ ବସିବା ପୂର୍ବରୁ ବ୍ୟାରେନ୍ ଫନ୍ ଇନେଇ୍ ଡଫିନ୍ଙ୍କର ସମସ୍ତ ବିବରଣୀଲେଖି ବିବରଣୀପତ୍ରଟି ଲେବାସଙ୍କୁ ଦେଇ ଯାଇଥିଲେ । ହ୍ରଦ ଭିତ୍‌ରେ ଡଙ୍ଗା ବୁଡ଼ିଗଲା । ଡଫିନ୍ କୌଣସିପ୍ରକାର ଉଦ୍ଧାର ପାଇ ଜଣେ ଧର୍ମଯାଜକଙ୍କର ସେବା ଶୁଶ୍ରୂଷାରୁ ବଞ୍ଚିଗଲେ ଏବଂ ଘଟଣାକ୍ରମେ ଧର୍ମଯାଜକ ତାଙ୍କୁ ଆଣି ଜେନେଭାରେ ଲେବାସ୍ଙ୍କ ପାଖରେ ଛାଡ଼ିଦେଲେ । ଲେବାସ୍ ଯେତେବେଳେ ରାଜକୁମାରଙ୍କର ନିରାପତ୍ତା ଲାଗି ତାଙ୍କୁ ନେଇ ନିଜର ଶାଳକ ଡେସ୍‌ଲିସ୍ଙ୍କ ଆଶ୍ରୟରେ ଦୂର ମଫସଲରେ ଛାଡ଼ିଦେଲେ, ସେତେବେଳେ ସେ ଇନେଇ୍ ଦେଇଥିବା ବିବରଣୀଟି ଗୋଟିଏ ପ୍ୟାକେଟ କରି ରାଜକୁମାରଙ୍କ ହାତରେ ଦେଇ ଆସିଥିଲେ । କହିଥିଲେ, "ଏଇଟି ଅତି ସାବଧାନରେ ରଖିଥିବ । ଡଫିନ୍ ବଡ଼ ହୋଇ ଚାର୍ଲସ୍ ଡେସ୍‌ଲିସ୍ ପଦ ଗ୍ରହଣ କରିବା ପରେ ଯେତେବେଳେ ଯୁଦ୍ଧରେ ଆହତ ହେବା ଫଳରେ ଫ୍ରାଙ୍କ୍‌ଫୁଟ ସାମରିକ ଡାକ୍ତରଖାନାରେ ଚିକିତ୍ସିତ ହୁଅନ୍ତି, ସେତେବେଳେ ସେ ଉକ୍ତ ପ୍ୟାକେଟଟି ପାଖ ବେଡ୍‌ରେ ସୁସ୍ଥ ହୋଇ ଉଠୁଥିବା ରୋଗୀ ନନ୍‌ଡର୍ଫ ହାତରେ ଦେଇ ଦେଇଥିଲେ କିଛି ସମୟ ସାଇତି ରଖିବା ଉଦ୍ଦେଶ୍ୟରେ । ଚାର୍ଲସ୍ ଡେସ୍‌ଲିସ୍ ସୁସ୍ଥ ହୋଇ ଉଠିବା ବେଳକୁ ନନ୍‌ଡର୍ଫ ଡାକ୍ତରଖାନା ଛାଡ଼ି ବ୍ରାଣ୍ଡନବୁର୍ଗ ଚାଲିଗଲାଣି । ଯାଇ ସେଠାରେ ଜେଲ୍ ଖଟିଲାଣି । ଚାର୍ଲ୍‌ସ ସେଠାକୁ ଯାଇ ଜେଲ୍‌ଖାନାରୁ ନନ୍‌ଡର୍ଫ ପାଖରୁ ଉକ୍ତ ପ୍ୟାକେଟଟି ଆଣିବାକୁ ଉଦ୍ୟମ କରିଥିଲେ; କିନ୍ତୁ ଶେଷପର୍ଯ୍ୟନ୍ତ ଅସମର୍ଥ ହୋଇଥିଲେ, କାରଣ ଲାଞ୍ଚ ଦେବା ଲାଗି ତାଙ୍କ ହାତରେ ପଇସାନଥିଲା । ମୁଁ ସେହି ଲାଞ୍ଚ ଦେଇପାରିଛି ଏବଂ ମୋର ବିଶ୍ୱସ୍ତ ଡେମାରେତ୍ଙ୍କୁ ପଠାଇ ପଇସା ବଳରେ ସେହି ପ୍ୟାକେଟଟି ନେଇଆସିପାରିଛି । ଆଜି ତ ପାଇଲି । ଆଜି ତାହା ଖୋଲି ପଢ଼ିବା ପରେ ମୁଁ ସନ୍ତୁଷ୍ଟ ହୋଇଛି ଯେ ତାହା ମୁଁ ବହୁ ପୂର୍ବରୁ ପୋଲିସ୍ ଫାଇଲରୁ ପାଇଥିବା ଦଲିଲର ଅନୁରୂପ ।"

ବିବରଣୀ ଦେଇସାରି ଡିଉକ୍ ଡ୍ରୟର ଭିତରୁ ଦୁଇଖଣ୍ଡ କାଗଜ ବାହାର କରି ଟେବୁଲ ଉପରେ ଥୋଇ ଦେଉ ଦେଉ ଜଣାଇଦେଲେ, "ଏଇଠି ରହିଲା ସେହି ମୂଲ୍ୟବାନ୍ ଦଲିଲ ଦୁଇଖଣ୍ଡ । ମାଡାମ୍ ରୟେଲ୍ ଆସି ନିଜେ ଦେଖିପାରନ୍ତି; ଆପଣମାନଙ୍କ ମଧ୍ୟରୁ ଯେକେହି ଆସି ଦେଖିପାରନ୍ତି ।"

ଆଗ୍ରହର ଆତିଶଯ୍ୟ ଆନକଙ୍କ ଭିତରେ ଜାଗିଉଠିଥିଲା, କିନ୍ତୁ ଆସନରୁ ଉଠି ଦଲିଲ ପରୀକ୍ଷା କରି ଦେଖିବାର ଉଦ୍ୟମ କେହି ପ୍ରକାଶ କଲେନାହିଁ; କାରଣ ସେପରି ଉଦ୍ୟମର ଅର୍ଥହିଁ ହେବ ଡ଼ିଉକ୍ଙ୍କର ବିବୃତିକୁ ଅବିଶ୍ୱାସ କରିବା ।

ମାଡାମ୍ ରୟେଲ୍ ମଧ୍ୟ ସେପ୍ରକାର ଉଦ୍ୟମ କଲେନାହିଁ । ଉଦ୍ୟମ କଲେନାହିଁ ଆତ୍ମବିଶ୍ୱାସର ଅଭାବରୁ; ସତ୍ୟ ଦର୍ଶନ କରିବାପାଇଁ ସାହସର ଅଭାବରୁ । କିନ୍ତୁ ସେ

Digitized by srujanika@gmail.com

ଗାଲୁମାରିବା ଛାଡ଼ିଲେନାହିଁ । ପୂର୍ବପରି ଗର୍ଜନ କରି ସେ କହିଉଠିଲେ, ''ସାମାନ୍ୟ କାଗଜ କ'ଣ ପ୍ରକୃତ ପ୍ରମାଣ ହୋଇପାରେ ? ଏ କାଗଜ ମଧ ଜାଲ୍ ହୋଇପାରେ । ଚିଠିପତ୍ର ଜାଲ୍ କରିବା ସେପରି କିଛି କଠିନ କାମ ନୁହେଁ; କିନ୍ତୁ ଭଗବାନ୍‌ଙ୍କ କାର୍ଯ୍ୟର ଜାଲ୍ କରିବା କଷ୍ଟକର । ତେଣୁ ମୁଁ ଭଗବାନ୍‌ଙ୍କ କାର୍ଯ୍ୟର ପ୍ରମାଣ ଚାହେଁ । ଡଫିନ୍‌ର ବାଆଁ କାନଟା ପିଲାଟି ଦିନରୁ ଡାହାଣ କାନଠାରୁ ଲମ୍ବା । ଏ ପ୍ରତାରକର କାନ କଦାପି ସେପରି ଅସମାନ ହୋଇନପାରେ । ସାହସ ଥିଲେ, ଭଗବାନ୍‌ଙ୍କଠାରେ ଦୃଢ଼ବିଶ୍ୱାସ ଥିଲେ ଦେଖାଉ ସେ ପ୍ରତାରକ ତା'ର କାନ ।

ଅଗ୍ରାଣ୍ଟୋ ଏଥର ହସିଦେଲେ । ହସି ହସି ସେ କହିଲେ, ''ମୁଁ ନିଜେ ମହାରାଜାଙ୍କର କାନ ଦେଖିବାର ସୁଯୋଗ ପାଇନାହିଁ; କିନ୍ତୁ ମୋର କୌଣସି ସନ୍ଦେହନାହିଁ ଯେ ମହାରାଜାଙ୍କର କାନ ମାଡାମ୍ ରୟେଲ୍‌ଙ୍କ କହିବା ଅନୁଯାୟୀ ନିଶ୍ଚିତଭାବରେ ଅସମାନ । କାରଣ ଏ ଦଲିଲ– ଉଭୟ ଦଲିଲ– କହୁଛି ସେ ମାଡାମ୍ ରୟେଲ୍‌ଙ୍କ କଥା ସମ୍ପୂର୍ଣ୍ଣ ସତ୍ୟ । ତେଣୁ ତାଙ୍କର ସନ୍ତୋଷ ନିମନ୍ତେ–''

କହୁ କହୁ ସେ ଦୁଇପାଦ ଆଗକୁ ଚାଲିଯାଇ ଚାର୍ଲସ୍ ସମ୍ମୁଖରେ ଠିଆ ହୋଇଗଲେ ଏବଂ ନମ୍ର ନିବେଦନ ଜଣାଇଲେ, ''ମହାରାଜ, ଅପରାଧ ମାର୍ଜନା କରିବେ ।'' ତା'ପରେ ସେ ଧୀରେ ଅତି ଧୀରେ ଚାର୍ଲସ୍‌ର ଦୁଇ କାନକୁ ଏପର୍ଯ୍ୟନ୍ତ ଘୋଡ଼ାଇ ରଖିଥିବା ଲମ୍ବା କହରା ବାଳତକ କାନ ଉପରୁ ଆଡ଼େଇ ଦେଲେ । ସେ ଦୁଇ କାନ ଦେଖିଦେଇ, ସତ୍ୟର ସ୍ୱରୂପ ସଂଦର୍ଶନ କରିଦେଇ ସ୍ତମ୍ଭିତ ହୋଇଗଲେ ଅଭିଜାତମଣ୍ଡଳୀ । ସମସ୍ତେ ଦେଖିବାକୁ ପାଇଲେ ବାଆଁ କାନଟି ପ୍ରକୃତରେ ଡାହାଣ କାନ ଅପେକ୍ଷା ଯଥେଷ୍ଟ ଲମ୍ବା; ସେ କାନଟି ଆର କାନ ଅପେକ୍ଷା ସ୍ପଷ୍ଟ ଭାବରେ ତଳକୁ ଝୁଲିପଡ଼ିଛି ।

ଲା ସ୍ୟାଲ୍ ସେତେବେଳକୁ ନିଜକୁ ଧିକ୍‌କାର କରି ତଳେ ମୁଣ୍ଡ ପିଟିଦେବାକୁ ଇଚ୍ଛା କଲାଣି । କେଡ଼େ ଗଣ୍ଡମୂର୍ଖ ନୁହେଁ ସେ ! ଚାର୍ଲସ୍‌କୁ ଆବିଷ୍କାର କରିଥିବା ଲୋକ ସେ ନିଜେ; ଅଥଚ ସେ ମଧ ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ଧରିଆସିଛି ଏ ଚାର୍ଲସ୍ ଲୁଇ ଚାର୍ଲସ୍ ନୁହେଁ; ଏ ଏକ ଜାଲ୍ ଲୁଇ ଚାର୍ଲସ୍; ଏ ଏକ ଜାଲ୍ ସପ୍ତଦଶ ଲୁଇ !! ହାତରେ ଚନ୍ଦ୍ର ପାଇ ମଧ ସେ କୌଣସି ଦିନ ଚନ୍ଦ୍ରର ଅସଲ ପ୍ରମାଣ ତା'ର କଳଙ୍କ ଟିକକ ଦେଖିବାର ପ୍ରୟାସ କରିନଥିଲେ ।

ସମସ୍ତେ ସେତେବେଳକୁ ଭକ୍ତିର ସହିତ ମଥା ନତକରି ସାରିଥିଲେ । ଅନେକ ତ ନତଜାନୁ ହୋଇ ବସିସାରିଲେଣି । କିନ୍ତୁ ମାଡାମ୍ ରୟେଲ୍ 'ଗାଲୁ ପେଲା' ଝଙ୍କାର ତୋଳି ଚାଲିଲେ, ''ହେ, ରଖ ସେଗୁଡ଼ା । ମୋର ସେଥିରେ ବିଶ୍ୱାସନାହିଁ । ଅପରେସନ୍ କରି ମଧ କାନକୁ ଛୋଟ ବଡ଼ କରି ଦିଆଯାଇପାରେ । ତା'ଛଡ଼ା ଏକା ମୋ ଭାଇର କାନ ଯେ ଅସମାନ ଥିଲା ସେପରି ନୁହେଁ; ଆହୁରି ଅନେକଙ୍କର କାନ ମଧ ଅସମାନ ହୋଇଥାଇପାରେ । ମୁଁ କହୁଛି ଏ ଲୋକଟା ପ୍ରତାରକ ।''

Digitized by srujanika@gmail.com

ତା'ପରେ ଟିକିଏ ଅଟକିଯାଇ ଆହୁରି କଠିନ ସ୍ୱରରେ ଗର୍ଜନ କରିଉଠିଲେ, "ଶୁଣରେ ପ୍ରତାରକ, ସମ୍ରାଟ୍ ଅଷ୍ଟାଦଶ ଲୁଇଙ୍କ ପକ୍ଷରୁ ମୁଁ ଆଦେଶ ଦେଉଛି– ଅଠଚାଳିଶ ଘଣ୍ଟା ମଧ୍ୟରେ ତତେ ମୋ ଫରାସୀ ଦେଶର ସୀମା ଅତିକ୍ରମ କରି ଚାଲିଯିବାକୁ ପଡ଼ିବ। ଯଦି ନଯାଉ, ଶୁଣିରଖ, ରାଜାଦେଶ ଅମାନ୍ୟର ଦଣ୍ଡ ହେବ ଗିଲୋଟିନ୍– ହଁ, ଗିଲୋଟିନ୍।"

ଆଉ ସେ କାହାରି ମନ୍ତବ୍ୟପାଇଁ ଅପେକ୍ଷା କଲେନାହିଁ। ଅପେକ୍ଷା ନକରି ଦ୍ରୁତପଦରେ ବାହାରିଗଲେ କକ୍ଷ ପରିତ୍ୟାଗ କରି।

ଡିଉକ୍ ସେ ଦିଗକୁ ଭ୍ରୂକ୍ଷେପ ନକରି କହିଲେ, "ଅଠଚାଳିଶ ଘଣ୍ଟା ମଧ୍ୟରେ ଏହାଙ୍କୁ ନିଜକୁ ନିଜ କକେଇଙ୍କ ସହିତ ଫ୍ରାନ୍ସ ସୀମା ପାରହୋଇ ପଳାଇଯିବାକୁ ପଡ଼ିବ। ମୋର ଆଶା, ଆପଣମାନେ ସମସ୍ତେ ମୋ ସହିତ ଏକମତ ?"

ଅଭିଜାତମଣ୍ଡଳୀ ଡିଉକ୍‌ଙ୍କୁ ଏକସ୍ୱରରେ ସମର୍ଥନ ଜଣାଇଲେ। ସଭା ଭଙ୍ଗ ହେଲା। ସମସ୍ତେ ଚାଲିଲେ ଉଜ୍ଜ୍ୱଳ ଭବିଷ୍ୟତର ଆଶାରେ ଉତ୍‌ଫୁଲ୍ଲ ହୋଇ ରାତ୍ରି ଭୋଜନର ସୁସଜ୍ଜିତ ଟେବୁଲ ଉଦ୍ଦେଶ୍ୟରେ।

କିନ୍ତୁ ସେ ରାତ୍ରରେହିଁ ଅବ୍ରାଣ୍ଟୋ ନିବାସରେ ଅକସ୍ମାତ ଶୁଣାଗଲା ଏକ ଧାବିତ ଅଶ୍ୱର ପଦଧ୍ୱନି। "କଥା କ'ଣ ? କଥା କ'ଣ ?" ବୋଲି ବ୍ୟସ୍ତ ହୋଇ ଉଠିଲେ ପ୍ରାସାଦ କର୍ମଚାରୀଗଣ। ସ୍ୱୟଂ ଡେମାରେତ୍ ବାହାରକୁ ଚାଲିଆସିଲେ ଘଟଣା କ'ଣ ଜାଣିବାଲାଗି।

ଡେମାରେତ୍ ଫେରିଆସିଲେ ଦୁଇ ମିନିଟ ପରେ ଏବଂ ସିଧା ଚାଲିଗଲେ ଡିଉକ୍‌ଙ୍କର କକ୍ଷ ଦ୍ୱାରକୁ। ସେଠାରେ ପାଞ୍ଚମିନିଟର ଆଲୋଚନା। ନିମ୍ନସ୍ୱରରେ ଉତ୍ତେଜିତ ଆଲୋଚନା। ତା'ପରେ ପରେ ଡିଉକ୍ ନାଇଟ୍ ଗାଉନ୍‌ଟି ଦେହରେ ଗଳାଇଦେଇ ଦ୍ରୁତପଦରେ ଚାଲିଗଲେ ଚାର୍ଲସ୍‌ର କକ୍ଷଦ୍ୱାରକୁ। କବାଟରେ କରାଘାତ କରୁ କରୁ ବାହାରିଆସିଲା ଚାର୍ଲସ୍। ଡିଉକ୍ ଏଥର ଅଧୀର ବ୍ୟାକୁଳ କଣ୍ଠରେ କହିପକାଇଲେ, "ମହାରାଜ, ଦୁଃସମ୍ବାଦ। ମାଡାମ୍ ରୟେଲ୍‌ଙ୍କ ରାଜ ନିର୍ଦ୍ଦେଶ ନୁହେଁ, ମୁଁ ଆଣିଛି ଏକ ଅପ୍ରତିରୋଧ୍ୟ ମହାନ୍ ଶକ୍ତିର ଅଲଂଘ୍ୟ ନିର୍ଦ୍ଦେଶ– ଆପଣଙ୍କୁ ଫରାସୀ ଦେଶରୁ ପୁନରାୟ ପଳାଇଯିବାକୁ ପଡ଼ିବ।"

"କ'ଣ ? କ'ଣ କହୁଛନ୍ତି ଆପଣ ?"

"ମହାବୀର ନେପୋଲିୟନ୍ ଏଲବାରୁ ଫେରିଆସିଛନ୍ତି ମହାରାଜ, ସେ ଫରାସୀ ଉପକୂଳରେ ଅବତରଣ କରିଛନ୍ତି; ଦକ୍ଷିଣପୂର୍ବ ଫ୍ରାନ୍ସ ବର୍ତ୍ତମାନ ତାଙ୍କୁ ସମର୍ଥନ କରି ଅସ୍ତ୍ରଧାରଣ କରିସାରିଲାଣି। ସେ ଆସି ପ୍ୟାରିରେ ପହଞ୍ଚିଗଲେଣି ଜାଣନ୍ତୁ। ଆଉ ଅଠଚାଳିଶ ଘଣ୍ଟା ନୁହେଁ ମହାରାଜ, ଆଜି ରାତିରେହିଁ ଆପଣଙ୍କୁ ପଳାଇଯିବାକୁ ପଡ଼ିବ। ମାଡାମ୍ ରୟେଲ୍ ଓ ତାଙ୍କର କକେଇ ଯେ ଆଜି ରାତି ଭିତରେ ପଳାୟନ କରିବେ, ସେଥିରେ କୌଣସି ସନ୍ଦେହନାହିଁ।"

Digitized by srujanika@gmail.com

ଚାର୍ଲସ୍ ଚିନ୍ତାଭାରରେ ମସ୍ତକ ଅବନତ କରିଦେଲାନାହିଁ । ଉନ୍ନତ ମସ୍ତକରେ ଚାହିଁଦେଇ ସେ ଦୃପ୍ତ କଣ୍ଠରେ କହିଉଠିଲା, "ପଳାୟନର ପ୍ରଶ୍ନ କାହିଁକି ? ମାର୍ଶାଲ ନେ ଓ ଜେନେରାଲ ଡାଭ୍ୟୁଟ ତ ଆମରି ପକ୍ଷରେ, ସେମାନଙ୍କୁ ଡକାନ୍ତୁ ନା ! ଆମେ ନେପୋଲିୟନ୍‌ଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବୁ, ସେ ତ କିଛି ରଣଦେବତା ମାର୍ସ ନୁହନ୍ତି । ସେ ତ କିଛି ଚିରଦିନ ଅପରାଜେୟ ହୋଇ ରହିନାହାନ୍ତି । ସେ ଥରେ ପରାସ୍ତ ହୋଇଥିଲେ, ତାଙ୍କୁ ଆଉଥରେ ପରାସ୍ତ କରିବାରେ ବାଧା କ'ଣ ? ଆମେ ଯୁଦ୍ଧ କରିବା, ଯୁଦ୍ଧ ବିରୁଦ୍ଧରେ ଯୁଦ୍ଧହିଁ ତ ପ୍ରଯୁଜ୍ୟ ନା ?"

ଚାର୍ଲସ୍‌ଙ୍କୁ ବିମୁଗ୍ଧ ଦୃଷ୍ଟିରେ ଚାହିଁରହିଲେ ଅଟ୍ରାଣ୍ଟୋ । ତାକୁ ସେ ପ୍ରଶଂସା ନକରି ରହିପାରିଲେନାହିଁ, କିନ୍ତୁ ପରମୁହୂର୍ତ୍ତରେ ସେହି ପ୍ରଶଂସାର ଦୃଷ୍ଟି ବିଷଣ୍ଣ ହୋଇଗଲା । ବିଷଣ୍ଣ କଣ୍ଠରେ ସେ ଜଣାଇଦେଲେ, "ନା ମହାରାଜ, ତାହା ହୋଇନପାରେ, ନେପୋଲିୟନ୍‌ଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ଗଲେ ଆପଣ ମାର୍ଶାଲ ନେ ବା ଜେନେରାଲ୍ ଡାଭ୍ୟୁଟଙ୍କୁ ପାଇବେନାହିଁ । ଏପରିକି ମତେ ବି ପାଇବେନାହିଁ । କେହି ଆପଣଙ୍କ ପକ୍ଷରେ ଦଣ୍ଡାୟମାନ ହେବେନାହିଁ । ମହାରାଜା, ଆମେ ସମସ୍ତେ ସେହି ଅସାମାନ୍ୟ ମହାବୀରଙ୍କର କ୍ରୀତଦାସ । ନେପୋଲିୟନ୍ ନଥିଲେ ସମଗ୍ର ଦେଶ ଆପଣଙ୍କପାଇଁ ପ୍ରାଣପାତ କରିବାକୁ ପ୍ରସ୍ତୁତ ଥିଲା । କିନ୍ତୁ ସେ ଯେତେବେଳେ ଆସି-ଗଲେଣି, ତାଙ୍କୁ ପରିତ୍ୟାଗ କରି ଆପଣଙ୍କ ପକ୍ଷ ନେବ କିଏ ? ଜଣେ ବି ଫରାସୀକୁ ଆପଣ ପାଇବେନାହିଁ ।"

ଚାର୍ଲସ୍ ଆଉ ଦ୍ୱିତୀୟ କଥା କହିଲାନାହିଁ । ଡିଉକ୍‌ଙ୍କ ଆଡୁ ମୁହଁ ବୁଲାଇ ଆଣି ସେ ଲା ସ୍ୟାଲକୁ ଚାହିଁଦେଲା । ସେତେବେଳକୁ ଲା ସ୍ୟାଲ୍ ମଧ୍ୟ ଆସି ଠିଆ ହୋଇଗଲାଣି ସେଠାରେ । ଚାର୍ଲସ୍ ପଚାରିଲା, "ଲା ସ୍ୟାଲ୍ ତୁମେ କ'ଣ କରିବ ? ପଳାୟନ କରିବ ନା କ୍ରୀତଦାସ ହେବ ?"

ଚାର୍ଲସ୍ ଆଡୁ ଦୃଷ୍ଟି ଫେରାଇ ଆଣି ଲା ସ୍ୟାଲ୍ କହିଲା, "ନେପୋଲିୟନ୍ ପ୍ରତିଭା ପୂଜା କରି ଜାଣନ୍ତି । ଆପଣଙ୍କର ସେ ଯେଉଁ ପ୍ରତିକୃତି ମୁଁ ଅଙ୍କନ କରିଥିଲି, ତାହା ଦେଖି ଡିଉକ୍ ଓ ଅନ୍ୟମାନେ ମୋର ପ୍ରତିଭାର ପରିଚୟ ପାଇଛନ୍ତି । ତେଣୁ ମୁଁ ଏଇଠି ରହି ଭାଗ୍ୟ ପରୀକ୍ଷା କରି ଦେଖିବି ।"

"ତଥାପି ଯଦି କେବେ ଏଠାରୁ ତଡ଼ା ଖାଅ, ତେବେ ପାସାଭାଁ ଚାଲିଆସିବ । ସେଠାରେ ତୁମକୁ ସ୍ୱାଗତ ଜଣାଇବାକୁ ମୁଁ କୌଣସି ଦିନ ଦ୍ୱିଧା ପ୍ରକାଶ କରିବି ନାହିଁ ।" କହୁ କହୁ ପ୍ୟାରି ପରିତ୍ୟାଗ କରିବାକୁ ପ୍ରସ୍ତୁତ ହୋଇଗଲା ଚାର୍ଲସ୍ । ସେ ଆଉ ଫରାସୀ ସିଂହାସନର ନ୍ୟାଯ୍ୟ ଅଧିକାରୀନୁହେଁ; ସେ ଫରାସୀ ସିଂହାସନର ବିଚ୍ୟୁତ ସମ୍ରାଟ୍ ।

ଦରଦଭରା କଣ୍ଠରେ ଡିଉକ୍ ଜଣାଇଲେ, "ଯେତେ ଅର୍ଥ ପ୍ରୟୋଜନ, ମୁଁ ଦେଉଛି, ନେଇଯାଆନ୍ତୁ ମହାରାଜ ।"

Digitized by srujanika@gmail.com

''ଧନ୍ୟବାଦ । ମାତ୍ର ହଜାରଟା ଲିଭର୍ ଦେଇଥାନ୍ତୁ, ଜମିର ଆୟରୁ ଧୀରେ ଧୀରେ ପରିଶୋଧ କରିଦେବି । ତା'ଛଡ଼ା ଗୋଟିଏ ଘୋଡ଼ା ଦେଇଥାନ୍ତୁ; ଘରେ ପହଞ୍ଚିବା ପରେ ଫେରାଇଦେବି ।''

ରାତ୍ରିର ଅନ୍ଧକାର ଅପସରିଯିବା ସଙ୍ଗେ ସଙ୍ଗେ ଅଶ୍ୱାରୋହଣ କରି ପ୍ୟାରିରୁ ବାହାରିପଡ଼ିଲା ଚାର୍ଲସ୍ । ମାମୁ ମାଈଙ୍କର ଅପାର ବାତ୍ସଲ୍ୟ, ଜଷ୍ଟିନାର ଅନାବିଳ ପ୍ରେମ, ବିସ୍ତୀର୍ଣ୍ଣ ଶସ୍ୟକ୍ଷେତ୍ରର ଶ୍ୟାମଳ ସମାରୋହ ତା'ର ମୋହମୁକ୍ତ ଅନ୍ତରକୁ ଏକ ନୂତନ ଆକର୍ଷଣରେ ଟାଣିନେଲା ପାସାଭାଁ ପଥରେ ।

Digitized by srujanika@gmail.com

## ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ଶିହରଣ ଓ ରୋମାଞ୍ଚ ଦେଇପାରୁଥିବା କାହାଣୀ ବହି କିଶୋରପାଠକମାନଙ୍କୁ ବିମୋହିତ କରେ । ଓଡ଼ିଆ ପିଲାଙ୍କୁ ସେଭଳି ବହି ଯୋଗାଇଦେଇଛି ବିଶ୍ୱସାହିତ୍ୟ ଗ୍ରନ୍ଥମାଳାର ଶତାଧିକ ବହି । ସେମାନେ ଏଇ ବହିଗୁଡ଼ିକ ପଢ଼ି ଆନନ୍ଦ ପାଇଛନ୍ତି, ବିଶ୍ୱସାହିତ୍ୟ ସହ ପରିଚିତ ହୋଇଛନ୍ତି ଓ ବହି ପଢ଼ିବା ଅଭ୍ୟାସ ଲାଭକରିଛନ୍ତି ।

ସବୁ ପୁସ୍ତକମେଳା ଓ ଲାଇବ୍ରେରୀରେ ଛାତ୍ର-ଛାତ୍ରୀମାନେ ଖୋଜିଛନ୍ତି ବିଶ୍ୱସାହିତ୍ୟ ଗ୍ରନ୍ଥମାଳାର ରୋମାଞ୍ଚକର ବହି । ବହୁ ବିଶ୍ୱ-ବିଖ୍ୟାତ ବହିର ସଂକ୍ଷିପ୍ତସାର ଏହା ଯୋଗାଇଦିଏ । ବହୁ ଶିକ୍ଷାବିତ୍ ଏ ବହିଗୁଡ଼ିକର ଉଚ୍ଚ ପ୍ରଶଂସା କରିଛନ୍ତି । ସେମାନଙ୍କ ଭିତରୁ ଦୁଇଜଣଙ୍କ ଅଭିମତ ହେଲା –

"Biswa Sahitya Series - deserves commendation by all lovers of Odia. By providing reading material to the adolescent child, the publishers have earned the gratitude of all parents." Dr. Deviprasanna Pattanaik

"ଏହି ବହିଗୁଡ଼ିକ କିଶୋରବୟସ୍କ ଛାତ୍ରଛାତ୍ରୀଙ୍କ ପକ୍ଷେ ଅତୀବ ଆକର୍ଷଣୀୟ ହୋଇପାରିଛି । ଏହା ସେମାନଙ୍କ କଳ୍ପନାକୁ ଉଦ୍ଦୀପ୍ତ କରିବା ସଂଗେ ସଂଗେ ସାହିତ୍ୟ ପ୍ରତି ଅନୁରାଗ ବଢ଼ାଇଚି ।" (ଡ଼. ଜାନକୀ ବଲ୍ଲଭ ମହାନ୍ତି)

ସବୁ ପାଠକ ଓ ଅଭିଭାବକଙ୍କର ଏହାହିଁ ଅଭିମତ । ଜଣାଇଲେ ବହିଗୁଡ଼ିକର ପୂରା ତାଲିକା ପଠାଇଦେବୁ ।

ପ୍ରକାଶକ ଓ ପ୍ରାପ୍ତିସ୍ଥାନ

**କିଶୋର ସାହିତ୍ୟ ମନ୍ଦିର**

୨୦୧, ଶ୍ରୀନିବାସ, ସୂତାହାଟ, କଟକ-୧

**ଗ୍ରନ୍ଥମନ୍ଦିର,** ବିନୋଦବିହାରୀ, କଟକ-୨

ଯୋଗାଯୋଗ : (୦୬୭୧) ୨୩୦୮୨୩୪

Digitized by srujanika@gmail.com